# ଧରିତ୍ରୀ DHARITRI

ଭୁବନେଶ୍ୱର, ଶନିବାର, ଜୁଲାଇ ୧୯/୨୦୨୫ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, July 19/2025 | Page 14 | ₹ 7.00 | BERHAMPUR

୫୧ଶ ଭାଗ ୨୩୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 234 | ମୂଲ୍ୟ ₹୭/-





## ସଂକ୍ଷେପରେ

### ୫୦୦ କୋଟିର ୱେଲ୍‌ଫେୟାର ଟ୍ରଷ୍ଟ ଗଠନକଲା ଟାଟା ଗ୍ରୁପ୍

**ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା**

ନୂଆଦିଲ୍ଲୀ,୧୮।୭

ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ମୃତକଙ୍କ ପରିବାର ପାଇଁ ଟାଟା ସନ୍ସ ଓ ଟାଟା ଟ୍ରଷ୍ଟ ପକ୍ଷରୁ ୫୦୦ କୋଟି ଟଙ୍କାର ୱେଲ୍‌ଫେୟାର ଟ୍ରଷ୍ଟ ଗଠନ କରାଯାଇଛି। 'ଦି ଏଆଇ-୧୭୧ ମେମୋରିଆଲ୍ ଆଣ୍ଡ ୱେଲ୍‌ଫେୟାର ଟ୍ରଷ୍ଟ' ନାମରେ ଉକ୍ତ ଜନକଲ୍ୟାଣ ନ୍ୟାସ ମୁମ୍ବାଇରେ ପଞ୍ଜୀକୃତ ହୋଇଛି। ପରୋପକାର ଉଦ୍ଦେଶ୍ୟରେ ଗଠିତ ଏହି ଟ୍ରଷ୍ଟକୁ ଟାଟା ସନ୍ସ ଏବଂ ଟାଟା ଟ୍ରଷ୍ଟ ୨୫୦ କୋଟି ଟଙ୍କା ଲେଖାଏ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ସେଥିରୁ ବିମାନ ଦୁର୍ଘଟଣା ମୃତକଙ୍କ ପରିବାରକୁ ୧ କୋଟି ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯିବ। ଏହା ବ୍ୟତୀତ ଦୁର୍ଘଟଣା ଯୋଗୁ କ୍ଷତିଗ୍ରସ୍ତ ହୋଇଥିବା ବି.ଜେ. ମେଡିକାଲ କଲେଜ ହଷ୍ଟେଲ ଭିତ୍ତିଭୂମି ପୁନଃ ନିର୍ମାଣ ପାଇଁ ସହାୟତା ଓ ଗୁରୁତର ଆହତଙ୍କ ଚିକିତ୍ସା ଖର୍ଚ୍ଚ ମଧ୍ୟ ଏହି ଟ୍ରଷ୍ଟରୁ ଯୋଗାଇ ଦିଆଯିବ। ଜୁନ୍ ୧୨ରେ ଅହମଦାବାଦରୁ ଲଣ୍ଡନ ଯାଉଥିବା ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ସେଥିରେ ଥିବା ୨୪୧ ଜଣଙ୍କ ସମେତ ୨୬୦ ଜଣଙ୍କ ମୃତ୍ୟୁ ଘଟିଥିଲା।

### ଦିଲ୍ଲୀର ୪୫, ବେଙ୍ଗାଲୁରୁର ୪୦ ସ୍କୁଲକୁ ବୋମା ଧମକ

ନୂଆଦିଲ୍ଲୀ/ବେଙ୍ଗାଲୁରୁ,୧୮।୭

ଦିଲ୍ଲୀର ୪୫ ଏବଂ ବେଙ୍ଗାଲୁରୁର ୪୦ ସ୍କୁଲକୁ ଶୁକ୍ରବାର ବୋମାରେ ଉଡ଼ାଇ ଦେବାକୁ ଇ-ମେଲ୍ ଯୋଗେ ଧମକ ମିଳିବାରୁ କ୍ୟାମ୍ପସ୍‌ଗୁଡ଼ିକରେ ଆତଙ୍କ ଖେଳିଯାଇଥିଲା। ବେଙ୍ଗାଲୁରୁର ଆର୍‌ଆର୍ ନଗର, କେଙ୍ଗେରି ଆଦି ବିଭିନ୍ନ ସ୍ଥାନରେ ଥିବା ସ୍କୁଲକୁ ବୋମା ଧମକ ମିଳିଥିବା ବେଳେ ଦିଲ୍ଲୀର ପିତମପୁରା, ଦ୍ୱାରକା, ରୋହିଣୀ, ଦକ୍ଷିଣ ଦିଲ୍ଲୀ, ମଧ୍ୟ ଦିଲ୍ଲୀ ଆଦି ଅଞ୍ଚଳରେ ଥିବା ସ୍କୁଲକୁ ଏପରି ଧମକ ମିଳିଥିଲା। ବେଙ୍ଗାଲୁରୁରେ ରୋଡ୍‌କିଲ୍ ନାମକ ଆକାଉଣ୍ଟରୁ ଏହି ଧମକପୂର୍ଣ୍ଣ ଇ-ମେଲ୍ ଆସିଥିବା ନେଇ ପୋଲିସ ସୂଚନା ଦେଇଛି। ଶ୍ରେଣୀଗୃହ ମଧ୍ୟରେ ବିସ୍ଫୋରକ ଲୁଚାଇ ରଖାଯାଇଥିବା କୁହାଯାଇଥିଲା। ଧମକ ପରେ ପୋଲିସ ଓ ବୋମା ନିଷ୍କ୍ରିୟକାରୀ ଟିମ୍ ଯାଞ୍ଚରୁ କୌଣସି ବିସ୍ଫୋରକ ମିଳିନାହିଁ ଏବଂ ଏହା ଏକ ଗୁଜବ ବୋଲି ପୋଲିସ କହିଛି।

# ରୁଷିଆର ଶକ୍ତି ରାଜସ୍ୱକୁ ଇୟୁର ଟାର୍ଗେଟ

## ୟୁକ୍ରେନ୍ ଯୁଦ୍ଧକୁ ନେଇ ନୂଆ କଟକଣା ଲଗାଇଲା

ବ୍ରସେଲ୍ସ,୧୮।୭



ରୁଷିଆର ସଲିମ୍ ତୈଳକ୍ଷେତ୍ରରେ ଥିବା ଅଏଲ୍ ଷ୍ଟୋରେଜ୍ ଟ୍ୟାଙ୍କ୍।

ୟୁକ୍ରେନ୍ ଉପରେ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଆକ୍ରମଣ ଚଳାଇଥିବାବେଳେ ଯୁଦ୍ଧବିରତି ଲାଗି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦୀର୍ଘଦିନର ଉଦ୍ୟମ ସତ୍ତ୍ୱେ ଏଥିରେ କୌଣସି ଅଗ୍ରଗତି ଘଟିନାହିଁ। ବରଂ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍ ୟୁକ୍ରେନ ଉପରେ ଆକ୍ରମଣକୁ ଆହୁରି ଜୋର୍‌ଦାର କରିଚାଲିଛନ୍ତି। ତେଣୁ ମସ୍କୋକୁ ଅସ୍ତ୍ରବିରତି ପାଇଁ ବାଧ୍ୟ କରିବା ନିମନ୍ତେ ଏହାର ଶକ୍ତି ରାଜସ୍ୱକୁ ଟାର୍ଗେଟ କରି ୟୁରୋପୀୟ ସଂଘ (ଇୟୁ) ଶୁକ୍ରବାର ଏହା ଉପରେ ଅନେକ ନୂଆ କଟକଣା ଲଗାଇଛି। ରୁଷିଆର ନର୍ଡ ଷ୍ଟ୍ରିମ୍ ଗ୍ୟାସ୍ ପାଇପ୍‌ଲାଇନ କାରବାର ଉପରେ ନିଷେଦ୍ଧାଦେଶ ଲଗାଯିବା ସହ ଏହାର ଜାହାଜଗୁଡ଼ିକୁ ଟାର୍ଗେଟ କରାଯାଇଥିବା ଇୟୁର ବିଦେଶ ନୀତି ମୁଖ୍ୟ କାଜା କଲ୍ଲାସ କହିଛନ୍ତି। ୟୁରୋପ ୟୁକ୍ରେନ୍‌କୁ ସମର୍ଥନରୁ ଓହରିଯିବ ନାହିଁ ବୋଲି ଏହି ବାର୍ତ୍ତାରୁ ସ୍ପଷ୍ଟ ହୋଇଛି। ରୁଷିଆ ଯୁଦ୍ଧ ବନ୍ଦ ନ କରିବା ପର୍ଯ୍ୟନ୍ତ ଏହା ଉପରେ ଚାପ ବଢ଼ାଇ ଚାଲିବୁ ବୋଲି ସେ କହିଛନ୍ତି। ଯୁଦ୍ଧକୁ ନେଇ ରୁଷିଆ ଉପରେ ଏହା ୟୁରୋପୀୟ ସଂଘର ସବୁଠୁ ଶକ୍ତିଶାଳୀ କଟକଣା। ୟୁକ୍ରେନକୁ ସୁରକ୍ଷିତ ରଖିବା ଦିଗରେ ସହାୟତା ପାଇଁ ୟୁରୋପୀୟ ଦେଶଗୁଡ଼ିକ ଆମେରିକାରୁ ଅସ୍ତ୍ର କିଣିବା ଆରମ୍ଭ କରିଛନ୍ତି।

ନୂଆ ପଦକ୍ଷେପକୁ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ସ୍ୱାଗତ କରିଛନ୍ତି। ରୁଷିଆ ଆକ୍ରମଣକୁ ଜୋର୍‌ଦାର କରିଥିବାବେଳେ ଠିକ୍ ସମୟରେ ଏହା ଉପଯୁକ୍ତ ପଦକ୍ଷେପ ବୋଲି ସେ କହିଛନ୍ତି। ରୁଷିଆ ଯୁଦ୍ଧର ସମସ୍ତ ଭିତ୍ତିଭୂମିକୁ ଅବରୋଧ କରାଯିବା ଜରୁରୀ। ଇୟୁ ସହ ୟୁକ୍ରେନ୍ ମଧ୍ୟ ରୁଷିଆ ଉପରେ ଖୁବ୍ ଶୀଘ୍ର ଅତିରିକ୍ତ କଟକଣା ଲଗାଇବ ବୋଲି ଜେଲେନ୍‌ସ୍କି କହିଛନ୍ତି। ରୁଷିଆର ବିଶାଳ ଶକ୍ତି ରାଜସ୍ୱକୁ ଟାର୍ଗେଟ କରି ଇୟୁର କାର୍ଯ୍ୟନିର୍ବାହୀ ଶାଖା ୟୁରୋପୀୟ କମିଶନ ତୈଳଦର ୬୦ ଡଲାରରୁ ୪୫ ଡଲାରକୁ ହ୍ରାସ କରିବାକୁ ପ୍ରସ୍ତାବ ଦେଇଥିଲା। ତୈଳ ବ୍ୟାରେଲ ପ୍ରତି ଦର ୪୮ ଡଲାର ତଳେ ରଖିବା ପାଇଁ ୨୭ ସଦସ୍ୟ ରାଷ୍ଟ୍ର ନିଷ୍ପତ୍ତି ନେଇଛନ୍ତି।

ତୈଳରୁ ହେଉଥିବା ଆୟରୁ ରୁଷିଆର ଅର୍ଥନୀତି ସମୃଦ୍ଧ ହେଉଛି ଏବଂ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ସଶସ୍ତ୍ର ବଳକୁ ପର୍ଯ୍ୟାପ୍ତ ଅର୍ଥ ଯୋଗାଇ ଦେଉଛନ୍ତି। ଫଳରେ ଜନସାଧାରଣଙ୍କ ଦୈନନ୍ଦିନ ମୁଦ୍ରାସ୍ଫୀତି ପ୍ରଭାବିତ ହେଉନାହିଁ। ରୁଷିଆ ଅନେକ ଅଣୟୁରୋପୀୟ ସଂଘ ଦେଶଗୁଡ଼ିକ ଜରିଆରେ ଅଶୋଧିତ ତୈଳର ପରୋକ୍ଷ ରପ୍ତାନି କରୁଥିବାବେଳେ ଉକ୍ତ ଗଳାବାଟକୁ ବନ୍ଦ କରିବା ଉଦ୍ୟମ ସ୍ୱରୂପ ଏକ ନୂଆ ଆମଦାନୀ ବ୍ୟାନ୍ ମଧ୍ୟ ଲଗାଯାଇଛି। ରୁଷିଆ ଏବଂ ଜର୍ମାନୀ ମଧ୍ୟରେ ଥିବା ନର୍ଡ ଷ୍ଟ୍ରିମ୍ ପାଇପ୍‌ଲାଇନକୁ ଇୟୁ ଟାର୍ଗେଟ କରିଛି, ଯାହାଦ୍ୱାରା ପୁଟିନ ଭବିଷ୍ୟତରେ ସେଥିରୁ କୌଣସି ରାଜସ୍ୱ ପାଇବେ ନାହିଁ। ଏହି ପ୍ରକଳ୍ପରେ ନିବେଶ କରିବାକୁ ଥିବା ନିବେଶକମାନେ ନିରୁତ୍ସାହିତ ହେବେ। ଭାରତରେ କାମ କରୁଥିବା ରୁଷିଆର ଶକ୍ତି କମ୍ପାନୀ ରୋସନେଫ୍ଟର ରିଫାଇନାରି ମଧ୍ୟ ପ୍ରଭାବିତ ହେବ। ରୁଷିଆରୁ ପ୍ରାକୃତିକ ଗ୍ୟାସ୍ ଜର୍ମାନୀକୁ ପରିବହନ ଲାଗି ଏହି ପାଇପ୍‌ଲାଇନ ନିର୍ମାଣ କରାଯାଇଥିଲେ ହେଁ କାର୍ଯ୍ୟକାରୀ ହୋଇନାହିଁ। ରୁଷିଆର ପାଣ୍ଠି ଉଠାଣ କ୍ଷମତା ଓ ଆର୍ଥିକ କାରବାରକୁ ସୀମିତ କରିବା ଲକ୍ଷ୍ୟରେ ଏହାର ବ୍ୟାଙ୍କିଙ୍ଗ୍ ସେକ୍ଟର ଉପରେ ୟୁରୋପୀୟ ସଂଘ ନୂଆ କଟକଣା ଲଗାଇଛି। ଚାଇନା ବ୍ୟାଙ୍କଗୁଡ଼ିକୁ ମଧ୍ୟ ଏହି ତାଲିକାରେ ରଖାଯାଇଛି। ୨୦୨୨ ଫେବୃଆରୀ ୨୪ରେ ପୁଟିନ୍ ୟୁକ୍ରେନ୍‌କୁ ସୈନ୍ୟ ପଠାଇବା ପାଇଁ ନିର୍ଦ୍ଦେଶ ଦେବା ପରେ ରୁଷିଆ ଉପରେ ଇୟୁ ଅନେକ ପର୍ଯ୍ୟାୟ କଟକଣା ଲଗାଇଲାଣି। ସମ୍ପତ୍ତି ଜବତ ଏବଂ ଟ୍ରାଭେଲ୍ ବ୍ୟାନ୍ ଯୋଗୁ ବହୁ ସରକାରୀ ସଂସ୍ଥା, ବ୍ୟାଙ୍କ, କମ୍ପାନୀ ଓ ସଂଗଠନ ପ୍ରଭାବିତ ହୋଇଛନ୍ତି।

### ଶୋଇଥିବା ବେଳେ ଭାଜପା ନେତାଙ୍କୁ ହତ୍ୟା



ଶ୍ୟାମଲାଲ ଧାକଡ଼

ଭୋପାଳ, ୧୮।୭

ମଧ୍ୟପ୍ରଦେଶର ମନ୍ଦସୌର ଜିଲାରେ ଶ୍ୟାମଲାଲ ଧାକଡ଼ (୪୫) ନାମକ ଜଣେ ଭାଜପା ନେତା ନିଜ ଘରେ ଶୋଇଥିବା ସମୟରେ ତାଙ୍କୁ ଜଣେ ଅଚିହ୍ନା ଆକ୍ରମଣକାରୀ ଏକ ଧାରୁଆ ଅସ୍ତ୍ରରେ ହତ୍ୟା କରିଛନ୍ତି। ଗୁରୁବାର ରାତିରେ ତାଙ୍କର ହତ୍ୟା ହୋଇଥିବା ବେଳେ ଶୁକ୍ରବାର ସକାଳେ ଶ୍ୟାମଲାଲଙ୍କ ରକ୍ତ ଜୁଡୁବୁଡୁ ମୃତଦେହକୁ ଦେଖି ପରିବାର ଲୋକେ ପୋଲିସକୁ ଖବର ଦେଇଥିଲେ। ଶୁକ୍ରବାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ମଧ୍ୟପ୍ରଦେଶ ଉପମୁଖ୍ୟମନ୍ତ୍ରୀ ଜଗଦୀଶ ଦେଓ୍ୱଡ଼ାଙ୍କ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବୁଧା ମଣ୍ଡଳର ଭାଜପା ଉପସଭାପତି ଭାବେ ଶ୍ୟାମଲାଲ ଦାୟିତ୍ୱ ନିର୍ବାହ କରୁଥିଲେ। ତାଙ୍କ ମୃତ୍ୟୁରେ ଉପମୁଖ୍ୟମନ୍ତ୍ରୀ ଜଗଦୀଶ ଶୋକ ପ୍ରକଟ କରିଛନ୍ତି।



ସ୍ୱଦେଶୀ ଡିଜାଇନ୍‌ରେ ନିର୍ମିତ ଭାରତର ପ୍ରଥମ ଜାହାଜ ଆଇଏନ୍‌ଏସ୍ ନିସ୍ତାର ଶୁକ୍ରବାର ନୌସେନାରେ ସାମିଲ ହୋଇଛି। ବିଶାଖାପାଟଣାଠାରେ ଅନୁଷ୍ଠିତ ଜଳାବତରଣ କାର୍ଯ୍ୟକ୍ରମରେ ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ସଞ୍ଜୟ ସେଠ୍ ଉପସ୍ଥିତ ଥିଲେ। ଭାରତୀୟ ନୌସେନାର ଗଭୀର ସମୁଦ୍ରରେ ଉଦ୍ଧାର କ୍ଷମତା ବଢ଼ାଇବାରେ ଏହି ଜାହାଜ ସହାୟକ ହେବ।

## ମଦ ଦୁର୍ନୀତି ମାମଲାରେ ଭୂପେଶ ବଘେଲଙ୍କ ପୁଅଙ୍କୁ ଗିରଫକଲା ଇଡି

ରାୟପୁର,୧୮।୭(ପି.ଟି.)



ଚୈତନ୍ୟ ବଘେଲ

ମଦ ଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶୁକ୍ରବାର କଂଗ୍ରେସ ନେତା ତଥା ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲଙ୍କ ପୁଅ ଚୈତନ୍ୟ ବଘେଲଙ୍କୁ ଗିରଫ କରିଛି। ଭୂପେଶ ଏବଂ ଚୈତନ୍ୟ ରହୁଥିବା ଦୁର୍ଗ ଜିଲା ଭିଲାଇ ସହର ବାସଭବନରେ ଇଡି ଚଢ଼ାଉ କରିବା ପରେ ମନିଲଣ୍ଡରିଂ ପ୍ରତିକାର ଆଇନ (ପିଏମ୍‌ଏଲ୍‌ଏ)ର ଧାରା ୧୯ରେ ଚୈତନ୍ୟଙ୍କୁ ଗିରଫ କରିଥିଲା। ଚଢ଼ାଉ ବେଳେ ବଘେଲଙ୍କ ଘର ବାହାରେ ଦଳୀୟ ସମର୍ଥକମାନେ ରୁଣ୍ଡ ହୋଇଥିବାରୁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ସ୍ୱତନ୍ତ୍ର ପିଏମ୍‌ଏଲ୍‌ଏ କୋର୍ଟରେ ହାଜର ପରେ ଇଡି ଚୈତନ୍ୟଙ୍କୁ ୫ ଦିନିଆ ରିମାଣ୍ଡରେ ନେଇଛି। ଚଢ଼ାଉ ବେଳେ ଚୈତନ୍ୟ ସହଯୋଗ କରି ନ ଥିବାବେଳେ ମାମଲା ସମ୍ପର୍କରେ ସାନି ପ୍ରମାଣ ମିଳିଥିବାରୁ ତାଙ୍କୁ ଗିରଫ କରାଗଲା ବୋଲି ଇଡି କହିଛି। ୧,୦୭୦ କୋଟି ଟଙ୍କା ଦୁର୍ନୀତିରେ ଜୁନିୟର ବଘେଲଙ୍କର ଭୂମିକା ଥିବା ନେଇ ସେ ଇଡି ସ୍କାନରରେ ରହିଥିଲେ। ମଦ ଦୁର୍ନୀତିରୁ ମିଳିଥିବା ୧୭ କୋଟି ଟଙ୍କା ଚୈତନ୍ୟଙ୍କ ସହ ଜଡ଼ିତ କମ୍ପାନୀଗୁଡ଼ିକୁ ଯାଇଥିଲା ବୋଲି ଏକ ସୂତ୍ରରୁ କୁହାଯାଇଛି। ଏହି ଦୁର୍ନୀତି ଯୋଗୁ ରାଜ୍ୟ ରାଜକୋଷକୁ ବିପୁଳ କ୍ଷତି ହେବା ସହ ମଦ ସିଣ୍ଡିକେଟ୍‌ର ଲାଭାର୍ଥୀମାନଙ୍କ ପକେଟକୁ ୨,୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଯାଇଥିଲା ବୋଲି ଇଡି ଦାବି କରିଛି। ଶୁକ୍ରବାର ଚୈତନ୍ୟଙ୍କର ଜନ୍ମଦିନ ଥିଲା ବୋଲି ଭୂପେଶ କହିଛନ୍ତି।

## ଟିଆର୍‌ଏଫ୍‌କୁ ବିଦେଶୀ ଆତଙ୍କବାଦୀ ସଙ୍ଗଠନ ଘୋଷଣାକଲା ଆମେରିକା

ନ୍ୟୁୟର୍କ/ୱାଶିଂଟନ,୧୮।୭ (ପି.ଟି.)


**ପହଲଗାମ୍ ଆକ୍ରମଣ କରାଇଥିଲା ଲଶ୍କରର ଏହି ପ୍ରକ୍ସି ସଙ୍ଗଠନ**

ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆକ୍ରମଣ ଘଟାଇଥିବା ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଲଶ୍କର-ଇ-ତୋଇବାର ପ୍ରକ୍ସି ସଂଗଠନ ଦି ରେଜିଷ୍ଟାନ୍ସ ଫ୍ରଣ୍ଟ (ଟିଆର୍‌ଏଫ୍)କୁ ଆମେରିକା ବିଦେଶୀ ଆତଙ୍କବାଦୀ ସଂଗଠନ ଘୋଷଣା କରିଛି। ଆମେରିକା ପରରାଷ୍ଟ୍ର ବିଭାଗ ପକ୍ଷରୁ ଗୁରୁବାର ଜାରି ଏକ ବିବୃତିରେ ଏହା କୁହାଯାଇଛି। ପହଲଗାମ୍ ଆକ୍ରମଣକୁ ନ୍ୟାୟ ଦେବା ନିମନ୍ତେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦେଇଥିବା ଆହ୍ୱାନକୁ କାର୍ଯ୍ୟକାରୀ କରାଯାଇଥିବା ଏହାର ପରରାଷ୍ଟ୍ର ସଚିବ ମାର୍କୋ ରୁବିଓ କହିଛନ୍ତି। ଏଥିରୁ ଭାରତ-ଆମେରିକାର ଆତଙ୍କବାଦ ନିରୋଧୀ ସହଯୋଗ କେତେ ମଜଭୁତ ତାହା ପ୍ରଦର୍ଶିତ ହୋଇଥିବା ୱାଶିଂଟନସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ କୁହାଯାଇଛି। ଗତ ଏପ୍ରିଲ ୨୨ରେ ହୋଇଥିବା ପହଲଗାମ୍ ଆକ୍ରମଣରେ ୨୬ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିଲା। ଆକ୍ରମଣ ପାଇଁ ଦି ରେଜିଷ୍ଟାନ୍ସ ଫ୍ରଣ୍ଟ ନିଜକୁ ଦାୟୀ କରିଥିଲା। ତେବେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଦେଖାଦେବାରୁ ଟିଆର୍‌ଏଫ୍ ନିଜ ଘୋଷଣାରୁ ପଛଘୁଞ୍ଚା ଦେଇଥିଲା। ଆକ୍ରମଣର ମାଷ୍ଟରମାଇଣ୍ଡ ଟିଆର୍‌ଏଫ୍ ମୁଖ୍ୟ ଶେଖ୍ ସାଜ୍ଜଦ ଗୁଲ୍ ବୋଲି ଭାରତର ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଚିହ୍ନଟ କରିଥିଲା। ଟିଆର୍‌ଏଫ୍‌କୁ ଆମେରିକାର ପରରାଷ୍ଟ୍ର ବିଭାଗ ବିଦେଶୀ ଆତଙ୍କବାଦୀ ସଂଗଠନ (ଏଫ୍‌ଟିଓ) ଏବଂ ସ୍ୱତନ୍ତ୍ର ଭାବେ ନାମିତ ବୈଶ୍ୱିକ ଆତଙ୍କବାଦୀ (ଏସ୍‌ଡିଜିଟି) ଘୋଷଣା କରିଛି। ଲଶ୍କର ସହ ଜଡ଼ିତ ଟିଆର୍‌ଏଫ୍ ଓ ଅନ୍ୟ ସଂଗଠନଗୁଡ଼ିକୁ ଇମିଗ୍ରେଶନ ଆଣ୍ଡ ନ୍ୟାଶନାଲିଟି ଆକ୍ଟର ଧାରା ୨୧୯ ଏବଂ ଏକ୍ଜିକ୍ୟୁଟିଭ୍ ଅର୍ଡର ୧୩୨୨୪ ଅନୁଯାୟୀ ଏଫ୍‌ଟିଓ ଏବଂ ଏସ୍‌ଡିଜିଟି ତାଲିକାରେ ସାମିଲ କରାଯାଇଛି।

## ସହକର୍ମୀଙ୍କୁ ଆଲିଙ୍ଗନ କରି ଫସିଲେ ଆଷ୍ଟ୍ରୋନୋମର ସିଇଓ

ବୋଷ୍ଟନ୍, ୧୮।୭

**ଲିଙ୍କଡ଼୍‌ଇନ୍ ଆକାଉଣ୍ଟ ଡିଲିଟ୍ କଲେ**



ସହକର୍ମୀ କ୍ରିଷ୍ଟିନ୍ କାବୋଟଙ୍କ ସହ ଆଷ୍ଟ୍ରୋନୋମର ସିଇଓ ଆଣ୍ଡି ବିରନ୍

ଆମେରିକାର ବୋଷ୍ଟନରେ ଆୟୋଜିତ ଏକ କୋଲ୍ଡପ୍ଲେ କନ୍‌ସର୍ଟରେ ଟେକ୍ନୋଲୋଜି କମ୍ପାନୀ ଆଷ୍ଟ୍ରୋନୋମର'ର ସିଇଓ ଆଣ୍ଡି ବିରନ୍ ନିଜ ସହକର୍ମୀ ତଥା କମ୍ପାନୀର ଏଚ୍‌ଆର୍ ହେଡ୍ ଏବଂ ଚିଫ୍ ପବ୍ଲିକ ଅଫିସର କ୍ରିଷ୍ଟିନ୍ କାବୋଟଙ୍କ ସହ ଏକ ଅନ୍ତରଙ୍ଗ ମୁହୂର୍ତ୍ତର ଫୁଟେଜ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଫଳରେ ବିରନ୍‌ଙ୍କୁ ଅନେକ ସମାଲୋଚନାର ଶିକାର ହେବାକୁ ପଡ଼ିଛି ଏବଂ ସେ ତାଙ୍କ ଲିଙ୍କଡ଼୍‌ଇନ୍ ଆକାଉଣ୍ଟକୁ ଡିଲିଟ କରିଛନ୍ତି। କୋଲ୍ଡପ୍ଲେ କନ୍‌ସର୍ଟରେ ଥିବା କ୍ୟାମେରାର ଫୁଟେଜ୍‌ରୁ ଉଭୟେ ଆଣ୍ଡି ଏବଂ କ୍ରିଷ୍ଟିନ୍ ପରସ୍ପରକୁ ନିବିଡ଼ତାର ସହ ଆଲିଙ୍ଗନ କରୁଥିବାର ଦେଖିବାକୁ ମିଳିଥିଲା। କନ୍‌ସର୍ଟର ସ୍କ୍ରିନ୍‌ରେ ସେମାନଙ୍କର ଫୁଟେଜ୍ ହଠାତ୍ ଆସିଯାଇଥିଲା। ଏହା ଜାଣି ଦୁହେଁ ଚକିତ ହୋଇଯିବା ସହ ନିଜ ମୁହଁ ଲୁଚାଇଥିଲେ ଏବଂ ସେଠାରୁ ପଳାଇଯିବା ପାଇଁ ଚେଷ୍ଟା କରିଥିଲେ। ଏହି ଘଟଣା ପରେ ଅନେକ ୟୁଜର୍ସ ଆଣ୍ଡିଙ୍କ ଲିଙ୍କଡ଼୍‌ଇନ୍ ପୋଷ୍ଟରେ ତାଙ୍କୁ ସମାଲୋଚନା କରି କମେଣ୍ଟ ଦେବା ଆରମ୍ଭ କରିଦେଇଥିଲେ। ଉଭୟଙ୍କ ମଧ୍ୟରେ ଦୀର୍ଘ ଦିନ ଧରି ଅନୈତିକ ସମ୍ପର୍କ ଥିବା ନେଇ ଅନେକ ୟୁଜର୍ସ ଦାବି କରିଥିଲେ। କିଛିଦିନ ତଳେ ଆଣ୍ଡି ତାଙ୍କ ଲିଙ୍କଡ଼୍‌ଇନ୍‌ରେ ଏକ ପୋଷ୍ଟକରି କ୍ରିଷ୍ଟିନ୍‌ଙ୍କୁ ତାଙ୍କ ନେତୃତ୍ୱ ଏବଂ ଅଭିଜ୍ଞତା ପାଇଁ ପ୍ରଶଂସା କରିଥିଲେ। ପ୍ରକାଶ ଯେ, ୨୦୨୩ ଜୁଲାଇରେ ଆଣ୍ଡି ଆଷ୍ଟ୍ରୋନୋମରର ସିଇଓ ହୋଇଥିଲେ ଏବଂ ୨୦୨୪ ନଭେମ୍ବରରେ କ୍ରିଷ୍ଟିନ୍ କମ୍ପାନୀର ଚିଫ୍ ପବ୍ଲିକ ଅଫିସର ଭାବେ ନିଜ କାର୍ଯ୍ୟଭାର ଗ୍ରହଣ କରିଥିଲେ।

**ଫୁରସତ୍**

# ଭଡ଼ାରେ ମିଳୁଛନ୍ତି 'ଜେଜେମା'

ଟୋକିଓ



ସମ୍ପ୍ରତି ଯୌଥ ପରିବାର ହ୍ରାସ ପାଇବାରେ ଲାଗିଛି। ବିଭିନ୍ନ କାରଣରୁ ଅଧିକାଂଶ ଯୁବପିଢ଼ି ସେମାନଙ୍କ ଜେଜେବାପା ଏବଂ ଜେଜେମା'ଙ୍କଠାରୁ ଦୂରରେ ରହୁଛନ୍ତି। ଏହି କାରଣରୁ ସେମାନଙ୍କୁ ଏକାନ୍ତ ଜୀବନଯାପନ କରିବାକୁ ପଡୁଛି। ବୟସ୍କ ବ୍ୟକ୍ତିମାନେ ଘରେ ରହିଲେ କେବଳ ଏକଲାପଣ ଦୂର ହୋଇ ନ ଥାଏ, ବରଂ ଜେଜେବାପା ଏବଂ ଜେଜେମା'ଙ୍କଠାରୁ ଯୁବପିଢ଼ି ଅନେକ ପ୍ରକାରର ଅଭିଜ୍ଞତା ଶିଖିବାକୁ ପାଇଥାନ୍ତି। ଏହା ସେମାନଙ୍କ ଜୀବନ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ତେବେ ଏହି ସମସ୍ୟାକୁ ଦୃଷ୍ଟିରେ ରଖି ଜାପାନରେ କ୍ଲାଇଣ୍ଟ ସର୍ଭିସେସ୍ ନାମକ ଏକ କମ୍ପାନୀ ପକ୍ଷରୁ ଲୋକଙ୍କୁ 'ଓକେ ଗ୍ରାଣ୍ଡ୍ ମା' ନାମରେ ଏକ ନିଆରା ସେବା ଯୋଗାଇ ଦିଆଯାଉଛି। ଏହି ସେବାରେ ଯୁବପିଢ଼ିମାନେ ସେମାନଙ୍କର ବିଭିନ୍ନ ଆବଶ୍ୟକତା ଅନୁଯାୟୀ, ବୟସ୍କା ମହିଳାମାନଙ୍କୁ ଜେଜେମା' ଭାବେ ଭଡ଼ାରେ ଆଣିପାରୁଛନ୍ତି।

ଏହି ସେବା ଅନୁଯାୟୀ, ୬୦ରୁ ୯୪ ବର୍ଷ ବୟସର ମହିଳାଙ୍କୁ ଭଡ଼ାରେ ନିଆଯାଇପାରିବ। ଯୌଥ ପରିବାର ହ୍ରାସ ପାଉଥିବାକୁ ଦୃଷ୍ଟିରେ ରଖି ୨୦୧୧ ମସିହାରେ ଏହି ସେବାକୁ ଆରମ୍ଭ କରାଯାଇଥିଲା, ଯାହା ସମ୍ପ୍ରତି ଲୋକପ୍ରିୟ ହେବାରେ ଲାଗିଛି। ଏହି ସେବାରେ ଭଡ଼ାରେ ଜେଜେମା'ଙ୍କୁ ନେଉଥିବା ବ୍ୟକ୍ତିଙ୍କୁ ଘଣ୍ଟା ପ୍ରତି ୩୦୦୦ ୟେନ୍ (ପ୍ରାୟ ୧,୭୦୦ ଟଙ୍କା) ଦେବାକୁ ପଡିଥାଏ।

କ୍ଲାଇଣ୍ଟ ସର୍ଭିସେସ୍ କମ୍ପାନୀ ଅନୁଯାୟୀ, ଏହି ଜେଜେ ମା'ମାନେ କେବଳ ବୟସରେ ବଡ଼ ନୁହନ୍ତି ବରଂ ସେମାନଙ୍କର ଅଭିଜ୍ଞତା ଯୁବପିଢ଼ିଙ୍କର ବହୁ କାମରେ ଆସିଥାଏ। ଏହି ଜେଜେମା'ମାନଙ୍କ ପାଖରେ ଘରକାମ, ପିଲାଙ୍କ ଯତ୍ନ ନେବା, ପାରମ୍ପରିକ ରୋଷେଇ କରିବା ଏବଂ ଉଚିତ୍ ଉପଦେଶ ଦେବା ଆଦି ଅନେକ ଦକ୍ଷତା ରହିଛି। ଗ୍ରାହକମାନେ କମ୍ପାନୀକୁ କେବଳ ସେମାନଙ୍କର ଆବଶ୍ୟକତା କହିଥାନ୍ତି। କେହି କେହି ବ୍ୟକ୍ତି ରୋଷେଇ ଶିଖିବା ପାଇଁ ତ ଆଉ କେହି ଏକଲାପଣ ଦୂର କରିବା ଲାଗି, ପୁଣି କେହି ମାର୍ଗଦର୍ଶନ ପାଇଁ ଜେଜେମା' ଆବଶ୍ୟକ ବୋଲି କମ୍ପାନୀକୁ ଜଣାଇଥାନ୍ତି। କମ୍ପାନୀ ପକ୍ଷରୁ ସେମାନଙ୍କୁ ଉକ୍ତ କାର୍ଯ୍ୟ ପାଇଁ ଉପଯୁକ୍ତ ଜେଜେ ମା' ଯୋଗାଇ ଦିଆଯାଇଥାଏ।

ଗ୍ରାହକମନେ ଏହି ସେବାକୁ ସେମାନଙ୍କର ବିଭିନ୍ନ ଆବଶ୍ୟକତା ପାଇଁ ବ୍ୟବହାର କରିଥାନ୍ତି। ଜଣେ ଯୁବତୀ କହିଛନ୍ତି, ସେ ତାଙ୍କ ବୟଫ୍ରେଣ୍ଡଙ୍କ ସହ ବ୍ରେକ୍‌ଅପ୍ କରିବାକୁ ଚାହୁଁଥିଲେ। କିନ୍ତୁ ବୟଫ୍ରେଣ୍ଡଙ୍କୁ ଏହା ଜଣାଇବା ପାଇଁ ତାଙ୍କ ନିକଟରେ ସାହସ ନ ଥିଲା। ତେଣୁ ସେ ଜଣେ ଜେଜେମା'ଙ୍କୁ ଭଡ଼ାରେ ନେଇ ତାଙ୍କ ଉପସ୍ଥିତିରେ ବୟଫ୍ରେଣ୍ଡଙ୍କୁ ବ୍ରେକ୍‌ଅପ୍ ବିଷୟରେ ଜଣାଇଥିଲେ।

## ଭିଜା ସମସ୍ୟା: ଆମେରିକାରେ ୭୦% ପର୍ଯ୍ୟନ୍ତ ଭାରତୀୟ ଛାତ୍ରୀଛାତ୍ର ହ୍ରାସ ଆକଳନ

ନୂଆଦିଲ୍ଲୀ,୧୮।୭



ଆମେରିକାର ଭିଜା ମିଳିବାରେ ବିଭିନ୍ନ ସମସ୍ୟା ଏବଂ ପ୍ରକ୍ରିୟାରେ ବିଭିନ୍ନ ଦ୍ୱନ୍ଦ୍ୱ ଦେଖାଯାଉଥିବା ଯୋଗୁ ଚଳିତ ବର୍ଷ ସେଠାରେ ଭାରତୀୟ ଛାତ୍ରଙ୍କ ସଂଖ୍ୟା ଦ୍ରୁତ ଗତିରେ ହ୍ରାସ ଘଟିଛି। ବିଦେଶୀ ଛାତ୍ରୀଛାତ୍ରଙ୍କ ସହ ଟ୍ରମ୍ପ ପ୍ରଶାସନର ଚାଲିଥିବା ବିବାଦ ମଧ୍ୟରେ ଚଳିତଥର ଆମେରିକା ଯାଉଥିବା ଭାରତୀୟ ଛାତ୍ରୀଛାତ୍ରଙ୍କ ହାର ୭୦ରୁ ୮୦% ଯାଏ ହ୍ରାସ ଘଟିଥିବା ନେଇ ହାଇଦ୍ରାବାଦସ୍ଥିତ ଏକ ଶିକ୍ଷା ପରାମର୍ଶଦାତା ସଙ୍ଗଠନ ହାଇଦ୍ରାବାଦ ଓଭରସିଜ୍ କନ୍‌ସଲ୍‌ଟାଣ୍ଟ ଆକଳନ କରିଛି। ଭିଜା ସ୍ଲଟ୍ ମିଳିବାରେ ବିଳମ୍ବ ଏବଂ ଭିଜା ପ୍ରତ୍ୟାଖ୍ୟାନ ହାର ବୃଦ୍ଧି ଏହାର ପ୍ରମୁଖ କାରଣ ବୋଲି କୁହାଯାଇଛି। ଚଳିତ ଥର ଆମେରିକାରେ ଉଚ୍ଚଶିକ୍ଷା ପାଇଁ ଛାତ୍ରୀଛାତ୍ରମାନଙ୍କୁ ଭିଜା ସାକ୍ଷାତ୍‌କାର ସ୍ଲଟ୍ ପାଇବାରେ ବହୁତ ଅଧିକ ସମୟ ଲାଗୁଛି। ସାଧାରଣତଃ ଏହି ସମୟ ସୁଦ୍ଧା ଅଧିକାଂଶ ଛାତ୍ରୀଛାତ୍ର ଆମେରିକାକୁ ସେମାନଙ୍କର ଉଡ଼ାଣ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ଚଳିତ ଥର କିନ୍ତୁ ଅନେକେ ଏବେ ବି ନିଜ ଭିଜା ସ୍ଲଟ୍ ପାଇଁ ଅପେକ୍ଷା କରି ରହିଛନ୍ତି। ହାଇଦ୍ରାବାଦ ଓଭରସିଜ୍ କନ୍‌ସଲଟାଣ୍ଟର ମୁଖ୍ୟ ପରାମର୍ଶଦାତା ସଞ୍ଜୀବ ରାୟ କହିଛନ୍ତି, ଚଳିତ ବର୍ଷ ଭିଜା ସ୍ଲଟ୍ ବୁକିଂ ବେଳେ ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରକାରର ସମସ୍ୟାରେ ପଡୁଛନ୍ତି। ପ୍ରକ୍ରିୟାରେ ଏବେ ବି ଅନିଶ୍ଚିତତା ଜାରି ରହିଛି, ଯାହା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିନ୍ତା ସୃଷ୍ଟି କରିଛି। ସେହିପରି ଯେଉଁ ଛାତ୍ରୀଛାତ୍ର ପୂର୍ବରୁ ସ୍ଲଟ୍ ବୁକ୍ କରିଥିଲେ, ସେମାନଙ୍କୁ ଏଯାଏ କନ୍‌ଫର୍‌ମେସନ ମିଳିନାହିଁ, ଯାହା ପରିସ୍ଥିତିକୁ ଅଧିକ ଜଟିଳ କରିଛି। ତେଣୁ ଏଭଳି ସ୍ଥିତିରେ ଭାରତୀୟ ଛାତ୍ରୀଛାତ୍ର ଉଚ୍ଚଶିକ୍ଷା ପାଇଁ ଆମେରିକା ବଦଳରେ ଅନ୍ୟ ଦେଶକୁ ଯିବା ଲାଗି ଆଗ୍ରହ ଦେଖାଉଛନ୍ତି। ଗତ ମାର୍ଚ୍ଚରେ ଭିଜା ନିମନ୍ତେ ଆବେଦନ କରିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଅଧିକାଂଶ ଏବେ ଅସ୍ୱାଭାବିକ ଭାବେ ପ୍ରତ୍ୟାଖ୍ୟାନର ସମ୍ମୁଖୀନ ହେଉଛନ୍ତି। ୨୧୪ବି ଧାରା ଅନୁଯାୟୀ ଭିଜା ପ୍ରତ୍ୟାଖ୍ୟାନ କରାଯାଉଛି। ଏହି ଧାରା ଅନୁଯାୟୀ, ଆବେଦନକାରୀଙ୍କୁ ଆମେରିକାରେ ପାଠପଢ଼ା ସମାପ୍ତ ପରେ ଯାଇ ନିଜ ଦେଶକୁ ଫେରିବେ ବୋଲି ପ୍ରମାଣ ଦେବାକୁ ପଡୁଛି।

# ଧରିତ୍ରୀ
DHARITRI

ଧରିତ୍ରୀ 51 Years






**ବୟ୍‌କଟ୍ କଲ୍‌ଚର ବନ୍ଦ ହେଉ: ବାଣୀ**

ଅଭିନେତ୍ରୀ ବାଣୀ କପୁର ତାଙ୍କ ଆଗାମୀ ୱେବସିରିଜ୍ 'ମଣ୍ଡାଲା ମର୍ଡର୍ସ'ର ପ୍ରମୋଶନ ବେଳେ ବୟ୍‌କଟ୍ କଲ୍‌ଚର ବନ୍ଦ ହେଉ ବୋଲି କହିଛନ୍ତି।


୧୦




୧୨


**ସେମିଫାଇନାଲରେ ଏରିଗେସି**

ଫ୍ରିଷ୍ଟାଇଲ ଗ୍ରାଣ୍ଡସ୍ଲାମ ଟୁର୍ ଚେସ୍ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି ଭାରତୀୟ ଗ୍ରାଣ୍ଡମାଷ୍ଟର ଅର୍ଜୁନ ଏରିଗେସି ।



# ହଟିଲା ରେଭେନ୍‌ଶା ସାଢ଼େ ୫ କଟକଣା




Ravenshaw University
Cuttack

No. 2853 Date 17/07/2025

OFFICE ORDER

No female faculty, staff and students are permitted to remain in the work place or on campus after 05.30 PM. This decision will remain in place until a formal Standard Operating Procedure (SoP) is issued, which will outline the necessary guidelines and protocols for work hours and safety measures.

By Order of Vice Chancellor
Registrar
Ravenshaw University
Cuttack



Ravenshaw University
Cuttack

No. 2867 Date 17-07-2025

OFFICE ORDER

This Office Order No-2853 dated 17.07.2025 restricting staying of female faculty, staff and students in the work place or on campus after 05.30 PM, is hereby withdrawn.

By Order of Vice Chancellor
Registrar
Ravenshaw University
Cuttack

କଟକଣା ଲଗାଯିବା ଓ ହଟାଯିବାର ଅଫିସ ଅର୍ଡର।

**କଟକ,୧୮।୭(କାର୍ତ୍ତିକ ସାହୁ)**

କଟକର ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଛାତ୍ରୀ, ଅଧ୍ୟାପିକା ଏବଂ ମହିଳା କର୍ମଚାରୀ ସନ୍ଧ୍ୟା ୫.୩୦ ମିନିଟ୍ ପରେ ବୁଲିପାରିବେ ନାହିଁ କି କାର୍ଯ୍ୟାଳୟରେ କାମ କରିପାରିବେ ନାହିଁ। ବିଶ୍ୱବିଦ୍ୟାଳୟ କୁଳପତିଙ୍କ ନିର୍ଦ୍ଦେଶକ୍ରମେ କୁଳସଚିବଙ୍କ ପକ୍ଷରୁ ଏଭଳି କଟକଣା ଗୁରୁବାର ଜାରି କରାଯାଇଥିଲା। ବିଶ୍ୱବିଦ୍ୟାଳୟ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶୁକ୍ରବାର ଗଣମାଧ୍ୟମକୁ ଏ ସମ୍ବନ୍ଧରେ ସୂଚନା ଦେଇଥିଲେ। ମାତ୍ର ଏହାର ଘଣ୍ଟାଏ ନ ଯାଉଣୁ ହଠାତ୍ ନିଷ୍ପତ୍ତି ବଦଳିଗଲା। ଜାରି ହୋଇଥିବା କଟକଣାକୁ ପ୍ରତ୍ୟାହାର କରିନିଆଗଲା ବୋଲି ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପୁଣି ଗଣମାଧ୍ୟମକୁ ସୂଚନା ଦେଇଥିଲେ। ତେବେ କଟକଣାକୁ ବିଭିନ୍ନ ମହଲ ଓ ସାମାଜିକ ଗଣମାଧ୍ୟମରେ ମହିଳା ବିରୋଧୀ ମାନସିକତା ବୋଲି ଦର୍ଶାଯାଇ ଜୋର୍‌ଦାର ବିରୋଧ କରାଯାଇଥିଲା। ଫଳରେ ବିଶ୍ୱବିଦ୍ୟାଳୟ ପକ୍ଷରୁ କଟକଣା ହଟାଇ ଦିଆଯାଇଥିବା ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** ଅସୀମ କାର୍ଯ୍ୟକାଳ

# କୋର୍ଟ ନ ହେଲେ ଜାମିନ

## ଏନ୍‌ଆଇଏ, ୟୁଏପିଏ ମାମଲାରେ କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ଚେତାବନୀ



**ନୂଆଦିଲ୍ଲୀ,୧୮।୭(ପି.ଟି.)**

ସ୍ୱତନ୍ତ୍ର ଆଇନ ଅଧୀନରେ ଥିବା ମାମଲାଗୁଡ଼ିକ ପାଇଁ କୋର୍ଟ ସ୍ଥାପନ କରାଯାଇ ନ ଥିବାରୁ ସୁପ୍ରିମକୋର୍ଟ ଶୁକ୍ରବାର ଉଦ୍‌ବେଗ ପ୍ରକାଶ କରିବା ସହ କେନ୍ଦ୍ର ଓ ମହାରାଷ୍ଟ୍ର ସରକାରଙ୍କୁ ଭର୍ତ୍ସନା କରିଛନ୍ତି। ଏଭଳି ହେଲେ ଉପରୋକ୍ତ ଆଇନର ଅଭିଯୁକ୍ତମାନଙ୍କୁ ଜାମିନ ମଞ୍ଜୁର କରିବାକୁ ଅଦାଲତ ବାଧ ହେବେ ବୋଲି ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ଏବଂ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ କହିଛନ୍ତି।

ଏନ୍‌ଆଇଏ ଆଇନ ଏବଂ ଅନ୍ୟାନ୍ୟ ସ୍ୱତନ୍ତ୍ର ଆଇନ ଅଧୀନରେ ମାମଲାଗୁଡ଼ିକର ଦ୍ରୁତ୍ ବିଚାର ପାଇଁ ସରକାର ଯଦି ଆବଶ୍ୟକ ଭିତ୍ତିଭୂମି ସହ ସ୍ୱତନ୍ତ୍ର କୋର୍ଟ ସ୍ଥାପନ କରିବାରେ ବିଫଳ ହୁଅନ୍ତି, ତେବେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ବିଚାର ଶେଷ କରିବା ପାଇଁ ପ୍ରଭାବଶାଳୀ ବ୍ୟବସ୍ଥା ରହିବ ନାହିଁ। ଫଳରେ ଅଦାଲତଗୁଡ଼ିକ ଅଭିଯୁକ୍ତମାନଙ୍କୁ ଜାମିନରେ ଛାଡ଼ିବା ପାଇଁ ସବୁବେଳେ ବାଧ ହେବେ। ବର୍ତ୍ତମାନ ରହିଥିବା ଅଦାଲତଗୁଡ଼ିକୁ ସ୍ୱତନ୍ତ୍ର ଅଦାଲତ ଭାବେ ନାମିତ କରିବା ପାଇଁ ସେଗୁଡ଼ିକୁ ବିଶ୍ୱାସଯୋଗ୍ୟ କରିବା ନିମନ୍ତେ ହାଇକୋର୍ଟଗୁଡ଼ିକୁ ବାଧ କରିବାକୁ ପଡ଼ିବ ବୋଲି କେନ୍ଦ୍ର ଓ ମହାରାଷ୍ଟ୍ର ସରକାରଙ୍କ ତରଫରୁ ଉପସ୍ଥିତ ଥିବା ଅତିରିକ୍ତ ସଲିସିଟର ଜେନେରାଲ ରାଜକୁମାର ଭାସ୍କର ଠାକ୍‌ରେଙ୍କୁ ଖଣ୍ଡପୀଠ କହିଛନ୍ତି।

ଏନ୍‌ଆଇଏ ଏବଂ ଅନ୍ୟ ସ୍ୱତନ୍ତ୍ର ଆଇନର ମାମଲାଗୁଡ଼ିକର ଦ୍ରୁତ୍ ଶୁଣାଣି ପାଇଁ ସ୍ୱତନ୍ତ୍ର ଅଦାଲତ ସ୍ଥାପନ ଦିଗରେ କୌଣସି ପ୍ରଭାବୀ କିମ୍ବା ଦେଖିଲା ଭଳି ପଦକ୍ଷେପ ନିଆଯାଇନାହିଁ। ☞ପୃଷ୍ଠା-୨

ସୁପ୍ରିମକୋର୍ଟ ଶୁକ୍ରବାର କେନ୍ଦ୍ର ସରକାରଙ୍କ ଏକ ଦୂରଦୃଷ୍ଟିହୀନ କାର୍ଯ୍ୟ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି। କୌଣସି ଏକ ବ୍ୟବସ୍ଥା ସୃଷ୍ଟି କରାଗଲେ, ତାହା ଯେପରି ଅନ୍ୟ ବ୍ୟବସ୍ଥାକୁ ପ୍ରଭାବିତ ନ କରିବ ସେଥିପ୍ରତି ଦୃଷ୍ଟି ଦିଆଯିବା ଜରୁରୀ। ଏହା ହୋଇ ନ ପାରିଲେ ତାହା ଅନେକ ବ୍ୟବସ୍ଥା ଉପରେ ବୋଝ ପାଲଟିଯିବ ବୋଲି ସର୍ବୋଚ୍ଚ ଅଦାଲତ ଟିପ୍ପଣୀ ଦେଇ ଏନ୍‌ଆଇଏ ଏବଂ ୟୁଏପିଏ ଭଳି ଆଇନ ସମ୍ପର୍କିତ ମାମଲାର ଶୁଣାଣି ପାଇଁ ସ୍ୱତନ୍ତ୍ର କୋର୍ଟ ପ୍ରତିଷ୍ଠା ନ ହେବା ଯୋଗୁ ସୃଷ୍ଟି ହୋଇଥିବା ସମସ୍ୟାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ୨୦୧୯ରେ ମହାରାଷ୍ଟ୍ରର ଗଡ଼ଚିରୋଲି ଜିଲାରେ ଆଇଇଡି ବିସ୍ଫୋରଣରେ ୧୯ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଥିଲା। ଏହି ମାମଲାରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଆଇନ-୨୦୦୮ ବଳରେ କୈଳାସ ରାମଚଣ୍ଡୀଙ୍କୁ ମାଓବାଦୀଙ୍କ ସମର୍ଥକ ଦର୍ଶାଇ ପୋଲିସ ଗିରଫ କରିଥିଲା। ସୁପ୍ରିମକୋର୍ଟ ତାଙ୍କୁ ଜାମିନ ପ୍ରଦାନ କରି କହିଛନ୍ତି, ଏଭଳି ମାମଲାର ଶୁଣାଣି ଲାଗି କେନ୍ଦ୍ର ଓ ରାଜ୍ୟ ସରକାର ସ୍ୱତନ୍ତ୍ର ଅଦାଲତ ପ୍ରତିଷ୍ଠା ନ କଲେ ଆମେ ଅଭିଯୁକ୍ତଙ୍କୁ ଜାମିନ ଦେବାକୁ ବାଧହେବୁ।

# 'ମହିଳା ସହାୟତା ନଂ. ୧୮୧ ତୁରନ୍ତ ଲେଖ'

**ଭୁବନେଶ୍ୱର,୧୮।୭ (ସୁଚିସ୍ମିତା ସାହୁ)**

## ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଓ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଉଚ୍ଚଶିକ୍ଷା ବିଭାଗର ଚିଠି

ବାଲେଶ୍ୱର ଏଫ୍‌ଏମ୍ କଲେଜରେ ଛାତ୍ରୀଙ୍କ ଆତ୍ମାହୁତି ଘଟଣା ପରେ ଉଚ୍ଚଶିକ୍ଷା ବିଭାଗ ତତ୍ପରତା ଦେଖାଇଛି। ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରୀଙ୍କ ସୁରକ୍ଷା ପାଇଁ ବିଭାଗ ପକ୍ଷରୁ ଗୋଟିଏ ପରେ ଗୋଟିଏ ନିର୍ଦ୍ଦେଶନାମା ଜାରି କରାଯାଉଛି। ଏବେ ସମସ୍ତ ଶିକ୍ଷାନୁଷ୍ଠାନରେ ମହିଳା ସହାୟତା ନମ୍ବର ୧୮୧ ପ୍ରଦର୍ଶନ କରିବାକୁ ଉଚ୍ଚ ଶିକ୍ଷା ବିଭାଗ ଶୁକ୍ରବାର ସମସ୍ତ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଏବଂ ମହାବିଦ୍ୟାଳୟ ଅଧ୍ୟକ୍ଷମାନଙ୍କୁ ଚିଠି କରିଛି। ଉଚ୍ଚଶିକ୍ଷା ବିଭାଗ ଅଧୀନରେ ରହିଥିବା ସମସ୍ତ ବିଶ୍ୱବିଦ୍ୟାଳୟ, ☞ପୃଷ୍ଠା-୨


**ଓଡ଼ିଶା ସରକାର**

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

No. T-54: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଅନିବାର୍ଯ୍ୟ କାରଣ ଯୋଗୁ ଆସନ୍ତା **ତା୨୧।୦୭।୨୦୨୫ରିଖ ସୋମବାର** ଦିନ ମୁଖ୍ୟମନ୍ତ୍ରୀଙ୍କ **ଅଭିଯୋଗ ଶୁଣାଣି ବନ୍ଦ ରହିବ।** ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

**ଅତିରିକ୍ତ ମୁଖ୍ୟ ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ**
**ସାଧାରଣ ଅଭିଯୋଗ ବିଭାଗ**

OIPR-09014/11/0170/2526



DSPL - 178

ଓମ୍‌ଫେଡ୍
କ୍ଷୀର ଓଡ଼ିଶାର



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ମୁଖ୍ୟମନ୍ତ୍ରୀ**
**କାମଧେନୁ ଯୋଜନା**

ମୁଖ୍ୟ ଅତିଥି

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ

ଗରିମାମୟ ଉପସ୍ଥିତି

**ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ**
ମନ୍ତ୍ରୀ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଓଡ଼ିଶା

- ୨୨ଟି ଦୁଗ୍ଧ ପରିବହନ ଯାନର ଶୁଭାରମ୍ଭ
- ଗୁଣ୍ଡ ଦୁଗ୍ଧ ମେସିନର ଶୁଭାରମ୍ଭ
- ୨୨ଟି ଓମ୍‌ଫେଡ୍ ଷ୍ଟାଫ୍ କ୍ୱାଟର୍ସର ଉଦ୍‌ଘାଟନ

୧୯ ଜୁଲାଇ ୨୦୨୫ | ଅରିଲୋ, ଗୋବିନ୍ଦପୁର, କଟକ

ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ || ଓମ୍‌ଫେଡ୍
ଓଡ଼ିଶା ସରକାର

OIPR-06014/13/0050/2526

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ନୃତ୍ୟ ପ୍ରଜ୍ଞା ପବ୍ଲିକ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ନୃତ୍ୟ ପ୍ରଜ୍ଞା ଉତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ଓଡ଼ିଶା ଇଣ୍ଟରନ୍ୟାଶନାଲ ସେଣ୍ଟରର ୨୨ତମ ବାର୍ଷିକ ଉତ୍ସବ ଓ ସ୍ୱର୍ଗତ ପରେଶନାଥ ନାୟକଙ୍କ ୬୬ତମ ଜୟନ୍ତୀ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା

- ନୈତିକ ଶିକ୍ଷା କାର୍ଯ୍ୟକ୍ରମ, ସମୟ: ସକାଳ ୧୦ଟା, ସ୍ଥାନ: ଭୁଆଶୁଣିପାଟଣା ଉଚ୍ଚ ବିଦ୍ୟାଳୟ, ବେଗୁନିଆ।

## ଭଦ୍ରକ

- ମନ୍‌ସୁନ ଫେଷ୍ଟ, ସ୍ୱାଗତମ ଉତ୍ସବ, ସ୍ଥାନ: ମୋଟେଲ ଛକ ଦିଶା ସ୍ମାର୍ଟ ସ୍କୁଲ, ଭଦ୍ରକ, ସମୟ: ସକାଳ ୯ଟା।
- ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା, ସ୍ଥାନ: ଆରଡ଼ିଛକ ନୂଆ ସର୍କିଟ୍ ହାଉସ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଜଳ ନିଷ୍କାସନ ଦାବିରେ ଚାଷୀଙ୍କ ଆନ୍ଦୋଳନ, ସ୍ଥାନ: ଭଗବାନପୁର, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା।
- ଶିକ୍ଷାବିତ୍ ସ୍ୱର୍ଗତ ଅକ୍ଷୟ ସାହୁଙ୍କ ଶ୍ରାଦ୍ଧବାର୍ଷିକୀ, ସ୍ଥାନ: ସାନବର୍ଚ୍ଛିକୟାଁ, ବନ୍ତ, ସମୟ: ପୂର୍ବାହ୍ନ ୧୧ଟା।
- ନୂତନ ରାଶନ କାର୍ଡ ବଣ୍ଟନ ଉତ୍ସବ, ସ୍ଥାନ: ନୀଳମଣି ଟାଉନ ହଲ୍, ବାସୁଦେବପୁର, ସମୟ: ମଧ୍ୟାହ୍ନ ୧୨ଟା।
- ଦିବଂଗତ ସାମାଜିକ କର୍ମୀ ଦୈତାରୀ ବେହେରାଙ୍କ ସ୍ମୃତିସଭା, ସ୍ଥାନ: ପ୍ରବୋଧପୁର, ମନ୍ଦାରୀ, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର

- ୭୯ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ, ସମୟ: ଅପରାହ୍ନ ୩ଟା ୩୦, ସ୍ଥାନ: ଦରବାର ହଲ, କେନ୍ଦୁଝର।

## ମୟୂରଭଞ୍ଜ

- ସଙ୍କୁଳସ୍ତରୀୟ ବୈଠକ,ସ୍ଥାନ:ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବେଲପାଳ, ବଡ଼ସାହି,ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ

- କେଶବଚନ୍ଦ୍ର ମିଶ୍ର ଗ୍ରନ୍ଥାବଳୀ ଉନ୍ମୋଚନ, ସ୍ଥାନ: ପୁରୁଣା ଜିଲା ପରିଷଦ ହଲ, ସମୟ: ଅପରାହ୍ନ ୪ଟା ୪୫ମିନିଟ୍।

## କେନ୍ଦ୍ରାପଡ଼ା

- ରାଜ୍ୟସ୍ତରୀୟ ସାହାଣୀ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ମିନି ଷ୍ଟାଡିୟମ, ରାଜକନିକା, ସମୟ: ସକାଳ ୮ଟା।
- ଜନଚେତନା ପରିଷଦ ଓ ଗୋକୁଳ ଚନ୍ଦ୍ର ସଙ୍ଗୀତ ସଦନ ପକ୍ଷରୁ ବାଣୀକଣ୍ଠ ନିର୍ମାଇଁ ହରିଚନ୍ଦନଙ୍କ ପୁଣ୍ୟତିଥି ସ୍ମରଣ, ସ୍ଥାନ: ଗୋକୁଳ ଚନ୍ଦ୍ର ସଙ୍ଗୀତ ସଦନ, ଖଡିଅଙ୍ଗ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୯ଟା।

## ଯାଜପୁର

- ଜାରକା ରୋଟାରି କ୍ଲବ ପକ୍ଷରୁ ଜଏଣ୍ଟ ଇନ୍‌ଷ୍ଟାଲେସନ୍ ସେରିମନି, ସ୍ଥାନ: ଧର୍ମଶାଳା ଷ୍ଟାଡିୟମ୍ ପରିସର, ସମୟ: ଅପରାହ୍ନ ୫ଟା୩୦।
- ଉତ୍କଳ ସାହିତ୍ୟ ସମାଜ ଯାଜପୁର ଜିଲା ଶାଖା ପକ୍ଷରୁ ବନ୍ଧୁ ମିଳନ, ସ୍ଥାନ: ଧର୍ମଶାଳା ବ୍ଲକ ଅଧୀନ ଅରେଇକଣା ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ସ୍ମୃତି ଚାରଣ ସଭାରେ ଶରୀର ଦାନ ସମ୍ପର୍କିତ ଆଲୋଚନାଚକ୍ର, ସ୍ଥାନ: ଶରଣକୁଳ ନିକଟସ୍ଥ କଟରାଝରୀ, ସମୟ: ସକାଳ ୧୦ଟା।

## ରାୟଗଡ଼ା

- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: କୋଲନରା ପଞ୍ଚାୟତ ସମିତି କାର୍ଯ୍ୟାଳୟ,
- ସମୟ: ପୂର୍ବାହ୍ନ ୧୦ ଟା।
- ସ୍ୱାମୀ ଶିବାନନ୍ଦଙ୍କ ୬୨ ତମ ମହାପ୍ରୟାଣ ଦିବସରେ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ମିଟ୍ସ ମେଗା ଫୁଡ ପାର୍କ ପରିସର, କୋଲନରା, ସମୟ: ପୂର୍ବାହ୍ନ ୧୦ ଟା।

## ନବରଙ୍ଗପୁର

- ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକଙ୍କ ନବରଙ୍ଗପୁର ଗସ୍ତ, ସମୀକ୍ଷା, ସ୍ଥାନ: ଅଶୋକ ମେହେଟ୍ଟା ବୈଠକ ଗୃହ, ସମୟ: ସନ୍ଧ୍ୟା ସାଢ଼େ ୬ଟା।

## ସମ୍ବଲପୁର

- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହୀରାକୁଦ କଲୋନୀସ୍ଥିତ ଯୋଗ କେନ୍ଦ୍ର, ସମୟ: ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବର, ସ୍ଥାନ: ହାୱା ମଇଦାନସ୍ଥିତ ଗାନ୍ଧୀ ପାର୍କ, ସମୟ ସକାଳ ୬ଟା।
- ରାଧା ଶ୍ରୀନିବାସ ସେବା ଟ୍ରଷ୍ଟ ଆୟୋଜନରେ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ହାଉସିଂ ବୋର୍ଡ କଲୋନୀ ସ୍ଥିତ ଆରୋଗ୍ୟ ନିକେତନ, ସମୟ: ସକାଳ ୮ଟା।
- ସମ୍ବଲପୁରୀ ଏକତା ମଞ୍ଚ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ପ୍ରସ୍ତୁତି ସଭା, ସ୍ଥାନ: ସମ୍ବଲପୁର କଳାପରିଷଦ, ସମୟ: ପୂର୍ବାହ୍ନ ୧୧ଟା।
- ପଶ୍ଚିମାଞ୍ଚଳ ଏକତା ମଞ୍ଚ ଆୟୋଜିତ ସମ୍ବଲପୁରୀ ଦିନରେ ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରସ୍ତୁତି ବୈଠକ, ସ୍ଥାନ: ସମ୍ବଲପୁରୀ ଡେରା, ସମୟ: ଅପରାହ୍ନ ୪ଟା।

## ବଲାଙ୍ଗୀର

- ଶିକ୍ଷା ସଂସ୍କାରକ ସାବିତ୍ରୀ ବାଈ ଫୁଲେଙ୍କ ପ୍ରତିମୂର୍ତ୍ତି ଶିଳାନ୍ୟାସ, ସ୍ଥାନ: ଠିକାଦାରପଡା ପୋଲ ନିକଟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା

- ଇସ୍କନ ପକ୍ଷରୁ ସାମୂହିକ ନଗର ସଙ୍କୀର୍ତ୍ତନ, ସ୍ଥାନ: ଛେଣ୍ଡ କଲୋନି, ସମୟ: ସକାଳ ୫ଟା ୩୦।
- ବର୍ଷା ଭିତ୍ତିକ କବିତା ଆସର, ସ୍ଥାନ: ପ୍ରଗତି ଉତ୍କଳ ସଂଘ, ସେକ୍ଟର-୭, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ସନ୍ତରଣ ପ୍ରତିଯୋଗିତା, ସ୍ଥାନ: ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲ, ବରଗଡ଼, ସମୟ: ସକାଳ ୬ଟା।
- ସାମ୍ବାଦିକ ସଂଘର ବନ୍ଧୁ ମିଳନ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଶିବମନ୍ଦିର ପ୍ରାଙ୍ଗଣ, ଝାରବନ୍ଧ ଡ୍ୟାମ୍, ସମୟ: ମଧ୍ୟାହ୍ନ ୧୨ଟା ୩୦।

## କଳାହାଣ୍ଡି

- ପଞ୍ଚାୟତିରାଜ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣା ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣା ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୫ଟା।

## ବୌଦ୍ଧ

- ସାହାଣୀ କପ୍ ଆନ୍ତଃ ଜିଲା ଫୁଟବଲ ଟୁର୍ନାମେଣ୍ଟର ଚତୁର୍ଥ ଦିନ, ସ୍ଥାନ: ଜିଲା ଷ୍ଟାଡିୟମ୍, ବୌଦ୍ଧ, ସମୟ: ଅପରାହ୍ନ ୧ଟା ୩୦।

## ସୁବର୍ଣ୍ଣପୁର

- ଆର୍ଥିକ ସାକ୍ଷରତା ସଚେତନତା ଶିବିର, ସ୍ଥାନ: ସୁବର୍ଣ୍ଣପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ତରଭା ଶନିଶ୍ଚର ମନ୍ଦିରରେ ମହାଆଳତୀ ଓ ଭଜନ କାର୍ଯ୍ୟକ୍ରମ, ସ୍ଥାନ: ଶନି ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା

- ଆଦିବାସୀଙ୍କ ପକ୍ଷରୁ ଆଶ୍ରମ ବିଦ୍ୟାଳୟ ଘେରାଉ, ସ୍ଥାନ: କୋମନା ବ୍ଲକ ଜଟଗଡ ପଞ୍ଚାୟତ ସାହାଜଟ ଆଶ୍ରମ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

# ୪ କମ୍ୟୁନିଟି ହେଲ୍‌ଥ ଅଫିସର ନିଲମ୍ବିତ

ପାରଳାଖେମୁଣ୍ଡି,୧୮।୭ (ଗିରିଧାରୀ ପରିଚ୍ଛା)

କାର୍ଯ୍ୟରେ ଅବହେଳା କରିଥିବାରୁ ଗଜପତି ଜିଲାରେ ୪ ଜଣ କମ୍ୟୁନିଟି ହେଲ୍‌ଥ ଅଫିସରଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଛି। ଏହି ୪ ହେଲ୍‌ଥ ଅଫିସର ଦୀର୍ଘଦିନ ଧରି କାର୍ଯ୍ୟରେ ଅବହେଳା କରୁଥିବା ନେଇ ଅଭିଯୋଗ ହୋଇ ଆସୁଥିଲା। ଏହାକୁ ଗୁରୁତର ସହ ନେଇ ଜିଲାପାଳ ବିଜୟ କୁମାର ଦାସ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ମୁବାରକ ଅଲ୍ଲୀ ଅଭିଯୋଗର ତଦନ୍ତ କରିବା ସହ ୪ଜଣ ହେଲ୍‌ଥ ଅଫିସରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ସେମାନଙ୍କ ଉତ୍ତର ସନ୍ତୋଷଜନକ ନ ହେବାରୁ କର୍ତ୍ତବ୍ୟରେ ଅବହେଳା ଓ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶକୁ ଅବମାନନା କରିବା ଅଭିଯୋଗରେ ସେମାନଙ୍କୁ ନିଲମ୍ବନ କରାଯାଇଛି। ଏହି ଅଫିସରମାନେ ଜିଲାର ମୋହନା ବ୍ଲକର ପାଣିଗଣ୍ଡା, ରାଇପଙ୍କା, ବୁଡୁଲି ଏବଂ ଆର. ଉଦୟଗିରି ବ୍ଲକର ଶିଆଳିଲଟି ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରେ କାର୍ଯ୍ୟ କରୁଥିଲେ। ସେମାନେ କାର୍ଯ୍ୟ କରୁଥିବା ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରକୁ ନିୟମିତ ଆସୁ ନ ଥିଲେ। ଜିଲାରେ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାପାଇଁ ନିଯୁକ୍ତି ହୋଇଥିବା ଯେକୌଣସି କର୍ମଚାରୀ ଦାୟିତ୍ୱରେ ଅବହେଳା କଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟ ଚିକିତ୍ସାଧିକାରୀ ଅଲ୍ଲୀ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଉପରୋକ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ସମ୍ପୃକ୍ତ ହେଲ୍‌ଥ ଅଫିସରମାନେ ନିୟମିତ ଆସୁ ନ ଥିବା ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଞ୍ଚଳବାସୀ ଅଭିଯୋଗ କରିଥିଲେ। ଏପରି କି ଜିଲାପାଳ ସେହିସବୁ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରକୁ ପରିଦର୍ଶନରେ ଯିବା ବେଳେ ଏହି ହେଲ୍‌ଥ ଅଫିସରମାନେ ଉପସ୍ଥିତ ନ ଥିବା ଜାଣିବାକୁ ପାଇଥିଲେ।

**କାର୍ଯ୍ୟରେ ଅବହେଳା ମହଙ୍ଗା ପଡ଼ିଲା**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଶାଳଗ୍ରାମର ବସିବା ଶୋଇବା ସବୁ ସମାନ।**

ଶାଳଗ୍ରାମ ଖଣ୍ଡେ ଶିଳା ବା ପଥର। ସେଥିରେ ଜୀବନ ନାହିଁ। ଶାଳଗ୍ରାମକୁ ଯେମିତି ବା ଯେପରି ରଖିଲେ, ତାହା ଶୋଇଛି କି ବସିଛି ହଠାତ୍ ଜଣାପଡ଼ି ନ ଥାଏ। ପରୋକ୍ଷରେ ନିର୍ବିକାର ଲୋକର ମାନସିକ ଅବସ୍ଥା। କିଛି ବ୍ୟକ୍ତି ଅଛନ୍ତି ସେମାନଙ୍କୁ ସହଜରେ ଚିହ୍ନି ହୁଏନାହିଁ। ତାଙ୍କ କଥାବାର୍ତ୍ତାରୁ ଭଲ ମନ୍ଦ ବାରି ହୁଏନାହିଁ। ବାହ୍ୟ ଭାବଭଙ୍ଗୀରୁ ଅନ୍ତରର ଭାବ ପ୍ରକାଶ ନ ପାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଶ୍ୱଶୁର ଘରର ଯେଉଁ ସୁନା<br>ଯହିଁ ତଉଲାଏ ତହିଁ ଊଣା।**

ଯୌତୁକ ସୁନା ପ୍ରକୃତରେ ଊଣା ହୁଏ। ଯୌତୁକରେ ମିଳିଥିବା ଧନସମ୍ପତ୍ତି କେବେହେଲେ ଚିରଦିନ ଲାଗି ଅଭାବକୁ ମେଣ୍ଟାଇ ପାରି ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ନିର୍ଯାତନା ଅଭିଯୋଗରେ ଭାଜପା ଯୁବନେତା ଗିରଫ

- ■ ଜୋର୍ ଧରିଲା ଅନୁଗୋଳ ରାଜନୀତି, ନିଲମ୍ବନ କଲା ଜିଲା ଭାଜପା
- ■ ପୀଡ଼ିତାଙ୍କୁ ନ୍ୟାୟ, ମହିଳାଙ୍କୁ ସୁରକ୍ଷା ଦାବି କଲା କଂଗ୍ରେସ
- ■ ଉଚିତ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ରାସ୍ତାକୁ ଓହ୍ଲାଇବ ବିଜେଡି

ଅନୁଗୋଳ,୧୮।୭ (ମାନସ ବିଶ୍ୱାଳ)/ (ଜ୍ୟୋତିରଞ୍ଜନ ସାହୁ)

ଜଣେ ଯୁବତୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ଅଭିଯୋଗରେ ଅନୁଗୋଳ ଜିଲା ଭାଜପା ସମ୍ପାଦକ ତଥା ଯୁବନେତା ସୁଦୀପ୍ତ ସ୍ୱାଇଁ ଗିରଫ ହୋଇଛନ୍ତି। ବନ୍ତଲା ପୋଲିସ ୧୭ ତାରିଖ ରାତିରେ ତାଙ୍କୁ ଗିରଫ କରିଛି। ଭାଜପା ନେତାଙ୍କ ଏହି ଗିରଫଦାରି ପରେ ଅନୁଗୋଳ ଜିଲା ରାଜନୀତି ଜୋର୍ ଧରିଛି। କଂଗ୍ରେସ ପକ୍ଷରୁ ଶୁକ୍ରବାର ଖବରଦାତା ସମ୍ମିଳନୀ କରାଯାଇ ପୀଡ଼ିତାଙ୍କୁ ନ୍ୟାୟ ଓ ମହିଳାମାନଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ଦାବି କରାଯାଇଛି। ସେହିପରି ପୋଲିସ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ବିଜେଡି ରାସ୍ତାକୁ ଓହ୍ଲାଇବ ବୋଲି ଜିଲା ବିଜେଡି ପକ୍ଷରୁ ଖବରଦାତା ସମ୍ମିଳନୀରେ କୁହାଯାଇଛି। ଅପରପକ୍ଷରେ ଭାଜପା ପକ୍ଷରୁ ତୁରନ୍ତ ଯୁବନେତା ସ୍ୱାଇଁଙ୍କୁ ଦଳରୁ ନିଲମ୍ବନ କରାଯାଇଥିବା ଅନୁଗୋଳ ଜିଲା ସଭାପତି ଯଯାତୀ କେଶରୀ ପଟ୍ଟନାୟକ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଅନୁଗୋଳ ସହରରେ ଥିବା ଏକ ବ୍ୟାଙ୍କରେ ସମ୍ପୃକ୍ତା ଯୁବତୀ କାର୍ଯ୍ୟ କରନ୍ତି।



ସୁଦୀପ୍ତ ସ୍ୱାଇଁ

ସୁଦୀପ୍ତଙ୍କ ସହ ତାଙ୍କର ଜଣାଶୁଣା ଥିଲା। ହେଲେ ସୁଦୀପ୍ତ ତାଙ୍କୁ ବାରମ୍ବାର ଶାରୀରିକ ଓ ମାନସିକ ନିର୍ଯାତନା ଦେଇଆସୁଥିଲେ। ଏପରି କି ରାସ୍ତାରେ ତାଙ୍କ ଗାଡ଼ିକୁ ଅଟକାଇ ଗାଳିକରିବା ସହ ମାଡ଼ ମାରିବା ପାଇଁ ହାତ ଉଠାଉଥିଲେ। ଘର ସମ୍ମୁଖରେ ମାରଣାସ୍ତ୍ର ଧରି ଗଣ୍ଡଗୋଳ କରୁଥିବାରୁ ଯୁବତୀ ଜଣକ ଏ ନେଇ ଗତ ୧୬ ତାରିଖରେ ବନ୍ତଲା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ତୁରନ୍ତ ନଂ. ୨୫୯/୨୫ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ୧୭ ତାରିଖ ରାତିରେ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ଘଟଣା ଜଣାପଡ଼ିବା ପରେ ଅନୁଗୋଳ ଜିଲା କଂଗ୍ରେସ ପକ୍ଷରୁ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଦଳୀୟ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ କରାଯାଇଥିଲା। ଏଥିରେ ଜିଲା କଂଗ୍ରେସ ସଭାପତି ଅମ୍ବିକା ଭଟ୍ଟ, ମହିଳା ନେତ୍ରୀ ଅଲକା ରାଣୀ ମହାପାତ୍ର, ସୁନିଲ ପ୍ରଧାନ, ଜିତେନ୍ଦ୍ର ସାହୁ ଉପସ୍ଥିତ ରହି ଭାଜପା ନେତୃତ୍ୱ ବ୍ୟକ୍ତି ବିଶେଷମାନେ ନାରୀ ନିର୍ଯାତନାକୁ ପ୍ରଶ୍ରୟ ଦେଉଥିବା ଅଭିଯୋଗ କରିବା ସହ ମହିଳାଙ୍କୁ ସୁରକ୍ଷା ପ୍ରଦାନ କରିବାକୁ ଦାବି କରିଥିଲେ। ରାଜ୍ୟରେ ମହିଳାମାନଙ୍କ ପ୍ରତି ଦିନକୁ ଦିନ ବଢ଼ି ଚାଲିଥିବା ନିର୍ଯାତନାକୁ ରୋକିବାରେ ବର୍ତ୍ତମାନର ସରକାର ବିଫଳ ହୋଇଛି ବୋଲି ଅଭିଯୋଗ କରିବା ସହ ଇସ୍ତଫା ଦେବାକୁ ଦାବି କରିଥିଲେ। ସେହିପରି ଜିଲା ବିଜେଡି କାର୍ଯ୍ୟାଳୟରେ ଜିଲା ସଭାପତି ବ୍ରଜକିଶୋର ପ୍ରଧାନଙ୍କ ନିର୍ଦ୍ଦେଶରେ ପୂର୍ବତନ ସଭାପତି ମହେନ୍ଦ୍ର ବସ୍ତିଆଙ୍କ ଅଧକ୍ଷତାରେ ଏକ ଖବରଦାତା ସମ୍ମିଳନୀ କରାଯାଇ ସୁଦୀପ୍ତଙ୍କ ନାମରେ କୋହଳ ଦଫା ଲଗାଯାଇଥିବା ଅଭିଯୋଗ କରାଯାଇଥିଲା। ଯଦି ଅଭିଯୁକ୍ତଙ୍କ ବିରୋଧରେ ପୋଲିସ ଉଚିତ କାର୍ଯ୍ୟନୁଷ୍ଠାନ ନ ନିଏ ଦଳ ରାସ୍ତାକୁ ଓହ୍ଲାଇବ ବୋଲି ଯୁବନେତା ଅରୁଣାଭ ସିଂହ ଓ ଛାତ୍ର ଜନତା ଦଳ ସଭାପତି ରାଜୀବ ଲୋଚନ ପ୍ରମୁଖ ଚେତାବନୀ ଦେଇଥିଲେ।

## ପ୍ରଥମ ପୃଷ୍ଠାରୁ...

### 'ମହିଳା ସହାୟତା ...

ସରକାରୀ ମହାବିଦ୍ୟାଳୟ, ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ଓ ବେସରକାରୀ ମହାବିଦ୍ୟାଳୟ କ୍ୟାମ୍ପସ ପରିସରରେ ରହିଥିବା ପ୍ରମୁଖ ସ୍ଥାନଗୁଡିକରେ ମହିଳା ସହାୟତା ନମ୍ବର ୧୮୧ ଲେଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟଗୁଡ଼ିକରେ ଛାତ୍ରୀଙ୍କ ସମ୍ବନ୍ଧରେ ସଚେତନତା ପାଇଁ କର୍ମଶାଳା ଆୟୋଜନ କରି ୩ଦିନ ମଧ୍ୟରେ ଉଚ୍ଚଶିକ୍ଷା ବିଭାଗକୁ ଜଣାଇବାକୁ କୁହାଯାଇଛି। ଏଥିସହ କାର୍ଯ୍ୟସ୍ଥଳରେ ମହିଳାଙ୍କ ଯୌନ ଉତ୍ପୀଡନ (ନିବାରଣ, ନିଷେଧ ଓ ପ୍ରତିକାର) ଅଧିନିୟମ ୨୦୧୩ (ପୋସ ଧାରା ୨୦୧୩) ଓ ଏ ସଂକ୍ରାନ୍ତରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶାବଳୀକୁ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ କଡାକଡି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସଚେତନତା କର୍ମଶାଳାରେ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ, ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ସଦସ୍ୟମାନେ ଯୋଗଦେବେ। ପୋସ ଆକ୍ଟର ନିୟମାବଳୀକୁ କଡାକଡି ଭାବେ ପାଳନ କରିବା ପାଇଁ ଶପଥ ଗ୍ରହଣ କରିବେ। ସମସ୍ତ ଛାତ୍ରୀଛାତ୍ରଙ୍କ ପାଇଁ ଏକ ସଚେତନତାମୂଳକ କାର୍ଯ୍ୟକ୍ରମ କରାଯାଉ। ବିଶେଷକରି ଛାତ୍ରୀମାନଙ୍କ ଶାରୀରିକ, ମାନସିକ ଏବଂ ସାମାଜିକ-ଭାବପ୍ରବଣ ସୁସ୍ଥତା ପାଇଁ ଶିକ୍ଷାନୁଷ୍ଠାନଗୁଡିକରେ ଏକ ସୁରକ୍ଷିତ ପରିବେଶ ସୃଷ୍ଟି କରିବାକୁ କୁହାଯାଇଛି।

### କୋର୍ଟ ନ ହେଲେ ...

ସ୍ୱତନ୍ତ୍ର କୋର୍ଟ ଖୋଲିବା ନିମନ୍ତେ ଉଚ୍ଚ ନ୍ୟାୟିକ ସେବା ଅଫିସର, କର୍ମଚାରୀ ପଦବୀ ସୃଷ୍ଟି କରିବା, କୋର୍ଟରୁମ୍ ଏବଂ ମୌଳିକ ସୁବିଧା ସୁଯୋଗର ଆବଶ୍ୟକତା ରହିଥିବା ଖଣ୍ଡପୀଠ କହିଛନ୍ତି। ଖଣ୍ଡପୀଠଙ୍କ ନିର୍ଦ୍ଦେଶର ବିପରୀତରେ ଏକ ଧାରଣା ସୃଷ୍ଟି ହୋଇଥିଲା ଯେ, ବର୍ତ୍ତମାନର ଅଦାଲତଗୁଡ଼ିକୁ ଏନ୍‌ଆଇଏ ଆଇନ ଅଧୀନରେ ସ୍ୱତନ୍ତ୍ର କୋର୍ଟ ଭାବେ ନାମିତ କରାଗଲେ ଏହା ନିର୍ଦ୍ଦେଶନାମାର ଯଥେଷ୍ଟ ଅନୁପାଳନ ହୋଇପାରିବ। ଯଦି ହାଇକୋର୍ଟ ମୁଖ୍ୟ ବିଚାରପତିମାନେ ଏଥିରେ ରାଜି ହେବେ ଆମେ କେନ୍ଦ୍ର ଓ ମହାରାଷ୍ଟ୍ର ସରକାରଙ୍କ ଆବେଦନକୁ ସମ୍ପୂର୍ଣ୍ଣ ଖାରଜ କରିଦେବୁ। ତେବେ ଏହାଦ୍ୱାରା ବିଚାରାଧୀନ ବନ୍ଦୀ ଏବଂ ବୃଦ୍ଧ ବନ୍ଦୀ, ସମାଜର ବଞ୍ଚିତ ବର୍ଗ ଓ ଦୀର୍ଘଦିନ ଜେଲରେ ରହିଥିବା ଲୋକଙ୍କୁ ମୂଲ୍ୟ ଦେବାକୁ ପଡ଼ିବ ବୋଲି ଖଣ୍ଡପୀଠ କହିଛନ୍ତି। ୨୦୧୯ରେ ଆଇଇଡି ବିସ୍ଫୋରଣରେ ମହାରାଷ୍ଟ୍ରର ୧୫ ଜଣ ପୋଲିସ ନିହତ ହୋଇଥିଲେ। ଏହି ଘଟଣାରେ ଗଡଚିରୋଲିର ମାଓବାଦୀ ସମର୍ଥକ କୈଳାସ ରାମଚନ୍ଦ୍ରାନୀଙ୍କ ନାଁରେ ମାମଲା ରୁଜୁ ହୋଇଥିଲା। ତାଙ୍କ ଜାମିନ ଆବେଦନକୁ ସୁପ୍ରିମକୋର୍ଟ ମଞ୍ଜୁର କରିଛନ୍ତି।

### ହଟିଲା ରେଭେନ୍‌ଶା ...

ଜଣାପଡ଼ିଛି। ରେଭେନ୍‌ଶା କର୍ତ୍ତୃପକ୍ଷଙ୍କ ଅଜବ କଟକଣାକୁ ନେଇ ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏଭଳି ନିଷ୍ପତ୍ତି ଦ୍ୱାରା କ୍ୟାମ୍ପସରେ ମହିଳାଙ୍କ ସୁରକ୍ଷା କିପରି ନିଶ୍ଚିତ ରହିପାରିବେ ବୋଲି ପ୍ରଶ୍ନ ଉଠିଥିଲା। ଅନ୍ୟପକ୍ଷରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇଛି। ଏ ବାବଦକୁ ବାର୍ଷିକ ୬୦ ରୁ ୭୦ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି। ଏହାସତ୍ତ୍ୱେ ସେମାନେ ଅଣଛାତ୍ର ପ୍ରବେଶକୁ ରୋକିପାରୁନାହାନ୍ତି। ପ୍ରତିଦିନ କିଛି ନା କିଛି ଗଣ୍ଡଗୋଳ ଅଣଛାତ୍ରଙ୍କ ଯୋଗୁ ସୃଷ୍ଟି ହେଉଥିବାବେଳେ ସେମାନଙ୍କ ପ୍ରବେଶ ଉପରେ କୌଣସି କଟକଣା ରହୁନାହିଁ। କର୍ତ୍ତୃପକ୍ଷଙ୍କ ଏଭଳି ନିଷ୍ପତ୍ତିକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଇଥିଲା।

ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀଙ୍କ ଆତ୍ମାହୁତି ଘଟଣା ପରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ମହିଳା ସୁରକ୍ଷା ବ୍ୟବସ୍ଥାକୁ ନେଇ ତତ୍ପରତା ଦେଖାଦେଇଥିଲା। ଏଥିପାଇଁ ଗୁରୁବାର କୁଳସଚିବ କାହ୍ନୁଚରଣ ମଲ୍ଲିକଙ୍କ ଦ୍ୱାରା ଏକ ନିର୍ଦ୍ଦେଶନାମା (୧୭.୭.୨୦୨୫ ତାରିଖର ଅଫିସ ଅର୍ଡର ନମ୍ବର-୨୮୫୩) ଜାରି କରାଯାଇଥିଲା। ଶୁକ୍ରବାର ଏନେଇ ଘୋଷଣା ହେବାର କିଛି ସମୟ ପରେ ଅଫିସ ଅର୍ଡର ନମ୍ବର-୨୮୫୩କୁ ପ୍ରତ୍ୟାହାର କରିଦିଆଗଲା। କିନ୍ତୁ କଟକଣାରେ ଏହା ସୂଚିତ କରୁଛି ଯେ, ସୁରକ୍ଷା କର୍ମୀ ନିୟୋଜିତ ହେବା ସତ୍ତ୍ୱେ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ମହିଳା ଏବଂ ଛାତ୍ରୀଙ୍କ ପାଇଁ ଅସୁରକ୍ଷିତ। କେତେଜଣ ଛାତ୍ରୀ ଏହାର ବିରୋଧ କରି କହିଛନ୍ତି, କ୍ଲାସ ଶେଷ ହେବା ବେଳକୁ ଅପରାହ୍ନ ୫ଟା ହୋଇଯାଉଛି। ତେଣୁ ଏଭଳି କଟକଣା ଲଗାଇଲେ ଛାତ୍ରୀମାନଙ୍କ ସ୍ୱାଧୀନତା ହ୍ରାସ ପାଇବ। ଏହା ବଦଳରେ ଅଣଛାତ୍ର ପ୍ରବେଶ ରୋକିବାକୁ କଟକଣା କରାଗଲେ କ୍ୟାମ୍ପସରେ ଛାତ୍ରୀମାନେ ସୁରକ୍ଷିତ ହୋଇପାରିବେ ବୋଲି କହିଛନ୍ତି। ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍ ଅସୁରକ୍ଷିତ ବୋଲି ଅଭିଯୋଗ କରି ପୂର୍ବରୁ ଅନେକ ଥର ଛାତ୍ରୀଛାତ୍ରଙ୍କ ସମେତ ଅଧ୍ୟାପିକା, ଅଧ୍ୟାପକଗଣ ପ୍ରତିବାଦର ସ୍ୱର ଉଠାଇଛନ୍ତି। ବିଶ୍ୱବିଦ୍ୟାଳୟ ପରିସରରେ ଶୋଭାଯାତ୍ରା ମଧ୍ୟ କରିଛନ୍ତି। ତେବେ ଏ ସମ୍ପର୍କରେ କୁଳସଚିବଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ।

## ମହିଳାଙ୍କ ସ୍ୱାଧୀନତା ଉପରେ ସରକାରଙ୍କ ଆଭିମୁଖ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି: ବିଜେଡି

ଭୁବନେଶ୍ୱର,୧୮।୭ (ସୁନିତ୍ ମିଶ୍ର)

ମହିଳାମାନେ ଅପରାହ୍ନ ୫.୩୦ ପରେ କାର୍ଯ୍ୟସ୍ଥଳୀରେ ରହିପାରିବେ ନାହିଁ ବୋଲି ଏକ ଅଫିସ୍ ଅର୍ଡର ଶୁକ୍ରବାର ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ବିଜ୍ଞପ୍ତି ପ୍ରକାଶ ପାଇବାର କିଛି ସମୟ ପରେ ଏହାକୁ ପ୍ରତ୍ୟାହାର କରିଦିଆଯାଇଥିଲା। ଏହାକୁ ନେଇ ମହିଳାଙ୍କ ସ୍ୱାଧୀନତା ନେଇ ସରକାରଙ୍କ ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇ ବିଜେଡି ତୀବ୍ର ସମାଲୋଚନା କରିଛି। ଶଙ୍ଖ ଭବନଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ମହିଳାଙ୍କୁ ସ୍ୱାଧୀନତା ପ୍ରଦାନ କ୍ଷେତ୍ରରେ ସରକାରଙ୍କ ଆଭିମୁଖ୍ୟ ଏହି ବିଜ୍ଞପ୍ତିରୁ ସ୍ପଷ୍ଟ ହେଉଛି। ରାଜ୍ୟରେ ମହିଳାମାନଙ୍କ ଉପରେ ଅତ୍ୟାଚାର ଦିନକୁ ଦିନ ବୃଦ୍ଧି ପାଇଚାଲିଥିବା ବେଳେ ରାଜ୍ୟ ସରକାର ମହିଳାଙ୍କୁ ସୁରକ୍ଷା ପ୍ରଦାନରେ ବିଫଳ ହୋଇଛନ୍ତି ବୋଲି ଏହା ଏକ ପ୍ରମାଣ ସ୍ୱରୂପ ଉଭାହୋଇଛି। ନିଃସନ୍ଦେହରେ ଏହି ତାଲିବାନୀ ବିଜ୍ଞପ୍ତି ରାଜ୍ୟ ସରକାରଙ୍କ ମହିଳା ସ୍ୱାଧୀନତା ବିରୋଧୀ ମନୋଭାବକୁ ଦର୍ଶାଇଛି। ଏହି ବିଜ୍ଞପ୍ତି ରେଭେନ୍‌ଶା ପରି ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟରେ ମହିଳାଙ୍କ ସ୍ୱାଧୀନତା ଉପରେ ଅଙ୍କୁଶ ଲଗାଇବା ଉଦ୍ୟମ ବିଶ୍ୱବିଦ୍ୟାଳୟ ଇତିହାସରେ ସବୁଦିନ ପାଇଁ ଏକ କଳଙ୍କମୟ ଅଧ୍ୟାୟ ହୋଇ ରହିବ। ଭାଜପା ସରକାରଙ୍କ ଶାସନରେ ଆସିଥିବା ଏହି ବିଜ୍ଞପ୍ତି ଓଡ଼ିଶା ପାଇଁ ଆଉ ଥରେ ଲଜ୍ଜା ଓ ନିନ୍ଦା ଆଣିଛି। ଏହି ବିଜ୍ଞପ୍ତିକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ଏହାକୁ ପ୍ରତ୍ୟାହାରକରି ଦିଆଯାଇଥିଲା। ଏହି ତାଲିବାନୀ ବିଜ୍ଞପ୍ତି କିଭଳି ଭାବେ ପ୍ରକାଶ ପାଇଲା ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ସ୍ପଷ୍ଟୀକରଣ ରଖିବା ପାଇଁ ବିଜେଡି ଦାବି କରୁଛି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାରଙ୍କ ସ୍ୱାକ୍ଷରରେ ଏହି ବିଜ୍ଞପ୍ତି ପ୍ରକାଶ ପାଇଥିବାରୁ ତୁରନ୍ତ ତାଙ୍କୁ ନିଲମ୍ବନ କରିବା ପାଇଁ ଲେନିନ୍ ଦାବି କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବା ସହ ପାରିବାରିକ ଜୀବନରେ ସ୍ନେହ, ସହାନୁଭୂତିର ଅଭାବ ରହିବ ନାହିଁ। ଆବଶ୍ୟକତା ପୂରଣ ସକାଶେ କରଜ କରିବାକୁ ବନ୍ଧୁଙ୍କୁ ଅନୁରୋଧ କରିବାକୁ ପଡ଼ିପାରେ। ଜନ୍ମ ଚନ୍ଦ୍ର ଯୋଗୁ ଦୂରଯାତ୍ରା, ବିବାଦ, ଗୃହାରମ୍ଭ ଆଦି କାର୍ଯ୍ୟରେ ସମସ୍ୟା ଉପୁଜିପାରେ।

**ବୃଷ** ଶନିଙ୍କ ଦୃଷ୍ଟିରେ ଶୁକ୍ର ରହିଥିବାରୁ କୌଣସି ବିଜାତୀୟ ବ୍ୟକ୍ତିଙ୍କ ଦ୍ୱାରା ଅର୍ଥହାନିର ଯୋଗ ରହିଛି। ବନ୍ଧୁଙ୍କ କାର୍ଯ୍ୟଶୈଳୀକୁ ନାପସନ୍ଦ କରି ଅପ୍ରିୟତା ଅର୍ଜନ କରିବେ। ଆସନ୍ତାକାଲିର ଆନୁଷ୍ଠାନିକ କାମ ସକାଶେ ଧାଁ ଧଉଡ କରିବାକୁ ପଡ଼ିବ। ବନ୍ଧୁଙ୍କ ସହାୟତାରେ ବ୍ୟବସାୟ ଏବଂ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ।

**ମିଥୁନ** ଧନାଧିପତି ଏକାଦଶସ୍ଥ ଯୋଗୁ ଅର୍ଥଲାଭ ହେଲେ ମଧ୍ୟ ପାପଗ୍ରହ ପ୍ରଭାବରୁ ଝିନଝଟ୍ ଭିତରେ ଗତି କରିବାକୁ ପଡ଼ିବ। ସାଧାରଣ କଥାରେ ଉତ୍ତେଜିତ ହେବା ଦ୍ୱାରା ପଡ଼ୋଶୀଙ୍କ ସହ ସମ୍ପର୍କ ହ୍ରାସ ଘଟିପାରେ। କର୍ମକ୍ଷେତ୍ରର ସମସ୍ୟାକୁ କେନ୍ଦ୍ରକରି ମାନସିକ ସ୍ଥିରତା ରହିବନାହିଁ। ମକଦ୍ଦମାରେ ବିଚାର ବିଳମ୍ବିତ ହେବ।

**କର୍କଟ** ଆଜି ସହକର୍ମୀଙ୍କ କୂଟନୀତି ଓ ଆତ୍ମୀୟଙ୍କ ବେଖାତିର କଥା ସକାଶେ ଅନୁତାପ କରିପାରନ୍ତି। ବନ୍ଧୁଙ୍କ ଆଶ୍ୱାସନା କ୍ରମେ ଅର୍ଥ ସମ୍ପର୍କୀୟ ଅନୁଚିନ୍ତା ସାୟାହ୍ନେ ଦୂର ହେବ। ଚନ୍ଦ୍ର କର୍ମକ୍ଷେତ୍ରରେ ଥିବାରୁ ଦୀର୍ଘ ଦିନରୁ ଅଟକି ରହିଥିବା କର୍ମକ୍ଷେତ୍ରର ସ୍ଥିତି ଅନୁକୂଳ ହୋଇପାରେ। ପାରିବାରିକ ସ୍ତରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ।

**ସିଂହ** ଆଜି ଆବଶ୍ୟକ ଟଙ୍କା ପଇସା ଯୋଗାଡ ସକାଶେ ବିଭିନ୍ନ ପ୍ରକାରର ଯୋଜନା କରିପାରନ୍ତି। ସହକର୍ମୀଙ୍କ ସହ କର୍ମ କ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ୍ଚ ଘଟିପାରେ। ଶିଳ୍ପ,ବାଣିଜ୍ୟ ଓ ପରିବହନ, ଏଜେନ୍ସି, ଗଣ ଯୋଗାଯୋଗ ଓ ସାମ୍ବାଦିକତାରେ ପ୍ରଂଶସିତ ହେବେ। ମଙ୍ଗଳଙ୍କ ଦୁର୍ବଳତା କାରଣରୁ ପାରିବାରିକ ସ୍ଥିତି ବିଶେଷ ଭଲ ରହି ନପାରେ।

**କନ୍ୟା** ଅଷ୍ଟମ ଚନ୍ଦ୍ରଙ୍କ ପ୍ରଭାବରୁ ଆପଣଙ୍କ ସ୍ଥଗିତ ପ୍ରାପ୍ୟଅର୍ଥ ପାଇବାର ସମ୍ଭାବନା ଦେଖାଦେଇପାରେ। ବହୁପୂର୍ବରୁ ମନେ ମନେ ଭାବିଥିବା ନୂତନ କାର୍ଯ୍ୟଟିକୁ ଆରମ୍ଭକରି କୃତକାର୍ଯ୍ୟ ହେବେ। କଠିନ ପରିଶ୍ରମ ଜନିତ କ୍ଲାନ୍ତି ଓ ଅବସାଦ ଦଖାଦେଇପାରେ। ସାଧାରଣ କଥାରେ ତର୍କବିତର୍କ କାରଣରୁ ଭାଙ୍ଗିପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ।

**ତୁଳା** ସ୍ଥଗିତ କାମଟି ଆଜି ପୂର୍ଣ୍ଣାଙ୍ଗ କରିବା କଷ୍ଟକର ହୋଇପାରେ। କୌଣସି ଜିନିଷ କ୍ରୟ କରିବା ସକାଶେ ହଠାତ୍ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ଅନୁଭବ କରିବେ। ଘରକୁ ଆସିଥିବା ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ପରିବାରରେ ଝଗଡ଼ା ଲାଗିପାରେ। କର୍ମକ୍ଷେତ୍ରରେ, ସଭାସମିତିରେ,ସମ୍ମାନଲାଭ ଓ ପଦମର୍ଯ୍ୟାଦା ବୃଦ୍ଧିପାଇବ।

**ବିଛା** ଷଷ୍ଠସ୍ଥ ଚନ୍ଦ୍ର ଯୋଗୁ ଆଜିର କୌଣସି କାମ ସୁବିଧାରେ ହେବନାହିଁ। କାର୍ଯ୍ୟକୁ ତ୍ୱରାନ୍ୱିତ କରିବାରେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବାର ଆଶଙ୍କା ରହିଛି। ପ୍ରଶାସନିକ ସ୍ତରରେ ଅନ୍ୟମାନଙ୍କୁ ନିଜ କାମରେ ସହଭାଗିତା କରାଇପାରିବେ। ଅତୀତର ବିବାଦକୁ କେନ୍ଦ୍ରକରି ବନ୍ଧୁଙ୍କ ସହ ବାକ୍‌ବିତଣ୍ଡା ସୃଷ୍ଟି ହେବାର ସୂଚନା ରହିଛି।

**ଧନୁ** କର୍ମକ୍ଷେତ୍ରରେ ପ୍ରତିବନ୍ଧକ ରହିଥିଲେ ମଧ୍ୟ ଭାବୁଥିବା କଥାଟି ଆଜି ଯଥା ସମୟରେ ହୋଇଯିବ। ପରିବାରର ଆବଶ୍ୟକତାକୁ ଉପଲବ୍ଧିକରି ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିବେ। ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ବ୍ୟବସାୟ, ପରିବହନ, ଅର୍ଥ ସମ୍ପର୍କ, ଆନୁଷ୍ଠାନିକ କାମରୁ ମନ ଖୁସି ରହିବ।

**ମକର** ସ୍ଥଗିତ କାମଗୁଡ଼ିକ ସୁବିଧାରେ ସମ୍ପନ୍ନ କରିବା ସକାଶେ ବନ୍ଧୁଙ୍କ ସହଯୋଗର ଆବଶ୍ୟକତା ଅନୁଭବ କରିବେ। ବନ୍ଧୁଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହେବେ। କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ରରେ ଉନ୍ନତି ସହ ସୁନାମ ଅର୍ଜନ କରିବେ। ପ୍ରତ୍ୟାବର୍ତ୍ତନ ପଥରେ ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପାରନ୍ତି।

**କୁମ୍ଭ** ଭଲ ସମ୍ପର୍କ ନ ଥିବା ଲୋକ ଯେତେ ସମସ୍ୟା ସୃଷ୍ଟି କଲେ ମଧ୍ୟ କିଛି କରିପାରିବେ ନାହିଁ। ବ୍ୟବସାୟ ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହୋଇପାରେ। ଏକ ଭିନ୍ନ ପରିସ୍ଥିତିରେ ଦୀର୍ଘ ଦିନରୁ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ପରିବାରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ।

**ମୀନ** ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ସତର୍କରେ ନଚଳିଲେ ବିବାଦକୁ ଟାଣି ହୋଇପାରନ୍ତି। ପାରିବାରିକ ସମସ୍ୟା ସମାଧାନ କ୍ଷେତ୍ରରେ ବନ୍ଧୁଙ୍କ ହସ୍ତକ୍ଷେପ ଫଳରେ ପରିସ୍ଥିତିକୁ ସୁଧାରି ନେବେ। ଏକାଧିକ କାମରେ ହାତ ଦେଲେ ବ୍ୟସ୍ତତା ବଢ଼ିଯିବ। ଆଗାମୀ ମାଙ୍ଗଳିକ କାମ ସକାଶେ ଆତ୍ମୀୟଙ୍କ ପ୍ରେରଣାରୁ ଉପକୃତ ହୋଇପାରନ୍ତି।

ଆଜି ଜୁଲାଇ ୧୯ ତାରିଖ, ଶ୍ରାବଣ କୃଷ୍ଣ ନବମୀ ଯୁକ୍ତ ଦଶମୀ, ଶନିବାର। ସ୍ୱାମୀ ଶିବାନନ୍ଦଙ୍କ ମହାପ୍ରୟାଣ ଦିବସ, ରାଶି ନକ୍ଷତ୍ର-ଦ୍ୱିଜା/ମେଷ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଦଶମୀର ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୧୫ ଗତେ ଘ. ୦।୧୧ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୮।୩୭ ଗତେ, ଘ.୧୦।୧୫ ମଧ୍ୟେ ରାହୁ କାଳ।



'ଧରିତ୍ରୀ'ର ବିଜ୍ଞାପନ ଓ ବିପଣନ ବିଭାଗ ଭାଇସ୍-ପ୍ରେସିଡେଣ୍ଟ ବିରଞ୍ଚି ନାରାୟଣ ଷେଣ୍ଡଙ୍କ ସ୍ୱେଚ୍ଛାକୃତ ଅବସର ବେଳେ ଶୁକ୍ରବାର ତାଙ୍କୁ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ସମ୍ବର୍ଦ୍ଧନା ଦେଉଛନ୍ତି।

# ୩୩ ବର୍ଷ ପରେ ରାୟ ପ୍ରକାଶ

## ଦୋଷୀଙ୍କ ଦଣ୍ଡବିଧାନକୁ ଦେଖିପାରିଲେନି ପୀଡ଼ିତ

**ନୀଳଗିରି, ୧୮।୭ (ପ୍ରଶାନ୍ତ ବିଶ୍ୱାଳ)**

ରାଜନୈତିକ ଆକ୍ରୋଶର ଶିକାର ହୋଇ ମରଣସହ ସଂଗ୍ରାମ କରୁଥିବା ଜଣେ ବ୍ୟକ୍ତିଙ୍କୁ ଶେଷରେ ୩୩ବର୍ଷ ପରେ ନ୍ୟାୟ ମିଳିଥିବା ବେଳେ ଦୋଷୀଙ୍କୁ ଦଣ୍ଡ ମିଳିଛି। ମାତ୍ର ଏହି ଖୁସିର ମୁହୂର୍ତ୍ତକୁ ଦେଖିବାକୁ ପୀଡ଼ିତ ଜଣକ ଆଉ ନାହାନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ମିତ୍ରପୁର ଚଣ୍ଡିପୁର ଗ୍ରାମରେ।

୧୯୯୨ ଅଗଷ୍ଟ ୧୭ତାରିଖରେ ମିତ୍ରପୁର ଚଣ୍ଡିପୁର ଗ୍ରାମର ମନ୍ମଥ ମହାନ୍ତି (ମୃଷା)ଙ୍କୁ ମିତ୍ରପୁର ବଜାରରେ ଅଯୋଧ୍ୟା ଗ୍ରାମର ଚନ୍ଦ୍ରଶେଖର ମିଶ୍ର ଏବଂ ତାଙ୍କର ୪ଜଣ ସହଯୋଗୀ ମରଣାନ୍ତକ ଆକ୍ରମଣ କରି ମୂର୍ଚ୍ଛିତ ଅବସ୍ଥାରେ ଛାଡ଼ି ପଳାଇଯାଇଥିଲେ। ଏନେଇ ନୀଳଗିରି ଥାନାରେ ମାମଲା (ନଂ. ୭୯/୧୯୯୨) ରୁଜୁ ହୋଇ ତଦନ୍ତ କରି ଅଭିଯୁକ୍ତଙ୍କୁ ଧାରା ୪୫୨/୩୦୭/୧୪୭/୧୪୮/୧୪୯ରେ ମାକଦ୍ଦମା ହୋଇ ପ୍ରଥମେ ବାଲେଶ୍ୱର କୋର୍ଟ ଏବଂ ପରେ ନୀଳଗିରି ଦୌରାଜଜଙ୍କ କୋର୍ଟରେ କେସ୍ ନଂ. ୨୩/୨୦୦୬, ୧୩୩/୧୯୯୬ରେ ବିଚାର ହୋଇ ଶୁକ୍ରବାର ରାୟ ପ୍ରକାଶ ପାଇଛି। ସହକାରୀ ଦୌରାଜଜ ସୁନନ୍ଦା ପ୍ରଧାନ ମୁଦାଲା ଚନ୍ଦ୍ରଶେଖର ମିଶ୍ର ଓ ରଘୁ ମୁଖୀଙ୍କୁ ଦୋଷୀ ସାବ୍ୟସ୍ତ କରି ଧାରା ୩୨୫/୧୪୯ରେ ୧ବର୍ଷ ସଶ୍ରମ କାରାଦଣ୍ଡ ସହ ୪ହଜାର ଟଙ୍କା ଜରିମାନା ଏବଂ ଧାରା ୪୫୨/୧୪୯ରେ ୧ବର୍ଷ ସଶ୍ରମ କାରାଦଣ୍ଡ ଓ ୪ହଜାର ଟଙ୍କା ଅନାଦେୟ ୧ମାସ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି।

ପ୍ରକାଶ ଥାଉ କି, ୨୦୧୫ ମସିହାରେ ପୀଡ଼ିତ ମନ୍ମଥ ମୃତ୍ୟୁବରଣ କରିସାରିଥିଲେ ହେଁ ବିଳମ୍ବରେ ହେଲେ ମଧ୍ୟ ନ୍ୟାୟ ପାଇଥିବାରୁ ପରିବାର ଲୋକେ ଖୁସିବ୍ୟକ୍ତ କରିଛନ୍ତି। ଉକ୍ତ ମକଦ୍ଦମାକୁ ଅତିରିକ୍ତ ପିପି ଅମରେନ୍ଦ୍ର ପଟ୍ଟନାୟକ ସରକାରଙ୍କ ତରଫରୁ ମାମଲା ପରିଚାଳନା କରୁଥିଲେ।

# କନ୍‌ଷ୍ଟେବଲଙ୍କୁ ପେଟ୍ରୋଲ ଢାଳି ପୋଡ଼ିବାକୁ ଉଦ୍ୟମ

**ନାଉଗାଁ, ୧୮।୭ (ସୁଧା ବେହୁରା)**

**ଜେଲ ଗଲେ ଅଭିଯୁକ୍ତ**



ଅଭିଯୁକ୍ତ ଭଗବାନ ସ୍ୱାଇଁ

ଥାନାରେ କର୍ମଚାରୀମାନେ ନିଜ କାର୍ଯ୍ୟରେ ବ୍ୟସ୍ତ ଥିଲେ। ହଠାତ୍ ଜଣେ ବ୍ୟକ୍ତି ସାଙ୍ଗରେ ପେଟ୍ରୋଲ ବୋତଲ ଓ ଦିଆସିଲି ନେଇ ପହଞ୍ଚିଥିଲେ। କେହି କିଛି ଭାବିବା ପୂର୍ବରୁ ସମ୍ପୃକ୍ତ ବ୍ୟକ୍ତି ଥାନାରେ କାର୍ଯ୍ୟରତ ଜଣେ କନଷ୍ଟେବଲ୍‌ଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇବାକୁ ଉଦ୍ୟମ କରିଛନ୍ତି। ଏହି ସମୟରେ ସେଠାରେ କାର୍ଯ୍ୟରତ ଅନ୍ୟ କର୍ମଚାରୀମାନେ ତାଙ୍କୁ କାବୁ କରିନେଇଥିଲେ। ଜଗତ୍‌ସିଂହପୁର ଜିଲା ନାଉଗାଁ ଥାନାରେ ଶୁକ୍ରବାର ପୂର୍ବାହ୍ନ ପାୟ ୧୧ଟା ବେଳେ ଏହି ଘଟଣା ଘଟିଛି। ଏହି ଥାନା ଅନ୍ତର୍ଗତ ଓଷକଣା ଗ୍ରାମର ଭଗବାନ ସ୍ୱାଇଁ ଶୁକ୍ରବାର ନାଉଗାଁ ଥାନାରେ କାର୍ଯ୍ୟରତ କନ୍‌ଷ୍ଟେବଲ ଶ୍ରୀକାନ୍ତ କଅଁରଙ୍କୁ ପୋଡିଦେବାକୁ ଉଦ୍ୟମ କରି ବିଫଳ ହୋଇଛନ୍ତି। ଥାନାର ଅନ୍ୟ କର୍ମଚାରୀଙ୍କ ସହାୟତାରେ ତାଙ୍କୁ ଧରାଯାଇ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସ୍ୱାଇଁଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏନେଇ ଥାନାରେ ମାମଲା (ନଂ. ୨୦୦/୨୫) ରୁଜୁ ହୋଇଛି। ସ୍ୱାଇଁ କାହିଁକି କଅଁରଙ୍କୁ ପୋଡିଦେବାକୁ ଉଦ୍ୟମ କରୁଥିଲେ ସେ ବିଷୟରେ ଥାନାଧିକାରୀ ପ୍ରଦୀପ୍ତ କାନୁନଗୋ କୌଣସି ସ୍ପଷ୍ଟ ସୂଚନା ଦେଇନାହାନ୍ତି। ତେବେ ସ୍ୱାଇଁ ପୂର୍ବରୁ ଅନେକ ପ୍ରଶାସନିକ ଅଧିକାରୀଙ୍କୁ ଆକ୍ରମଣ କରି ଜେଲ ଯାଇଥିବା କାନୁନ୍‌ଗୋ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ୧୯୯୪ରେ କୌଣସି ଦୁର୍ବୃତ୍ତ ସ୍ୱାଇଁଙ୍କ ଘର ପୋଡି ଦେଇଥିଲେ। ଏହାପରେ ଘର ପୋଡି ସହାୟତା ପାଇଁ ସ୍ୱାଇଁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। କିନ୍ତୁ ତାଙ୍କୁ କୌଣସି ସାହାଯ୍ୟ ମିଳି ନ ଥିଲା। ସହାୟତା ପାଇଁ ସ୍ୱାଇଁ ବିଡିଓଙ୍କୁ ପିଟିଶନ ଦେବା ସହ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ପରେ ଉକ୍ତ ଘଟଣାର ତଦନ୍ତ ପାଇଁ ତତ୍କାଳୀନ ବିଡିଓ ରଶ୍ମିରେଖା ମଲିକ ଘଟଣା ସ୍ଥଳକୁ ଯାଇଥିବା ବେଳେ ସେଠାରେ ସ୍ୱାଇଁ ତାଙ୍କୁ ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏହାପରେ ସ୍ୱାଇଁଙ୍କ ନାମରେ ଥାନାରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଅପରପକ୍ଷେ ଘରପୋଡି ଘଟଣାରେ ନ୍ୟାୟ ନ ପାଇବାରୁ ସ୍ୱାଇଁ ମାନବ ଅଧିକାର ଆୟୋଗଙ୍କ ଦ୍ୱାରସ୍ଥ ହୋଇଥିଲେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।




# ଆଇଟିଇଆର୍ କଲେଜରେ ଅଗ୍ନିକାଣ୍ଡ

## ୬୫ ଛାତ୍ରୀଛାତ୍ରଙ୍କୁ ଉଦ୍ଧାର କଲା ଅଗ୍ନିଶମ ଟିମ୍

**ଭୁବନେଶ୍ୱର, ୧୮।୭ (ସତ୍ୟଜିତ୍ ରାଉତ)**

ଭୁବନେଶ୍ୱର ଜାଗମରାସ୍ଥିତ ଆଇଟିଇଆର୍ ଇଞ୍ଜିନିୟରିଂ କଲେଜରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟିଛି। କଲେଜ ଅଡିଟୋରିୟମର ଦ୍ୱିତୀୟ ମହଲାରେ ଏହି ଅଘଟଣ ଘଟିଥିବା ବେଳେ ଏଥିରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଅଗ୍ନିଶମ ଟିମ୍ ଦେଢ଼ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ପରିଶ୍ରମ କରି ନିଆଁକୁ ଆୟତ୍ତ କରିବା ସହ ତୃତୀୟ ମହଲାସ୍ଥିତ କମ୍ପ୍ୟୁଟର ଲାବ୍‌ରେ ଫସି ରହିଥିବା ୬୫ଜଣ ଛାତ୍ରୀଛାତ୍ରଙ୍କୁ ଉଦ୍ଧାର କରିଥିଲା। ରାଜ୍ୟ ଅଗ୍ନିଶମ ବିଭାଗ ପକ୍ଷରୁ ଏକ୍ସ ଜରିଆରେ ଏହି ସୂଚନା ଦିଆଯାଇଛି। ତେବେ ଜଣେ ଛାତ୍ର ଧୂଆଁର ଅଣନିଃଶ୍ୱାସୀ ହୋଇପଡିଥିବାରୁ ତାଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏସିରୁ ଶର୍ଟ ସର୍କିଟ୍ ହୋଇ ଅଗ୍ନିକାଣ୍ଡ ଘଟିଥିଲା ବୋଲି ଭୁବନେଶ୍ୱର ଡେପୁଟି ଫାୟାର ଅଫିସର ନାରାୟଣ ଦାସ କହିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, କଲେଜ କୋଠାର ଦ୍ୱିତୀୟ ମହଲାରେ ନିଆଁ ଲାଗି ବହୁମାତ୍ରାରେ ଧୂଆଁ ବାହାରୁଥିବା ଦେଖିବାକୁ ମିଳିଥିଲା। ଏନେଇ ପୂର୍ବାହ୍ନ ପ୍ରାୟ ୧୧ଟା ୫୩ରେ ଅଗ୍ନିଶମ ବିଭାଗକୁ ଖବର ମିଳିଥିଲା। ଭୁବନେଶ୍ୱର, ସେକ୍ରେଟାରିଆଟ୍, ତମାଣ୍ଡୋ ଅଗ୍ନିଶମ କେନ୍ଦ୍ର ଓ ଷ୍ଟ୍ରାଇକିଂ ଫୋର୍ସର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁଲିଭା କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ। ଏଥିରେ ୫ଟି ପାଣିଭର୍ତ୍ତି ଦମକଳ ଗାଡି ମଧ୍ୟ ନିୟୋଜିତ ହୋଇଥିଲା। ତେବେ ତୃତୀୟ ମହଲାରେ ଥିବା ଲାବ୍‌ରେ ତାଲିମ୍ କାର୍ଯ୍ୟକ୍ରମ ଚାଲିଥିବା ବେଳେ ଛାତ୍ରୀଛାତ୍ର ସେଠାରେ ଫସି ରହିଥିଲେ। ସେମାନେ ଧୂଆଁ ଭିତରେ ଆତଙ୍କିତ ହୋଇପଡିଥିଲେ। ଏପରିକି ସେମାନେ ସେଠାରୁ ତୁରନ୍ତ ସୁରକ୍ଷିତ ସ୍ଥାନକୁ ଆସିପାରି ନ ଥିଲେ। ଡେପୁଟି ଫାୟାର ଅଫିସର ଦାସଙ୍କ ସମେତ ପ୍ରାୟ ୫୦ଜଣ କର୍ମଚାରୀ ନିଆଁଲିଭା ସହ ଛାତ୍ରୀଛାତ୍ରମାନଙ୍କୁ ସୁରକ୍ଷିତ ଉଦ୍ଧାର କରିଥିଲେ। ତେବେ ସୌଭାଗ୍ୟବଶତଃ ଅଗ୍ନିକାଣ୍ଡ ଘଟିଥିବା ଦ୍ୱିତୀୟ ମହଲାରେ କୌଣସି ଛାତ୍ରୀଛାତ୍ର କିମ୍ବା କର୍ମଚାରୀ ନ ଥିଲେ। ଦ୍ୱିତୀୟ ମହଲାର ସିଲିଂ, ଛାତ୍ରୀଛାତ୍ରଙ୍କ ପାଇଁ ରଖାଯାଇଥିବା ବ୍ଲେଜର, ଚେୟାର ଆଦି ଜଳି ନଷ୍ଟ ହୋଇଛି। ଅଗ୍ନି ନିରାପତ୍ତା ବ୍ୟବସ୍ଥା ଫାୟାର ହାଇଡ୍ରାଣ୍ଟ, ହୋସ୍ ରିଲ୍ ଆଦିରେ ପ୍ରଥମେ କଲେଜ କର୍ତ୍ତୃପକ୍ଷଙ୍କ ପକ୍ଷରୁ ନିଆଁ ଲିଭାଯାଇଥିଲା।

# ଏଫ୍‌ଏମ୍ କଲେଜରେ ୟୁଜିସି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍



ଅଧ୍ୟକ୍ଷଙ୍କ ଚାମ୍ବର ସମ୍ମୁଖରେ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍।

**ସୌମ୍ୟାଶ୍ରୀ ଆତ୍ମାହୁତି ମାମଲା**

- **କ୍ରାଇମବ୍ରାଞ୍ଚ ଟିମ୍‌ର ଚତୁର୍ଥ ପର୍ଯ୍ୟାୟ ତଦନ୍ତ**
- **ଦ୍ୱିତୀୟ ପର୍ଯ୍ୟାୟରେ ଉଚ୍ଚଶିକ୍ଷା ବିଭାଗର ତଦନ୍ତ କମିଟି**

**ବାଲେଶ୍ୱର, ୧୮।୭ (ବାଞ୍ଛାନିଧି ଦେ)**

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଇଣ୍ଟିଗ୍ରେଟେଡ୍ ବିଏଡ୍‌ର ଦ୍ୱିତୀୟ ବର୍ଷର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଘଟଣାକୁ ନେଇ ସାରା ରାଜ୍ୟରେ ଅସନ୍ତୋଷର ନିଆଁ ଜଳୁଛି। ଆକ୍ରୋଶ ଓ ବିକ୍ଷୋଭ ଭିତରେ ମାମଲା ଉପରୁ ପରଦା ହଟାଇବା ପାଇଁ ଜୋରଦାର ଚାଲିଛି ତନାଘନା। ଆତ୍ମାହୁତି ଘଟଣାର ପ୍ରକୃତ ରହସ୍ୟ ଜାଣିବା ପାଇଁ ଶୁକ୍ରବାର ମହାବିଦ୍ୟାଳୟରେ ପହଞ୍ଚିଛନ୍ତି ୟୁଜିସି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍, କ୍ରାଇମବ୍ରାଞ୍ଚ ଟିମ୍ ଓ ଉଚ୍ଚଶିକ୍ଷା ବିଭାଗର ଉଚ୍ଚସ୍ତରୀୟ ତଦନ୍ତ କମିଟି।

ୟୁଜିସି ଫ୍ୟାକ୍ଟ ଫାଇଣ୍ଡିଂ କମିଟିର ୪ଜଣିଆ ଟିମ୍ ଦିଲ୍ଲୀରୁ ଆସି ବାଲେଶ୍ୱରରେ ପହଞ୍ଚିଥିଲେ। ପ୍ରଫେସର ରାଜକୁମାର ମିତ୍ତଲଙ୍କ ଅଧ୍ୟକ୍ଷତାରେ ପ୍ରଫେସର ସୁଷମା ଯାଦବ, ଡ. ନୀର୍ଜା ଗୁପ୍ତା ପ୍ରକାଶ ଓ ୟୁଜିସିର ଯୁଗ୍ମ ସଚିବ ଡ. ଅସୀମା ମଙ୍ଗଲା ମହାବିଦ୍ୟାଳୟରେ ପହଞ୍ଚି ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଫିରୋଜ ପାଢ଼ୀଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ଯେଉଁ ସ୍ଥାନରେ ସୌମ୍ୟାଶ୍ରୀ ଆତ୍ମାହୁତି ଦେଇଥିଲେ ସେହି ସ୍ଥାନରେ ପହଞ୍ଚି ତଦନ୍ତ କରିଥିଲେ। ଆଣ୍ଟି ହାରାସ୍‌ମେଣ୍ଟ ସେଲ୍, ଆଇସିସି କମିଟିର ସଦସ୍ୟ ଓ ଅନ୍ୟମାନଙ୍କୁ ପଚରାଉଚରା କରିଥିଲେ। ଇଣ୍ଟିଗ୍ରେଟେଡ୍ ବିଏଡ୍ ବିଭାଗର ୭ଜଣ ଛାତ୍ରୀଛାତ୍ରଙ୍କୁ ତଦନ୍ତ ପରିସରଭୁକ୍ତ କରିଥିଲା ଏହି ଟିମ୍। ଦୀର୍ଘ ୫ ଘଣ୍ଟା ଧରି ତଦନ୍ତ ପରେ ଏହି ଟିମ୍ ଫେରିଥିଲା। ଶନିବାର ମଧ୍ୟ ଏହି ଟିମ୍ ପୁଣି ତଦନ୍ତ କରିବ। ତଦନ୍ତ ସମ୍ପର୍କରେ ଟିମ୍ ପକ୍ଷରୁ ଗଣମାଧ୍ୟମକୁ କୌଣସ ସୂଚନା ଦିଆଯାଇ ନ ଥିଲା।

ଅପରପକ୍ଷରେ କ୍ରାଇମବ୍ରାଞ୍ଚର ଗୋଟିଏ ଟିମ୍ କଲେଜରେ ତଦନ୍ତ ଚଳାଇଥିବା ବେଳେ ଆଉ ଗୋଟିଏ ଟିମ୍ ମୃତ ଛାତ୍ରୀଙ୍କ ଗାଁ ପଳାସିଆକୁ ଯାଇଥିଲା। ସେଠାରେ ଛାତ୍ରୀଙ୍କ ମା'ବାପା, ଭାଇଙ୍କୁ ପଚରାଉଚରା କରି ଫେରିଥିଲା। କ୍ରାଇମବ୍ରାଞ୍ଚ ସିଏଡବ୍ଲ୍ୟୁ ଓ ସିଡବ୍ଲ୍ୟୁ ଶାଖାର ଡିଏସ୍‌ପି ଇମାନକଲ୍ୟାଣ ନାୟକ ଓ ଇନ୍ସପେକ୍ଟର ପାଞ୍ଚାଲି ରାଉତ ମହାବିଦ୍ୟାଳୟରେ ଚତୁର୍ଥ ପର୍ଯ୍ୟାୟରେ ତଦନ୍ତ ରିପୋର୍ଟ ସଂଗ୍ରହ କରିଥିଲେ।

ସେହିପରି ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳିପ୍ରସନ୍ନ ମହାପାତ୍ରଙ୍କ ନେତୃତ୍ୱରେ ଏକ ୩ଜଣିଆ ଟିମ୍ କଲେଜରେ ପହଞ୍ଚି ବିଭିନ୍ନ ଦିଗକୁ ନେଇ ଖୋଳତାଡ଼ ଆରମ୍ଭ କରିଛନ୍ତି। କମିଟିର ଭୂମିକା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବାରୁ ଆଇସିସିର ସଦସ୍ୟମାନଙ୍କୁ ପଚରାଉଚରା କରିଥିଲେ। ଏହି ଟିମ୍ ଦୁଇ ଦିନ ବାଲେଶ୍ୱରରେ ରହି ବିଭିନ୍ନ ଦିଗରୁ ତଦନ୍ତ କରିବ। ଛାତ୍ରୀ ଜଣଙ୍କ ଆତ୍ମାହୁତି ଉଦ୍ୟମ କରିବା ପରେ ଏହି ଟିମ୍ କଲେଜକୁ ଆସି ପ୍ରାଥମିକ ରିପୋର୍ଟ ସଂଗ୍ରହ କରିଥିଲା।

ସୂଚନା ଯେ, ଛାତ୍ରୀ ସୌମ୍ୟାଶ୍ରୀ ଗତ ୧୨ ତାରିଖରେ କଲେଜ ପରିସରରେ ଆତ୍ମାହୁତି ଉଦ୍ୟମ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଥିଲା। ଶରୀରର ୯୫ ପ୍ରତିଶତ ଅଂଶ ପୋଡ଼ି ଯାଇଥିବା ବେଳେ ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ହୋଇଥିଲା। ସୋମବାର ରାତିରେ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଅଧ୍ୟକ୍ଷ ଦିଲୀପ ଘୋଷ ଓ ଏଚ୍‌ଓଡି ସମୀର ସାହୁଙ୍କୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିଲମ୍ବନ କରାଯାଇଥିଲା। ଏହାପରେ ପୋଲିସ ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ୨୧ରେ ସବୁ ଆର୍‌ଡିସି ଅଫିସ୍ ଘେରିବ ବିଜେଡି

**ଭୁବନେଶ୍ୱର, ୧୮।୭ (ସୁନିତ୍ ମିଶ୍ର)**

ସୌମ୍ୟାଶ୍ରୀ ଆତ୍ମାହୁତି ଘଟଣାରେ ତାଙ୍କ ମୃତ୍ୟୁ ପାଇଁ ସରକାରଙ୍କ ବ୍ୟବସ୍ଥାକୁ ଦାୟୀକରି ଓ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ବିଜେଡି ପକ୍ଷରୁ ବିଭିନ୍ନ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଜାରି ରହିଛି। ସେହି କ୍ରମରେ ଆସନ୍ତା ୨୧ରେ ବିଜେଡି ପକ୍ଷରୁ ରାଜ୍ୟର ସବୁ ଆର୍‌ଡିସି ଅଫିସ ଘେରାଉ କାର୍ଯ୍ୟକ୍ରମ ହେବ ବୋଲି ଶୁକ୍ରବାର ଦଳ ପକ୍ଷରୁ ସୂଚନା ଦିଆଯାଇଛି।

ଶଙ୍ଖ ଭବନଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର କହିଛନ୍ତି, ସୌମ୍ୟାଶ୍ରୀଙ୍କ ଆତ୍ମହତ୍ୟା ଘଟଣା ସମଗ୍ର ରାଜ୍ୟବାସୀଙ୍କୁ ବ୍ୟଥିତ କରିଥିବା ବେଳେ ତାଙ୍କ ପରିବାରକୁ ନ୍ୟାୟ ପ୍ରଦାନ ଦାବିରେ ବିଜେଡ଼ି ପ୍ରତିବାଦ କାର୍ଯ୍ୟକ୍ରମ କରିଆସୁଛି। ଗତ ୧୪ ତାରିଖ ବିଳମ୍ବିତ ରାତିରେ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘୋଷଣା କରାଯାଇଥିଲା। ଗତ ୧୫ରେ ବିଜୁ ଛାତ୍ର ଓ ଯୁବ ଜନତା ଦଳ ପକ୍ଷରୁ ରାଜ୍ୟବ୍ୟାପୀ ଆନ୍ଦୋଳନ ଆରମ୍ଭ ହୋଇଥିଲା। ୧୬ରେ ବିଜେଡ଼ି ପକ୍ଷରୁ ଲୋକସେବା ଭବନ ଘେରାଉ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା, ଯେଉଁଥିରେ ସରକାରଙ୍କ ନିର୍ଦ୍ଦେଶରେ ପୋଲିସ ଆନ୍ଦୋଳନକାରୀଙ୍କ ଉପରେ ଆକ୍ରମଣ କରିଥିଲେ। ରାଜ୍ୟ ସରକାରଙ୍କ ଦାୟିତ୍ୱ ଓ ସମ୍ବେଦନହୀନତା ଲାଗି ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଏବଂ ଏହାର ତଦନ୍ତ ଉଚ୍ଚ ନ୍ୟାୟାଳୟର କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ବିଚାରବିଭାଗୀୟ ତଦନ୍ତ ପାଇଁ ବିଜେଡି ଦାବି କରିଛି। ସୌମ୍ୟାଶ୍ରୀଙ୍କୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ବିଜେଡି ଏହି ଆନ୍ଦୋଳନକୁ ତୀବ୍ରତର କରିବ ବୋଲି ଦେବୀ କହିଛନ୍ତି। ଏହି ଅବସରରେ ବିଧାୟକ ଗୌତମବୁଦ୍ଧ ଦାସ, ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀ ଓ ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର ଉପସ୍ଥିତ ଥିଲେ।

# 'ନିର୍ଭୟା ଆଇନ ଭଳି ସୌମ୍ୟାଶ୍ରୀ ଆଇନ ଅଣାଯାଉ'




ଖବରଦାତା ସମ୍ମିଳନୀରେ ଏବିଭିପି ଛାତ୍ର ନେତା।

**ନ୍ୟାୟିକ ତଦନ୍ତ ଦାବି କଲା ଏବିଭିପି**

**ବାଲେଶ୍ୱର, ୧୮।୭ (ବାଞ୍ଛାନିଧି ଦେ)**

ଶିକ୍ଷାନୁଷ୍ଠାନରେ ଯୌନ ନିର୍ଯାତନା ଏବଂ ଯୌନ ହିଂସା ବିରୋଧରେ କଠୋର ଆଇନ ପ୍ରଣୟନ ହେଉ। ନିର୍ଭୟା ଆଇନ ଭଳି ସୌମ୍ୟାଶ୍ରୀ ଆଇନ ଅଣାଯାଉ। ଯୌନ ନିର୍ଯାତନା ଦେଉଥିବା ଅପରାଧୀଙ୍କୁ ଫାଷ୍ଟଟ୍ରାକ୍ କୋର୍ଟ ମାଧ୍ୟମରେ କଠୋରତମ ଦଣ୍ଡବିଧାନ ହେଉ। ସୋସିଆଲ ମିଡିଆରେ ଝିଅମାନଙ୍କ ଦ୍ୱାରା କରାଯାଉଥିବା ଅଭିଯୋଗ ପ୍ରତି ରାଜ୍ୟ ସରକାର ସତର୍କ ଦୃଷ୍ଟି ଦିଅନ୍ତୁ ବୋଲି ଶୁକ୍ରବାର ବାଲେଶ୍ୱର ଗୋପାଳଗାଁସ୍ଥିତ ଆୟୁଷ୍ମାନ କଲ୍ୟାଣମଣ୍ଡପରେ ଏବିଭିପି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଦାବି ହୋଇଛି। ଏହି ସମ୍ମିଳନୀରେ ଏବିଭିପି ବାଲେଶ୍ୱର ବିଭାଗ ଛାତ୍ରୀ ପ୍ରମୁଖ ପ୍ରିୟାସା ମହାପାତ୍ର, ଜିଲା ସଂଯୋଜିକା ଜ୍ୟୋତିରେଖା ଭୂୟାଁ, ଜିଲା ସହସଂଯୋଜକ ଜିତମ କୁମାର ଦାସ, କାର୍ଯ୍ୟାଳୟ ସମ୍ପାଦକ ପରାଗ ରଞ୍ଜନ ଜେନା ଯୋଗଦେଇ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଘଟଣାର ମୁଖ୍ୟ ଅଭିଯୁକ୍ତ ବିଭାଗୀୟ ଏଚ୍‌ଓଡ଼ି ସମୀର ସାହୁ ଓ ତତ୍କାଳୀନ ଅଧ୍ୟକ୍ଷ ଦିଲୀପ ଘୋଷଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ମିଳୁ ବୋଲି କହିଥିଲେ। ଏଥିସହ ଇଣ୍ଟରନାଲ କମ୍ପ୍ଲେଣ୍ଟ କମିଟିର ସଦସ୍ୟଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ସୌମ୍ୟାଶ୍ରୀଙ୍କ ଅଭିଯୋଗ ଉପରେ ଯେଉଁ ଏନ୍‌ଏସ୍‌ୟୁଆଇ ଛାତ୍ର ସଂଗଠନ ନେତା ପ୍ରଶ୍ନ ଉଠାଇଥିଲେ, ସୋସିଆଲ ମିଡ଼ିଆରେ ଅଶାଳୀନ ମନ୍ତବ୍ୟ ଦେଇ ତାଙ୍କୁ ବଦନାମ୍ କରିଥିଲେ ସେମାନଙ୍କୁ ଆଇନ ଅନୁଯାୟୀ ଦଣ୍ଡିତ କରାଯିବା ଉଚିତ୍ ବୋଲି କହିଥିଲେ।

**ବନ୍ୟାରେ ବୁଡ଼ିଛି ଶ୍ମଶାନ**

# ଜନ୍ମମାଟିରେ ହୋଇପାରିଲାନି ସତ୍କାର, ସ୍ୱର୍ଗଦ୍ୱାର ନେଲେ ସମ୍ପର୍କୀୟ

**ବାଲିଆପାଳ (ଗୋପାଳ ଚନ୍ଦ୍ର ସାହୁ)/ କାଳିପଦା (ରାଜଶ୍ରୀ ପାଣିଗ୍ରାହୀ), ୧୮।୭**

ସୁବର୍ଣ୍ଣରେଖା ନଦୀର ଚତୁର୍ଥ ବନ୍ୟା ଶବ ସତ୍କାରରେ ବାଧକ ସାଜିଛି। ବନ୍ୟା ପାଇଁ ଜନ୍ମ ମାଟିରେ ଶବ ଦାହ ହୋଇପାରିଲାନି। ପରିବାର ଓ ଗାଁ ଲୋକ ଉଛୁଳା ବନ୍ୟା ଜଳରେ ପଶି ଶବକୁ କାନ୍ଧେଇ ୨ କି.ମି. ସ୍ୱର୍ଗରଥ ପର୍ଯ୍ୟନ୍ତ ନେଇଥିଲେ। ସେଠାରୁ ଶବକୁ ସ୍ୱର୍ଗଦ୍ୱାର ନିଆଯାଇଥିଲା। ଏଭଳି ଘଟଣା ଘଟିଛି ବାଲିଆପାଳ ବ୍ଲକ ମଧୁପୁରା ପଞ୍ଚାୟତ ଚୌଧୁରୀକୁଦ ଗ୍ରାମରେ।

ସୂଚନା ଅନୁଯାୟୀ, ସୁବର୍ଣ୍ଣରେଖା ନଦୀର ଗୋଟିଏ ମାସରେ ୪ ଥର ବନ୍ୟା ଆସି ବାଲିଆପାଳ ବ୍ଲକର ୯ଟି ପଞ୍ଚାୟତକୁ ପ୍ରଭାବିତ କରିଛି। ଗତ ଜୁନ୍ ୨୦ ତାରିଖରୁ ଜୁଲାଇ ୧୮ ତାରିଖ ପର୍ଯ୍ୟନ୍ତ ବନ୍ୟା ପାଣି ରାସ୍ତା ଉପରେ ପ୍ରବାହିତ ହେଉଛି। ଲୋକେ ଡଙ୍ଗା ସାହାଯ୍ୟରେ ଯାତାୟାତ କରୁଛନ୍ତି। ଏଭଳି ସମୟରେ ଶୁକ୍ରବାର ସକାଳେ ବାଲିଆପାଳ ବ୍ଲକ ମଧୁପୁରା ପଞ୍ଚାୟତର ଚୌଧୁରୀକୁଦ ଗ୍ରାମର ମଧୁସୂଦନ ପ୍ରମାଣିକ ନାମକ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା। ବନ୍ୟାଜଳ ଗାଁ ଚାରିପାଖରେ ବୁଡ଼ି ରହିଥିବାରୁ ଶବଦାହ ପାଇଁ ସ୍ଥାନ ନ ଥିଲା। ତେଣୁ ଶବ ସତ୍କାର ପାଇଁ ଜାଗା ନ ମିଳିବାରୁ ପରିବାର ଲୋକେ ତାଙ୍କୁ ପୁରୀ ସ୍ୱର୍ଗଦ୍ୱାରକୁ ସତ୍କାର କରିବା ପାଇଁ ସ୍ଥିର କରି ଗ୍ରାମରୁ ସ୍ୱର୍ଗରଥ ଗାଡି ପର୍ଯ୍ୟନ୍ତ ୨କି.ମି. ରାସ୍ତା ପ୍ରଖର ବନ୍ୟାସ୍ରୋତରେ ଶବକୁ କାନ୍ଧେଇ ନେଇଥିଲେ। ପରେ ପୁରୀ ସ୍ୱର୍ଗଦ୍ୱାର ଅଭିମୁଖେ ଯାତ୍ରା କରିଛନ୍ତି।



ବନ୍ୟାପାଣିରେ କାନ୍ଧରେ ଶବକୁ ନେଇ ଯାଉଛନ୍ତି ସମ୍ପର୍କୀୟ।

ଯଦି ତୁମେ କ୍ରୀତଦାସଟିଏ ନ ହୋଇ ମୁକ୍ତ ମଣିଷ ହେବାକୁ ଚାହ- ଯଦି ଏକ ଓ ଅବିଭକ୍ତ ହୋଇ ରହିବାକୁ ଚାହ- ଯଦି ତୁମେ ମୃତ୍ୟୁର ଅନ୍ଧାର ଭିତରେ ନ ରହି- ଅମର ହେବାକୁ ଚାହ- ଆଲୋକିତ ଜୀବନ ବଂଚିବାକୁ ଚାହ- ଯଦି ଆନନ୍ଦମୟ ଜୀବନ ବଞ୍ଚିବାକୁ ଚାହ- ଦୁର୍ବଳ ନ ହୋଇ ଶକ୍ତିମାନ ହେବାକୁ ଚାହ- ତେବେ ଅନନ୍ତ ମଧ୍ୟରେ ବାସ କର ଓ ଶାନ୍ତକୁ ଅଧିକାର କର। -ଶ୍ରୀଅରବିନ୍ଦ



# ଅସୀମ କାର୍ଯ୍ୟକାଳ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଗୋଟିଏ ସମୟରେ ସେବା ନିବୃତ୍ତ ଅନ୍ୟ କିଛି ବିଷୟକୁ ସୂଚିତ କରୁଥିଲା। ଏବେ ଏହା କାର୍ଯ୍ୟକାଳ ବୃଦ୍ଧି କିମ୍ବା ପୁନଃ ନିଯୁକ୍ତିର ଦିନ ହୋଇଗଲାଣି । କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ ଗୋବିନ୍ଦ ମୋହନ ଏବେ ଭାରତୀୟ କାର୍ଯ୍ୟକାଳ ବୃଦ୍ଧି କରାଯାଉଥିବା ଅଧିକାରୀ ଗୋଷ୍ଠୀରେ ସାମିଲ ହୋଇଛନ୍ତି। ସେପ୍ଟେମ୍ବର ୨୦୨୫ରେ ସେ ଅବସର ନେଇଥାଆନ୍ତେ ଏବଂ ଏହାପରେ ତାଙ୍କର କାର୍ଯ୍ୟକାଳ ସମ୍ପ୍ରସାରଣ ହେବାର ନ ଥିଲା। କିନ୍ତୁ ଏବେ ସେହି ପଦବୀରେ ସେ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ରହିବେ କିମ୍ବା ତା'ପର ଯାଏ ରହିପାରନ୍ତି। କ୍ୟାବିନେଟ ନିଯୁକ୍ତି କମିଟି (ଏସିସି) କାଗଜପତ୍ର କାମ ଶେଷ କରିଥିବା ଜଣାପଡ଼ିଛି। ଅବସର ତୁଳନାରେ କାର୍ଯ୍ୟକାଳ ବୃଦ୍ଧି ପରମ୍ପରା ଏବେ ଏକ ନିୟମିତ ଧାରା ହୋଇଗଲାଣି। କ୍ୟାବିନେଟ ସଚିବ ଏକ ବାର୍ଷିକ ନବୀକରଣ ଯୋଜନାରେ ହିଁ ବଞ୍ଚୁଛନ୍ତି। ଦୁଃଖର ବିଷୟ, ର'ର ରବି ସିହ୍ନା ଭାଗ୍ୟବାନ୍ ନୁହନ୍ତି। ତାଙ୍କର କାର୍ଯ୍ୟକାଳ ବଢ଼ିଲା ନାହିଁ। ର'ର ପରାଗ ଜୈନ ସେହି ପଦବୀରେ ରହିଲେ। ସେହିପରି ସବୁ ରାଜ୍ୟରେ ଏହା ଏକ ପରମ୍ପରା ହୋଇଗଲାଣି। ପଶ୍ଚିମବଙ୍ଗରେ ମୁଖ୍ୟ ସଚିବମାନେ ଅବସର ନେବା କ୍ୱଚିତ ଦେଖାଯାଏ। ସେମାନେ କେବଳ ଅଧିକ ପଦବୀ ଦଖଲ କରିଥାନ୍ତି। ଅନ୍ୟମାନଙ୍କ ଭାଗ୍ୟରେ ଏ ସୁଯୋଗ ଜୁଟେ ନାହିଁ। ସେମାନଙ୍କ ପାଳିକୁ ଅପେକ୍ଷା କରିଥିବା ବହୁ ଦକ୍ଷ ଅଧିକାରୀ ନିୟମ ଅନୁସାରେ ସବୁ ଆବଶ୍ୟକତା ପୂରଣ କରିଥିଲେ ମଧ୍ୟ ସେମାନେ ଏଯାବତ ଏହି ପଦବୀ ପାଇବାରେ ବିଫଳ ହେଲେ। ତାଙ୍କଠାରୁ ମାସେ ଜୁନିୟର ଥିବା ଅନେକ ଅଧିକାରୀ ଭାଗ୍ୟବାନ୍ ନ ଥିଲେ। ଏହି ସମୟରେ କାର୍ଯ୍ୟକାଳ ବୃଦ୍ଧି ସୁଯୋଗ ପାଇଥିବା ବାବୁଙ୍କ ଗୋଷ୍ଠୀ ଆଗକୁ ମାଡ଼ିଚାଲିଛନ୍ତି। ଅବସର କେବଳ କମ୍ ଗୁରୁତ୍ୱ ଥିବା ଲୋକଙ୍କ ପାଇଁ ଉଦ୍ଦିଷ୍ଟ।

### କୋଚିଂ ସେଣ୍ଟର ଅଡୁଆ

ଦୃଷ୍ଟି ଆଇଏଏସ୍‌ର ପ୍ରତିଷ୍ଠାତା ଡ. ବିକାଶ ଦିବ୍ୟକୀର୍ତ୍ତି ବିଶ୍ୱର ସବୁଠୁ କଠିନ ସିଭିଲ ସର୍ଭିସ ପରୀକ୍ଷାରେ ଅନେକ ଆଶାୟୀଙ୍କୁ କୃତକାର୍ଯ୍ୟ ହେବା ପାଇଁ ପ୍ରଶିକ୍ଷଣ ଦେଇଛନ୍ତି। ତେବେ ଏବକାର ନୀତିନିୟମ ସମ୍ପର୍କରେ ବୁଝିବା ତାଙ୍କ ପାଇଁ କଠିନ ହୋଇଛି। ଏକ ଭିଡିଓରେ, ନ୍ୟାୟପାଳିକାକୁ ଅପମାନ କଲା ଭଳି ଟିପଣୀ ଦେଇଥିବାରୁ ଆଜମେରର ଏକ କୋର୍ଟ ତାଙ୍କ ବିରୋଧରେ ମାନହାନି ଅଭିଯୋଗକୁ ଗମ୍ଭୀରତାର ସହ ନେଇଛନ୍ତି। ଶ୍ରେଣୀ କକ୍ଷରେ ପଢ଼ାଇବା ଭଳି ବିଚାରପତି ଓ ବାବୁମାନଙ୍କୁ ତୁଳନା କରି ସେ ଏକ ଦୀର୍ଘ ଭାଷଣ ଦେଇଥିଲେ। ସମ୍ଭବତଃ ତାଙ୍କ ସ୍ୱର କଡ଼ା ନ ଥିଲେ ମଧ୍ୟ ନ୍ୟାୟିକ ପଦକ୍ଷେପ ପାଇଁ ଏହା ବିସ୍ଫୋରକ ବୋଲି ଗ୍ରହଣ କରାଗଲା। ଅଧିକାଂଶ ଜାଣନ୍ତି, ଦୃଷ୍ଟି ଏକ ସିଭିଲ ସର୍ଭିସ ଉତ୍ପାଦନ କେନ୍ଦ୍ର । ଏହାର ପ୍ରତିଷ୍ଠାତା କେବଳ ଜଣେ ଶିକ୍ଷକ ନୁହନ୍ତି, ବରଂ ଲକ୍ଷ ଲକ୍ଷ ଆଶାୟୀଙ୍କ ପାଇଁ ସେ ହେଉଛନ୍ତି ଜଣେ ଖ୍ୟାତନାମା ଦାର୍ଶନିକ। ତାଙ୍କ ଭଳି ଅନେକ କୋଚିଂ ଗୁରୁ ବେସରକାରୀ ଅନୁଷ୍ଠାନ ଗଢୁଛନ୍ତି। ସେମାନେ ନୂତନ ଦୃଷ୍ଟିକୋଣ ସାମ୍ନାକୁ ଆଣିବା ସହ ପଦପଦବୀର ମର୍ଯ୍ୟାଦାକୁ ହୃଦୟଙ୍ଗମ କରିଥାନ୍ତି । କିନ୍ତୁ ବେଳେବେଳ ସୀମା ଟପିଯାଇଥାନ୍ତି, ଯାହା ଏହି ଘଟଣାରୁ ଜଣାପଡ଼ିଛି। ଦିବ୍ୟକୀର୍ତ୍ତିଙ୍କର ସାଂସ୍କୃତିକ ଜ୍ଞାନ ଅତି ଗଭୀର। ତାଙ୍କ ଲେଖା ଶୈଳୀ ସରକାରୀ ଚିଠିକୁ ଆଗକୁ ବଢ଼ାଇଥାଏ। ପରପିଢ଼ିର ଜିଲାପାଳଙ୍କୁ ସିଧାସଳଖ ପ୍ରଭାବିତ କରୁଥିବାବେଳେ, ନିଜେ କ'ଣ ତାହା ଅନୁଧ୍ୟାନ କରିବା ଲାଭଦାୟକ। ଅମଲାତାନ୍ତ୍ରିକ ଖାଦ୍ୟ ଚକ୍ରରେ, ଏପରି କି ଅନ୍ୟଙ୍କୁ ଖୁଆଉଥିବା ବ୍ୟକ୍ତିମାନେ ସେମାନଙ୍କ ଖାଦ୍ୟ ସମ୍ପର୍କରେ ଚିନ୍ତା କରିବା ଉଚିତ। ଅର୍ଥାତ୍ ଅନ୍ୟଙ୍କୁ ସାହାଯ୍ୟ କରିବା ସହ ନିଜ ସୁରକ୍ଷା ଦେଖିବା କଥା। ତେବେ ଶ୍ରେଣୀ କକ୍ଷରେ ଉପହାସ ଛଳରେ ଯାହା କୁହାଯାଇଛି ତାହା କୋର୍ଟରୁମ୍‌ରେ ବିପଜ୍ଜନକ ଭାବେ ପ୍ରତିଧ୍ୱନିତ ହୋଇପାରେ।

### ଏଲ୍‌ଟିସିରେ ଏକକ ପରିବାର

ଜୀବନରେ ଏମିତି କିଛି ବିଷୟ ଅଛି, ଯାହା ଭାରତୀୟ ପାରିବାରିକ ସମ୍ପର୍କଠାରୁ ମଧ୍ୟ ଜଟିଳ ଏବଂ ସେଗୁଡ଼ିକ ସହ ସମ୍ଭବତଃ ସରକାରୀ ନିୟମଗୁଡ଼ିକ ଜଡ଼ିତ ରହିବାକୁ ଚେଷ୍ଟା କରୁଛି। କାର୍ମିକ ଓ ପ୍ରଶିକ୍ଷଣ ବିଭାଗ( ଡିଓପିଟି) ଏବେ ଲିଭ୍ ଟ୍ରାଭେଲ କନ୍‌ସେସନ( ଏଲ୍‌ଟିସି) ତାହାର ମାର୍ଗଦର୍ଶିକାକୁ ନବୀକରଣ କରିଛି। ଏଲ୍‌ଟିସି ପାଇଁ କାହାକୁ ପରିବାର ଭାବେ ଗଣାଯିବ, ତାହା ୪ ଜୁଲାଇରେ ଏକ ନୂଆ ଚିଠିରେ ସୂଚିତ କରିଛି ଡିଓପିଟି। ଚିଠିରେ ଗୋଟିଏରୁ ଅଧିକ ସ୍ତ୍ରୀ ରହିବେ ନାହିଁ ବୋଲି କୁହାଯାଇଛି। ତେବେ ଏଲ୍‌ଟିସି ବେନିଫିଟ୍‌ରୁ ଯେଉଁମାନେ ବାଦ ପଡ଼ିଛନ୍ତି ସେମାନେ ହେଉଛନ୍ତି ଶାଶୁ-ଶ୍ୱଶୁର, ଅଲଗା ହୋଇଥିବା ଝିଅର ନାତିନାତୁଣୀ ଏବଂ ଏପରି କି ଜେଜେମା' ଜେଜେ। ଏହି ଚିଠି ଏକ ସୀମିତ ତଥା କ୍ଷୁଦ୍ର ପାରିବାରିକ ସୀମାରେ ଆବଦ୍ଧ ହୋଇଯାଇଛି। ବାସ୍ତବରେ ଏହି ଚିଠିରେ କିଛି ନୂତନତ୍ୱ ନାହିଁ । ଏହାକୁ କେବଳ ଦୋହରାଯାଇଛି। ଏହା ମଧ୍ୟ ଅଜାଣତରେ ବ୍ୟକ୍ତିଗତ ଆଇନ, ପରିବାର ବ୍ୟବସ୍ଥାର ଜଟିଳ ଜାଲ ମଧ୍ୟକୁ ପ୍ରବେଶ କରିବାକୁ ସୁଯୋଗ ସୃଷ୍ଟି କରିଛି। କେତେକ ଧର୍ମୀୟ ଆଇନ ଭାରତରେ ବହୁ ବିବାହକୁ ଅନୁମତି ଦିଏ। ଅଣୁ ବା ଏକକ ପରିବାର ଯାତ୍ରା କରନ୍ତୁ ବୋଲି ବ୍ୟବସ୍ଥା ଚାହେଁ। କଥା ଉଠୁଛି, ଏହା ଏକ ବଡ଼ ଆହ୍ୱାନ । ଆମ ନିୟମଗୁଡ଼ିକ ବହୁ ସମୟରେ ଆଧୁନିକ ସମ୍ପର୍କଗୁଡ଼ିକ ଯଥା ଲିଭ-ଇନ ପାର୍ଟନର, ସିଙ୍ଗଲ ପ୍ୟାରେଣ୍ଟସ (ସ୍ୱାମୀ କିମ୍ବା ସ୍ତ୍ରୀ ବିନା ଜଣେ ପିଲାମାନଙ୍କ ଯତ୍ନ ନେବା), ବ୍ଲେଣ୍ଡେଡ ଫ୍ୟାମିଲି (ପୂର୍ବ ସମ୍ପର୍କର ପିଲା ବା ପିଲାମାନଙ୍କୁ ଆଣି ଦୁଇଜଣ ଏକାଠି ରହିବା)ର ବାସ୍ତବତା ସହ ତାଳଦେଇ ଯାଇପାରି ନାହିଁ। ତେବେ ସିସିଏସ୍ (ଏଲ୍‌ଟିସି) ରୁଲ୍ସ,୧୯୮୮ର ଧାରା ୪ରେ ଏସବୁ ସ୍ପଷ୍ଟ କରାଯାଇନାହିଁ।

Email: dilipcherian@gmail.com

# ଜଳବାୟୁ ପାଣ୍ଠିର ଭୂମିକା



ଡ. ଜୟକୃଷ୍ଣ ପାଣିଗ୍ରାହୀ

ସାମ୍ପ୍ରତିକ ସମୟର ପ୍ରମୁଖ ଆହ୍ୱାନକାରୀ ସମସ୍ୟା ମଧ୍ୟରେ ଅନ୍ତର୍ଭୁକ୍ତ ରହିଛି ବିଶ୍ୱ ତାପମାତ୍ରା ବୃଦ୍ଧି ଏବଂ ଜଳବାୟୁ ପରିବର୍ତ୍ତନ। ଏସବୁ ମାନବ ସ୍ୱାସ୍ଥ୍ୟ, ବିଶ୍ୱ ଅର୍ଥନୀତି ଏବଂ ପ୍ରାକୃତିକ ପରିସଂସ୍ଥା ନିମନ୍ତେ ଗମ୍ଭୀର ବିପଦର ସୂତ୍ରପାତ କରୁଛି। ଏହି ପରିବେଶୀୟ ସମସ୍ୟାର ପ୍ରଭାବରେ ସଂଘଟିତ ବିଧ୍ୱଂସକାରୀ ପ୍ରାକୃତିକ ବିପର୍ଯ୍ୟୟ ପରିବ୍ୟାପ୍ତ ହୋଇଚାଲିଛି। ଏସବୁର ମୁକାବିଲା ନିମନ୍ତେ ଜାତିସଂଘ ଆନୁକୂଲ୍ୟରେ ନିୟମିତ ବିଶ୍ୱସ୍ତରୀୟ ଜଳବାୟୁ ସମ୍ମିଳନୀମାନ ଅନୁଷ୍ଠିତ ହେଉଛି। ବିନାଶକାରୀ ପ୍ରଭାବର ପ୍ରଶମନ ନିମନ୍ତେ ସମ୍ବଳରହିତ ବିକାଶଶୀଳ ରାଷ୍ଟ୍ରମାନଙ୍କୁ ସାହାଯ୍ୟ ପ୍ରଦାନ ଲକ୍ଷ୍ୟରେ ଜାତିସଂଘ ଉଦ୍ୟମରେ ଗଠିତ ହୋଇଛି ଅନ୍ତର୍ଜାତୀୟ 'ସବୁଜ ଜଳବାୟୁ ପାଣ୍ଠି' (ଜିସିଏଫ୍)। ମିଳିତ ଜାତିସଂଘ ଜଳବାୟୁ ପରିବର୍ତ୍ତନ ଫ୍ରେମୱାର୍କ କନଭେନସନ (ୟୁଏନ୍‌ଏଫ୍‌ସିସି) ଦ୍ୱାରା ୨୦୧୦ରେ ପ୍ରତିଷ୍ଠିତ ହୋଇଥିବା ଏହି ପାଣ୍ଠି ହେଉଛି ବିଶ୍ୱର ସର୍ବବୃହତ ସମର୍ପିତ ପାଣ୍ଠି। ଗ୍ଲୋବାଲ ସାଉଥରେ ଜଳବାୟୁ-ସ୍ଥିର ଏବଂ ସ୍ୱଳ୍ପତର-ନିର୍ଗମନ ବିକାଶକୁ ସମର୍ଥନ କରିବା ନିମନ୍ତେ ଧନୀ ରାଷ୍ଟ୍ରଗୁଡ଼ିକରୁ ଜଳବାୟୁ ପାଣ୍ଠି ଯୋଗାଡ଼ କରିବାରେ ଜିସିଏଫ ଏକ ପ୍ରମୁଖ ଭୂମିକା ନିର୍ବାହ କରେ। ମୁଖ୍ୟ ଲକ୍ଷ୍ୟ ହେଉଛି ବିକାଶଶୀଳ ଦେଶଗୁଡ଼ିକରେ ଅଙ୍ଗାରକାମ୍ଳ ପରି ସବୁଜଗୃହ ବାଷ୍ପ ନିର୍ଗମନକୁ ସୀମିତ ବା ହ୍ରାସ କରିବାର ପ୍ରୟାସକୁ ସମର୍ଥନ ଏବଂ ଦୁର୍ବଳ ସମାଜଗୁଡ଼ିକୁ ଜଳବାୟୁ ପରିବର୍ତ୍ତନର ଅନିବାର୍ଯ୍ୟ ପ୍ରଭାବ ସହିତ ଖାପ ଖୁଆଇବାରେ ସହାୟତା ପ୍ରଦାନ କରିବା। ପ୍ରଶମନ ଏବଂ ଅନୁକୂଳନର ଏହି ଦ୍ୱୈତ ଉଦ୍ଦେଶ୍ୟ ହେଉଛି ପ୍ୟାରିସ ଜଳବାୟୁ ଚୁକ୍ତିନାମା ୨୦୧୫ର ଲକ୍ଷ୍ୟ ପୂରଣ ଦିଗରେ ବିଶ୍ୱସ୍ତରୀୟ ପ୍ରୟାସର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ, ଯାହା ବିଶ୍ୱ ତାପମାତ୍ରା ବୃଦ୍ଧିକୁ ଦୁଇ ଡିଗ୍ରୀ ସେଲସିୟସ ତଳେ ନିୟନ୍ତ୍ରିତ କରିବାର ପ୍ରଚେଷ୍ଟାକୁ ଗୁରୁତ୍ୱ ପ୍ରଦାନ ସହ ଏହି ବୃଦ୍ଧିକୁ ଦେଢ଼ ଡିଗ୍ରୀ ମଧ୍ୟରେ ସୀମିତ ରଖିବାର ପ୍ରୟାସ ଜାରି ରଖେ।

ଜଳବାୟୁ ପାଣ୍ଠି ୨୪ ଜଣ ସଦସ୍ୟଙ୍କୁ ନେଇ ଗଠିତ ଏକ ବୋର୍ଡ଼ ଦ୍ୱାରା ପରିଚାଳିତ ହୁଏ, ଯେଉଁଥିରେ ଉଭୟ ବିକଶିତ ଏବଂ ବିକାଶଶୀଳ ରାଷ୍ଟ୍ରମାନଙ୍କର ସମାନ ସଂଖ୍ୟକ ସଦସ୍ୟ ଅନ୍ତର୍ଭୁକ୍ତ । ଏହି ପାଣ୍ଠି ୟୁଏନଏଫ୍‌ସିସିର ମାର୍ଗଦର୍ଶନରେ କାର୍ଯ୍ୟ ସମ୍ପାଦନ କରେ ଏବଂ ଏହାର ମୁଖ୍ୟାଳୟ ଦକ୍ଷିଣ କୋରିଆର ସୋଙ୍ଗଡ଼ୋରେ ଅବସ୍ଥିତ। ଏହା ଫ୍ରେମୱାର୍କ କନ୍‌ଭେନସନ ବାର୍ଷିକ ସଦସ୍ୟ ସମ୍ମିଳନୀ (କପ୍) ପ୍ରତି ଉତ୍ତରଦାୟୀ ରହେ, କିନ୍ତୁ ଏହା ନିଜସ୍ୱ କାର୍ଯ୍ୟକ୍ଷମ ନୀତି ଏବଂ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା ସହିତ ଏକ ସ୍ୱାଧୀନ ଆଇନଗତ ସଂସ୍ଥା ଭାବରେ କାର୍ଯ୍ୟ ସମ୍ପାଦନ କରେ। ବିକଶିତ ରାଷ୍ଟ୍ର ଏବଂ ଅନ୍ୟାନ୍ୟ ବଦାନ୍ୟ ଦାତାମାନଙ୍କ ଦ୍ୱାରା ପ୍ରଦତ୍ତ ପ୍ରତିଶ୍ରୁତି ମାଧ୍ୟମରେ ଏହି ପାଣ୍ଠିକୁ ଅର୍ଥ ଯୋଗାଇ ଦିଆଯାଏ। ୨୦୨୪ ସୁଦ୍ଧା, ଜିସିଏଫ ଏହାର ପ୍ରତିଷ୍ଠା ପରଠାରୁ ୨୦ ବିଲିୟନ ଡଲାରରୁ ଅଧିକ ପ୍ରତିଶ୍ରୁତି ସଂଗ୍ରହ କରିଛି। ଯୁକ୍ତରାଷ୍ଟ୍ର ଆମେରିକା, ଜର୍ମାନୀ, ବ୍ରିଟେନ, ଜାପାନ ଏବଂ ଫ୍ରାନ୍ସ ଭଳି ଧନିକ ରାଷ୍ଟ୍ର ସର୍ବାଧିକ ଅର୍ଥ ପ୍ରଦାନକାରୀମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ।



ଏହି ପାଣ୍ଠି ଜଳବାୟୁ ସ୍ଥିରତାକୁ ପ୍ରୋତ୍ସାହିତ କରୁଥିବା ଏବଂ ଅଙ୍ଗାରକ ନିର୍ଗମନ ହ୍ରାସ କରୁଥିବା ପ୍ରକଳ୍ପ ଏବଂ କାର୍ଯ୍ୟକ୍ରମଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ କରେ। ଏଥିରେ ନବୀକରଣୀୟ ଶକ୍ତି ଉତ୍ପାଦନ, ସହନୀୟ କୃଷି ପଦ୍ଧତି, ଉନ୍ନତ ଜଳ ପରିଚାଳନା, ପ୍ରାରମ୍ଭିକ ବିପର୍ଯ୍ୟୟ ଚେତାବନୀ ବ୍ୟବସ୍ଥା ଏବଂ ଜଳବାୟୁ-ସ୍ଥାପକ ଭିତ୍ତିଭୂମି ନିର୍ମାଣରେ ଅର୍ଥ ନିବେଶ ଅନ୍ତର୍ଭୁକ୍ତ। ଏହି ପାଣ୍ଠି ଏକ ରାଷ୍ଟ୍ରର ସ୍ୱତ୍ୱାଧିକାର ଉପରେ ଗୁରୁତ୍ୱ ପ୍ରଦାନ କରେ, ଅର୍ଥାତ ବିକାଶଶୀଳ ଦେଶଗୁଡ଼ିକ ସେମାନଙ୍କର ନିଜସ୍ୱ ଜଳବାୟୁ ପ୍ରାଥମିକତା ଏବଂ ପ୍ରସ୍ତୁତ ଯୋଜନା ଆଧାରରେ ପ୍ରକଳ୍ପଗୁଡ଼ିକର ନେତୃତ୍ୱ ନେବେ। ପାଣ୍ଠିର ଏକ ଅନନ୍ୟ ବୈଶିଷ୍ଟ୍ୟ ହେଉଛି ଜଳବାୟୁ ଅନୁକୂଳନ (ଖାପ ଖୁଆଇବା) ଏବଂ ପ୍ରଶମନ ପ୍ରୟାସ ମଧ୍ୟରେ ସମାନ ଭାବରେ ପାଣ୍ଠିର ସନ୍ତୁଳିତ ବଣ୍ଟନକୁ ସୁନିଶ୍ଚିତ କରିବା। ଏହା ଏକ ଗୁରୁତ୍ୱପୂର୍ଣ୍ଣ ବାସ୍ତବତା ଯେ ବନ୍ୟା ପ୍ରତିରକ୍ଷା ପଦ୍ଧତିର ନିର୍ମାଣ କିମ୍ବା ମରୁଡ଼ି ପ୍ରତିରୋଧୀ ଫସଲର ବିକାଶ ପରି ଅନୁକୂଳନ ପ୍ରକଳ୍ପମାନ, ସୌରଶକ୍ତି ଫାର୍ମ ବା ପବନ ଟର୍ବାଇନ ପ୍ରକଳ୍ପ ପରି ପ୍ରଶମନ ପଦକ୍ଷେପ ତୁଳନାରେ କମ୍ ପାଣ୍ଠି ପାଇଥାନ୍ତି। ଅଧିକନ୍ତୁ ବ୍ୟବସ୍ଥାର ଅତି କମ୍‌ରେ ୫୦% ଅନୁକୂଳନ ପାଣ୍ଠିକୁ ସବୁଠାରୁ ଦୁର୍ବଳ ଦେଶଗୁଡ଼ିକୁ ପ୍ରଦାନ କରାଯାଏ, ଯେଉଁଥିରେ ସର୍ବନିମ୍ନ ବିକଶିତ ରାଷ୍ଟ୍ର, କ୍ଷୁଦ୍ର ଦ୍ୱୀପ ବିକାଶଶୀଳ ରାଷ୍ଟ୍ର ଏବଂ ଆଫ୍ରିକୀୟ ଦେଶମାନେ ଅନ୍ତର୍ଭୁକ୍ତ। ଏହି ଦେଶଗୁଡ଼ିକ ଜଳବାୟୁ ପରିବର୍ତ୍ତନ ଦ୍ୱାରା ବର୍ଦ୍ଧିତ ମାତ୍ରାରେ ପ୍ରଭାବିତ ହୋଇଥାନ୍ତି, କିନ୍ତୁ ଆର୍ଥିକ ଏବଂ ବୈଷୟିକ ସମ୍ବଳର ଅଭାବ ପରିପ୍ରେକ୍ଷୀରେ ପ୍ରଭାବଶାଳୀ ଭାବରେ ଏହା ବିରୋଧରେ କାର୍ଯ୍ୟକ୍ରମ ଗ୍ରହଣରେ ପ୍ରାୟତଃ ଅସମର୍ଥ ହୁଅନ୍ତି।

ନିକଟରେ ଘାନା, ମାଳଦ୍ୱୀପ ଏବଂ ମୌରିଟାନିଆରେ ଜଳବାୟୁ ସ୍ଥିରତାକୁ ସୁଦୃଢ଼ କରିବା ନିମନ୍ତେ ସବୁଜ ଜଳବାୟୁ ପାଣ୍ଠି ୧୨୦ ନିୟୁତ ଡଲାରରୁ ଅଧିକ ଅର୍ଥ ନୂତନ ଭାବେ ଅନୁମୋଦନ କରିଛି। ଜାତିସଂଘ ପରିବେଶ କାର୍ଯ୍ୟକ୍ରମ (ୟୁଏନ୍‌ଇପି) ପ୍ରକୃତି-ଆଧାରିତ ସମାଧାନ, ଜଳବାୟୁ-ସ୍ଥାପକ କୃଷି, ପ୍ରାରମ୍ଭିକ ଚେତାବନୀ ପ୍ରଣାଳୀ ଏବଂ ଉନ୍ନତ ଜଳ ସୁରକ୍ଷା ମାଧ୍ୟମରେ ଜଳବାୟୁ ପରିବର୍ତ୍ତନର କ୍ରମବର୍ଦ୍ଧିଷ୍ଣୁ ଗମ୍ଭୀର ପ୍ରଭାବକୁ ପୂର୍ବାନୁମାନ କରିବା ଏବଂ ଅନୁକୂଳନ କରିବାରେ ଦୁର୍ବଳ ସମ୍ପ୍ରଦାୟଗୁଡ଼ିକୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ଏହି ପ୍ରକଳ୍ପଗୁଡ଼ିକ ବିକଶିତ କରିଛି। ଆଗ୍ରହୀ ରାଷ୍ଟ୍ରମାନେ ବହୁପକ୍ଷୀୟ ବିକାଶ ବ୍ୟାଙ୍କ, ଜାତିସଂଘର ବିବିଧ ସଂସ୍ଥା, ରାଷ୍ଟ୍ରୀୟ ମନ୍ତ୍ରଣାଳୟ ଏବଂ ସ୍ଥାନୀୟ ସଂଗଠନ ସମେତ ବିଭିନ୍ନ ସ୍ୱୀକୃତିପ୍ରାପ୍ତ ସଂସ୍ଥା ମାଧ୍ୟମରେ ପାଣ୍ଠି ହାସଲ କରିପାରିବେ। ଏହି ସଂସ୍ଥାମାନଙ୍କ ମାଧ୍ୟମରେ ଦାଖଲ ହୋଇଥିବା ପ୍ରକଳ୍ପ ପ୍ରସ୍ତାବ ଜଳବାୟୁ ପାଣ୍ଠି ବୋର୍ଡ଼ ଦ୍ୱାରା ସମୀକ୍ଷା ଏବଂ ଅନୁମୋଦିତ ହୋଇଥାଏ। ପରିବେଶଗତ ଏବଂ ସାମାଜିକ ସୁରକ୍ଷା ସୁନିଶ୍ଚିତ କରିବା ନିମନ୍ତେ ସମସ୍ତ ପ୍ରକଳ୍ପକୁ କଠୋର ମୂଲ୍ୟାଙ୍କନ ପ୍ରକ୍ରିୟା ମଧ୍ୟ ଦେଇ ଯିବାକୁ ପଡ଼େ। ଏହା ସହିତ ଜଳବାୟୁ ପାଣ୍ଠି ଦେଶଗୁଡ଼ିକୁ ସେମାନଙ୍କର ସାଂଗଠନିକ କ୍ଷମତାକୁ ସୁଦୃଢ଼ କରିବା, ରଣନୈତିକ ଢାଞ୍ଚା ବିକଶିତ କରିବା ଏବଂ ଉଚ୍ଚମାନର ପ୍ରକଳ୍ପ ପ୍ରସ୍ତାବସବୁର ନିର୍ମାଣ କରିବାରେ ଆବଶ୍ୟକ ପ୍ରସ୍ତୁତି ସହାୟତା ପ୍ରଦାନ କରେ।

ଏହାର ମହତ୍ତ୍ୱାକାଂକ୍ଷୀ କାର୍ଯ୍ୟାଦେଶ ସତ୍ତ୍ୱେ, ଜଳବାୟୁ ପାଣ୍ଠି ସମ୍ପ୍ରତି ଅନେକ ଆହ୍ୱାନର ସମ୍ମୁଖୀନ ହେଉଛି। ଏଥିରେ ଥିବା ପ୍ରତିବନ୍ଧକ ମଧ୍ୟରେ ପାଣ୍ଠି ବଣ୍ଟନରେ ବିଳମ୍ବ, ଜଟିଳ ଆବେଦନ ପ୍ରକ୍ରିୟା ଏବଂ ପ୍ରଶାସନିକ ଅପାରଗତା ଅନ୍ତର୍ଭୁକ୍ତ। ଏହି ପରିପ୍ରେକ୍ଷୀରେ, ବିକାଶଶୀଳ ଦେଶ ଏବଂ ନାଗରିକ ସମାଜ ସଂଗଠନମାନେ ଅଧିକ ସ୍ୱଚ୍ଛତା, ସରଳୀକୃତ ପ୍ରକ୍ରିୟା ଏବଂ ପାଣ୍ଠିର ପ୍ରତ୍ୟକ୍ଷ ଉପଲବ୍ଧତା ବୃଦ୍ଧି ନିମନ୍ତେ ଆହ୍ୱାନ ଜଣାଉଛନ୍ତି। ଅନ୍ୟପକ୍ଷରେ, କିଛି ବିକଶିତ ରାଷ୍ଟ୍ର ସେମାନଙ୍କର ଆର୍ଥିକ ପ୍ରତିଶ୍ରୁତି ପୂରଣ କରିବାରେ ମନ୍ଥରତା ପ୍ରଦର୍ଶନ କରୁଛନ୍ତି, ଯାହା ଜଳବାୟୁ ଆର୍ଥିକ ବ୍ୟବସ୍ଥାର ନିଶ୍ଚିତତା ଏବଂ ପର୍ଯ୍ୟାପ୍ତତା ବିଷୟରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିବିଧ ପ୍ରତିବନ୍ଧକର ସମ୍ମୁଖୀନ ହେବା ସତ୍ତ୍ୱେ, ଏକ ନ୍ୟାୟସଙ୍ଗତ, ଯଥାର୍ଥ ଏବଂ ସହନୀୟ ଜଳବାୟୁ ପରିବର୍ତ୍ତନ ସମାଧାନକୁ ସକ୍ଷମ ଓ କାର୍ଯ୍ୟକାରୀ କରିବାରେ ଏହି ପାଣ୍ଠିର ଭୂମିକା ଅପରିହାର୍ଯ୍ୟ।

**କାର୍ଯ୍ୟକାରୀ ସଭାପତି, ଓଡ଼ିଶା ପରିବେଶ ସମିତି, ଭୁବନେଶ୍ୱର**
**ମୋ: ୯୪୩୭୦୭୬୧୦୦**

# ଆତ୍ମବିଶ୍ୱାସ



ଡ. ନାରାୟଣ ବାରିକ୍

ନିଜ ମନକୁ ଜାଣିବା ପାଇଁ ଆତ୍ମବିଶ୍ୱାସର ଆବଶ୍ୟକତା ଅଛି। ଆତ୍ମବିଶ୍ୱାସ ମନର ସୀମାସରହଦର ବ୍ୟାପ୍ତକୁ ଦର୍ଶାଇଥାଏ। ଆଗକୁ ଯିବାର ଶକ୍ତି ଦିଏ। ମନର ଦୁର୍ବଳତା କ୍ରମଶଃ ଦୂରେଇଯାଏ। ମନ ଭିତରେ ନୂତନ ଶକ୍ତିର ସଂଚାର ହୁଏ। ଆତ୍ମବିଶ୍ୱାସ ମନେହେଉଥିବା କଥାଟି ବିଶ୍ୱାସରେ ପରିଣତ ହୁଏ। ଆଉ ସେହି ଦୃଢ଼ବିଶ୍ୱାସ ଆମକୁ ଘେରାବନ୍ଦୀ କରୁଥିବା ପରିବେଶରୁ ଉନ୍ମୁକ୍ତ କରି ଆମ ଚେତନାର ଶୀର୍ଷକୁ ଛୁଇଁଯାଏ। ଆମେ ଆମ ଈପ୍ସିତ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାକୁ ସମର୍ଥ ହୋଇଥାଉ।

ନେପୋଲିଅନ୍ ଥରେ କହିଥିଲେ, ଦୁନିଆରେ ଅସାଧ୍ୟ ଏବଂ କଷ୍ଟକର ବୋଲି କିଛି ନାହିଁ। ଆମେ ବ୍ୟବହାର କରୁଥିବା 'ଅସାଧ୍ୟ' ଶବ୍ଦଟି କେବଳ ଅଭିଧାନରେ ମିଳିଥାଏ। ଥରେ ନିଜର ସୁନ୍ଦର, ସୁସ୍ଥ ଓ ସ୍ୱଚ୍ଛ ମନକୁ ନେଇ ଦେଖନ୍ତୁ। ଆପଣଙ୍କ ଚେଷ୍ଟା ବ୍ୟର୍ଥ ଯିବ ନାହିଁ, ସାହସ ଭାଙ୍ଗିଯିବ ନାହିଁ। ଆପଣଙ୍କର ଏ ଦୁଃସ୍ଥିତି ରହିବ ନାହିଁ। ଆପଣ ଆଦୌ ହତାଶ ହୁଅନ୍ତୁ ନାହିଁ। ଆପଣଙ୍କର ଏ ଇଚ୍ଛାଶକ୍ତିର ଦୃଢ଼ତା ଅପ୍ରକାଶ୍ୟ। ଏଥିରେ ଅନେକ ରହସ୍ୟ ରହିଛି। ଏହା ନକାରକୁ ସକାର କରିଦେବ। ଆପଣଙ୍କ ମନ ଯେପରି କହୁଛି ଆପଣ ସେଠାରେ ନିଶ୍ଚୟ ପହଞ୍ଚିବେ।

ମନେପକାନ୍ତୁ ଆମେରିକାର ସର୍ବଶ୍ରେଷ୍ଠ ଉଦ୍ଭାବକ ଥୋମାସ ଏଡିଶନ୍‌ଙ୍କ କଥା। ତାଙ୍କର ଜୀବନ ପ୍ରତି ଏକ ଅସାଧାରଣ ଧାରଣା ଥିଲା। ଯାହା ତାଙ୍କ କାର୍ଯ୍ୟ କ୍ଷମତାକୁ ବହୁଗୁଣରେ ପରିବର୍ଦ୍ଧିତ କରୁଥିଲା। ସେଥିପାଇଁ ଯେତେବେଳେ ଅନ୍ୟମାନେ ବିଦ୍ୟୁତ୍ ଆଲୋକ ବିକାଶ କରିବା ପାଇଁ ହଜାର ହଜାର ଥର ବିଫଳ ହୋଇ, ଏ କ୍ଷେତ୍ରରୁ ଦୂରେଇ ଯାଉଥିଲେ, ସେତେବେଳେ ପ୍ରତ୍ୟେକ ଅସଫଳ ପରୀକ୍ଷଣକୁ ସଫଳତାର ଗୋଟିଏ ଗୋଟିଏ ପାହାଚ୍ ଭାବି ଏଡିଶନ୍ ଆଗେଇ ଚାଲିଥିଲେ। ଏହାଦ୍ୱାରା ସେ ସଫଳତାର ଖୁବ୍ ନିକଟତର ହେଉଥିଲେ। ସେଥିପାଇଁ ତାଙ୍କ ରେକର୍ଡ ଅନୁସାରେ ଏଡିଶନ୍ ୨୭୭୪ ଥର ବିଫଳ ହେବାପରେ ଫ୍ଲୋରେସେଣ୍ଟ ବିଦ୍ୟୁତ୍ ବଲ୍‌ବ ଉଦ୍ଭାବନ କରିବାକୁ ସଫଳ ହୋଇଥିଲେ।

ଏଡିଶନ୍ ପାରମ୍ପରିକ ବିଦ୍ୟାଳୟ ଶିକ୍ଷା ପାଇ ପାରି ନ ଥିଲେ। ଏହାର କାରଣ ଥିଲା ସେ ବିଦ୍ୟାଳୟରେ ଆବଶ୍ୟକତାଠାରୁ କମ୍ ନମ୍ବର ରଖୁଥିଲେ ଓ ଶ୍ରେଣୀରେ ଶିକ୍ଷକଙ୍କୁ ବାରମ୍ବାର ପ୍ରଶ୍ନ ପଚାରି ବ୍ୟତିବ୍ୟସ୍ତ କରିଦେଉଥିଲେ। ମାନକ ନମ୍ବରରୁ କମ୍ ନମ୍ବର ପାଇଁ ଏଡିଶନ୍‌ଙ୍କୁ ଶେଷରେ ସ୍କୁଲ୍‌ରୁ ବାହାର କରି ଦିଆଯାଇଥିଲା। ସେଥିପାଇଁ ତାଙ୍କ ମା' ତାଙ୍କୁ ପଢ଼ିବା ଓ ଲେଖିବା ଶିଖାଇଥିଲେ। ଏହାଛଡ଼ା ତାଙ୍କ ମା' ମଧ୍ୟ ତାଙ୍କୁ ଗଣିତ ଶିକ୍ଷାଦାନ କରିବା ସହ ପଢ଼ିବା ପାଇଁ ଉତ୍ସାହିତ କରୁଥିଲେ। ଏଡିଶନ୍ ଶ୍ରବଣ ବାଧିତ ଥିବାରୁ ଅନ୍ୟମାନଙ୍କ କଥାକୁ ଶୁଣି ପାରୁ ନ ଥିଲେ। ମାତ୍ର ଏହାକୁ ସେ ଈଶ୍ୱରଙ୍କ ବରଦାନ ବୋଲି ଭାବୁଥିଲେ। କାରଣ ସେ କାହା କଥାରେ ବିଭ୍ରାନ୍ତିରେ ପଡୁନାହାନ୍ତି ବୋଲି ଜାଣିଥିଲେ। ତେଣୁ ସେ ବିଭିନ୍ନ ବିଷୟ ବିଭିନ୍ନ ପୁସ୍ତକରୁ ପଢ଼ି ଜ୍ଞାନ ହାସଲ କରିବା ସହ ସବୁଥିରେ ନିଜର ଧ୍ୟାନକୁ କେନ୍ଦ୍ରୀଭୂତ କରିପାରୁଥିଲେ। କ୍ରମେ ତାଙ୍କର ପାଠପଢ଼ା ପ୍ରତି କୌତୂହଳ ବୃଦ୍ଧି ପାଇଲା ଓ ସେ ନିଜର ଆତ୍ମବିଶ୍ୱାସକୁ ସୁଦୃଢ଼ କରି ନିଜର ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାକୁ ପ୍ରୟାସ ଜାରି ରଖିଲେ। ଏଡିଶନ୍ ପରିବାରର ଭରଣପୋଷଣ ପାଇଁ ଖୁବ୍ କମ୍ ବୟସରୁ ଜଣେ ବ୍ୟବସାୟୀ ପାଲଟି ଯାଇଥିଲେ। ମାତ୍ର ଦଶବର୍ଷ ବୟସରୁ ସେ ମିଠା ଓ ଖବରକାଗଜ ବିକୁଥିଲେ। ତାଙ୍କୁ ଷୋହଳବର୍ଷ ହେବା ବେଳକୁ ସେ ଟେଲିଗ୍ରାଫ୍ ଚଳାଇବା ଶିଖି ଲୋକମାନଙ୍କୁ ଆବଶ୍ୟକ ସେବା ଯୋଗାଇ ଦେଉଥିଲେ। ସେହିପରି ରାଇଟ୍ ଭ୍ରାତୃଦ୍ୱୟ ଲୋକହସାକୁ ବେଖାତିର କରି ଆକାଶରେ ଉଡ଼ିବାର ଯେଉଁ ଚେଷ୍ଟା ଜାରି ରଖିଥିଲେ, ତାହାର ଫଳ ସ୍ୱରୂପ ମଣିଷ ଆଜି ଆକାଶ ଓ ମହାକାଶକୁ ଗମନ କରିପାରିଛି।



ଆତ୍ମବିଶ୍ୱାସ ଥିଲେ ଜଣେ ଶାରୀରିକ ଅସାମର୍ଥ୍ୟ ବ୍ୟକ୍ତି ବି ଗିରି ଲଘଂନ କରିପାରେ। ଗୋପବନ୍ଧୁଙ୍କ ଭାଷାରେ ସାହସୀ ମଣିଷ ନିଜ ବୀରପଣିଆ ମନଯୋଗୁ ଆଗକୁ ଯାଏ ସିନା, ପଛକୁ ଫେରେନାହିଁ। କୌଣସି ପ୍ରତିକୂଳ ପରିସ୍ଥିତିକୁ ସେ ଭ୍ରୂକ୍ଷେପ କରି ନ ଥାଏ।

ଏହି ଆତ୍ମବିଶ୍ୱାସର ତିନୋଟି ସ୍ତର ଅଛି, ଯେପରିକି ଭାବନା ଆଧାରିତ, ବିଶ୍ୱାସ ଆଧାରିତ ଏବଂ ଜ୍ଞାନ ଆଧାରିତ। ପ୍ରତ୍ୟେକ ମଣିଷ ତା'ର ଲକ୍ଷ୍ୟ ହାସଲ କରିବାକୁ ଏହି ତିନୋଟି ସ୍ତରର ମିଶ୍ରଣରେ ଆଗକୁ ଚାଲିଥାଏ। ଏହା ଜୀବନର ସଫଳତାକୁ ସହଜ କରି ଦେଇଥାଏ। ବିଦ୍ୟାଳୟ ସ୍ତରରେ ହେଉ କିମ୍ବା ନିଜର କର୍ମ କ୍ଷେତ୍ରରେ ବା ବିପଦ ସମୟରେ କୌଣସି ସିଦ୍ଧାନ୍ତ ନେବା ସମୟରେ ହେଉ, ମନୁଷ୍ୟ ଯେତେବେଳେ ସ୍ୱେଚ୍ଛାକୃତ ଭାବରେ ପଦକ୍ଷେପ ନିଏ, ସେତେବେଳେ ସେ ସକ୍ରିୟ ଭାବେ ଜୀବନରେ ଆଗକୁ ଯାଇଥାଏ । କାରଣ ସେମାନେ ସ୍ୱନିଷ୍ପତ୍ତି ନେବାରେ ଦୃଢ଼ଚେତା ଥାଆନ୍ତି ଏବଂ ଏହି ପ୍ରକ୍ରିୟାରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥାନ୍ତି। ଏହାର ମୂଳ ହେତୁ ହେଉଛି ସେମାନେ ନିଜ ଉପରେ ପୂର୍ଣ୍ଣ ବିଶ୍ୱାସ ରଖି ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସୀ ସାଜି ସାରିଥାନ୍ତି। ବାସ୍ତବରେ ସେଥିପାଇଁ କୁହାଯାଏ ଜଣେ ବ୍ୟକ୍ତି ଯଦି ନିଜ ବିଷୟରେ ଆତ୍ମବିଶ୍ୱାସୀ, ସେ ଅଧା ଯୁଦ୍ଧ ଜିତି ଯାଇଛି ବୋଲି ଜାଣିବାକୁ ହେବ।

ଭାରତର ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବଦୁଲ୍ କଲାମ୍‌ଙ୍କର ବୈଜ୍ଞାନିକ ସଫଳତା ଓ ଲୋକପ୍ରିୟତା ତାଙ୍କୁ ଆଜି 'କ୍ଷେପଣାସ୍ତ୍ର ପୁରୁଷ' ଏବଂ 'ଜନତା ରାଷ୍ଟ୍ରପତି' ଭାବରେ ସର୍ବତ୍ର ବିଦିତ କରିପାରିଛି। କଲାମ୍ ଏକ ଦରିଦ୍ର ପରିବାରରୁ ଆସିଥିଲେ ମଧ୍ୟ ତାଙ୍କର ଦୃଢ଼ ମନୋବଳ ଓ ବଳିଷ୍ଠ ଆତ୍ମବିଶ୍ୱାସ ଯୋଗୁ ସେ ତାଙ୍କର ଶିକ୍ଷାକୁ ଜାରିରଖିଥିଲେ। ଶେଷରେ ନିଜର ନିଷ୍ଠା, ଆତ୍ମବିଶ୍ୱାସ ଓ ଗଭୀର ଅଧ୍ୟବସାୟ ବଳରେ ସେ ମାଡ୍ରାସ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରୁ ଏରୋନଟିକାଲ୍ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରି ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନରେ ଯୋଗ ଦେବାକୁ ସକ୍ଷମ ହୋଇଥିଲେ।

ଯେଉଁମାନେ ଶାନ୍ତ, ସରଳ ଓ ସ୍ଥିର ହୋଇ ସଂଯମତା ରକ୍ଷା କରନ୍ତି, ସେମାନଙ୍କ ପାଇଁ ସବୁକିଛି ସହଜ ଓ ସରଳ ମନେହୁଏ। ସେମାନେ ଜୀବନରେ କୌଣସି ସମସ୍ୟାର ସମ୍ମୁଖୀନ ହେଲେ ମଧ୍ୟ ନିଜର କ୍ଷମତା ଉପରେ ବିଶ୍ୱାସ କରି କାର୍ଯ୍ୟଟି ସମ୍ପାଦନ କରିବାକୁ ଯଥେଷ୍ଟ ଆତ୍ମବିଶ୍ୱାସୀ ହୋଇଥାନ୍ତି। ସେମାନଙ୍କର ସକାରାତ୍ମକ ଚିନ୍ତା ସେମାନଙ୍କଠାରେ ଓ ସେମାନଙ୍କ ମନରେ ନିରନ୍ତର ଆତ୍ମବିଶ୍ୱାସ ସୃଷ୍ଟି କରି ଚାଲିଥାଏ।

**ଓଡ଼ିଆ ଭାଷା ପ୍ରଶିକ୍ଷଣ ବିଶେଷଜ୍ଞ, ଶିକ୍ଷକ-ଶିକ୍ଷା ବିଭାଗ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ମୋ: ୯୩୪୮୯୪୮୫୪୭**

## ଏଇ ଭାରତରେ

ପରିବେଶ ସ୍ୱଚ୍ଛ ରଖିବା ପାଇଁ ଜୈବ ଇନ୍ଧନ ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ କରି କେବଳ ସୌର ଶକ୍ତିରେ ରୋଷେଇ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛି ରାଜସ୍ଥାନସ୍ଥିତ ବ୍ରହ୍ମାକୁମାରୀର ଶାନ୍ତିବନ କମ୍ପ୍ଲେକ୍ସ। ଏଠାରେ ବିନା ଜୈବ ଇନ୍ଧନ ଓ ଜାଳେଣି କାଠରେ ଏବଂ ବିନା ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନରେ ଦିନକୁ ପାଖାପାଖି ୫୦,୦୦୦ ମିଲ୍ ପ୍ରସ୍ତୁତ କରାଯାଉଛି। ସ୍ୱଚ୍ଛଶକ୍ତିର ଏହା ଏକ ବଡ଼ ଦୃଷ୍ଟାନ୍ତ। ଶାନ୍ତିବନ କମ୍ପ୍ଲେକ୍ସରେ ୮୪ଟି ବୃହତ୍ ରିଫ୍ଲେକ୍ଟର ଲଗାଯାଇଛି। ପ୍ରତ୍ୟେକଟି ରିଫ୍ଲେକ୍ଟରର ସର୍ଫେସ ଏରିଆ ହେଉଛି ୯.୨ ମିଟର। ସୂର୍ଯ୍ୟଙ୍କ ଗତି ଅନୁସାରେ ଏହା ମଧ୍ୟ ବିଭିନ୍ନ ଦିଗରୁ ଘୁରି ପାରୁଛି। ସୂର୍ଯ୍ୟାଲୋକ ରିଫ୍ଲେକ୍ଟରର ଫୋକାଲ କେନ୍ଦ୍ରରେ ପଡ଼ିବା ପରେ ତାପମାତ୍ରା ୮୦୦ ଡିଗ୍ରୀ ସେଣ୍ଟିଗ୍ରେଡକୁ ଛୁଇଁଥାଏ। ଏଠାରେ କୌଣସି ସୋଲାର ପ୍ୟାନେଲ ବ୍ୟବହାର ହେଉନାହିଁ। କେବଳ ସୋଲାର ତାପଜ ଶକ୍ତିରେ ରୋଷେଇ ହେଉଛି। ଏହି ସୌର ରୋଷଶାଳାରେ ଶାକାହାରୀ ପୌଷ୍ଟିକ ଖାଦ୍ୟ ରନ୍ଧାଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

୧୯ ଜୁଲାଇ ୧୯୭୬

- ରାଜ୍ୟରେ ହସ୍ତତନ୍ତ ଶିଳ୍ପର ବିକାଶ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ୨ଟି ନୂଆ ଯୋଜନାକୁ ଅନୁମୋଦନ କରିଛନ୍ତି।
- ବ୍ରିଟେନରେ ରହୁଥିବା ଭାରତୀୟ ଶିଖମାନେ ମଟରସାଇକେଲରେ ଯିବାଆସିବା ବେଳେ ବାଧ୍ୟତାମୂଳକ ଭାବେ ହେଲ୍‌ମେଟ ପିନ୍ଧିବା ବଦଳରେ ପଗଡ଼ି ପିନ୍ଧିପାରିବେ ବୋଲି ଏକ ବିଲ୍ କମନ୍ସ ସଭାରେ ଗୃହୀତ ହୋଇଯାଇଛି।

## ଚିରନ୍ତନୀ

ଗାଇ ବିଦାୟର ଡାକ
ନୀଡ଼େ ଚଳେ ଶୁକ କାକ
ସନ୍ଧ୍ୟା ଆସେ ଗଭୀର ବିଷାଦେ,
ଦୂରଗ୍ରାମେ ଜଳେ ଦୀପ
ଦୂର ବନଗିରି ନୀପ
ମଉଳଇ କିବା ଅବସାଦେ !

-(ଆଶ୍ଳେଷ ସ୍ୱର୍ଗ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | 1 | | | | | 5 | | |
| | 6 | 7 | | 2 | 3 | | | |
| | 3 | | | | | | 9 | |
| | | 5 | 6 | 4 | | | | 1 |
| 7 | | | | | | 6 | | |
| 1 | | | | 8 | | | | 9 |
| | | | | | | | 3 | |
| | | | | | | | 1 | |
| | 5 | 9 | 4 | | 8 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 5 | 9 | 3 | 4 | 8 | 2 | 1 | 7 |
| 3 | 7 | 8 | 2 | 6 | 1 | 5 | 4 | 9 |
| 1 | 4 | 2 | 7 | 9 | 5 | 6 | 8 | 3 |
| 5 | 3 | 4 | 8 | 1 | 6 | 9 | 7 | 2 |
| 8 | 6 | 7 | 9 | 2 | 4 | 3 | 5 | 1 |
| 2 | 9 | 1 | 5 | 3 | 7 | 8 | 6 | 4 |
| 7 | 2 | 5 | 1 | 8 | 9 | 4 | 3 | 6 |
| 4 | 8 | 3 | 6 | 7 | 2 | 1 | 9 | 5 |
| 9 | 1 | 6 | 4 | 5 | 3 | 7 | 2 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ତୁଳସୀ କ୍ଷେତ୍ରର ଉନ୍ନତି କେବେ

ମହାଶୟ,

ଓଡ଼ିଶାର ଦ୍ୱିତୀୟ ତୀର୍ଥ ଧାମ ହେଉଛି ତୁଳସୀ କ୍ଷେତ୍ର। କାହିଁ କେଉଁ କେତେ ଯୁଗ ଧରି ସିଦ୍ଧ ବଳଦେବଜୀଉ ବିଦ୍ୟମାନ। ରାଜ୍ୟର ଐତିହ୍ୟ, ସଂସ୍କୃତି, ଭକ୍ତଙ୍କ ଆବେଗ ଓ ମହାନ୍ ସୌନ୍ଦର୍ଯ୍ୟ ଅତ୍ୟନ୍ତ ମନଲୋଭା, ଶୋଭନୀୟ ଏବଂ ମୋହିତ ବିଦ୍ୟମାନ ତୁଳସୀ କ୍ଷେତ୍ର। ସୂଚନାଯୋଗ୍ୟ ଉକ୍ତ ଭକ୍ତି ତୀର୍ଥ ଆଜି ସମ୍ପୂର୍ଣ୍ଣ ଅବହେଳିତ। ଏଭଳି ଏକ କ୍ଷେତ୍ର ତୀର୍ଥ ଧାମ ଯେଉଁଠାରେ ଭକ୍ତ, ଭକ୍ତି ଓ ଭଗବାନ ସିଦ୍ଧ ବଳଦେବଜୀ ଏକାକାର ହୋଇଯାନ୍ତି। ପ୍ରତ୍ୟେକ ସୁପ୍ରଭାତରେ କାହିଁ ଲକ୍ଷ ଲକ୍ଷ ଯୋଜନରୁ ପରିଦର୍ଶକ, ଆବାଳ ବୃଦ୍ଧବନିତା, ଭକ୍ତଗଣ, ତଥା ପରିବ୍ରାଜକଙ୍କ ଦ୍ୱାରା ପରିବେଷିଣ ହୋଇଥାଏ ବହୁ ସାଂସ୍କୃତିକ କାର୍ଯ୍ୟକ୍ରମ। ଏହା ସହ ବହୁଳ ମାତ୍ରାରେ ଭକ୍ତି ସଙ୍ଗୀତ, ଜଣାଣ, ଚଉପଦି, ଛାନ୍ଦ, ଓଡ଼ିଶୀ କଳାର ନୃତ୍ୟ ସହିତ ଭକ୍ତି ସଙ୍ଗୀତ ପରିବେଷଣ କରାଯାଏ। ପ୍ରତ୍ୟେକଦିନ ସାଂସ୍କୃତିକ କାର୍ଯ୍ୟକ୍ରମ କ୍ରମାନ୍ୱୟରେ ଗଢ଼ି ପ୍ରଗତିରେ ଚଳଚଞ୍ଚଳ ହୁଏ। ଅତୀବ ଦୁଃଖଦ ବିଷୟ ଆଜି ପର୍ଯ୍ୟନ୍ତ ଅତ୍ୟାବଶ୍ୟକ ସର୍ବାଙ୍ଗ ଉନ୍ନତି ସ୍ୱପ୍ନ। ରାଜ୍ୟ ସରକାର ଏ ଦିଗରେ ବିଶେଷ ନଜର ଦେଇ ତୁଳସୀ କ୍ଷେତ୍ରର ଉନ୍ନତି କରିବା ଲାଗି ପଦକ୍ଷେପ ନିଅନ୍ତୁ।

**-ଆଦିକନ୍ଦ ସାହୁ, ଏକମାଣିଆ, କେନ୍ଦ୍ରାପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଜୈବିକ ନୁହେଁ ଯୌଗିକ ସାରକୁ ପସନ୍ଦ

## ଗଞ୍ଜାମ ଜିଲା ପାଇଁ ୭୨.୫୦ ହଜାର ମେଟ୍ରିକ ଟନ୍ ସାର ଲକ୍ଷ୍ୟଧାର୍ଯ୍ୟ

ବ୍ରହ୍ମପୁର,୧୮।୭(ଅଶୋକ କୁମାର ସାହୁ)

କୃଷିର ବିକାଶ ପାଇଁ ବିହନ ନିଗମଠାରୁ ଆରମ୍ଭ କରି ଜଳସମ୍ପଦ ପର୍ଯ୍ୟନ୍ତ ଦାୟିତ୍ୱରେ ଥିବା ସମସ୍ତ ବିଭାଗ ଚଳିତବର୍ଷ ସରକାରଙ୍କ ଖରିଫ ଖସଡାକୁ ମାନିଛନ୍ତି। ଭଲ ଅମଳ ପ୍ରତି ସମସ୍ତଙ୍କ ଲକ୍ଷ୍ୟ ଥିବାବେଳେ ଉତ୍ପାଦିତ ଖାଦ୍ୟ ଶସ୍ୟ କେତେ ସ୍ୱାସ୍ଥ୍ୟପ୍ରଦ ହେବ ସେଥିପ୍ରତି କାହାରି ଚିନ୍ତା ନଥିବା କୃଷିବିତ୍‌ଙ୍କ ମତରୁ ଜଣାପଡିଛି। କୃଷି ବିଭାଗ ତଥ୍ୟ କହୁଛି ଯେ, ଚାଷୀମାନେ ସାଧାରଣତଃ ଜୈବିକ ସାର ନୁହେଁ ଯୌଗିକ ସାରକୁ ପସନ୍ଦ କରୁଛନ୍ତି। ବିଶେଷ କରି ଚାଷୀଙ୍କ ୟୁରିଆ ସାର ପସନ୍ଦ ଥିଲା। କିନ୍ତୁ ସେଥିରେ ସବୁ ରସାୟନିକ ତତ୍ତ୍ୱ ରହୁନଥିବାରୁ ଏବେ ଡିଏପି, ଏମଓପି, ଏନପିକେଏସକୁ ଅଧିକ ପସନ୍ଦ କରୁଥିବା ଜାଣିବାକୁ ମିଳିଛି। ଚଳିତବର୍ଷ ପର୍ଯ୍ୟାପ୍ତ ସାର ମହଜୁଦ ରହିଛି। ଗତ ଖରିଫ ଋତୁରେ ୬୨ ହଜାର ମେଟ୍ରିକ ଟନ ସାର ଲକ୍ଷ୍ୟଧାର୍ଯ୍ୟ ଥିବାବେଳେ ଚଳିତବର୍ଷ ଏହା ୬୨ହଜାର ୫୦୦ ମେଟ୍ରିକ ଟନକୁ ବୃଦ୍ଧି ପାଇଛି। ୟୁରିଆ ୩୪ ହଜାର ମେଟ୍ରିକ ଟନ୍, ଡିଏପି ୬୦୦୦ ମେଟ୍ରିକ ଟନ୍, ଏମଓପି ୨ହଜାର ମେଟ୍ରିକ ଟନ୍, ଏନପିକେଏସ ୧୫ ହଜାର ୫୦୦ ମେଟ୍ରିକ ଟନ୍ ଓ ଏସଏସପି ୫୦୦୦ ମେଟ୍ରିକ ଟନ୍ ସାର ବ୍ୟବହାର କରିବାକୁ ମାର୍କଫେଡ ସୂଚନାକୁ ଆଧାର କରି କୃଷି ବିଭାଗ ତଥ୍ୟ ଦେଇଛି। ଭଲ ଅମଳ ପାଇଁ ବିଶେଷ କରି ନାଇଟ୍ରୋଜେନ, ଫସଫେଟ ଓ ପଟାସ ଭଳି ରସାୟନିକ ଦ୍ରବ୍ୟ ଥିବା ସାର ଦରକାର। ଡିଏପି, ଏମ୍‌ଓପି, ଏନପିକେଏସରେ ଏଭଳି ଯୌଗିକ ରସାୟନିକ ଗୁଣ ରହିଛି। ତେଣୁ ଏଗୁଡିକୁ ଚାଷୀ ଅଧିକ ପସନ୍ଦ କରିବେ ବୋଲି ଆଶା ରହିଛି। ଜିଲାରେ ଥିବା ୩୫୬ ପ୍ୟାକ୍ସ ଓ ୨୫୭ ସରକାରୀ ଲାଇସେନ୍ସପ୍ରାପ୍ତ ଡିଲର ଏହି ସାର ବିକିପାରିବେ। ସେମାନଙ୍କଠାରୁ ଚାଷୀମାନେ କିଣିବେ। ସାର କଳାବଜାରୀ ରୋକିବା ପାଇଁ କୃଷି ବିଭାଗ ତରଫରୁ ସ୍କ୍ୱାଡ ଗଠନ କରାଯାଇ ସାରା ଜିଲାରେ ସାର ବିକ୍ରୟ କେନ୍ଦ୍ରଗୁଡିକରେ ଯାଞ୍ଚ କରାଯାଉଛି। ବର୍ତ୍ତମାନ ସୁଦ୍ଧା ସାର ପର୍ଯ୍ୟାପ୍ତ ମହଜୁଦ ଥିବାବେଳେ କଳାବଜାରର ସୁଯୋଗ ନାହିଁ। ଅନ୍ୟ ପକ୍ଷରେ କେଉଁଠି ଦର ଅଧିକ କରି ବିକ୍ରି କରାଯାଉଛି ତାହାକୁ ବି ତଦାରଖ କରାଯାଉଛି। ୟୁରିଆ ସାର ୪୫ କେଜି ପିଛା ସରକାରୀ ଦର ୨୬୬.୫୦ ଥିବାବେଳେ ଅନ୍ୟାନ୍ୟ ସାରର ଦର କମ୍ପାନୀ ଅନୁଯାୟୀ ଭିନ୍ନ ଥିବାରୁ ଦେବା ଠିକ ହେବ ନାହିଁ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ତେବେ ସବୁଠୁ ବଡ କଥା ହେଲା ଜୈବିକ ସାର ପ୍ରତି ଚାଷୀଙ୍କ ମନରେ ଆଗ୍ରହ ଜନ୍ମାଇବା ପାଇଁ କୃଷି ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି। ଚାଷୀଙ୍କୁ ଧନିଚା ଚାଷ କରିବା, କମ୍ପୋଷ୍ଟ ପ୍ରୟୋଗ କରିବା, ଜିଆ ଖତ ପକାଇବା ଓ ଏହାକୁ କିଭଳି କରାଯିବ ତାହା ଉପରେ ସଚେତନ କରାଯାଉଛି। କିନ୍ତୁ ଭଲ ଅମଳ ପ୍ରତି ଚାଷୀ ଲକ୍ଷ୍ୟ ରଖୁଥିବାରୁ କେତେକାଂଶରେ ଏହା ଫଳପ୍ରଦ ହୋଇପାରୁନାହିଁ ବୋଲି କେତେକ କୃଷି ବିଜ୍ଞାନୀଙ୍କ ମତରୁ ଜଣାପଡିଛି। ଅନ୍ୟପକ୍ଷରେ ଜୈବିକ ସାର ପ୍ରୟୋଗ ଆରମ୍ଭ କଲେ ୩ବର୍ଷ ପର୍ଯ୍ୟନ୍ତ ଜାରି ରଖିବାକୁ ପଡିବ। ଏହି ୩ ବର୍ଷରେ ଭଲ ଅମଳ ଆସିବ ନାହିଁ। ପରେ ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ସଶ୍ୟ ଭଲ ଉତ୍ପାଦିତ କରିହେବ। କିନ୍ତୁ ଏତେ ଦିନ ପର୍ଯ୍ୟନ୍ତ ଚାଷୀଙ୍କ ସହିବା ଶକ୍ତି ରହୁନଥିବାରୁ ଯୌଗିକ ସାର ଏବେ ଜୈବିକ ସାରର ସ୍ଥାନ ନେଇଛି। ଭଲ ଅମଳ ବି ହେଉଛି ବୋଲି କୃଷି ବିଜ୍ଞାନୀଙ୍କ ମତରୁ ଜଣାପଡିଛି। ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ କୃଷି ଅଧିକାରୀ ଡ. ଅଜୟ କୁମାର କର କହିଛନ୍ତି ଯେ, ଜୈବିକ ସାର ପ୍ରୟୋଗ କରିବାକୁ ଚାଷୀଙ୍କୁ ସଚେତନ କରାଯାଉଛି। ଏଥି ସହିତ ଜିଆ ଖତ, କମ୍ପୋଷ୍ଟ ଏବଂ ଧନିଚା ଚାଷ କରିବାକୁ ଚାଷୀଙ୍କୁ ପ୍ରୋତ୍ସାହନ ବି ଦିଆଯାଉଛି। ଚଳିତ ଖରିଫ ଋତୁରେ ସାର ମହଜୁଦ ରହିଛି। କଳାବଜାର ପ୍ରତି ବିଭାଗ ସତର୍କ ରହିଛି ବୋଲି ସେ କହିଛନ୍ତି।



ରଙ୍ଗେଇଲୁଣ୍ଡା ବ୍ଲକର ଏକ ଡିଲର ପଏଣ୍ଟରେ ଜଣେ କୃଷି ଅଧିକାରୀ ଯାଞ୍ଚ କରୁଛନ୍ତି।

## ଛାତ୍ରୀଙ୍କୁ ବଳାତ୍କାର ଘଟଣା, ଯୁବକ ଗିରଫ

ଗୋପାଳପୁର,୧୮।୭(ନବୀନ ରାଜ ଆଚାରୀ) ଗୋଳନ୍ଥରା ଥାନା ଅଞ୍ଚଳର ଜଣେ ଯୁକ୍ତ ୨ପ୍ରଥମ ଶ୍ରେଣୀ ଛାତ୍ରୀଙ୍କୁ ପ୍ରଲୋଭନ ଦେଖାଇ ବଳାତ୍କାର କରିବା ଘଟଣାରେ ପୋଲିସ ଶୁକ୍ରବାର ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେ ହେଲେ ପି.ପିତାମ୍ବର (୧୯) ବୋଲି ଡିଏସପି ବିବେକାନନ୍ଦ ସ୍ୱାଇଁ ସୂଚନା ଦେଇଛନ୍ତି। ସୂଚନାନୁସାରେ ଏହି ଥାନା ଅଧିନ ଏକ ଗ୍ରାମରେ ମେ' ୧୨ରେ ବିବାହ ପ୍ରୋସେସନ ଚାଲିଥିବା ବେଳେ ପିତାମ୍ବର ସେହି ଗ୍ରାମର ନାବାଳିକା ଛାତ୍ରୀଙ୍କୁ ପ୍ରଲୋଭନ ଦେଖାଇ ଅପହରଣ କରି ନେଇଯାଇଥିଲେ। ଛାତ୍ରୀଙ୍କ ପରିବାର ଲୋକ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ଛାତ୍ରୀଙ୍କ ମା' ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ ୨୧୧/୨୫ ପ୍ରକାରେ ପୋଲିସ ଅପହରଣ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଗୁରୁବାର ସକାଳେ ଏକ ଗ୍ରାମରୁ ପୋଲିସ ଚଢ଼ାଉ କରି ପିତାମ୍ବରଙ୍କୁ କାବୁ କରିଥିବା ବେଳେ ଛାତ୍ରୀଙ୍କୁ ଉଦ୍ଧାର କରିଥିଲା। ପୋଲିସ ଉଭୟଙ୍କ ଡାକ୍ତରୀ ମାଇନା କରି ପିତାମ୍ବରଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରା ଉଚରା କରିଥିଲା। ଶୁକ୍ରବାର ଅପରାହ୍ନରେ ପିତାମ୍ବରକୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ବିଏନଏସ ୧୮୩ ଧାରା ଅନୁସାରେ ଛାତ୍ରୀଙ୍କ ବିଚାରପତି ସମ୍ମୁଖରେ ବୟାନ ରେକର୍ଡ କରାଯାଇଛି।

## ଗୋପାଳପୁର କଲେଜରେ ବିଦାୟ, ସ୍ୱାଗତ ସମ୍ବର୍ଦ୍ଧନା



ଅଧ୍ୟାପକ ଗିରିଶ ବେହେରାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଉଛି।

ବ୍ରହ୍ମପୁର,୧୮।୭(ସୁବାସ ଚନ୍ଦ୍ର ପାଢ଼ୀ) ଗୋପାଳପୁର କଲେଜରେ ଶୁକ୍ରବାର ବିଦାୟ କାଳୀନ ଓ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅଧକ୍ଷ ଡ଼.ରାମ ପ୍ରସାଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କଲେଜରୁ ବିଦାୟ ନେଉଥିବା ଅଧ୍ୟାପକ ଡ଼.ଗିରିଶ ଚନ୍ଦ୍ର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ନୂତନ ଭାବେ କଲେଜରେ ଯୋଗ ଦେଇଥିବା ଅଧ୍ୟାପିକା ଅର୍ଥନୀତି ବିଭାଗର ରଞ୍ଜୁକ୍ତା ପାଣିଗ୍ରାହୀ,ଓଡ଼ିଆ ବିଭାଗର ଅଧ୍ୟାପକ କୃଷ୍ଣ ଚନ୍ଦ୍ର ପାଣିଗ୍ରାହୀଙ୍କୁ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ନୂତନ ଭାବେ ଯୋଗ ଦେଇଥିବା ଅଧ୍ୟାପିକା ଅଧ୍ୟାପକ ପାଠପଢ଼ା ପ୍ରତି ଗୁରୁତ୍ୱ ଦେବା ସହ ବିଭାଗ ଏବଂ କଲେଜର ଗୌରବ ଆଣିବାକୁ ଉଦ୍ୟମ କରିବେ ବୋଲି କହିଥିଲେ। ବିଦାୟୀ ଅଧ୍ୟାପକ ଡ଼.ବେହେରା ଛାତ୍ରବତ୍ସଳ ଥିଲେ। ସଂପାଦକ ଉମାକାନ୍ତ ସାହୁ ବିବରଣୀ ପାଠ କରିଥିଲେ । ଓଡ଼ିଆ ବିଭାଗର ମୁଖ୍ୟ ଡ଼ ରାଜେନ୍ଦ୍ର କୁମାର ମହାପାତ୍ର, କଲେଜ ପ୍ରାଶାସନିକ ଅଧିକରୀ ଡ଼. ମନୋଜ ପଟ୍ଟନାୟକ, ଇଂରାଜୀ ବିଭାଗର ଅଧ୍ୟାପକ ଡ଼.ମାନସ ରଞ୍ଜନ ମିଶ୍ର, ରାଜନୀତି ବିଭାଗର ମୁଖ୍ୟ ଡ଼.ରାମଚନ୍ଦ୍ର ଜେନା, ଉଦ୍ଭିଦ ବିଜ୍ଞାନର ମୁଖ୍ୟ ଡ଼.ପ୍ରଦୀପ୍ତ କୁମାର ପଟ୍ଟନାୟକ, ଇଂରାଜୀ ବିଭାଗର ଅଧ୍ୟାପକ ଯୋଗିନ୍ଦ୍ର ସାହୁ ଓ ଇତିହାସ ବିଭାଗର ଅଧ୍ୟାପିକା ଚଞ୍ଚଳା ଜେନା ପ୍ରମୁଖ ନିଜ ମତ ଉପସ୍ଥାପନ କରିଥିଲେ। ଓଡ଼ିଆ ବିଭାଗର ଅଧ୍ୟାପକ ଆକାଶ କୁମାର ସିଂହ ଡ଼.ଗିରିଶ ଚନ୍ଦ୍ର ବେହେରାଙ୍କ ମାନପତ୍ର ପାଠ କରିଥିଲେ । ଉପ ସଂପାଦକ ସନ୍ତୋଷ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

## ବ୍ରହ୍ମପୁର ଟ୍ରାଫିକ୍ ଡିଏସ୍‌ପି ହେଲେ ତିରୁପତି ଚୌଧୁରୀ



ବ୍ରହ୍ମପୁର,୧୮।୭(ସୁବାସ ଚନ୍ଦ୍ର ପାଢ଼ୀ): ବ୍ରହ୍ମପୁର ସହରର ଟ୍ରାଫିକ ଡିଏସପି ଭାବେ ତିରୁପତି ଚୌଧୁରୀଙ୍କୁ ନିଯୁକ୍ତି ମିଳିଛି । ପୂର୍ବରୁ ସେ ବ୍ରହ୍ମପୁର ଜିଲା ପୋଲିସ ମୁଖ୍ୟାଳୟରେ ଡିଆଇବି ଇନ୍ସପେକ୍ଟର ଭାବେ କାର୍ଯ୍ୟ କରୁଥିଲେ। ନିକଟରେ ତାଙ୍କ ପଦୋନ୍ନତି ହୋଇଥିଲା। ତାଙ୍କୁ ବ୍ରହ୍ମପୁର ସହରର ଟ୍ରାଫିକ ପରିଚାଳନା ଦାୟିତ୍ୱ ମିଳିଛି । ସେ ଶୁକ୍ରବାର ଭାରପ୍ରାପ୍ତ ଟ୍ରାଫିକ ଡିଏସପି ଅକ୍ଷୟ ପଣ୍ଡାଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି ।

## ଗ୍ରୀନ୍‌ଇଣ୍ଡିଆ ଏମ୍‌ଡି ପ୍ରଦୀପ ସିଂଙ୍କ ନାଁରେ ଆଉ ଏକ ଠକେଇ ମାମଲା

ବ୍ରହ୍ମପୁର,୧୮।୭(ସୁବାସ ଚନ୍ଦ୍ର ପାଢ଼ୀ)

ଚିଟ ଫଣ୍ଡ କମ୍ପାନୀ ଗ୍ରୀନ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ ସିଂଙ୍କ ନାମରେ ପୁଣି ଏକ ଠକେଇ ମାମଲା ରୁଜୁ ହୋଇଛି । ଚମାଖଣ୍ଡି ନିକଟ ବଣବୁଲାପଲ୍ଲୀର ଜଣେ ବ୍ୟକ୍ତିଙ୍କ ଠାରୁ ୫ ଲକ୍ଷ ଟଙ୍କା ଠକି ନେଇଥିବା ଜଣାପଡିଛି। ଏ ନେଇ ବୈଦ୍ୟନାଥପୁର ଥାନାରେ ନଂ.୩୬୦/୨୫ ରେଏକ ମାମଲା ରୁଜୁ ହେବା ସହ ପୋଲିସ ଘଟଣାର ତଦନ୍ତ ଚଳାଇଛି । ୨୦୧୧-୧୨ରେ ପ୍ରଦୀପ ସିଂ ନିଜ କମ୍ପାନୀ ଗ୍ରୀନ ଇଣ୍ଡିଆ ମଲଟି ଷ୍ଟେଟ ମେମ୍ବରର୍ସ କ୍ରେଡିଟ କୋପରେଟିଭ ପ୍ରାଇଭେଟ ଲିମିଟେଡ ନାମକ କମ୍ପାନୀ ଖୋଲି ଲୋକଙ୍କ ଠାରୁ କୋଟି କୋଟି ଟଙ୍କା ଠକେଇ କରିଥିଲେ । ବ୍ରହ୍ମପୁର ଧର୍ମନଗର ୪ର୍ଥ ଲାଇନରେ ଏହି ଚିଟଫଣ୍ଡ କମ୍ପାନୀର ଏକ କାର୍ଯ୍ୟାଳୟ ରହିଥିଲା। ଏହି କାର୍ଯ୍ୟାଳୟରେ ଗୋଳନ୍ଥରାର ମହିଳା ଝମ୍ପିରାଣୀ ପାଣୀ ଓରଫ ସୁକାନ୍ତି ଏବଂ କନିଷିର ପ୍ରଶାନ୍ତ କୁମାର ସାହୁ ଏଜେଣ୍ଟ ଭାବେ କାର୍ଯ୍ୟ କରୁଥିଲେ ତେବେ କମ୍ପାନୀ ଏହି ଏଜେଣ୍ଟମାନେ ଚମାଖଣ୍ଡି ବଣବୁଲାପଲ୍ଲୀର ନରସିଂହ ପ୍ରଧାନଙ୍କୁ ଏହି ଚିଟ ଫଣ୍ଡ କମ୍ପାନୀରେ ଟଙ୍କା ନିବେଶ କରିବାକୁ କହିବା ସହ ମୋଟ ଅଙ୍କର ଲାଭ ପାଇବେ ବୋଲି ଜଣାଇଥିଲେ। ସେହିପ୍ରକାରେ ନରସିଂହ ୫ ଲକ୍ଷ ଟଙ୍କା ଜମା କରିଥିଲେ। ହେଲେ କିଛି ଦିନ ପରେ ଚିଟଫଣ୍ଡ କଲେଙ୍କାରୀ ସାମ୍ନାକୁ ଆସିବା ପରେ ଗ୍ରୀନ ଇଣ୍ଡିଆ କମ୍ପାନୀ ନାଁରେ ବିଭିନ୍ନ ଥାନାରେ ଠକେଇ ମାମଲା ରୁଜୁ ହୋଇଥିଲା । କମ୍ପାନୀର କାର୍ଯ୍ୟାଳୟ ବନ୍ଦ ହୋଇଯିବା ପରେ ନରସିଂହଙ୍କ ନିଜ ଜମା ଟଙ୍କା ଫେରସ୍ତ ପାଇ ପାରିନଥିଲେ। ବହୁବର୍ଷ ଧରି ଅପେକ୍ଷା କରିବା ପରେ ନରସିଂହଙ୍କୁ ନିଜ ଟଙ୍କା ନମିଳିବାରୁ ସେ ଗ୍ରୀନ ଇଣ୍ଡିଆ କମ୍ପାନୀର ଏମଡି ତଥା ବ୍ରହ୍ମପୁର ଅଯୋଧ୍ୟାନଗର ୨ୟ ଲାଇନରେ ରହୁଥିବା ପ୍ରଦୀପ ସିଂଙ୍କ ସମେତ ଉପରୋକ୍ତ ୨ ଏଜେଣ୍ଟଙ୍କ ନାମରେ ପୋଲିସରେ ଅଭିଯୋଗ କରିଥିଲେ। ତେବେ ପୋଲିସ ନଶୁଣିବାରୁ ସେ ବ୍ରହ୍ମପୁର ଓପିଆଇଡି କୋର୍ଟରେ ୱାନ-ସିସି ମାମଲା ରୁଜୁ କରିଥିଲେ । ସେହି ମାମଲାର ବିଚାରଣ କରି କୋର୍ଟ ଏହା ଏକ ଅର୍ଥନୈତିକ ଅପରାଧିକ ମାମଲା ଏବଂ ଏହାର ତଦନ୍ତ ହୋଇ ସତ୍ୟ ସାମ୍ନାକୁ ଆସିବା ଜରୁରୀ ବୋଲି କହିବା ସହ କମ୍ପାନୀର ଏମଡି ପ୍ରଦୀପ ଓ ୨ ଏଜେଣ୍ଟଙ୍କ ନାମରେ ମାମଲା ରୁଜୁ କରିବାକୁ ବୈଦ୍ୟନାଥପୁର ଥାନାକୁ ଚଳିତମାସ ୭ ତାରିଖରେ ନିର୍ଦ୍ଦେଶ ଦେଇଛନ୍ତି । କୋର୍ଟଙ୍କ ନିର୍ଦ୍ଦେଶପ୍ରକାରେ ଥାନାରେ ଉକ୍ତ ଏକ ମାମଲା ରୁଜୁ ହୋଇଛି ।

## ଜିଲା କୋର୍ଟରେ ହେବ ଜିଲାସ୍ତରୀୟ ଲୋକ ଅଦାଲତ

ବ୍ରହ୍ମପୁର,୧୮।୭(ସୁବାସ ଚନ୍ଦ୍ର ପାଢ଼ୀ) ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକଙ୍କ ନିର୍ଦ୍ଦେଶ କ୍ରମେ ଆସନ୍ତା ୨୭ ତାରିଖ ରବିବାର ବ୍ରହ୍ମପୁର ସ୍ଥିତ ଜିଲା ଅଦାଲତ ପରିସରରେ ଜିଲାସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବା ଏଥିରେ କେବଳ ବିଚାରାଧୀନ ଚେକ ବାଉନ୍ସ ମାମଲାର ଆପୋଷ ସହମତିରେ ସମାଧାନ କରାଯିବ । ଦୀର୍ଘଦିନ ଧରି ଚାଲୁ ରହିଥିବା ମକଦ୍ଦମାକୁ ନିଃଶୁଳ୍କ ଏବଂ ସ୍ୱଳ୍ପ ସମୟ ମଧ୍ୟରେ ସମାଧାନ କରାଯିବ ବୋଲି ଗଞ୍ଜାମ ଜିଲା ଆଇନସେବା ପ୍ରାଧିକରଣ କାର୍ଯ୍ୟାଳୟରୁ ଜଣାପଡିଛି।

## ବିଏମସି କର୍ମଚାରୀଙ୍କ ପରଲୋକ

ବ୍ରହ୍ମପୁର,୧୮।୭(ସ୍ମୃତି ରଞ୍ଜନ ମହାଳିକ)

ବ୍ରହ୍ମପୁର ମହାନଗର ନିଗମ (ବିଏମସି) କର୍ମଚାରୀ ତଥା ୱାର୍କ ସରକାର ରାଜ କୁମାର ସାହୁ (୫୩)ଙ୍କ ଶୁକ୍ରବାର ସକାଳେ ହୃଦଘାତରେ ପରଲୋକ ଘଟିଛି। ବିଏମସି ପକ୍ଷରୁ ଅପରାହ୍ନରେ ଶୋକସଭା କରାଯାଇଥିଲା।

V.N. (AUTO) COLLEGE, JAJPUR ROAD
A WALK IN INTERVIEW will be held at 10 A.M. on 27.07.2025 for different posts, details in website : www.vnautocollege.in.
Principal

WANTED
Sales Executive - 2 Nos
Qualification : 12th Pass
Computer Knowledge
MAHALAXMI MOBILE
Shop No.-59, Bharatia Tower
Ground Floor, Badambadi, Cuttack
Mobile - 7684862464

REQUIREMENT
MARKETING EXECUTIVE with Motor Cycle. Any Graduate in Bhubaneswar.
One OFFICE ASSISTANT with Computer Knowledge BCA, PGDCA in Bhubaneswar.
Mob.: 9338205137, 9861404151

REQUIRED
We need for our Real Estate Company
1. RECEPTIONIST : +3 above + Comp. (Ladies)
2. TELECALLER : +2 above + Comp. (Ladies)
3. MARKETING EXECUTIVE : +2 above + Experience
4. PEON-CUM-COOK : 10th above.
Office: Sundarpada, Bhubaneswar - 02
Send your Bio-data @ 9777969014, 9861433014

JAWAHARLAL NEHRU HIGHER SECONDARY SCHOOL, BALIANTA, KHORDHA
E-mail: jawaharlal93384@gmail.com, Ph. No.: 7008726788
WALK-IN-INTERVIEW
Candidates having minimum 55% marks in P.G. can Walk-in-Interview for Lecturer in Odia and History (One Post for each subject) on Dt.30.07.2025, Wednesday from 10.30 A.M. onwards.
Sd./- Principal-cum-Secretary

## ଦଣ୍ଡନାଚରେ ସାମାଜିକ ନାଟକ ବାରଣ ନିଷ୍ପତ୍ତିର ପୁନଃ ବିଚାର ଦାବି

ବ୍ରହ୍ମପୁର,୧୮।୭(ସ୍ମୃତି ରଞ୍ଜନ ମହାଳିକ) ରାଜ୍ୟସ୍ତରୀୟ ମୁକ୍ତ ମଂଚ କଳାକାର ସମାବେଶ ଶୁକ୍ରବାର ଗଞ୍ଜାମ କଳା ପରିଷଦ ନିକଟସ୍ଥ ଏକ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲୋକନାଥ ସାମନ୍ତରାୟ ଅଧ୍ୟକ୍ଷତା କରିଥିଲେ। ସମାବେଶରେ କାହିଁକି ସାମାଜିକ ନାଟକ ମନା ସେ ସଂପର୍କରେ ଆଲୋଚନା ହୋଇଥିଲା। ଆସନ୍ତା ବର୍ଷ ଦଣ୍ଡ ନାଚରେ ସାମାଜିକ ନାଟକ ହେବ ନାହିଁ ବୋଲି ଦଣ୍ଡନାଚ ମହାସଂଘର ନିଷ୍ପତ୍ତି ଅନେକ କଳାକାରଙ୍କୁ ଦୁଃଖିତ କରିଛି। ଏହାଦ୍ୱାରା କଳାକାରଙ୍କ ପେଟ ପୋଷିବାରେ ବାଧା ସୃଷ୍ଟି ହେବ। ସାମାଜିକ ନାଟକ ସମାଜକୁ ବାର୍ତ୍ତା ଦେବା ସହ କଳାକାରଙ୍କୁ ମଧ୍ୟ ଆର୍ଥିକ ସାହାଯ୍ୟ ଯୋଗାଇଥାଏ। ଏଣୁ ସଂଘ ପକ୍ଷରୁ ନିଷ୍ପତ୍ତିର ପୁନଃ ବିଚାର କରିବା ପାଇଁ ମଂଚ ପକ୍ଷରୁ ଦାବି ହୋଇଛି। ଏ ନେଇ ଆସନ୍ତା ମାସ ୩ ତାରିଖରେ ସଂଘ ପକ୍ଷରୁ ପୁନଃ ବିଚାର କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ଆଲୋଚନାଚକ୍ରରେ କୁହାଯାଇଥିବା ମଂଚ ପକ୍ଷରୁ କୁହାଯାଇଛି। ଆଲୋଚନା ଚକ୍ରରେ ମଂଚର ଗୁଟୁ ପାଢ଼ି, ଜିଲା ଦଣ୍ଡ ନାଚ ମହାସଂଘ ସଭାପତି ଶିବରାମ ପ୍ରଧାନ, ସଂପାଦକ ଶରତ ଚନ୍ଦ୍ର ସାହୁ, ଜିଲାସ୍ତରୀୟ ବରିଷ୍ଠ କଳାକାର ମହାସଂଘ ସଭାପତି ଦୁର୍ଗା ପ୍ରସାଦ ଆଚାର୍ଯ୍ୟ, ରାଜ୍ୟ ଚିତ୍ରାଳୟ ମହାସଂଘର ଉପଦେଷ୍ଟା ବିଜୟ କୁମାର ସାହୁ, ରାଜ୍ୟ ସଂଗୀତ ମହାସଂଘର କେ.ଦେବରାଜ ଓ ଜିଲା ଅପେରା ନିର୍ଦ୍ଦେଶକ ମହାସଂଘ ସଭାପତି ସୁଶାନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ତତ୍କାଳୀନ ଏମ୍‌ଭିଆଇଙ୍କୁ ୨ବର୍ଷ ଜେଲ

ବ୍ରହ୍ମପୁର, ୧୮।୭ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଜ୍ଞାନେନ୍ଦ୍ର କୁମାର ବାରିକ ଏକ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାର ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି। ୨୨ ବର୍ଷ ପରେ ସେ ଏହାର ଶୁଣାଣି କରି ଜଣେ ତତ୍କାଳୀନ କନିଷ୍ଠ ଏମ୍‌ଭିଆଇଙ୍କୁ ୨ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ସେ ହେଲେ ଗଞ୍ଜାମ ଜିଲା ଗିରିସୋଲା ତନଖି ଫାଟକର ତତ୍କାଳୀନ କନିଷ୍ଠ ଏମ୍‌ଭିଆଇ ଦେବୀ ପ୍ରସାଦ ପାଢ଼ୀ। ଏହା ସହିତ ୫୦ହଜାର ଟଙ୍କା ଜରିମାନା ଦେବାକୁ କୋର୍ଟ ରାୟ ଦେଇଛନ୍ତି। ଜରିମାନା ଅନାଦାୟ ଅତିରିକ୍ତ ୬ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବାକୁ ନିର୍ଦ୍ଦେଶ ହୋଇଛି। ଗତ ୨୦୦୩ ଫେବ୍ରୁଆରି ୨୮ତାରିଖରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ବିଭାଗ ତତ୍କାଳୀନ ଏମ୍‌ଭିଆଇ ପାଢ଼ୀଙ୍କ ଘର, ଅଫିସ ସମେତ ୪ଟି ସ୍ଥାନରେ ଚଢ଼ଉ କରିଥିଲା। ଯାଞ୍ଚ ପରେ ତାଙ୍କ ନିକଟରୁ ପ୍ରାୟ ୨୪ଲକ୍ଷ ୫୪ହଜାର ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଜବତ ହୋଇଥିଲା। ଯାହାକି ତାଙ୍କ ଆୟର ଶତକଡା ୧୯୯ ପ୍ରତିଶତ ଥିଲା। ଯାହାର ହିସାବ ସେ ଦେଇପାରିନଥିଲେ। ଏ ନେଇ ଭିଜିଲାନ୍ସ ବିଭାଗ ଚାର୍ଜସିଟ ଦାଖଲ କରିଥିଲା। ମାମଲାର ଶୁଣାଣି ବେଳେ ୨୫ ସାକ୍ଷୀଙ୍କ ବୟାନକୁ ଆଧାର କରି କୋର୍ଟ ଆବଶ୍ୟକ ପ୍ରମାଣ ମିଳିଥିବାରୁ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ସୁରେନ୍ଦ୍ର ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ। ପ୍ରକାଶ ଥାଉ କି ସେ ପୂର୍ବରୁ ମଧ୍ୟ ଏକ ଲାଞ୍ଚ ଗ୍ରହଣ ମାମଲାରେ ୨୦୧୮ ଜୁନ୍‌ରେ ଫୁଲବାଣୀ ଭିଜିଲାନ୍ସ କୋର୍ଟରେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ଏଣୁ ତାଙ୍କୁ ଚାକିରିରୁ ବାହାର କରାଯାଇଥିଲା। ସେହିପରି ତାଙ୍କ ନାମରେ ରୁଜୁ ହୋଇଥିବା ଭିଜିଲାନ୍ସ କେସ ନଂ. ୫୪/୧୦ ମାମାଲଟି ବର୍ତ୍ତମାନ ବିଚାରାଧୀନ ରହିଛି।

ଧରିତ୍ରୀ DHARITRI Oriya daily
WANTED

| POSITION | ELIGIBILITY | LOCATION |
|---|---|---|
| CTP OPERATOR | ▸ Should have experience in CTP plate processing machines operating in print media<br>▸ Familiarity with plate making equipment and software<br>▸ Should have expertise in using Altizen, Postrip Express, D Compose, Q Server<br>▸ Should have basic Computer skills & ability to learn new software techniques. | BHUBANESWAR |

Interested candidates can send their resume to
recruitment@dharitri.com / recruitment.dharitri52@gmail.com

ଦି ବାଲେଶ୍ୱର କୋ-ଅପରେଟିଭ୍ ଅର୍ବାନ ବ୍ୟାଙ୍କ ଲିଃ.
ପଞ୍ଜିକୃତ ନଂ.: ବିଏଲ୍/୪୪, ସ୍ଥାପିତ-୧୯୪୫, ଆର୍.ବି.ଆଇ.
ଏଲ୍ଆଇସି ନଂ.: ୟୁବିଡି. (ଓଆର୍ଆଇ) ୦୦୦୪ପି/୦୯-୧୦,
ସା: ବିବେକାନନ୍ଦ ମାର୍ଗ, ପୋ/ଜିଲ୍ଲା: ବାଲେଶ୍ୱର, ଓଡ଼ିଶା, ପିନ୍-୭୫୬୦୦୧,
ଫୋନ୍: ୦୬୭୮୨-୨୬୩୦୪୪, ଇମେଲ: contact@blscub.com, www.blscub.com

ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସ୍‌ନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ଦି ବାଲେଶ୍ୱର କୋ-ଅପରେଟିଭ୍ ଅର୍ବାନ ବ୍ୟାଙ୍କ ଲିଃ.ର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟର ୨୦୦୨ର ଧାରା ୧୩(୪) ଅନୁଯାୟୀ ନୋଟିସ୍ ଜାରିକରି ବ୍ୟାଙ୍କର ବକେୟା ଦେୟ ବାବଦ ନିମ୍ନରେ ପ୍ରଦତ୍ତ ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ସର୍ବସାଧାରଣ ଏବଂ ବିଶେଷକରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟରମାନଙ୍କୁ ସୂଚିତ କରାଯାଉଛି ଯେ ନିମ୍ନ ସ୍ୱାକ୍ଷରକାରୀ ଋଣଅଗ୍ରୀମଧାରୀ ଆକାଉଣ୍ଟ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସମ୍ପତ୍ତିକୁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛ" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି, ଯାହାର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ।

ଇ-ନିଲାମର ତାରିଖ ଏବଂ ସମୟ: ୨୦.୦୮.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୨.୦୦ ଘଟିକା ପର୍ଯ୍ୟନ୍ତ, ପ୍ରତ୍ୟେକଙ୍କ ନିମନ୍ତେ ୧୦ ମିନିଟ୍ ଅସିମୀତ ବର୍ଦ୍ଧିତ ସମୟ ସହିତ

| କ୍ର. ନଂ. | ଋଣକର୍ତ୍ତା / ଗ୍ୟାରେଣ୍ଟରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ପରିମାଣ ଯାହାର ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ / ସାଙ୍କେତିକ ଦଖଲ ତାରିଖ / ଭୌତିକ ଦଖଲ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା ରାଶି/ ବିଡ୍ ବୃଦ୍ଧି ପରିମାଣ / ଅମାନତ ରାଶି ଜମାର ଅନ୍ତିମ ତାରିଖ |
|---|---|---|---|---|
| ୧. | ଋଣଗ୍ରହୀତା: ଶ୍ରୀମତୀ ସୌଦାମିନୀ ନାୟକ, ସ୍ୱାମୀ: ଘନଶ୍ୟାମ ନାୟକ, ସା: ମେଘଡମ୍ବରୁ, ପୋ: କୁରୁଡ଼ା, ଥାନା: ବାଲେଶ୍ୱର ସଦର, ଓଡ଼ିଶା, ପିନ୍-୭୫୬୦୫୬ / ଗ୍ୟାରେଣ୍ଟରମାନେ: ୧) ଶ୍ରୀ ଘନଶ୍ୟାମ ନାୟକ, ପିତା: ଶ୍ରୀ ନରେନ୍ଦ୍ର ନାୟକ, ୨) ମୋନାଲିସା ନାୟକ, ପିତା: ଶ୍ରୀ ଘନଶ୍ୟାମ ନାୟକ, ଉଭୟଙ୍କ ଠିକଣା- ସା: ମେଘଡମ୍ବରୁ, ପୋ: କୁରୁଡ଼ା, ଥାନା: ବାଲେଶ୍ୱର ସଦର, ଓଡ଼ିଶା, ପିନ୍-୭୫୬୦୫୬ | ଶ୍ରୀମତୀ ସୌଦାମିନୀ ନାୟକଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ମେଘଡମ୍ବରୁ, ବାଲେଶ୍ୱର, ଜିଲ୍ଲା: ବାଲେଶ୍ୱର, ଖାତା ନଂ.: ୧୮୦/୧୨୦୪, ୟୁନିଟ୍ ନଂ. ୧୭୨, ପ୍ଲଟ୍ ନଂ.: ୧୬୬/୧୭୬୩, କ୍ଷେତ୍ର: ଏକର୦.୦୬୫ ଡିସିମିଲି, କିସମ: ଘରବାରି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଖାଲି ଜମି, ଦକ୍ଷିଣ: ରାସ୍ତା, ପୂର୍ବ: ଖାଲି ଜମି, ପଶ୍ଚିମ: ଆଜେବେଷ୍ଟ୍ ଗୃହ, ବ୍ୟାଙ୍କକୁ ଜଣାଥିବା ଏନକମ୍ବ୍ରାନ୍ସେସ୍‌ର ସବିଶେଷ ତଥ୍ୟ: ନାହିଁ | ୦୭.୦୭.୨୦୨୫ ସୁଦ୍ଧା ସୁଧ ସହିତ ଟ.୧୮,୮୧,୬୪୬/- + ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ, ଦେୟ ଇତ୍ୟାଦି / ଡିମାଣ୍ଡ ନୋଟିସ୍ ତାରିଖ: ୦୨.୦୯.୨୦୨୧ / ସାଙ୍କେତିକ ଦଖଲ ତାରିଖ: ୨୨.୦୮.୨୦୨୨ / ଭୌତିକ ଦଖଲ ତାରିଖ: ୧୯.୦୬.୨୦୨୫ | ସଂରକ୍ଷିତ ମୂଲ୍ୟ: ଟ.୨୩,୫୨,୦୦୦/- ; ଅମାନତ ଜମା ରାଶି: ଟ.୨,୩୫,୨୦୦/- ; ବିଡ୍ ବୃଦ୍ଧି ପରିମାଣ: ଟ.୧୦,୦୦୦/- ; ଅମାନତ ରାଶି ଜମାର ଅନ୍ତିମ ତାରିଖ ୧୯.୦୮.୨୦୨୫ ଅପରାହ୍ନ ୨.୦୦ ଘଟିକା ପର୍ଯ୍ୟନ୍ତ କିମ୍ବା ତା'ପୂର୍ବରୁ |

ସମ୍ପତ୍ତି ତନଖି ତାରିଖ ଏବଂ ସମୟ: ୧୨.୦୮.୨୦୨୫ ରୁ ୧୩.୦୮.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୩.୦୦ଘଟିକା

ଉପରୋକ୍ତ ସମସ୍ତ ସମ୍ପତ୍ତି ବ୍ୟାଙ୍କର ଭୌତିକ ଦଖଲରେ ଅଛି

ସଂଶୋଧିତ ସରଫେଶୀ ଆକ୍ଟ ୨୦୦୨ର ରୁଲ ୮(୬) ଏବଂ ୯(୧) ଅନୁଯାୟୀ ବିକ୍ରୟ ପାଇଁ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟରମାନଙ୍କ ନିମନ୍ତେ ୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ବିକ୍ରୟ ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ, ଦୟାକରି ସେବା ପ୍ରଦାନକାରୀ M/s e-Procurement echnologies Limited-Auction Tiger ଦ୍ୱାରା ପ୍ରଦାନ କରାଯାଇଥିବା ଲିଙ୍କ୍ https://sarfaesi.auctiontiger.net/EPROC/viewauction/338828/3/0 ସହିତ Auction ID: 338828 ଦେଖନ୍ତୁ। ପରବର୍ତ୍ତୀ ସବିଶେଷ ଅନୁସନ୍ଧାନ ପାଇଁ ଯୋଗାଯୋଗ କରନ୍ତୁ: ଶ୍ରୀ ପ୍ରବୀଣ କୁମାର ଥେଭର: ୯୭୨୨୭୭୮୮୨୮-୦୭୯-୩୫୨୬୭୫୧୫/୧୬, ବିଡ୍‌ର ସହାୟତା ନିମନ୍ତେ- ୯୨୬୫୫୬୨୮୨୧/୮୧୮-୦୭୯୬୮୧୩୬୮୪୨/୩୭, ଇମେଲ ଆଇଡ଼ି: praveen.thevar@auctiontiger.net କିମ୍ବା soni@auctiontiger.net ଏବଂ support@auctiontiger.net

ତାରିଖ: ୦୭.୦୭.୨୦୨୫, ସ୍ଥାନ: ବାଲେଶ୍ୱର
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଦି ବାଲେଶ୍ୱର କୋ-ଅପରେଟିଭ୍ ଅର୍ବାନ ବ୍ୟାଙ୍କ ଲିଃ.

इंडियन बैंक Indian Bank
इलाहाबाद ALLAHABAD

ଆଞ୍ଚଳିକ କାର୍ଯ୍ୟାଳୟ, କଟକ
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର-୬, ସିଡ଼ିଏ,
ପୋ: ମର୍କତ ନଗର, କଟକ-୭୫୩୦୧୪
zocuttack@indianbank.co.in

ଇ-ନିଲାମ ବିକ୍ରୟ ବିଜ୍ଞପ୍ତି
(ସମ୍ପତ୍ତିଗୁଡ଼ିକ ବିକ୍ରୟ ନିମନ୍ତେ ସରଫେଶୀ ଆକ୍ଟ, ୨୦୦୨ର ରୁଲ୍ ୬(୨) ଏବଂ ୮(୬) ବ୍ୟବସ୍ଥା ଅନୁଯାୟୀ ବିକ୍ରୟ ନୋଟିସ୍)

ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ, ୨୦୦୨ (୨୦୦୨ର ନଂ. ୫୪) ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସମ୍ପତ୍ତିଗୁଡିକର ବିକ୍ରୟ

ଇଣ୍ଡିଆନ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୨) ଅନୁସାରେ ଜାରି କରାଯାଇଥିବା ନୋଟିସ୍ ଅନୁଯାୟୀ ନିମ୍ନରେ ଦର୍ଶିତ ଋଣ ଆକାଉଣ୍ଟଗୁଡିକର ନିମ୍ନଦର୍ଶିତ ସମ୍ପତ୍ତିଗୁଡିକୁ ଦଖଲକୁ ନେଇ ନିମ୍ନରେ ଦର୍ଶାଯାଇଥିବା ବ୍ୟାଙ୍କର ଦେୟ ସହିତ ସୁଧ ଆଦାୟକକରଣ ପାଇଁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଭିତ୍ତିରେ ବିକ୍ରୟ କରିବାର ଅଧିକାର ରଖିଛନ୍ତି ଏବଂ ଯେହେତୁ ଋଣଗ୍ରହୀତାମାନେ ବ୍ୟାଙ୍କର ଦେୟ ପୈଠ କରିବାରେ ବିଫଳ ହୋଇଛନ୍ତି ନିମ୍ନସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩(୪) ପ୍ରୟୋଗକରି ବ୍ୟାଙ୍କର ଦେୟ ଆଦାୟ କରିବା ପାଇଁ ବିକ୍ରୟ ପ୍ରସ୍ତାବ ରଖିଛନ୍ତି। ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ବିକ୍ରୟ ହେବାକୁ ଥିବା ସମ୍ପତ୍ତିର ଇ-ନିଲାମ ପ୍ଲାଟଫର୍ମ ୱେବସାଇଟ୍ https://www.ebkray.in (https://baanknet.com)

| କ୍ର. ନଂ. | ଶାଖା / ଋଣଗ୍ରହୀତା / ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ / ସମ୍ପତ୍ତି ଆଇଡ଼ି ନଂ. | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ନୋଟିସ୍ ତାରିଖ / ବକେୟା ପରିମାଣ/ଦଖଲର ପ୍ରକାର | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | କଟକ କ୍ୟାଣ୍ଟନମେଣ୍ଟ୍ ରୋଡ୍ ଶାଖା / ଋଣଗ୍ରହୀତା ଏବଂ ବନ୍ଧକଦାତାମାନେ: ୧) ମମତା ଦାସ, ସ୍ୱାମୀ: ୰ ଶରତ କୁମାର ଦାସ, ୨) ସୁବ୍ରତ କୁମାର ଦାସ, ପିତା: ୰ ଶରତ କୁମାର ଦାସ, ୩) ପ୍ରିୟବ୍ରତ ଦାସ, ପିତା: ୰ ଶରତ କୁମାର ଦାସ, ସମସ୍ତଙ୍କ ଠିକଣା- ସା: ସୁବେଦାର ଲେନ୍, ପୋ: ବକ୍ସିବଜାର, ଥାନା: ମଙ୍ଗଳାବାଗ, କଟକ-୭୫୩୦୦୧ | ମମତା ଦାସ, ସ୍ୱାମୀ: ୰ ଶରତ କୁମାର ଦାସ, ସୁବ୍ରତ କୁମାର ଦାସ, ପିତା: ୰ ଶରତ କୁମାର ଦାସ, ପ୍ରିୟବ୍ରତ ଦାସ, ପିତା: ୰ ଶରତ କୁମାର ଦାସଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୩୨୦-ଡ଼ି୧, ପ୍ଲଟ୍ ନଂ.: ୨୯୩/୯୩୦, କ୍ଷେତ୍ର: ଏକର୦.୦୦୬ଡିସିମିଲି, ମ୍ୟୁଟେସନ୍ ଖାତା ନଂ.: ୩୨୧ ଡ଼ି-୧, ପ୍ଲଟ୍ ନଂ.: ୨୯୨/୯୨୯, କ୍ଷେତ୍ର: ଏକର୦.୦୦୯ଡିସିମିଲି ୧/୨ କଡି, ସମୁଦାୟ କ୍ଷେତ୍ର: ଏକର୦.୦୧୫ଡିସିମିଲି ଏବଂ ୧/୨ କଡି, କିସମ: ଘରବାରି, ମୌଜା: କଟକ ସହର ୟୁନିଟ୍ ନଂ. ୧୭, ମାଛୁଆବଜାର, ପୋ: ବକ୍ସିବଜାର, ଥାନା: ମଙ୍ଗଳାବାଗ, ଡିଏସ୍ଆରଓ: କଟକ, ଜିଲ୍ଲା: କଟକ, ଏହାର ଚତୁର୍ପାର୍ଶ୍ୱରେ- ଉତ୍ତର: ସରୋଜ କୁମାର ଦାସ, ଦକ୍ଷିଣ: ରବିନ୍ଦ୍ର ସାହୁ, ପୂର୍ବ: ଅଲେଖ ସାହୁ, ପଶ୍ଚିମ: ରାସ୍ତା / ସମ୍ପତ୍ତି ଆଇଡ଼ି ନଂ.: IDIB30230155641M | ୨୩.୧୨.୨୦୨୪ / ୦୧.୦୩.୨୦୨୫ / ୦୮.୦୭.୨୦୨୫ ସୁଦ୍ଧା ଟ.୧୨,୧୪,୩୫୫.୫୪ + ଆଦାୟକରଣ ତାରିଖ ପର୍ଯ୍ୟନ୍ତ ପ୍ରର୍ଚ୍ଚ୍ୟ ହାରରେ ପରବର୍ତ୍ତି ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / ସାଙ୍କେତିକ | ଟ.୨୧,୨୬,୦୦୦/- / ଟ.୨,୧୩,୦୦୦/- / ଟ.୫୦,୦୦୦/- |

ଇ-ନିଲାମ ତାରିଖ ଏବଂ ସମୟ : ତା.୨୦.୦୮.୨୦୨୫ରିଖ (ବୁଧବାର), ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା

ଅମାନତ ରାଶି ଓ କାଗଜାତ୍ ଦାଖଲର ଅନ୍ତିମ ତାରିଖ ଏବଂ ସମୟ: ତା.୧୯.୦୮.୨୦୨୫ରିଖ, ରାତ୍ର ୧୧.୦୦ ଘଟିକା ପର୍ଯ୍ୟନ୍ତ (ଅନ୍‌ଲାଇନ୍‌ରେ)

ସମ୍ପତ୍ତିଗୁଡିକୁ ତନଖି କରିବାର ତାରିଖ ଏବଂ ସମୟ: ତା.୦୧.୦୮.୨୦୨୫ରିଖ ଠାରୁ ତା.୧୬.୦୮.୨୦୨୫ରିଖ, ପୂର୍ବାହ୍ନ ୧୧.୦୦ଘଟିକାରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ (ବ୍ୟାଙ୍କର ପୂର୍ବ ଅନୁମତି ସହିତ) ନିଜ ଖର୍ଚ୍ଚରେ

ବିଡ଼ରମାନଙ୍କୁ ପରାମର୍ଶ ଦିଆଯାଉଅଛି କି ସେମାନେ ଅନଲାଇନ୍ ବିଡ଼ରେ ଭାଗ ନେବାକୁ ଆମ୍ଭର ଇ-ନିଲାମ ସେବା ପ୍ରଦାନକାରୀ PSB Alliance Pvt. Ltd.ର ୱେବସାଇଟ୍ https://www.ebkray.in (https://baanknet.com) ପରିଦର୍ଶନ କରନ୍ତୁ। ବୈଷୟିକ ସହାୟତା ପାଇଁ ଦୟାକରି ୮୨୯୧୨୨୦୨୨୦ କୁ କଲ କରନ୍ତୁ। ପଞ୍ଜୀକରଣ ସ୍ଥିତି ଏବଂ ଇଏମଡି ସ୍ଥିତି ପାଇଁ support.ebkray@psballiance.com କୁ ଇମେଲ କରନ୍ତୁ। ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତିର ଫଟୋଗ୍ରାଫ୍ ଏବଂ ନିଲାମ ନିୟମ ଏବଂ ସର୍ତ୍ତାବଳୀ ଗୁଡ଼ିକ ପାଇଁ: https://www.ebkray.in (https://baanknet.com) ପରିଦର୍ଶନ କରନ୍ତୁ ଏବଂ ଏହି ପୋର୍ଟାଲ ସମ୍ବନ୍ଧୀୟ ସ୍ପଷ୍ଟୀକରଣ ପାଇଁ PSB Alliance Pvt. Ltd., ଯୋଗାଯୋଗ ନଂ. ୮୨୯୧୨୨୦୨୨୦ ସହିତ ଯୋଗାଯୋଗ କରନ୍ତୁ। https://www.ebkray.in (https://baanknet.com) ୱେବସାଇଟ୍‌ରେ ସମ୍ପତ୍ତି ଖୋଜିବାବେଳେ ଉପରୋକ୍ତ ସମ୍ପତ୍ତି ଆଇଡ଼ି ନମ୍ବର ବ୍ୟବହାର କରିବାକୁ ବିଡରମାନଙ୍କୁ ପରାମର୍ଶ ଦିଆଯାଉଅଛି।

Mamata Das

ଉପରୋକ୍ତ ନୋଟିସ୍‌କୁ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୮(୬) ଅନୁଯାୟୀ ୩୦ ଦିନିଆ ବୈଧାନିକ ନୋଟିସ୍ ବୋଲି ବିବେଚନା କରାଯିବ।

ଋଣଗ୍ରହୀତା/ଜାମିନଦାର/ବନ୍ଧକଦାତାମାନଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ସେମାନେ ଇ-ନିଲାମ ପୂର୍ବରୁ ବର୍ତ୍ତମାନ ସୁଦ୍ଧା ସୁଧ ଓ ଖର୍ଚ୍ଚ ସହିତ ମୋଟ ଦେୟ ପୈଠ କରନ୍ତୁ ଅନ୍ୟଥା ସମ୍ପତ୍ତି ନିଲାମ ବିକ୍ରୟ କରାଯିବ ଏବଂ ଯଦି କିଛି ବକେୟା ରହିଯାଏ ତେବେ ସୁଧ ଓ ଖର୍ଚ୍ଚ ସହିତ ଆଦାୟ କରାଯିବ।

ତାରିଖ: ୧୮.୦୭.୨୦୨୫, ସ୍ଥାନ: କଟକ
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

# ଜନପ୍ରତିନିଧିଙ୍କୁ ଅଣଦେଖା ନେଇ ଉଦ୍‌ବେଗ

- ଗଞ୍ଜାମ ଜିଲାପରିଷଦ ବୈଠକ
- ୪୫୦ କୋଟିର ଫିସିଂ ହାର୍ବର ହେବ: ମନ୍ତ୍ରୀ

ଛତ୍ରପୁର,୧୮।୭ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ): ଦୀର୍ଘ ୯ ମାସ ପରେ ଶୁକ୍ରବାର ସ୍ଥାନୀୟ ଋଷିକୁଲ୍ୟା ସମ୍ମିଳନୀ ଗୃହରେ ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଛି। ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ନିୟମିତ ବୈଠକ ବସୁ ନ ଥିବାଠାରୁ ଆରମ୍ଭ କରି ଜନପ୍ରତିନିଧି ଓ ସରକାରୀ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ଓ ସହଯୋଗ ରହୁ ନ ଥିବା, ଜିଲ୍ଲା ପରିଷଦ ଓ ବ୍ଲକ ଅଧ୍ୟକ୍ଷଙ୍କୁ ଅଣଦେଖା କରାଯିବା ସହ ତାଙ୍କର ପରାମର୍ଶ ନିଆଯାଉ ନ ଥିବା, ଜିଲ୍ଲା ପରିଷଦ ସଭ୍ୟଙ୍କୁ ତଥ୍ୟ ଦିଆଯାଉ ନ ଥିବା, ଗତ ବୈଠକରେ ଉଠିଥିବା ବିଭିନ୍ନ ସମସ୍ୟା ଓ ପ୍ରସଙ୍ଗ ଉପରେ ପଦକ୍ଷେପ ନିଆଯାଇ ନ ଥିବା, ନୂଆ ସରକାର ଆସିବା ପରେ ବର୍ଷେ ହେଲା ବିକାଶ ଠପ୍ ହୋଇଯାଇଥିବା, ଭତ୍ତା ପାଇବାରୁ ଅନେକ ବଞ୍ଚିତ ଥିବା ଆଦିକୁ ନେଇ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା, ଜିଲ୍ଲା ପରିଷଦ ସଭ୍ୟ ଓ ବ୍ଲକ ଅଧ୍ୟକ୍ଷମାନେ ଉଦବେଗ ପ୍ରକାଶ କରିଥିଲେ।



ବୈଠକରେ ଉପସ୍ଥିତ ମନ୍ତ୍ରୀ, ବିଧାୟକ, ଅଧ୍ୟକ୍ଷା ଓ ଅନ୍ୟମାନେ।

ବୈଠକରେ ମଞ୍ଚାସୀନ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ଠାରୁ ଆରମ୍ଭ କରି ଭାଜପା ବିଧାୟକମାନେ ସମସ୍ତେ ମିଳିମିଶି ଉନ୍ନୟନ ମୂଳକ କାର୍ଯ୍ୟରେ ସାମିଲ ହୋଇ ଜିଲାର ବିକାଶ କରିବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ମନ୍ତ୍ରୀ କହିଥିଲେ, ଛତ୍ରପୁର ନିକଟରେ ଫିସିଂ ହାର୍ବର ପାଇଁ ୪୫୦ କୋଟିର ଡିପିଆର ପ୍ରସ୍ତୁତ ହୋଇ କେନ୍ଦ୍ର ସରକାରଙ୍କୁ ପଠାଯାଇଛି। ଏହାକୁ ସାଗରମାଳାରେ ସାମିଲ କରିବାକୁ ଅନୁରୋଧ କରାଯାଇଛି। ଏଥିସହ ୫୦ କୋଟିର ଫୁଡ ପ୍ରୋସେସିଂ ୟୁନିଟ ପ୍ରତିଷ୍ଠା ହେବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ଓ ଯୋଜନା ଗୁଡିକ ତୃଣମୂଳ ସ୍ତରରେ ପହଞ୍ଚାଇବା ନିମନ୍ତେ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ପ୍ରତି ଗ୍ରାମକୁ ବିଦ୍ୟୁତ୍ ସେବା ଯୋଗାଇଦେବା ନିମନ୍ତେ ପରାମର୍ଶ ଦିଆଯାଇଥିଲା । ଦୁର୍ଗମ ଅଞ୍ଚଳକୁ ସଡକ ସୁବିଧା କରାଯିବା ପାଇଁ କୁହାଯାଇଥିଲା। ପ୍ରାରମ୍ଭରେ ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟର ମୃତ ଛାତ୍ରୀଙ୍କ ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

ବୈଠକରେ ମନ୍ତ୍ରୀ ମଲ୍ଲିକ, ବ୍ରହ୍ମପୁର ଏମ୍‌ପି ପ୍ରଦୀପ କୁମାର ପାଣିଗ୍ରାହୀ, ଆସିକା ଏମ୍‌ପି ଅନିତା ଶୁଭଦର୍ଶିନୀ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା, ଆସିକା ବିଧାୟକ ସରୋଜ ପାଢ଼ୀ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠି, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଏସ.ରାଜେଶ୍ୱରୀ ଦୋରା, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁମିତା, ଜିଲ୍ଲା ପରିଷଦ ସଭ୍ୟ, ବ୍ଲକ ଅଧ୍ୟକ୍ଷ, ଅତିରିକ୍ତ ଜିଲ୍ଲାପାଳ, ବିଡ଼ିଓ, ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବିପୁଳ ପରିମାଣର ଶାଗୁଆନ କାଠ ଜବତ

ସଂରକ୍ଷିତ ଜଙ୍ଗଲ ନିକଟରେ ବେଆଇନ କରତକଳ

ଭଞ୍ଜନଗର,୧୮।୭(ବାବୁଲା ପ୍ରଧାନ): ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡ ବୁଢ଼ାକେନ୍ଦୁ ସଂରକ୍ଷିତ ଶାଗୁଆନ ଜଙ୍ଗଲ ନିକଟରେ ବେଆଇନ ଭାବେ ଚାଲିଥିବା ଏକ କରତକଳ ଉପରେ ବନ ବିଭାଗ ପକ୍ଷରୁ ଗୁରୁବାର ଅପରାହ୍ନରେ ଚଡାଉ ହୋଇଥିଲା। ସେଠାରୁ ଲକ୍ଷାଧିକ ଟଙ୍କାର ମୂଲ୍ୟବାନ ଶାଗୁଆନ କାଠ ଜବତ ହୋଇଛି। ଏଥିସହ ଗୋଟିଏ ଟ୍ରାକ୍ଟର, ଗୋଟିଏ ଟାଟା ଏସ୍‌ଇ ଏବଂ କାଠ କଟା ମେଶିନ ଲାଗିଥିବା ଏକ ଗାଡ଼ି ଜବତ ହୋଇଛି। ଏ ନେଇ ବନ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଗୁରୁବାର ଓଡ଼ିଶା ବନ୍ଦ ପାଳନ ବେଳେ ଯାନବାହାନ ଚାଲୁ ନ ଥିବା ଦେଖି କାଠମାଫିଆ ଜଣଙ୍କ ନିଜ ଅସ୍ଥାୟୀ ମିଲରେ ଶାଗୁଆନ ଗଛ କାଟୁଥିଲେ। ଏ ନେଇ ଡିଏଫଓ ହିମାଂଶୁ ଶେଖର ମହାନ୍ତି ଜାଣିବା ପରେ ତାଙ୍କୁ ଧରିବା ପାଇଁ ରେଞ୍ଜର ପୃଥିବୀରାଜ ପ୍ରଧାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ରେଞ୍ଜର ପ୍ରଧାନ, ଏସିଏଫ ଡ. ରଶ୍ମି ରଞ୍ଜନ ସ୍ୱାଇଁ, ବିବେକ ଦାସ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ୩ଟି ଗାଡ଼ି ଓ ୭୦ ସିଫ୍ଟ ଶାଗୁଆନ କାଠ ଜବତ କରିଥିଲେ। ଏଥିସହ ବହୁ ପରିମାଣର ଜାଳେଣି କାଠ ଜବତ ହୋଇଛି। କେତେଜଣ ତଳିଆ କର୍ମଚାରୀଙ୍କୁ କାଠ ମାଫିଆ ହାତ କରି ବର୍ଷ ବର୍ଷ ଧରି ବ୍ୟବସାୟ ଚଳାଉଥିବା ସନ୍ଦେହ କରାଯାଉଛି । ତଦନ୍ତରେ ଯଦି କୌଣସି କର୍ମଚାରୀ ଜଡ଼ିତ ଥିବା ପ୍ରମାଣ ମିଳେ ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜଣେ ଅଧିକାରୀ କହିଛନ୍ତି।

### ଫାଇଲେରିଆ ନିରାକରଣ ସଚେତନତା

କବିସୂର୍ଯ୍ୟନଗର,୧୮।୭ (କୃପାସିନ୍ଧୁ ସ୍ୱାଇଁ): ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶ ଅନୁସାରେ ଫାଇଲେରିଆ ନିରାକରଣ ସଚେତନତା କାର୍ଯ୍ୟକ୍ରମ ଚାଲିଛି। ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ କବିସୂର୍ଯ୍ୟନଗରର ବିଭିନ୍ନ ପଞ୍ଚାୟତ, ସହରରେ ଥିବା ସ୍କୁଲ, କଲେଜର ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଉଛି । ବ୍ଲକର ଆଠଗଡ଼ପାଟଣା, ପଥରାପଲ୍ଲୀ, ଅର୍ଜୁନପଲ୍ଲୀ, ବୁଢ଼ାମ୍ବ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଶୁକ୍ରବାର ଋଷିପୁରର ବିଭିନ୍ନ ବିଦ୍ୟାଳୟରେ ଫାଇଲେରିଆକୁ କିଭଳି ଦୂରେଇ ହେବ ସଚେତନ କରାଯାଇଛି। ଗୋଟିଏ ମଶା ଆପଣଙ୍କୁ ଜୀବନ ସାରା ବିକଳାଙ୍ଗ କରିଦେଇପାରେ। ତେଣୁ ତୁରନ୍ତ ପ୍ରତିକାର ନେଲେ ଆମେ ଉଦ୍ଧାର ହୋଇପାରିବା ବୋଲି କୁହାଯାଇଛି। ଏଏନଏମ ଜୟନ୍ତୀ ବେହେରା, ତାଲିମପ୍ରାପ୍ତ ସ୍ୱାସ୍ଥ୍ୟସେବୀ ଟୁକୁନା ଜେନା, ଅଙ୍ଗନୱାଡି କର୍ମୀ, ସ୍କୁଲ ପ୍ରଧାନ ଶିକ୍ଷକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରୁଛନ୍ତି।

# ଗର୍ଭବତୀଙ୍କ ମୃତ୍ୟୁ ଘଟଣାର ତଦନ୍ତ

## ଆଶା କର୍ମୀଙ୍କୁ ଦାୟୀ କଲେ ପରିବାର

ଦାରିଙ୍ଗବାଡି,୧୮।୭ (ଅରୁଣ ସାହୁ): ଦାରିଙ୍ଗବାଡି ବ୍ଲକ୍ କିରିକୁଟି ପଞ୍ଚାୟତ ନାହୁଡ଼ସରୁ ଗ୍ରାମରେ ଗର୍ଭବତୀ ବନିଆ ପ୍ରଧାନଙ୍କ ବ୍ରହ୍ମପୁର ବଡ଼ ମେଡିକାଲରେ ମଙ୍ଗଳବାର ମୃତ୍ୟୁ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଏହି ସମ୍ପର୍କିତ ଧରିତ୍ରୀ ପୋର୍ଟାଲରେ ଖବର ପ୍ରକାଶିତ ହେବା ପରେ ରାଜ୍ୟସ୍ତରୀୟ ତଦନ୍ତ ପ୍ରକ୍ରିୟା କରାଯାଉଥିବା ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଇନଚାର୍ଜ ଡାକ୍ତର ଜାକେଶ ସାମନ୍ତରାୟ କହିଛନ୍ତି। ସେହିପରି ଦାରିଙ୍ଗବାଡି ସମନ୍ୱିତ ଶିଶୁ ଓ ମହିଳା ବିକାଶ ଯୋଜନାର ସିଡିପିଓ ସନ୍ଧ୍ୟାରାଣୀ ପଣ୍ଡା ମଧ ଘଟଣାର ତଦନ୍ତ ପାଇଁ ସୁପରଭାଇଜର ସୁଜାତା ସାହୁଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଆଶାକର୍ମୀ ନିର୍ମାତା ପ୍ରଧାନ ଯଦି ପୂର୍ବରୁ ଗର୍ଭବତୀ ଥିବା ବନିଆଙ୍କୁ ବାରମ୍ବାର ହସ୍ପିଟାଲ ନେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥାନ୍ତେ, ତେବେ ତାଙ୍କର ମୃତ୍ୟୁ ହୋଇ ନ ଥାନ୍ତା ବୋଲି ସ୍ୱାମୀ ସଞ୍ଜୀବ ପ୍ରଧାନ, ଗ୍ରାମର ସୁକାନ୍ତ ପ୍ରଧାନ ଓ ଅନ୍ୟମାନେ ଅଭିଯୋଗ କରିଛନ୍ତି। ଏନେଇ ଆଶାକର୍ମୀ ନିର୍ମାତା କହିଛନ୍ତି, ସେ ତାଙ୍କୁ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ୨ଥର



ନେଇଥିଲେ। ତାଙ୍କର ଅଲଟ୍ରାସାଉଣ୍ଡ ହୋଇଥିଲେ ସମସ୍ୟା ଜଣାପଡ଼ିଥାନ୍ତା। ତେବେ ଦାରିଙ୍ଗବାଡିରେ କିଛି ବ୍ୟବସ୍ଥା ନ ଥିଲା। ତେଣୁ ତାଙ୍କର ଗଭୀର ସମସ୍ୟା ସମ୍ପର୍କରେ ଜଣାପଡି ନ ଥିଲା। ସେହିଦିନ ତାଙ୍କ ପିଲାର ସ୍ୱାସ୍ଥ୍ୟ ଖରାପ ରହିଥିବାରୁ ସେ ସାଥିରେ ଯାଇପାରି ନ ଥିଲେ। କିନ୍ତୁ ପଡ଼ୋଶୀ ଆଶାକର୍ମୀ ତାଙ୍କ ସହ ଥିଲେ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ରବିବାର ବନିଆଙ୍କ ପେଟ ପ୍ରବଳ ବ୍ୟଥା ହେବା ସହ ରକ୍ତସ୍ରାବ ବୃଦ୍ଧି ପାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଅଲଟ୍ରାସାଉଣ୍ଡ ବ୍ୟବସ୍ଥା ନ ଥିବାରୁ ଡାକ୍ତର ତାଙ୍କୁ ଅନ୍ୟତ୍ର ଯିବାକୁ ପରାମର୍ଶ ଦେଇଥିଲେ। ହେଲେ ବନିଆଙ୍କୁ ସ୍ୱାମୀ ଗାଁକୁ ଫେରେଇ ଆଣିଥିଲେ। ତେବେ ଘରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯିବାରୁ ତାଙ୍କୁ ବାଲିଗୁଡା ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଗୁରୁତର ହେବାରୁ ଜିଲା ମୁଖ୍ୟ ଚିକିତ୍ସାକେନ୍ଦ୍ର ଓ ପରେ ସେଠାରୁ ବ୍ରହ୍ମପୁର ନିଆଯାଇଥିଲା।

# ଅନାସ୍ଥାରେ ହାରିଲେ ରାଇବନ୍ଧ ସରପଞ୍ଚ

ସୋରଡ଼ା,୧୮।୭(ରଜନୀ ମହାପାତ୍ର): ଗଞ୍ଜାମ ଜିଲା ସୋରଡ଼ା ବ୍ଲକ ରାଇବନ୍ଧ ପଞ୍ଚାୟତର ବିଜେଡ଼ି ସମର୍ଥିତ ମହିଳା ସରପଞ୍ଚଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ଦଳ ବିପକ୍ଷରେ ଯାଇଛି। ଶୁକ୍ରବାର ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ଅନାସ୍ଥା ଭୋଟରେ ସରପଞ୍ଚ ସୋମି ମଲ୍ଲିକ ହାରି ଯାଇଛନ୍ତି। ଏହି ପଞ୍ଚାୟତରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ ହେଉ ନ ଥିବା ଅଭିଯୋଗ ଆଣି ୱାର୍ଡ ସଭ୍ୟାସଭ୍ୟମାନେ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣି ଭଞ୍ଜନଗର ଉପଜିଲାପାଳ ଓ ସୋରଡା ବିଡିଓ ତନ୍ମୟ ପାତ୍ରଙ୍କ ନିକଟରେ ଅଭିଯୋଗ କରିଥିଲେ। ପ୍ରଶାସନ ପକ୍ଷରୁ ଶୁକ୍ରବାର ଭୋଟ କରିବା ଲାଗି ଧାର୍ଯ୍ୟ ହୋଇଥିଲା। ନିର୍ବାଚନ ଅଧିକାରୀ ଭାବେ ବେଲଗୁଣ୍ଠା ତହସିଲଦାର କଳାକୃଷ୍ଣ ପ୍ରଧାନ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ବେଳେ ସୋରଡ଼ା ବିଡିଓ ପାତ୍ର ଓ ଥାନା ଅଧିକାରୀ ସୁନିଲ ପ୍ରଧାନ ଉପସ୍ଥିତ ଥିଲେ। ପଞ୍ଚାୟତ କାର୍ଯ୍ୟାଳୟରେ ପୂର୍ବାହ୍ନ ୧୧ରୁ ମତଦାନ ଆରମ୍ଭ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ପଞ୍ଚାୟତର ୧୨ ଜଣ ୱାର୍ଡ ସଭ୍ୟ ଭୋଟ ଦେଇଥିଲେ। ଗଣତି ପରେ ଅନାସ୍ଥା ସପକ୍ଷରେ ୯ଟି ଭୋଟ ଯାଇଥିବା ବେଳେ ଅନାସ୍ଥା ବିପକ୍ଷରେ ୩ ଭୋଟ ପଡ଼ିଥିଲା। ସୂଚନାଯୋଗ୍ୟ, ୨୦୨୨ରେ ଏହି ପଞ୍ଚାୟତରେ ବିଜେଡି ସମର୍ଥିତ ପ୍ରାର୍ଥୀ ସୋମି ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ।

# ବିଦ୍ୟାଳୟରେ ୬ ଛାତ୍ରୀଛାତ୍ର ଅସୁସ୍ଥ

## ତଦନ୍ତ କଲେ ୨ ଏବିଇଓ, ସିଆର୍‌ସିସି

ଦାରିଙ୍ଗବାଡି,୧୮।୭ (ଅରୁଣ ସାହୁ): ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଓ ବିଭିନ୍ନ ରୋଗରୁ ସୁରକ୍ଷା ମିଳିବା ନେଇ ସରକାର ବିଭିନ୍ନ ବିଦ୍ୟାଳୟରେ ଟିକାକରଣ ବ୍ୟବସ୍ଥା କରିଛନ୍ତି। କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ୍ କିରିକୁଟି ପଞ୍ଚାୟତ ପାଟାଙ୍ଗି ପ୍ରାଥମିକ ବିଦ୍ୟାଳୟରେ ବୁଧବାର ପିଲାଙ୍କୁ ଡିପିଟି ଏବଂ ଟିଟି ଟିକାକରଣ କରାଯାଇଥିଲା। ତେବେ ଉକ୍ତ ବିଦ୍ୟାଳୟର ୬ ଜଣ ଛାତ୍ରୀଛାତ୍ର ଶୁକ୍ରବାର ମଧ୍ୟାହ୍ନରେ ବିଦ୍ୟାଳୟରେ ପାଠ ପଢୁଥିବା ସମୟରେ ହଠାତ ଅସୁସ୍ଥ ଅନୁଭବ କରିଥିଲେ। ସମସ୍ତ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ କର୍ତ୍ତୃପକ୍ଷ ବଦଳରେ ନିକଟରେ ଥିବା ଅଙ୍ଗନୱାଡି କର୍ମୀ ଲତିକା ପ୍ରଧାନ ଓ ଅଭିଭାବକମାନେ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଇଥିଲେ। ଏହାକୁ ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ଏନେଇ ଶୁକ୍ରବାର ଅପରାହ୍ନରେ ଧରିତ୍ରୀ ପୋର୍ଟାଲରେ ଖବର ପ୍ରକାଶ ପାଇବା ପରେ ଜିଲା ଶିକ୍ଷାଧିକାରୀ ରାଜେଶ ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ଦାରିଙ୍ଗବାଡ଼ି ବିଇଓ କାର୍ଯ୍ୟାଳୟରୁ ଏବିଇଓ ଗୋକୁଳାନନ୍ଦ ନାୟକ, ବନମାଳୀ ମାଝୀ ଏବଂ କିରିକୁଟି ସିଆର୍‌ସିସି ରାକେଶ କୁମାର ସାହୁ ପଟାଙ୍ଗି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପହଞ୍ଚି ତଦନ୍ତ କରିଛନ୍ତି। ତଦନ୍ତ ବେଳେ ପ୍ରଧାନ ଶିକ୍ଷୟିତ୍ରୀ କହିଥିଲେ, ତାଙ୍କୁ ମିଶାଇ ୨ଜଣ ଶିକ୍ଷୟିତ୍ରୀଶିକ୍ଷକ ଅଛନ୍ତି। ଜଣେ ବିଦ୍ୟାଳୟରେ ଉପସ୍ଥିତ ଥିବା ବେଳେ ଅନ୍ୟଜଣେ ଛୁଟିରେ ଯାଇଛନ୍ତି। ତେବେ ଅଧିକାରୀମାନେ କାଗଜପତ୍ର ଯାଞ୍ଚ କରିବା ବେଳେ ଛୁଟିରେ ଯାଇଥିବା ସହକାରୀ ଶିକ୍ଷକଙ୍କ ଦରଖାସ୍ତରେ ପ୍ରଧାନ ଶିକ୍ଷୟିତ୍ରୀ କୌଣସି ଅନୁମୋଦନ ଦସ୍ତଖତ ନ ଥିବାରୁ ଅଧିକାରୀମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ।

# ଇଞ୍ଚିଟିଏ ଜାଗା ମଧ୍ୟ କେହି ନେଇପାରିବେ ନାହିଁ: ବିଧାୟକ



ଗ୍ରାମବାସୀଙ୍କ ଗହଣରେ ବିଧାୟକ ରୁପେଶ ପାଣିଗ୍ରାହୀ।

ପାରଳାଖେମୁଣ୍ଡି,୧୮।୭(ଗିରିଧାରୀ ପରିଛା): ଗଜପତି ଜିଲା ଗୋଶାଣି ବ୍ଲକର ଡାକ୍ତର ବାଞ୍ଜରି ଗାଁରେ ସବୁ ଜାଗା କିଣି ଦେଇଥିବା ମହିଳା ଜଣକଙ୍କ ସମ୍ପର୍କରେ ଗ୍ରାମବାସୀ ସ୍ଥାନୀୟ ବିଧାୟକ ରୁପେଶ ପାଣିଗ୍ରାହୀଙ୍କ ଶୁକ୍ରବାର ଗ୍ରାମକୁ ଗସ୍ତ ସମୟରେ ତାଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ଗ୍ରାମରୁ କେହି ଇଞ୍ଚେ ଜାଗା ନେଇପାରିବେ ନାହିଁ। କୌଣସି ଲୋକ କୁଆଡେ ଯିବେନାହିଁ ବୋଲି ବିଧାୟକ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଜାଗାରେ ଗ୍ରାମବାସୀ ଦୀର୍ଘବର୍ଷ ଧରି ରହିଲେଣି। ଗ୍ରାମକୁ ସରକାରଙ୍କ ପକ୍ଷରୁ ସମସ୍ତ ସୁବିଧା ଯୋଗାଯାଇଛି। ତେବେ ଏହି ଜାଗାଟି ଯେଉଁ ବ୍ୟକ୍ତିଙ୍କର ସେ ନିକଟରେ ଡାକ୍ତର ବାଞ୍ଜରି ଗ୍ରାମକୁ ଆସି ନିଜ ଜାଗା ବୋଲି ଦାବି କରି ସେମାନେ ଏଠାରୁ ଚାଲିଯିବାକୁ ଅନୁରୋଧ କରିଥିଲେ। ମାତ୍ର ଗ୍ରାମବାସୀ ଶୁଣି ନ ଥିଲେ। ଶେଷରେ ସେ ପଟ୍ଟାକୁ ଭିତ୍ତିକରି ଉକ୍ତ ଜାଗାକୁ ବ୍ରହ୍ମପୁରର ଜଣେ ମହିଳାଙ୍କୁ ବିକ୍ରି କରି ଦେଇଥିଲେ। ସେବେଠାରୁ ଚିନ୍ତାରେ ଥିବା ଗ୍ରାମବାସୀ ବିଧାୟକ ଗ୍ରାମକୁ ଗସ୍ତ କରିଥିବା ବେଳେ ଏ ସମ୍ପର୍କରେ ତାଙ୍କୁ ଜଣାଇଥିଲେ। ସୂଚନାଯୋଗ୍ୟ, ଶୁକ୍ରବାର ବିଧାୟକ ପାଣିଗ୍ରାହୀଙ୍କ ଜନ୍ମଦିନ ଥିଲା। ସେ ଗ୍ରାମର କୁନିକୁନି ପିଲାଙ୍କ ସହ ନିଜ ଜନ୍ମଦିନ ପାଳିଥିଲେ। ଗ୍ରାମବାସୀ ତାଙ୍କୁ ଫୁଲ ଦେଇ ସ୍ୱାଗତ କରିଥିଲେ।

## କଳିଙ୍ଗ ମହାବିଦ୍ୟାଳୟରେ ବନ ମହୋତ୍ସବ

ଜି.ଉଦୟଗିରି,୧୮।୭(ଚିନ୍ମୟ କୁମାର ସେଠୀ): ଜି.ଉଦୟଗିରି ସ୍ଥିତ କଳିଙ୍ଗ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ଏବଂ ଯୁବ ରେଡକ୍ରସ୍ ଆନୁକୂଲ୍ୟରେ ଅଧ୍ୟକ୍ଷ ପ୍ରସନ୍ନ ନାୟକଙ୍କ ତତ୍ତ୍ୱାବଧାନରେ ବନ ମହୋତ୍ସବ ପାଳିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବନବିଭାଗ ଅଧିକାରୀ ଏସିଏଫ କାଜଲ କୁମାରୀ ନାୟକ ଯୋଗ ଦେଇଥିବା ବେଳେ ବନପାଳ ପ୍ରଶାନ୍ତ ସାହୁ, ବନ ରକ୍ଷକ ବିଭୁ ରଞ୍ଜନ ସାମନ୍ତରାୟ ଓ ନୀଳେନ୍ଦ୍ରି ନାୟକ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଗିରିଶ ମୁଠାମାଝି, ସରିତା ମିଶ୍ର ଏବଂ ଯୁବ ରେଡକ୍ରସ କାଉନସିଲର ତପନ ଚନ୍ଦ୍ର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ବହୁ ଉପାଦେୟ ଚାରା ରୋପଣ କରି ଯତ୍ନ ନେବେ ବୋଲି ଶପଥପାଠ କରିଥିଲେ।

## ଯଜ୍ଞ ନାରାୟଣ, ଶରତଚନ୍ଦ୍ର ଆସିକା ଏମ୍‌ପି ପ୍ରତିନିଧି

ପୁରୁଷୋତ୍ତମପୁର,୧୮।୭( ସୀମାଞ୍ଚଳ ମିଶ୍ର): ଗଞ୍ଜାମ ଜିଲା ଆସିକା ଏମ୍‌ପିଙ୍କ ପ୍ରତିନିଧି ରୂପେ ଯଜ୍ଞ ନାରାୟଣ ଦାଶ ଓ ଶରତଚନ୍ଦ୍ର ପାଣିଗ୍ରାହୀଙ୍କୁ ନିଯୁକ୍ତି ମିଳିଛି। ଏଥିନେଇ ଏମ୍‌ପି ଅନିତା ଶୁଭଦର୍ଶିନୀ ତାଙ୍କ ଚିଠି ନଂ ୯୭/୨୦୨୫ରେ ଗଞ୍ଜାମ ଜିଲାପାଳଙ୍କୁ ଅବଗତ କରାଇଛନ୍ତି। ଜିଲାପାଳ ଆସିକା ସଂସଦୀୟ କ୍ଷେତ୍ରରେ ଥିବା ପୁରୁଷୋତ୍ତମପୁର, ଆସିକା, ବେଗୁନିଆପଡା, ବେଲଗୁଣ୍ଠା, ବୁଗୁଡା, ଧରାକୋଟ, ହିଞ୍ଜିଳିକାଟୁ, କବିସୂର୍ଯ୍ୟନଗର, ଖଲ୍ଲିକୋଟ, ପୋଲସରା, ସାନଖେମୁଣ୍ଡି, ଶେରଗଡ, ସୋରଡା ବିଡିଓ ଏବଂ ଏହା ଅନ୍ତର୍ଗତ ସମସ୍ତ ଏନଏସି ଓ ମ୍ୟୁନିସିପାଲଟି ନିର୍ବାହୀ ଅଧିକାରୀମାନଙ୍କୁ ଚିଠି କରି ଜଣାଇଛନ୍ତି। ଏମ୍‌ପିଙ୍କ ଅନୁପସ୍ଥିତିରେ ଯଜ୍ଞ ନାରାୟଣ ଓ ଶରତଚନ୍ଦ୍ର ଦାୟିତ୍ୱ ତୁଲାଇବେ।

## ହଳଦୀ ଚାଷୀଙ୍କୁ ପ୍ରଶିକ୍ଷଣ, ବିହନ ବଣ୍ଟନ




ରାଇକିଆ,୧୮।୭ (ପ୍ରଦୀପ ବେହେରା): ବିଶ୍ୱ କୃଷି ବଜାରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା କନ୍ଧମାଳ ହଳଦୀ ଚାଷକୁ ମୁଖ୍ୟ ସ୍ରୋତକୁ ଫେରାଇ ଆଣିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଦରହ୍ରାସ, ପରିଶ୍ରମ ତୁଳନାରେ କମ୍ ପ୍ରାପ୍ୟ ଯୋଗୁ ଏହି ଚାଷରୁ ଚାଷୀମାନେ ମୁହଁ ଫେରାଉଛନ୍ତି। ଏଥିପ୍ରତି ପୁଣି ଚାଷୀଙ୍କ ଆଗ୍ରହ ବଢ଼ାଇବା ପାଇଁ କନ୍ଧମାଳ ଏମ୍‌ପି ସୁକାନ୍ତ ପାଣିଗ୍ରାହୀଙ୍କ ପ୍ରୟାସରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହଳଦୀ ଗୁଚ୍ଛ ପ୍ରକଳ୍ପ ଆରମ୍ଭ ହୋଇଛି। ଏହି ଅବସରରେ ଚାଷୀଙ୍କୁ ବିହନ ବଣ୍ଟନ ସହ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯାଇ ଥିଲା। ଦାରିଙ୍ଗିବାଡି ଓ ରାଇକିଆ ବ୍ଲକର ବହୁ ଚାଷୀ ଏଥିରେ ସାମିଲ ହୋଇଥିଲେ। ଜିଲା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶମ୍ଭୁନାଥ ନନ୍ଦି, ବାଲିଗୁଡ଼ା ପିଏ ଆଇଟିଡିଏ କୃପାସିନ୍ଧୁ ବେହେରା, ବିଡିଓ ସବ୍ୟସାଚୀ ସାହୁ, ଦାରିଙ୍ଗିବାଡ଼ି ବିଡିଓ ପ୍ରୀତିରଞ୍ଜନ ରଥ, ଭାଜପା ଜିଲା ସଭାପତି ପଣ୍ଡିତ ବିଶି ମାଝୀ, ଏମ୍‌ପି ପ୍ରତିନିଧି ସନ୍ତୋଷ ଲେଙ୍କା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ପରିବର୍ଦ୍ଧିତ ଆଖୁଚାଷ ଉନ୍ନୟନ କମିଟି ବୈଠକ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଆସିକା,୧୮।୭ (ସୁରେନ୍ଦ୍ର ନାଥ ସାହୁ): ଆସିକା ସମବାୟ ଚିନିଶିଳ୍ପ ପରିସରଭୁକ୍ତ ଅଞ୍ଚଳରେ ଦିନକୁ ଦିନ ଆଖୁଚାଷ କମି ଆସୁଥିବା ଯୋଗୁ ଚିନିଶିଳ୍ପ ଓ ଆଖୁଚାଷୀଙ୍କ ମଧ୍ୟରେ ଉଦବେଗ ପ୍ରକାଶ ପାଉଛି । ଚିନିଶିଳ୍ପ ପକ୍ଷରୁ ଶୁକ୍ରବାର ଚିନିଶିଳ୍ପରେ ଅନୁଷ୍ଠିତ ପରିବର୍ଦ୍ଧିତ ଆଖୁଚାଷ ଉନ୍ନୟନ କମିଟି ବୈଠକରେ ଏ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଛି । ଚିନିଶିଳ୍ପ ପରିଚାଳନା ପରିଷଦ ସଭାପତି ରବୀନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଚିନିଶିଳ୍ପ ପରିଚାଳନା ନିର୍ଦ୍ଦେଶକ ଡ. ସୁଶାନ୍ତ କୁମାର ପଣ୍ଡା, ପରିଚାଳନା ପରିଷଦର ସଦସ୍ୟ ରତ୍ନାକର ସାହୁ, ବସନ୍ତ କୁମାର ଦଳେଇ, ଧର୍ମୁ ପ୍ରଧାନ, ସରିତ ପ୍ରଧାନ, ନିରଞ୍ଜନ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ବରାଡ ଯୋଗ ଦେଇଥିଲେ। ଗଞ୍ଜାମ ଜିଲା ଆଖୁଚାଷୀ ସଂଘର ସଭାପତି ସମୀର ପ୍ରଧାନ, ଲଳିତ ମୋହନ ଦାସ, ରାଘବ ସିୟ, ଭାରତୀୟ ଷ୍ଟେଟ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ଓ କର୍ମଚାରୀ ଏବଂ ଜିଲାର ବିଭିନ୍ନ ବ୍ଲକରୁ ବହୁ ଆଖୁଚାଷି ଉପସ୍ଥିତ ଥିଲେ । ଆଖୁଚାଷ ଲାଗି ଆବଶ୍ୟକୀୟ ସାର, ବିହନ ଓ ଶ୍ରମିକ ମଜୁରୀ ଅହେତୁକ ଦରରେ ବୃଦ୍ଧି ପାଇ ଆସୁଥିଲା ବେଳେ ଚାଷୀମାନେ ସେହି ଅନୁପାତରେ ସେମାନଙ୍କ ପ୍ରାପ୍ୟ ପାଇ ପାରୁନାହାନ୍ତି । ତେଣୁ କାରଖାନା ପକ୍ଷରୁ ଆଖୁର ଟନ ପିଛା ଦର ୨୦୨୫-୨୬ ଓ ୨୦୨୬-୨୭ରେ ଯଥାକ୍ରମେ ୪ହଜାର ଓ ୪ହଜାର ୫ଶହ ଟଙ୍କା ଦେବା ଲାଗି ଆଖୁଚାଷି ସଂଘ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା । ଉକ୍ତ ପ୍ରସ୍ତାବକୁ ଜିଲାପାଳଙ୍କ ଜରିଆରେ ସମବାୟ ସମିତି ନିବନ୍ଧକଙ୍କ ନିକଟକୁ ପ୍ରେରଣ କରିବା ନିମନ୍ତେ ସର୍ବ ସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଆଖୁଚାଷୀ ସଂଘ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବ ଅନୁଯାୟୀ ବର୍ଦ୍ଧିତ ଦର ପ୍ରଦାନ କରାଗଲେ ଆଗାମି ୨୦୨୬-୨୭ ଆଖୁପେଡ଼ା ଋତୁରେ ୬୦ ହଜାର ମେଟ୍ରିକ ଟ୍ରନରୁ ଅଧିକ ଯୋଗାଣ ନିମନ୍ତେ ସମ୍ପୂର୍ଣ୍ଣ ଦାୟିତ୍ୱ ନେବେ ବୋଲି ପ୍ରକାଶ କରିଥିଲେ। ଆଖୁ ଚାଷ ଲାଗି ଆବଶ୍ୟକ ଅନୁଯାୟୀ କୃଷି ଶ୍ରମିକ ଅଭାବ ଦେଖାଦେଇଥିଲା ବେଳେ କାରଖାନା ପକ୍ଷରୁ ଲାଇସେନ୍ସ ପ୍ରାପ୍ତ ଠିକା ଶ୍ରମିକଙ୍କୁ ନିୟୋଜନ କରାଯାଇ ଆଖୁ କାଟିବା, ସଫା କରିବା ଓ ଗାଡିରେ ବୋଝେଇ କରିବା ଲାଗି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ଆଖୁଚାଷକୁ ଆବଶ୍ୟକୀୟ ପରିମାଣର ଜଳ ସେଚନ ଓ ବନ୍ୟଜନ୍ତୁଙ୍କ କବଳରୁ ଆଖୁ ଫସଲକୁ ରକ୍ଷା କରିବା ନିମନ୍ତେ ଭାରତୀୟ ଷ୍ଟେଟ ବ୍ୟାଙ୍କ ତରଫରୁ ସୌର ଚାଳିତ ପମ୍ପ ସେଟ, ବନ୍ୟଜନ୍ତୁ ମାନେ ଆଖୁ ଫସଲକୁ ରକ୍ଷାକରିବା ନିମନ୍ତେ ସୌର ଚାଳିତ ଝଟକା ଯନ୍ତ୍ର ଦୀର୍ଘ ମିଆଦ କୃଷି ଋଣ ହିସାବରେ ଯୋଗାଇ ଦେବା ଲାଗି ଆଖୁଚାଷି, ବ୍ୟାଙ୍କ ଓ ଚିନିଶିଳ୍ପ ମଧ୍ୟରେ ତ୍ରିପାକ୍ଷିତ ଚୁକ୍ତି କରାଯାଇଥିଲା ।

## ମା’ ପାଇଁ ଗଛଟିଏ କାର୍ଯ୍ୟକ୍ରମ

ଗଞ୍ଜାମ,୧୮।୭(ବିଦ୍ୟାଧର ସାହୁ): ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦିଗଦର୍ଶନ ଫାଉଣ୍ଡେସନ ଆନୁକୂଲ୍ୟରେ ମା’ ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗଞ୍ଜାମ ସହର ସ୍ଥିତ ଶିଶୁ ବିଦ୍ୟାମନ୍ଦିର ଶିକ୍ଷାନୁଷ୍ଠାନ ପ୍ରାଙ୍ଗଣରେ ଆୟୋଜିତ ସବୁଜ ସୁନ୍ଦର କାର୍ଯ୍ୟକ୍ରମରେ ବିଭିନ୍ନ କିସମର ଚାରା ରୋପଣ କରାଯାଇଥିଲା। ଏହି ଅବସରରେ ସଭାପତି ଉମାକାନ୍ତ ବେହେରାଙ୍କ ପୌରୋହିତ୍ୟରେ ପୂର୍ବତନ ସରପଞ୍ଚ ଡ଼ି. ନିରଞ୍ଜନ ରେଡି ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ନେହେରୁ ଯୁବକେନ୍ଦ୍ର ପୂର୍ବତନ ଜାତୀୟ ଯୁବ ସ୍ୱେଚ୍ଛାସେବୀ ଡ଼ି. ବିଷ୍ଣୁପ୍ରିୟା, ସମ୍ମାନିତ ଅତିଥିଭାବେ ଶିକ୍ଷାନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ଏମ.ଲିଙ୍ଗରାଜ ରେଡି ପ୍ରମୁଖ ଯୋଗଦେଇ ପରିବେଶ ସୁରକ୍ଷା ସମ୍ପର୍କିତ ସଚେତନତା ବାର୍ତ୍ତା ଦେଇଥିଲେ। ଦିଗଦର୍ଶନ ଅନୁଷ୍ଠାନର ସଭାନେତ୍ରୀ ବିଜୟଲକ୍ଷ୍ମୀ ମହାକୁଡ଼ଙ୍କ ସମ୍ପୂର୍ଣ୍ଣ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପରିବେଶ ସୁରକ୍ଷା ସମ୍ବନ୍ଧୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରଥମ ନିବେଦିତା ଦଳେଇ, ଦ୍ୱିତୀୟ ଦେବସ୍ମିତା ଦଳେଇ, ତୃତୀୟ ପି. ଶ୍ରୀନିବାସ ରାଓ, ଚତୁର୍ଥ ଅମ୍ରିତ ବାରିକ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା।

## ଡିପୋରେ ଚାଉଳ ଦେବାକୁ ରାଇସ୍ ମିଲ୍ ହାତେଇଥିବା ଡେଲିଭରି ସାର୍ଟିଫିକେଟ ଘଟଣା

# ଏତଲା ଦେବାକୁ ନିର୍ଦ୍ଦେଶ ଦେଲା ରାଜ୍ୟ ଯୋଗାଣ ବିଭାଗ

ଛତ୍ରପୁର,୧୮।୭(ଦିଲ୍ଲୀପ ସାମଲ): ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକ ବାଲିଆ ଗ୍ରାମର ମା’ ତାରିଣୀ ରାଇସ୍ ମିଲ୍ ଅନିୟମିତତା କରି ଡିପୋରେ ଚାଉଳ ପୈଠ କରିଥିବା ଘଟଣାର ରାଜ୍ୟ ଯୋଗାଣ ବିଭାଗ ଖୋଳତାଡ କରିଛି। ଜିଲା ଯୋଗାଣ ବିଭାଗଠାରୁ ଅଭିଯୋଗ ପାଇବା ପରେ ଯୋଗାଣ ବିଭାଗର ବୈଷୟିକ ଟିମ୍ ୨ଟି ଇଣ୍ଟରନେଟ ପ୍ରୋଟକଲ (ଆଇପି) ହାଇଜାକ ହୋଇଥିବା ନେଇ ତଥ୍ୟ ହାସଲ କରିଛି। ଏହି ୨ଟି ଆଇପି ହେଉଛି ୧୦୩.୨୪.୮୪.୨୪୫. ଓ ୧୩୯.୫.୧୦.୧୭୨। ଏହି ଆଇପିକୁ ଚଞ୍ଚକତା କରି ହାତେଇ ସମ୍ପୃକ୍ତ ରାଇସମିଲ୍ ଦାଖଲ କରିବା ପରେ ଡିପୋରେ ଚାଉଳ ପୈଠ ପାଇଁ ତାକୁ ଡେଲିଭରି ସାର୍ଟିଫିକେଟ ମିଳିଥିଲା। ଏହା ସଂପୂର୍ଣ୍ଣ ରୂପେ ସାଇବର ଠକେଇ ଅପରାଧ। ଏ ନେଇ ସାଇବର ଥାନାରେ ତୁରନ୍ତ ଏତଲା ଦେବାକୁ ଶୁକ୍ରବାର ଯୋଗାଣ ବିଭାଗ ଏମ୍‌ଡି କେ.ସୁଦର୍ଶନ ଚକ୍ରବର୍ତ୍ତୀ ଗଞ୍ଜାମ ଜିଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ପତ୍ରସଂଖ୍ୟା ୯୮୦୨ରେ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ଯୋଗାଣ ବିଭାଗର ଉପରୋକ୍ତ ୨ ଆଇପିକୁ ହାସଲରେ ଯେଉଁମାନେ ସମ୍ପୃକ୍ତ ଅଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗ ନିର୍ଦ୍ଦେଶରେ ଉଲ୍ଲେଖ କରିଛି।

ଖବରରୁ ପ୍ରକାଶ, ମା’ ତାରିଣୀ ରାଇସ ମିଲ୍ ଗଞ୍ଜାମ ଜିଲା ଭାରପ୍ରାପ୍ତ ମୁଖ୍ୟ ଜିଲା ଯୋଗାଣ ଅଧିକାରୀଙ୍କ ଜାଲ ଦସ୍ତଖତରେ ଡିପୋରେ ଚାଉଳ ପୈଠ ପାଇଁ ଡେଲିଭରି ସାର୍ଟିଫିକେଟ ହାତେଇଥିଲା । ଏ ସମ୍ପର୍କରେ ପୂର୍ବତନ ଭାରପ୍ରାପ୍ତ ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ପୁଷ୍ପା ମୁଣ୍ଡା ଜାଣିବା ପରେ ମା’ ତାରିଣୀ ରାଇସ ମିଲ ପକ୍ଷରୁ ଡିପୋରେ ହୋଇଥିବା ଚାଉଳ ପୈଠକୁ ବାତିଲ କରିଥିଲେ। ନିଜର ଦସ୍ତଖତକୁ ନେଇ କିଏ ଏଭଳି କାର୍ଯ୍ୟ କରିଛି ସେଥିଲାଗି ସେ ସଂପୃକ୍ତ ଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପଦକ୍ଷେପ ନେଇଥିଲେ। ଏ ସମ୍ପର୍କରେ ସେ ଗତ ୨ ତାରିଖରେ ବିଭାଗୀୟ ଏମ୍‌ଡିଙ୍କୁ ଅବଗତ କରାଇଥିଲେ। ଏହିପତ୍ର ସହ ସେ ବିଭିନ୍ନ ଜାଲି ନଥିପତ୍ର ମଧ୍ୟ ସଂଲଗ୍ନ କରି କାର୍ଯ୍ୟାଳୟର ୨ ଜଣ ଆଉଟ ସୋର୍ସିଂରେ କାମ କରୁଥିବା କର୍ମଚାରୀଙ୍କ ନାଁ ଉଲ୍ଲେଖ କରି ଉଭୟଙ୍କୁ ତଦନ୍ତ ପରିସରଭୁକ୍ତ କରିବା ଲାଗି ଜଣାଇଥିଲେ। ୨୦୨୪-୨୫ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିବା ମା’ ତାରିଣୀ ରାଇସ ମିଲ ଡିପୋରେ ଚାଉଳ ପୈଠ ପାଇଁ ଯେଉଁ ଜାଲ ପ୍ରମାଣପତ୍ର ହାତେଇଛନ୍ତି ତାହା କିପରି ଓ କେଉଁ ମାଧ୍ୟମରେ ପାଇଛନ୍ତି ତାହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାକୁ ରାଜ୍ୟ (ଧାନ ସଂଗ୍ରହ) ମହାପ୍ରବନ୍ଧକ ରାଜ୍ୟ ଖାଦ୍ୟ ଓ ଯୋଗାଣ ବିଭାଗ ପ୍ରୋଜେକ୍ଟ ମ୍ୟାନେଜରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଘଟଣାକୁ ୧୫ ଦିନ ବିତିଯାଇଥିଲେ ସୁଦ୍ଧା ଯୋଗାଣ ବିଭାଗ ପକ୍ଷରୁ ତଦନ୍ତରେ କୌଣସି ଅଗ୍ରଗତି ହୋଇନାହିଁ। ଏବେ ରାଜ୍ୟ ଯୋଗାଣ ବିଭାଗ ସାଇବର ଥାନାରେ ଘଟଣା ସମ୍ପର୍କରେ ଅଭିଯୋଗ କରିବାକୁ ଜିଲା ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦେଇଛି । ସୂଚନାଯୋଗ୍ୟ, ଗୋଟିଏ ରାଇସ ମିଲ୍‌କୁ ଡିପୋରେ ଚାଉଳ ପୈଠ କରିବାକୁ ହେଲେ ସେ ପ୍ରଥମେ ଯୋଗାଣ ନିରୀକ୍ଷକଙ୍କଠାରୁ ଏକ ଅନୁସନ୍ଧାନ ସାର୍ଟିଫିକେଟ ଆଣିବାକୁ ହେବ। ପରେ ମୁଖ୍ୟ ଜିଲା ଯୋଗାଣ ଅଧିକାରୀଙ୍କଠାରୁ ଡେଲିଭରି ସାର୍ଟିଫିକେଟ ମିଳିବା ପରେ ଡିପୋରେ ସଂପୃକ୍ତ ରାଇସ୍ ମିଲ ଚାଉଳ ପୈଠ କରିବା ପାଇଁ ଅନୁମତି ମିଳିବ।

## ବଜ୍ରପାତରେ ୧୦ ଛେଳି, ପୋଢ଼ ମୃତ

ବାଲିଗୁଡା,(ସଞ୍ଜୟ କୁମାର ପାଣିଗ୍ରାହୀ) ବାଲିଗୁଡ଼ା ଥାନା କୁଟିକିଆ ପଞ୍ଚାୟତ ସାଉଟିକିଆ ଗ୍ରାମର କୁମ୍ଭାର ସାହି ତେନ୍ତୁଳି ଗଛ ମୂଳେ ୧୧ଟି ଗୃହ ପାଳିତ ପ୍ରାଣୀ ଆଶ୍ରୟ ନେଉଥିବା ବେଳେ ଶୁକ୍ରବାର ଅପରାହ୍ନରେ ଅଚାନକ ବଜ୍ରପାତ ଯୋଗୁ ମୃତ୍ୟୁ ହୋଇଛି। ଏଥିରୁ ଅଳ୍ପକେ ଜଣେ ଛେଳି ଚରାଳି ବର୍ତ୍ତି ଯାଇଛନ୍ତି। ପ୍ରକାଶ ଯେ, ଛେଳି ଚରାଳି ସତ୍ୟବାନ ମଲିକ ୧୦ଟି ଛେଳି ଓ ଗୋଟିଏ ପୋଢ଼କୁ ନେଇ ତେନ୍ତୁଳି ଗଛ ପଡ଼ିଆରେ ଚରାଉଥିଲେ। ଅପରାହ୍ନରେ ହଠାତ ପ୍ରବଳ ବର୍ଷା ସହ ବିଜୁଳି ଘଡଘଡି ମାରିବା ଫଳରେ ଘଟଣା ସ୍ଥଳରେ ହିଁ ୧୦ଟି ଛେଳି ଓ ଗୋଟିଏ ପୋଢ଼ର ମୃତ୍ୟୁ ହୋଇଥିଲା। ଛେଳି ଚରାଳି ସତ୍ୟବାନ ମଲିକ କିଛି ଦୂରରେ ରହିଥିବା ଯୋଗୁ ସାମାନ୍ୟ ଆହତ ହୋଇଥିଲେ।



## ଅସହାୟ ଯୁବକଙ୍କୁ ଡାକ୍ତରଖାନାରେ ଭର୍ତ୍ତି କଲା ଗୋପବନ୍ଧୁ ଚାରିଟେବୁଲ ଟ୍ରଷ୍ଟ

ବୁଗୁଡ଼ା,୧୮।୭(କାଳି ଚରଣ ଦାଶ)– ଅସହାୟ ଭାବେ ପଡିରହିଥିବା ଜଣେ ବ୍ୟକ୍ତିଙ୍କୁ ଗୋପବନ୍ଧୁ ଚାରିଟେବୁଲ ଟ୍ରଷ୍ଟ କର୍ମକର୍ତ୍ତାମାନେ ଉଦ୍ଧାର କରି ନିକଟରେ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରି ମାନବିକତାର ପରିଚୟ ଦେଇଛନ୍ତି। ବୁଗୁଡ଼ା ସହରର ଏକ ଭଙ୍ଗା କ୍ୟାବିନ୍ ତଳେ କିଛି ଦିନ ଧରି ସେ ଅସହାୟ ଭାବେ ପଡିରହିଥିଲେ। ତାଙ୍କ ଗୋଡ଼ରେ ଆଘାତ ଲାଗି କ୍ଷତ ହୋଇଥିବା ବେଳେ ଅନାହାରରେ ଦୁର୍ବଳ ହୋଇ ପଡିଥିଲେ। ପରବର୍ତ୍ତୀ ସମୟରେ ସେ ବୁଗୁଡ଼ା ଏନଏସି ଅନ୍ତର୍ଗତ ଗଣ୍ଡାମାଞ୍ଜି ସାହିର ମନୋଜ ଜେନା (୩୨) ବୋଲି ଜଣାପଡିଛି। କୌଣସି କାରଣରୁ ମନୋଜ କିଛିବର୍ଷ ହେଲା ଏଭଳି ବୁଲୁଥିବା ବେଳେ ଏବେ କିଛିଦିନ ହେଲା କ୍ୟାବିନ ତଳେ ପଡି ରହିଥିଲେ। ଏ ସମ୍ପର୍କରେ ଟ୍ରଷ୍ଟ ସଦସ୍ୟମାନେ ଜାଣିବା ପରେ ବିଡିଓ ଏବଂ ଓ ଏନଏସି ନିର୍ବାହୀ ଅଧିକାରୀଙ୍କୁ ଜଣାଇଥିଲେ। ସେ ସୁସ୍ଥ ହେବା ପରେ ତାଙ୍କ ଥଇଥାନ ବ୍ୟବସ୍ଥା କରାଯିବ ବୋଲି ବିଡିଓ କହିଛନ୍ତି।

# ଗୃହରକ୍ଷୀ ନିଯୁକ୍ତିରେ ଅନିୟମିତତା ନେଇ ଦକ୍ଷିଣାଞ୍ଚଳ ଡିଆଇଜିଙ୍କ ସମୀକ୍ଷା

ପାରଳାଖେମୁଣ୍ଡି,୧୮।୭(ଗିରିଧାରୀ ପରିଚ୍ଛା)


ଡିଆଇଜିଙ୍କୁ ଭେଟିବାକୁ ଆସି ନିରାଶ ହୋଇଥିବା ପ୍ରାର୍ଥୀମାନେ।

ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିଠାରେ ଗତ ମେ ୨୯ରେ ହୋଇଥିବା ଗୃହରକ୍ଷୀ (ହୋମଗାର୍ଡ) ନିଯୁକ୍ତି ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏହାକୁ ଭିତ୍ତିକରି କେତେ ଜଣ ପ୍ରାର୍ଥୀ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ଏପରିସ୍ଥଳେ ଘଟଣାର ସବିଶେଷ ତଥ୍ୟ ଜାଣିବା ଓ ଗୃହରକ୍ଷୀ ନିଯୁକ୍ତିରେ ଭାଗ ନେଇଥିବା ପ୍ରାର୍ଥୀଙ୍କ ଅଭିଯୋଗ ଶୁଣିବାକୁ ଶୁକ୍ରବାର ଦକ୍ଷିଣାଞ୍ଚଳ ଡିଆଇଜି ନିତିନ ଶେଖର ପାରଳାଖେମୁଣ୍ଡି ଗସ୍ତ କରିଥିଲେ।

ଗଜପତି ଜିଲାରେ ୧୪୪ ଗୃହରକ୍ଷୀ ପଦବୀରେ ନିଯୁକ୍ତି ଲାଗି ୧୨ଶହରୁ ଉର୍ଦ୍ଧ୍ୱ ପ୍ରାର୍ଥୀ ଆବେଦନ କରିଥିଲେ। ଏନେଇ ମେ ୨୯ରେ ଚୟନ ପ୍ରକ୍ରିୟା ଆରମ୍ଭ ହୋଇ ପ୍ରଥମେ ଶାରୀରିକ ପରୀକ୍ଷା ହୋଇଥିଲା। ପରବର୍ତ୍ତୀ ସମୟରେ ଦୁଇଟି ପର୍ଯ୍ୟାୟରେ ପ୍ରାର୍ଥୀଙ୍କ ଲିଖିତ ପରୀକ୍ଷା ହୋଇଥିଲା। ପରୀକ୍ଷା ଫଳ ବାହାରିବା ପରେ ସେମାନଙ୍କ ନାଁ ନ ଥିବା ଏବଂ ସମସ୍ତ ପ୍ରକ୍ରିୟାରେ ମୁହଁଦେଖା ଅର୍ଥ କାରବାର ହୋଇ ଯୋଗ୍ୟ ପ୍ରାର୍ଥୀ ଏଥିରୁ ବାଦ ପଡ଼ିଥିବା ନେଇ କେତେ ଜଣ ଅଭିଯୋଗ କରିଥିଲେ। ଏଥିସହ ନିଯୁକ୍ତି ପ୍ରକ୍ରିୟାରେ ଦୁଇ ଥର ଦୌଡ଼ ପରୀକ୍ଷା କରାଯିବାକୁ ନେଇ ସେମାନେ ପ୍ରଶ୍ନ ଉଠାଇ ଏହାର ପ୍ରତିବାଦ କରି ୨୪ରୁ ଉର୍ଦ୍ଧ୍ୱ ପ୍ରାର୍ଥୀ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ପ୍ରାର୍ଥୀମାନଙ୍କ ଏଭଳି ଅଭିଯୋଗକୁ ଭିତ୍ତିକରି ଘଟଣାର ସବିଶେଷ ତଥ୍ୟ ସଂଗ୍ରହ କରିବା ସହ ପ୍ରାର୍ଥୀଙ୍କ ଅଭିଯୋଗ ଶୁଣିବାକୁ ଦକ୍ଷିଣାଞ୍ଚଳ ଡିଆଇଜି ପାରଳାଖେମୁଣ୍ଡି ଆସିଥିଲେ। ପ୍ରାର୍ଥୀମାନେ ନିଜ ଅଭିଯୋଗ ଜଣାଇବାକୁ ଦୂରଦୂରାନ୍ତରରୁ ପାରଳାଖେମୁଣ୍ଡି ଏସ୍‌ପିଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ମାତ୍ର ଡିଆଇଜି ଶେଖର ଅଳ୍ପ କେତେ ଜଣ ପ୍ରାର୍ଥୀଙ୍କ ଅଭିଯୋଗ ଶୁଣିଥିଲେ। ବହୁ ଆବେଦନକାରୀଙ୍କ ଅଭିଯୋଗ ଶୁଣି ନ ଥିବା ଏଠାକୁ ଆସିଥିବା ପ୍ରାର୍ଥୀମାନେ ପ୍ରକାଶ କରିଛନ୍ତି। ଡିଆଇଜି ଆସି ଆମ କଥା ଶୁଣି ଆମକୁ ନ୍ୟାୟ ଦେବେ ବୋଲି ଆଶା ରଖିଥିଲୁ, ମାତ୍ର ତାହା ହେଲାନି।

### ହାଇକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି ପ୍ରାର୍ଥୀ

ବର୍ତ୍ତମାନ ଗୃହରକ୍ଷୀ ନିଯୁକ୍ତିର ଅନ୍ତିମ ତାଲିକା ପ୍ରକାଶ ପାଇନାହିଁ। ଯଦି ନିଯୁକ୍ତି ପ୍ରକ୍ରିୟାରେ କୌଣସି ବ୍ୟତିକ୍ରମ ଦେଖାଯାଏ ତେବେ ପାରଳାଖେମଣ୍ଡି ଆସିଥିବା ପ୍ରାର୍ଥୀମାନେ ନ୍ୟାୟାଳୟର ଆଶ୍ରୟ ନେବେ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଦକ୍ଷିଣାଞ୍ଚଳ ଡିଆଇଜି ଶେଖର କହିଛନ୍ତି, ସମସ୍ତ ପ୍ରାର୍ଥୀଙ୍କ ସବିଶେଷ ତଥ୍ୟ ସଂଗ୍ରହ କରାଯାଇଛି। ଅଭିଯୋଗର ସମସ୍ତ ଦିଗକୁ ନେଇ ତଦନ୍ତ କରାଯାଉଛି। ସମସ୍ତ ରିପୋର୍ଟ ଉପରିସ୍ଥ ଅଧିକାରୀଙ୍କ ନିକଟକୁ ପଠାଯିବ। ପରେ ଅନ୍ତିମ ତାଲିକା ପ୍ରକାଶ କରିବା ନେଇ ନିଷ୍ପତ୍ତି ହେବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଗୃହରକ୍ଷୀ ନିଯୁକ୍ତି ପ୍ରକ୍ରିୟାରେ ଶାରିରୀକ ପରୀକ୍ଷା ବେଳେ ଅଘଟଣ ଘଟି ଦୁଇଜଣ ପ୍ରାର୍ଥୀଙ୍କ ମୃତ୍ୟୁ ହୋଇଥିଲା। ୧୪ ଜଣ ପ୍ରାର୍ଥୀ ଅସୁସ୍ଥ ହୋଇଥିଲେ।

## ଗାଁରେ ମଦରନ୍ଧା, ବିକ୍ରିକୁ ବିରୋଧ

ଧରାକୋଟ,୧୮।୭(ବିଷ୍ଣୁକେଶରୀ ଆଚାର୍ଯ୍ୟ):

ଧରାକୋଟ ଥାନା ଅଧୀନ ଜଗମୋହନ ପଞ୍ଚାୟତ ଚମ୍ପାପଲ୍ଲୀ ଗାଁରେ ବେଆଇନ ମଦରନ୍ଧା ଓ ବିକ୍ରିକୁ କେନ୍ଦ୍ର କରି ଉତ୍ତେଜନା ପ୍ରକାଶ ପାଇଛି । ମଦରନ୍ଧା ଓ ବିକ୍ରିକୁ ବିରୋଧ କରି ଶୁକ୍ରବାର ଗ୍ରାମର ମହିଳା ଓ ପୁରୁଷମାନେ ଏକାଠି ହୋଇ ପ୍ରତିବାଦ କରିଛନ୍ତି । ଗ୍ରାମର ଜଣେ ବ୍ୟକ୍ତି ନିଜ ଶ୍ୱଶୁର ଘର ଚମ୍ପାପଲ୍ଲୀ ଗ୍ରାମରେ ଦୀର୍ଘ ବର୍ଷ ହେଲା ବେଆଇନ ମଦ ରାନ୍ଧିବା ସହ ଗାଁ ଭିତରେ ବିକ୍ରି କରୁଥିଲେ । ଏହାକୁ ଗ୍ରାମବାସୀ ବାରମ୍ବାର ବିରୋଧ କରିବା ସହ ଧରାକୋଟ ଥାନାରେ ଅଭିଯୋଗ କରି ଆସୁଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିଲା । ଏହାକୁ ନେଇ ଶୁକ୍ରବାର ଗାଁରେ ଉତ୍ତେଜନା ଦେଖାଦେଇଥିବା ଖବର ପାଇ ଧରାକୋଟ ପୋଲିସ ପହଞ୍ଚି ସମସ୍ତଙ୍କୁ ବୁଝାଶୁଝା କରିଥିଲା । ଏନେଇ ଧରାକୋଟ ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁଙ୍କ ସହ ଯୋଗାଯୋଗ କରିବାରୁ ସେ କହଛନ୍ତି, ଏମିତି ଘଟଣା ନେଇ ତାଙ୍କ ପାଖକୁ କୌଣସି ଅଭିଯୋଗ ଆସିନାହିଁ । ଚମ୍ପାପଲ୍ଲୀ ଗ୍ରାମର କେହି ବି ଅଭିଯୋଗ କରିନାହାନ୍ତି । ଯାହାଙ୍କ ନାମରେ ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି ସେ ପୋଲିସର ସୂଚନା ପ୍ରଦାନକାରୀ ବୋଲି ସନ୍ଦେହ କରୁଥିବାରୁ ଗ୍ରାମରେ ଏପରି ପରିସ୍ଥିତି ଉପୁଜିଥିବା ଥାନା ଅଧିକାରୀ କହିଛନ୍ତି । ପୂର୍ବରୁ ଚମ୍ପାପଲ୍ଲୀରେ ବେଆଇନ ମଦଭାଟିକୁ ନଷ୍ଟ କରାଯାଇଥିବା ବେଳେ ଏଥିରେ ସଂପୃକ୍ତ ଥିବା ଲୋକମାନଙ୍କ ଉପରେ କାର୍ଯ୍ୟାନଷ୍ଠାନ ନିଆଯାଉଛି ବୋଲି ଥାନା ଅଧିକାରୀ କହିଛନ୍ତି ।

## ସୁଭଦ୍ରା ଶକ୍ତି କାଫେ ଉଦ୍‌ଘାଟିତ

ମୋହନା,୧୮।୭(ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ନିର୍ମିତ ହୋଇଥିବା ସୁଭଦ୍ରା ଶକ୍ତି କାଫେ ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ମୋହନା ବିଧାୟକ ଦାଶରଥି ଗମାଙ୍ଗ ଯୋଗଦେଇ ଏହାକୁ ଉଦ୍‌ଘାଟନ କରଥିଲେ। ଏହି କାଫେକୁ ମୋହନାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପରିଚାଳନା କରିଛନ୍ତି। କାର୍ଯ୍ୟକ୍ରମରେ ମୋହନା ବ୍ଲକ ଅଧ୍ୟକ୍ଷ ରଞ୍ଜିବ ଶବର, ଉପାଧ୍ୟକ୍ଷ ବାଲ୍ଲିନ ଅଧିକାରୀ, ବିଡ଼ିଓ ରାଜୀବ ଦାସ, ଏବିଡ଼ିଓ ରମାକାନ୍ତ ଚୌଧୁରୀ, ଜିଲା ପରିଷଦ ସଭ୍ୟ ସୁନିଲ ବିଷୋୟୀ, ଏମ୍‌ପି ପ୍ରତିନିଧି ଜିତେନ୍ଦ୍ର ବେହେରା, ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟାସଭ୍ୟ ଓ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଜୁଏଲେରି ମାଲିକଙ୍କୁ ଘାରିଛି ଜିଏସ୍‌ଟି ଭୟ

ଫୁଲବାଣୀ, ୧୮।୭(ରାକେଶ କୁମାର ରାଉତ) କନ୍ଧମାଳ ଜିଲାରେ ଜିଏସଟି (ଦ୍ରବ୍ୟ ଓ ସେବା କର) ଚଢାଉ ହେଉଥିବା ନଜିର ଖୁବ୍ କମ ରହିଛି। ଫୁଲବାଣୀ ସହରରେ ଥିବା ବଡ଼ବଡ଼ ବ୍ୟବସାୟ ପ୍ରତିଷ୍ଠାନ ଉପରେ ଜିଏସ୍‌ଟି ଚଢ଼ାଉ ହେଉନାହିଁ। ବ୍ୟବସାୟୀମାନେ ମନ ଇଚ୍ଛା ଏହା ଠକି ଚାଲିଛନ୍ତି। ସରକାର ଟ୍ୟାକ୍ସ ବା କର ପାଉ ନାହାନ୍ତି। ଯେତେବେଳେ ଚଢ଼ାଉ ହେବା ନେଇ ବ୍ୟବସାୟୀ ପ୍ରତିଷ୍ଠାନ ଖବର ପାଉଛନ୍ତି, ସେତେବେଳେ ସେମାନେ ଦେକାନ ଅବା ବ୍ୟବସାୟ ପ୍ରତିଷ୍ଠାନରେ ତାଲା ପକାଇ ଦେଉଛନ୍ତି। ଫଳରେ ବିଭାଗୀୟ ଅଧିକାରୀ ଆସି ଫେରିବାକୁ ବାଧ ହେଉଛନ୍ତି। ବିଶେଷ କରି ସହରରେ ଜୁଏଲେରି ମାଲିକମାନଙ୍କୁ ଏହି ଚଢ଼ାଉ ଭୟ ଅଧିକ ଘାରିଛି । ବୁଧବାର ଜିଏସ୍‌ଟି ଚଢ଼ାଉ ଭୟରେ ସହରରେ ଥିବା ଜୁଏଲେରି ଦୋକାନଗୁଡ଼ିକ ବନ୍ଦ ଥିବା ଦେଖିବାକୁ ମିଳିଥିଲା। ଯେଉଁଠିକି ଅନ୍ୟ ବ୍ୟବସାୟ ପ୍ରତିଷ୍ଠାନ ଖୋଲା ରହିଥିଲା। ଜିଏସ୍‌ଟି ଚଢ଼ାଉକୁ ନେଇ ଜୁଏଲେରି ମାଲିକମାନେ କାହିଁକି ଡରୁଛନ୍ତି ତାହା ଏବେ ଚର୍ଚ୍ଚାର ବିଷୟ ହୋଇଛି । ଯଦି ଠିକ୍ ଭାବେ ଚଢ଼ାଉ ହେବ ତାହାଲେ ସତ୍ୟ ପଦାକୁ ଆସିବ ବୋଲି ଜିଏସ୍‌ଟି ଭରୁଥିବା କିଛି ବ୍ୟବସାୟୀ ପ୍ରକାଶ କରିଛନ୍ତି।

ଜିଲାରେ ଫୁଲବାଣୀ କଲେଜ ପାଖରେ ଉପ ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବା କର ଆୟୁକ୍ତଙ୍କ କାର୍ଯ୍ୟାଳୟ ରହିଛି । ଏହି କାର୍ଯ୍ୟାଳୟର ଅଧିକାରୀଙ୍କ କେବଳ ଜିଏସ୍‌ଟି ଆଦାୟ ଏବଂ ନୋଟିସ କରିବା ଅଧିକାର ରହିଛି। ଚଢ଼ାଉ ଅବା ଏନଫୋର୍ସମେଣ୍ଟ ଅଧିକାର ନାହିଁ। ଫଳରେ ବ୍ୟବସାୟୀମାନେ ମନ ଇଚ୍ଛାରେ ଟ୍ୟାକ୍ସ ଫାଙ୍କି ଚାଲିଛନ୍ତି। ରାୟଗଡ଼ାର ଏନଫୋର୍ସମେଣ୍ଟ ଟିମ୍ ଆସି ଜିଲାରେ ଚଢ଼ାଉ କରେ। ଅର୍ଥାତ ରାୟଗଡା ଜିଲାରେ ଥିବା କାର୍ଯ୍ୟାଳୟ ଅଧୀନରେ କନ୍ଧମାଳ ଜିଲା ପାଇଁ ଏନ୍‌ଫୋର୍ସମେଣ୍ଟ ଟିମ୍ ରହିଛି। ବିଗତ ଦିନରେ ଜିଏସ୍‌ଟି ଫାଙ୍କିବା ଅଭିଯୋଗରେ ଗୋଟିଏ ଜୁଏଲେରି ଉପରେ ଏହି ଟିମ୍ ଚଢ଼ାଉ କରି ଫାଇନ କରିଥିଲା। ହେଲେ କେତେ ଫାଇନ କଲା ଏବଂ ବ୍ୟବସାୟୀ କେତେ ଟଙ୍କା ଟ୍ୟାକ୍ସ ବାବଦରେ ବାନ୍ଧିଲେ ତାହାର ହିସାବ ଉପ ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବା କର ଆୟୁକ୍ତଙ୍କ କାର୍ଯ୍ୟାଳୟରେ ନାହିଁ । ସେହିପରି ଅନ୍ୟ ଜଣେ ବ୍ୟବସାୟୀଙ୍କ ଉପରେ ଚଢ଼ାଉ କରାଯାଇ ପ୍ରାୟ କୋଟିଏ ଟଙ୍କା ଫାଇନ କରା ଯାଇଥିଲା। ତାହାର ମଧ ସଠିକ୍ ତଥ୍ୟ ଏହି କାର୍ଯ୍ୟାଳୟରେ ନାହିଁ । ଅଧିକାରୀଙ୍କୁ କହିଲେ ରାୟଗଡ଼ା କାର୍ଯ୍ୟାଳୟରୁ ତାହା ମିଳିବ ବୋଲି କହୁଛନ୍ତି । ଏ ସଂକ୍ରାନ୍ତରେ ଉପ ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବା କର ଆୟୁକ୍ତ ଅଜୟ କୁମାର କୁଜୁରଙ୍କୁ ପଚାରିବାରୁ ଆମର ଚଢ଼ାଉ ଅଧିକାର ନାହିଁ । ଏନଫୋର୍ସମେଣ୍ଟ ଟିମ୍ ଏହା କରିବ। ଯାହା ରାୟଗଡା ଜିଲାରେ ଅଛି। ଜୁଏଲେରି ଦେକାନରେ ଚଢ଼ାଉ ହେଉଥିବା ଖବର ଆମ ପାଖରେ ନାହିଁ କି ସେମାନେ ଆସି ଚଢ଼ାଉ କଲେ ଆମକୁ ଜଣାନ୍ତି ନାହିଁ। ଚଢ଼ାଉ ଉପରେ ସେମାନେ କିଛି କହିପାରିବେ ବୋଲି କହିଛନ୍ତି।


### ଦ.ପୂ. ରେଳପଥ – ଟେଣ୍ଡର

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଟେଣ୍ଡର/ଜିଏସୟୁ/୨୦୨୫/୦୪, ତାରିଖ: ୧୭।୦୭।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ, ଗତି ଶକ୍ତି, ଦ.ପୂ. ରେଳପଥ, ଖଡ଼ଗପୁର-୭୨୧୩୦୧ଙ୍କ ଦ୍ୱାରା ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି ଯାହାକୁ ୧୫.୩୦ ଘଟିକାରେ ଖୋଲାଯିବ। ଟେଣ୍ଡର ନଂ.: ଇ-କେଜିପି-ଜିଏସ୍-୬-୨୦୨୫ । କାର୍ଯ୍ୟର ବର୍ଣ୍ଣନା: ଖଡ଼ଗପୁର ମଣ୍ଡଳରେ ଅମୃତ ଭାରତ ଷ୍ଟେଶନ ଯୋଜନା ଅଧୀନରେ ଅନ୍ଦୁଲ, ବାଗନାନ ଏବଂ ଉଲୁବେରିଆ ଷ୍ଟେଶନଠାରେ ସଫ୍ଟ ଅପ୍‌ଗ୍ରେଡେଶନ୍ ଏବଂ ଦିବ୍ୟାଙ୍ଗଜନ ସୁବିଧାର ଅବଶିଷ୍ଟ କାର୍ଯ୍ୟ । ଟେଣ୍ଡର ମୂଲ୍ୟ: ₹୧୯,୪୨,୦୦,୪୮୧.୦୩ । ଅମାନତ ରାଶି: ₹୧୧,୨୧,୦୦୦/- । ଟେଣ୍ଡର ଦସ୍ତାବିଜ ମୂଲ୍ୟ: ୦.୦୦ । କାର୍ଯ୍ୟର ସମାପ୍ତି ଅବଧି: ୧୨ ମାସ । ଖୋଲାଯିବା ତାରିଖ: ୦୮।୦୮।୨୦୨୫ । ବିଡିଂ ଆରମ୍ଭ ତାରିଖ: ତା୨୫।୦୭।୨୦୨୫ରିଖଠାରୁ ତା୦୮।୦୮।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ତଥା ସେମାନଙ୍କର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର. ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି । (PR-408)

### AUCTION SALE NOTIFICATION

This is for information to all concerned that inspite of our repeated Legal Notices and reminders of the Registered Owners.
1). Vandana Agarwal, Vehicle - Volkswagen Ameo Comfortline 1.5 TDI, Regn. No.- OD 02 AK 8684, VIN No.- MEXL1660XHT093535, 2). M/S. ROYAL TOUCH GRANITES PVT. LTD., Vehicle - JEEP Compass, Regn. No.- OD 07 U 7424, VIN No.- MCAAJPCH4JFA11169*BH, 3). Mr. Ajit Patra, Vehicle - Grande punto ACTIVE Multijet, Regn. No.- OD 02 AC 5755, VIN No.-MCA11816E07070348BGZ, 4).Mr. Samarendra jena, Vehicle- Jeep Compass, Regn. No.- OD12 C 1212, VIN No.- MCAAJPCY8JFA05293*9H, 5). Mr. Jiban Kumar Bal, Vehicle - ISUZU S-CAB, Regn. No.- OD 34 M 8284, VIN No.- M3GTFR546LBA00227, 6) M/S. V N TRANSPORT, Vehicle - Bharat Benz 3123R (Truck),Regn. No.- OD 14 H 0086, VIN No.- MEC2241CCGPO28504, 7). Mr.Shrikant Patel, Vehicle - Bharat Benz 3123R (Truck), Regn. No.- OD 23 D 3499, VIN No.- MEC2241CDGPO30355& 8). Tanveer Ayyub Kalyani, Vehicle - Bharat Benz 3123R (Truck), Regn. No.- MH 13 AX 4716, VIN No.- MEC2241CAFP014677 are not come to take delivery.
The vehicles are ready for Auction Sale to be hold on **Dt. 29.07.2025** between **11 AM to 4 PM** at **M/S. SHREE BHARAT MOTORS LTD.,** NH-5, Pahal, Bhubaneswar - 752101.

### UNION BANK EMPLOYEES COOP CREDIT SOCIETY (ORISSA) LTD., BHUBANESWAR

UBECCSOL
[Regd. No.38/1997 RCS]

This is for information of all members that the 29th Annual General Body Meeting of the Society will be held on 24.08.2025 (Sunday) at 10 A.M. at The Institution of Engineers (India), Sachivalaya Marg, Unit-IV, Bhubaneswar-751001. All members are requested to attend.

**Balaram Mahanta** Secretary | **Satabdi Subhadarshini** Vice President | **Saroj Kumar Nayak** President

### COMMUNITY HEALTH CENTRE, ULLUNDA, DIST. - SONEPUR

E-mail : bpmullunda@gmail.com

**TENDER CALL NOTICE FOR HIRING OF VEHICLE**

Sealed tenders are invited from Travel Agencies/ Transporters/Tour Operator/Individuals/Private Organization/ NGOs situated within CHC, Ullunda for supply of vehicles on monthly hiring basis to be used in CHC, Ullunda for Mobile Health Team under RBSK & Block Programme Management Unit of CHC, Ullunda. Last date for submitting the documents is 28/07/2025 on or before 04.00 P.M. through Regd. Post only. For detail information and documents, please visit www. subarnapur.odisha.gov.in. The authority has reserve the right to cancel the whole process without any notice.

Sd./- Superintendent
CHC, Ullunda


# ନିଷ୍ଟରେ ଉତ୍ପାଦନ ଓ ଶିଳ୍ପ ୪.୦ ଉପରେ କର୍ମଶାଳା


କର୍ମଶାଳାରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଗୋପାଳପୁର,୧୮।୭(ନବୀନ ରାଜ ଆଚାରୀ) ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ ଅଧୀନ ପାଲୁର ହିଲସ୍ଥିତ ନିଷ୍ଟ ବିଶ୍ୱବିଦ୍ୟାଳୟରେ ଉତ୍ପାଦନ ଓ ଶିଳ୍ପ ୪.୦ (କୃତ୍ରିମ ବୁଦ୍ଧିମତା ଦ୍ୱାରା ରୋବୋଟିକ ଅନୁପ୍ରୟୋଗ) ଉପରେ ଚାଲିଥିବା ତିନିଦିନିଆ କର୍ମଶାଳା ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଏଆଇସିଟିଇ ପ୍ରଶିକ୍ଷଣ ଏକାଡେମୀ ପ୍ରାୟୋଜିତ ବୈଦ୍ୟୁତିକ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଉରକେଲା ଏନ୍‌ଆଇଟିର ପ୍ରଫେସର ଡ. କାନୁନଗୋ ବରଦା ମହାନ୍ତି, ସମ୍ମାନିତ ଅତିଥି ଭାବେ ଗୋପାଳପୁର ବନ୍ଦରର ଡିଜିଏମ ବଳରାମ ବେହେରା, ଅନ୍ୟତମ ଅତିଥି ଭାବେ ପ୍ରଫେସର ଡ଼. ଅମିତ ପଣ୍ଡା ଯୋଗ ଦେଇଥିଲେ। ବିଶ୍ୱବିଦ୍ୟାଳୟର ଏକାଡେମିକ୍ ଡିନ ଡ଼. ପି. ରାଜେଶ କୁମାର ଓ ବିଦ୍ୟୁତିକ ବିଭାଗ ମୁଖ୍ୟ ଡ. ସସ୍ମିତା ପାଢ଼ୀ ଉପସ୍ଥିତ ଥିଲେ। ଏଆଇ ଟେକ୍‌ନିକ୍ ଉଦ୍ୟୋଗରେ ଫଜି ଲଜିକର ପ୍ରୟୋଗ ଉପରେ ମୁଖ୍ୟ ଅତିଥି ଡ. ମହାନ୍ତି ଆଲୋକପାତ କରିଥିଲେ। ପ୍ରାଚୀନ ଯୁଗରେ ନୌପରିବହନ ଓ ଜାହାଜ ପରିବହନରେ ଉତ୍କଳ କିପରି ସମଗ୍ର ବିଶ୍ୱରେ ପ୍ରାଧାନ୍ୟ ବିସ୍ତାର କରିଥିଲା ସେ ସମ୍ପର୍କରେ ସମ୍ମାନିତ ଅତିଥି ଗୋପାଳପୁର ବନ୍ଦରର ଡିଜିଏମ ବେହେରା ବର୍ଣ୍ଣନା କରିଥିଲେ। ଭାରତରେ ବିଭିନ୍ନ ପ୍ରକାରର ବନ୍ଦର ଏବଂ ସେଗୁଡ଼ିକର କାର୍ଯ୍ୟ ଏବଂ ଭବିଷ୍ୟତରେ ଗୋପାଳପୁର ବନ୍ଦରର ଭୂମିକା ବିଷୟରେ ସେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଡ. ପଣ୍ଡା ଅରିଥମେଟିକ୍ସ ସର୍କିଟ, ହାର୍ଡବେର ନେଟ୍‌ୱର୍କ ସିକ୍ୟୁରିଟି, ଏନକ୍ରିପ୍ସନର ବିକାଶ ଓ ନେଟୱର୍କ ସିକ୍ୟୁରିଟିର ଡିକ୍ରିପ୍ସନ ଉପରେ ଆଲୋଚନା କରିଥିଲେ। ଏହି କର୍ମଶାଳା ତିନିଦିନ ଧରି ଚାଲିବ। ୬୦ରୁ ଉର୍ଦ୍ଧ୍ୱ ଅଧ୍ୟାପିକା ଅଧ୍ୟାପକ ଯୋଗ ଦେଇଥିଲେ। ଡ. ବସନ୍ତ ସାହୁ ଓ ଡ. ଅମୃତା ପଟ୍ଟନାୟକ ସଂଯୋଜନା କରିଥିଲେ। ନିଷ୍ଟ ବିଶ୍ୱବିଦ୍ୟାଳୟର ଡ. ପ୍ରୀତି ରଞ୍ଜନ ସାହୁ, ଡ. କୁଞ୍ଜ ବିହାରୀ ସ୍ୱାଇଁ, ଡ. ସି. ମୂର୍ତ୍ତି, ଡ. ଅଶ୍ୱିନୀ ନାୟକ, ପ୍ରଫେସର ଚିତ୍ତରଞ୍ଜନ ବିଶ୍ୱାଳ, ପ୍ରଫେସର ଅରବିନ୍ଦ ପଣ୍ଡା, କେଦାରନାଥ ଦାଶ, ଶରତ ଜେନା, ପୀତାମ୍ବର ସାହୁ, ସନ୍ତୋଷ ନାୟକ, ଗୋପବନ୍ଧୁ ଉତ୍ତରକବତ, ସୁନୀଲ ରଥ, ଡ. ଆକାଂକ୍ଷା ପଟ୍ଟନାୟକ, ପ୍ରଫେସର ପ୍ରଜ୍ଞା ସାମନ୍ତ କର୍ମଶାଳା ପରିଚାଳନା କରିଥିଲେ।

## ପାଳକ ଆଚାର୍ଯ୍ୟ ଇସ୍ରାଏଲ ବର୍ଦ୍ଧନଙ୍କ ପରଲୋକ

ନୂଆଗଡ଼,୧୮।୭(ଯୋଗ୍ୟବନ୍ତ ପରିଚ୍ଛା) ଗଜପତି ଜିଲା ଉତ୍କଳ ବାପଟିଷ୍ଟ ମଣ୍ଡଳୀ ସମ୍ମିଳନୀ ଅନ୍ତର୍ଗତ ବଡ଼ପଦାସ୍ଥିତ ଶତାବ୍ଦୀ ବାପଟିଷ୍ଟ ମଣ୍ଡଳୀର ପାଳକ ଆଚାର୍ଯ୍ୟ ଇସ୍ରାଏଲ ବର୍ଦ୍ଧନଙ୍କ ୭୧ ବୟସରେ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ବର୍ଦ୍ଧନ ୧୯୯୧ରୁ ବଡ଼ପଦା ଶତାବ୍ଦୀ ବାପଟିଷ୍ଟ ମଣ୍ଡଳୀରେ ପାଳକ ଭାବେ ସେବା କାର୍ଯ୍ୟ କରିଆସୁଥିଲେ। ତାଙ୍କ ସେବାକାର୍ଯ୍ୟ ତାଙ୍କୁ ସ୍ମରଣୀୟ କରି ରଖିବ। ସେ ଉତ୍କଳ ବାପଟିଷ୍ଟ ମଣ୍ଡଳୀ ସମ୍ମିଳନୀର ବିଭିନ୍ନ ପଦ ପଦବୀରେ ରହି କାର୍ଯ୍ୟ କରିଥିଲେ। ମୃତ୍ୟୁ ଖବର ପାଇ ବହୁ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିବାକୁ ଆସିଥିଲେ।

## ମିଲ ତାଲା ଭାଙ୍ଗି ୨ ଲକ୍ଷ ୧୫ ହଜାର ଟଙ୍କା ଲୁଟିନେଲେ

ଦିଗପହଣ୍ଡି,୧୮।୭ (ଅଶେଷ ନାଥ ମିଶ୍ର) ଦିଗପହଣ୍ଡି ଥାନା ନୂଆ ଅନନ୍ତେଇ ପଞ୍ଚାୟତ ଅଫିସ୍ ନିକଟରେ ଥିବା ବାବୁ ସାହୁଙ୍କ ମା' ମହୁରୀ କାଲୁଆ ଫ୍ଲୋର ମିଲ ମୁଖ୍ୟ ଫାଟକ ତାଲା ଭାଙ୍ଗି ଦୁର୍ବୃତ୍ତ ମାନେ ପ୍ରାୟ ୨ ଲକ୍ଷ ୧୫ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏନେଇ ମିଲ ମାଲିକ ଦିଗପହଣ୍ଡି ଥାନାରେ ଏତଲା ଦେବାପରେ ଭାରପ୍ରାପ୍ତ ଆଇଆଇସି ପ୍ରଶାନ୍ତ ପାତ୍ର ଥାନା ମାମଲା ନଂ.୨୫୦/୨୫ ଅନୁଯାୟୀ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ସାଇଣ୍ଟିଫିକ ଟିମ୍ ଓ ଡ଼ଗ ସ୍କ୍ୱାର୍ଡ ଘଟଣାସ୍ଥଳରେ ପହଞ୍ଚି ସବିଶେଷ ତଦନ୍ତ କରି ଫେରିଛନ୍ତି। ବୁଧବାର ସନ୍ଧ୍ୟାରେ ମିଲ କର୍ମଚାରୀ ମାନେ ତାଲା ପକାଇ ଘରକୁ ଯାଇଥିଲେ। ଗୁରୁବାର ସକାଳେ ମିଲ କବାଟ ତାଲା ଭଙ୍ଗା ଯାଇଥିବା କର୍ମଚାରୀ ମାନେ ଦେଖିବା ପରେ ମାଲିକଙ୍କୁ ଖବର ଦେଇଥିଲେ। ମିଲ ମାଲିକ ସେଠାରେ ପହଞ୍ଚି ଦେଖିଲା ବେଳକୁ ଦୁର୍ବୃତ୍ତ ମାନେ ସିସିଟିଭିର ଯନ୍ତ୍ରାଂଶ ନେଇଯିବା ସହ ଅଫିସ ରୁମ୍ ଡ୍ରରୁ ପ୍ରାୟ ୨ ଲକ୍ଷ ୧୫ ହଜାର ଟଙ୍କା ଲୁଟି ନେଇଛନ୍ତି। ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଦୁର୍ବୃତ୍ତ ମାନେ ବ୍ୟବହୃତ ଏକ କଟୁରୀ, ହାତୁଡି ଜବତ କରିବା ସହ ସବିଶେଷ ତଦନ୍ତ କରି ଫେରିଥିବା ଜଣାପଡ଼ିଛି।


### GOVERNMENT OF ODISHA
### OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR

**Corrigendum**
No.3341/Date.16.07..2025

**1st Corrigendum to Bid Identification No. Tender-Online-C.C.14 of 2025 Dated 25.06.2025 invited vide this office Lr. No.3060 dated 25.06.2025**

**No.O-450** : The date of availability of tender, date of opening of Technical Bid & Financial Bid invited vide this office N.I.T. No. Tender-Online-C.C.-10 of 2025 Dt.28.04.2025 issued vide this office Lr.No.2153 Dt.28.04.2025 is here by rescheduled as below due to some unavoidable circumstances.

| Procurement Officer | Bid Identification No. | Availability of Tender on-line for bidding | Date & Time of opening of tender | |
|---|---|---|---|---|
| | | Up to | Technical Bid | Financial Bid |
| Chief Construction Engineer, Central Rural Works Circle, Bhubaneswar | Tender-Online-C.C.14 of 2025 | 07.08.2025 up to 5.00 P.M. | 08.08.2025 at 11.00 A.M. | To be intimated lateron |

All other conditions remain unaltered.

Sd./- Chief Construction Engineer
Central Rural Works Circle, Bhubaneswar
OIPR-25082/11/0003/2526

### GOVERNMENT OF ODISHA
### OFFICE OF THE SUPERINTENDING ENGINEER RURAL WORKS DIVISION, BOLANGIR

No.O-441
E-Mail ID : eerw_blgr@yahoo.co.in

**e-Procurement Notice**
**IFB IDENTIFICATION NO.EEBLGR-Online-03/2025-26**

| | | | |
|---|---|---|---|
| 1 | Name of work | : | Building Work |
| 2 | Total No. of works | : | 1 (One) no |
| 3 | Approximate Estimated Cost | : | Rs.68.73 lakh |
| 4 | Time for completion | : | 4 (four) calendar months |
| 5 | Mode of Submission of tender | : | Tender should be submitted online in www.tendersodisha.gov.in |
| 6 | Other details are as follow | : | As per TCN No. **EEBLGR-Online-03/2025-26** |

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Superintending Engineer, R.W. Division, Bolangir | EEBLGR-online-03/2025-26 | 22.07.2025 at 11.00 A.M. | 06.08.2025 upto 5.00 P.M. | 05.08.2025 upto 1.00 P.M. | 07.08.2025 at 11.00 A.M. | The date will be intimated later on |

- Further details can be seen from the website www.tendersodisha.gov.in
- Any Corrigendum/Addendum will be displayed in the above e tender website only.

Sd./- Superintending Engineer
R.W. Division, Bolangir
OIPR-25068/11/0025/2526

### कार्यपालक अभियंता का कार्यालय
### ग्रामीण कार्य विभाग, कार्य प्रमण्डल, रॉंची

**ई–निविदा आमंत्रण सूचना**
**PR No. 343430 (REO)24-25(D)**

पत्रांकः– दिनांक–

ई–निविदा संख्याः–23/2025-26/RWD /EE/RANCHI

| क्र0 सं0 | आईडेन्टी फिकेशन संख्या/ पैकेज संख्या | प्रखण्ड | कार्य का नाम | प्राक्कलित राशि (रूपये में) | | कार्य समाप्ति की तिथि/ अवधि | टेण्डर कॉल नं0 |
|---|---|---|---|---|---|---|---|
| | | | | अंक में | अक्षर में | | |
| 1 | RWD/RANCHI / 75/2024-25 | नगड़ी | प्रगति नगर सपारोम में पी0डब्लू0डी0 रोड से अल्ट्राटेक मिक्सिंग प्लॉट होते हुए बाला जी राईस मिल तक पथ निर्माण कार्य (लं0– 1.250 कि0मी0)। | 2,01,47,600.00 | दो करोड़ एक लाख सैंतालीस हजार छः सौ रूपये मात्र। | 12 माह | प्रथम |
| 2 | RWD/RANCHI / 76/2024-25 | रातू | जामुन टंगरा बगीचा टोली प्राथमिक विद्यालय से संतोष गुप्ता के घर तक पथ निर्माण कार्य (लं0– 1.540 कि0मी0)। | 1,62,98,200.00 | एक करोड़ बारसठ लाख अन्ठानबे हजार दो सौ रूपये मात्र। | 9 माह | प्रथम |
| 3 | RWD/RANCHI / 84/2024-25 | रातू | मुरचु से कोकरो तक पथ निर्माण कार्य (ल0–2.450 कि0मी0) | 3,42,00,300.00 | तीन करोड़ बियालीस लाख तीन सौ रूपये मात्र। | 15 माह | प्रथम |

1. वेबसाईट में निविदा प्रकाशन की तिथिः–**21.07.2025**
2. ई–निविदा प्राप्ति की अंतिम तिथि एवं समयः–**04.08.2025** अपराह्न 5.00 बजे तक।
3. निविदा खोलने की तिथि एवं समयः–**06.08.2025** अपराह्न 3.30 बजे।
4. निविदा आमंत्रित करने वाले पदाधिकारी का नाम एवं पताः– कार्यपालक अभियंता, ग्रामीण कार्य विभाग, कार्य प्रमण्डल, रॉंची।
5. ई–निविदा प्रकोष्ठ का दूरभाष सं0– 0651–2360137

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता
ग्रामीण कार्य विभाग,कार्य प्रमण्डल, रॉंची
PR 357666 REO(25-26).D

### Government of Jharkhand
### DEPARTMENT OF AGRICULTURE, ANIMAL HUSBANDRY & CO-OPERATIVE
### (ANIMAL HUSBANDRY DIVISION)
### Jharkhand, Ranchi

**"Corrigendum"**

This is with the reference to e-Tender notice-01/2025-26 published by Advertisement PR. No.-357505 Date 17-07-2025 for Selection of Livestock & Poultry Insurance Intermediaries to provide Technical & Operational Support through Nationalized Insurance Company under Mukhyamantri Pashudhan Vikash Yojna (MMPVY). The particulars Sl. no. 5 of the part-A of said tender has been mentioned as below:-

"Download of Tender document will start from 26-07-2025" In this context, Corrigendum is being issued for rectification regarding download of tender document as under:-

**"Download of Tender document will start from 19-07-2025"**

Other context will remain same.

**Director,**
Directorate of Animal Husbandry,
Jharkhand, Ranchi-834003

PR 357628 Animal Husbandry (25-26)_D

### ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ରାଇରଙ୍ଗପୁର ବନଖଣ୍ଡ
### OFFICE OF THE DIVISIONAL FOREST OFFICER, RAIRANGPUR DIVISION

Tel. No. : (06794)-222036 (O), 222008 (R), FAX No. : (06794)-222836,
e-mail : dforrp@gmail.com

**e-Procurement Notice**
**Identification No. 73/DFO, RRP-1F/2025-26 Dt.16.07.2025**

**No.MM-128** : THE DIVISIONAL FOREST OFFICER, RAIRANGPUR FOREST DIVISION, RAIRANGPUR on behalf of Governor of Odisha invites Percentage Rate bids to be received in online mode for the following works from the eligible experienced contractors in similar nature of work, registered with State Govt. & Contractor of equivalent Grade / Class registered with Central Govt. / Railways.

| | | | |
|---|---|---|---|
| 1 | Nature of work | : | 1. Anti-Poaching Barrack at Suleipat<br>2. Creation of Water Body at Hatbadra |
| 2 | No. of work | : | 02 (Two) |
| 3 | Period of Completion | : | 1. 04 (Four) Months & 2. 02 (Two) Months |
| 4 | Cost of tender | : | 1. Rs.6000/- (Six Thousand) only<br>2. Rs.4000/- (Four Thousand) only |
| 5 | Estimated Cost | : | 1. Rs.21.18 Lakhs & 2. 6.35 Lakhs |
| 6 | Class of Contractor | : | 1. "B" & "C" Class for Anti-Poaching Barrack<br>2. "C" & "D" Class for Water Body |
| 7 | Date & time of availability of tender document | : | **From 9 hours of 22.07.2025 to 17.30 hours of 31.07.2025** |
| 8 | Receipt of bid documents | : | Online Only |
| 9 | Date & time of opening of technical bid | : | **Dt.01.08.2025 at 11.30 hours onwards** |
| 10 | Other Documents | : | (As mentioned in DTCN) |
| 11 | The bidders have to participate in on-line bidding only | : | Further details can be seen from the website www.tendersodisha.gov.in, www.odishaforest.in & www.mayurbhanj.nic.in |
| 12 | Any addendum / Corrigendum / Cancellation of tender can also be seen in the said website | | |
| 13 | **The undersigned reserves the right to accept / reject any or all Tender without assigning any reason thereof.** | | |

Sd./- Divisional Forest Officer,
Rairangpur Division
OIPR-08055/11/0022/2526

# ଅକ୍ଟୋବରରେ ରେପୋ ରେଟ୍ ହ୍ରାସ କରିପାରେ ଆର୍‌ବିଆଇ

ଭୁବନେଶ୍ୱର, ୧୮।୭(ଅନୁରାଧା ମହାରଣା)

ବିଶ୍ୱସ୍ତରୀୟ ବ୍ରୋକ୍‌ରେଜ ସଂସ୍ଥା ମୋର୍ଗାନ ଷ୍ଟାନ୍‌ଲେ ସାମ୍ପ୍ରତିକ ରିସର୍ଚ୍ଚ ରିପୋର୍ଟରେ କହିଛି, ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଆସନ୍ତା ଅକ୍ଟୋବର ୨୦୨୫ରେ ଅନୁଷ୍ଠିତ ମୁଦ୍ରାନୀତି କମିଟି (ଏମ୍‌ପିସି) ବୈଠକରେ ରେପୋ ରେଟ୍‌ରେ ୨୫ ବେସିସ୍ ପଏଣ୍ଟ ହ୍ରାସ କରିପାରେ। ଏହାର ମୁଖ୍ୟ କାରଣ ହେଉଛି ମୁଦ୍ରାସ୍ଫୀତିରେ ହ୍ରାସ। ତେବେ ଅଗଷ୍ଟ ୨୦୨୫ରେ ଅନୁଷ୍ଠିତ ଏମ୍‌ପିସି ବୈଠକରେ ଆର୍‌ବିଆଇ ସୁଧ ହାରକୁ ଅପରିବର୍ତ୍ତିତ ରଖିବ ବୋଲି ମୋର୍ଗାନ ଷ୍ଟାନ୍‌ଲେ ଆକଳନ କରିଛି। ମୁଦ୍ରାସ୍ଫୀତିରେ ଅତ୍ୟଧିକ ନରମୀ ଯୋଗୁ ଅଗଷ୍ଟରେ ମଧ୍ୟ ସୁଧ ହାର ହ୍ରାସର ସମ୍ଭାବନା ବୃଦ୍ଧି ପାଇଛି। ରିପୋର୍ଟ ଅନୁସାରେ, ଉପଭୋକ୍ତା ମୂଲ୍ୟ ସୂଚକାଙ୍କ (ସିପିଆଇ) ମୁଦ୍ରାସ୍ଫୀତି ଚଳିତ ବର୍ଷ ଫେବୃଆରୀରୁ ଲଗାତର ୪ ପ୍ରତିଶତରୁ କମ୍ ରହିଛି। ୨୦୨୫ର ପ୍ରଥମ ୬ମାସରେ ମୁଦ୍ରାସ୍ଫୀତି ହାର ମାତ୍ର ୩.୨ ପ୍ରତିଶତ ରହିଛି। ଏହା ଗତ ବର୍ଷ ଏହି ଅବଧିରେ ୫ ପ୍ରତିଶତ ଥିଲା। ଜୁନ୍ ମାସରେ ଖୁଚୁରା ମୁଦ୍ରାସ୍ଫୀତି ବାର୍ଷିକ ହାରରେ ହ୍ରାସ ପାଇ ୨.୧ ପ୍ରତିଶତକୁ ଆସିଛି ଯାହାକି ଫେବୃଆରୀ ୨୦୧୯ ପରେ ସର୍ବନିମ୍ନ। ଏହା ସହ ପାଇକାରୀ ମୁଦ୍ରାସ୍ଫୀତି ମଧ୍ୟ ସାମାନ୍ୟ ଅପସ୍ଫୀତି ଅଞ୍ଚଳରେ ପ୍ରବେଶ କରିଛି।




ସେହିପରି ଖାଦ୍ୟ ମୂଲ୍ୟ ଜୁନ୍‌ରେ ୧.୧ ପ୍ରତିଶତ ହ୍ରାସ ପାଇଛି, ଯାହା ଫେବୃଆରୀ ୨୦୧୯ ପରେ ପ୍ରଥମ ହ୍ରାସ। ଗତ ବର୍ଷର ଉଚ୍ଚ ଆଧାର, ମଜଭୁତ ଫସଲ ଉତ୍ପାଦନ ଏବଂ ଉନ୍ନତ ପାଣିପାଗ ସ୍ଥିତି ଏହାର ମୁଖ୍ୟ କାରଣ। ସରକାର ମଧ୍ୟ ଗହମ ଓ ଡାଲି ଭଳି ଅତ୍ୟାବଶ୍ୟକ ଦ୍ରବ୍ୟ ଉପରେ ଷ୍ଟକ୍ ସୀମା, ଖୋଲା ବଜାରରେ ଗହମ ବିକ୍ରୟ ଏବଂ 'ଭାରତ' ବ୍ରାଣ୍ଡ ମାଧ୍ୟମରେ ସବ୍‌ସିଡି ଦରରେ ପନିପରିବା ଓ ଡାଲି ଯୋଗାଣକରି ଖାଦ୍ୟ ମୂଲ୍ୟ ନିୟନ୍ତ୍ରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ମୁଦ୍ରାସ୍ଫୀତିରେ ହ୍ରାସ ଏବଂ ଅର୍ଥନୈତିକ ବିକାଶରେ ମିଶ୍ରିତ ସଙ୍କେତ ଯୋଗୁ ମୁଦ୍ରାନୀତିରେ ଢିଲା ଆଣିବା ନେଇ ନୂଆ ଆଲୋଚନା ଆରମ୍ଭ ହୋଇଛି। ନିକଟ ଭବିଷ୍ୟତରେ ମୁଦ୍ରାସ୍ଫୀତିରେ ବୃହତ୍ ହ୍ରାସ ଓ ଆଗାମୀ ବର୍ଷ ପାଇଁ ସ୍ଥିର ମୁଦ୍ରାସ୍ଫୀତି ଆକଳନ ହେତୁ ଅକ୍ଟୋବରରେ ରେପୋ ରେଟ୍ ହ୍ରାସର ସମ୍ଭାବନା ରହିଛି।

## ଶେୟାର ବଜାରରେ ହ୍ରାସ

ମୁମ୍ବାଇ, ୧୮।୭

କ୍ରମାଗତ ଦ୍ୱିତୀୟ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୫୦୧.୫୧ ପଏଣ୍ଟ ହ୍ରାସ ଘଟି ୮୧,୭୫୭.୭୩ ଅଙ୍କରେ କାରବାର ବନ୍ଦ ହୋଇଥିଲା। ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୧୪୩.୦୫ ପଏଣ୍ଟ କମି ୨୪,୯୬୮.୪୦ ଅଙ୍କରେ କାରବାର ଶେଷ ହୋଇଥିଲା। ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ୧୦୦୦ କୋଟିର କାରବାର ଆକଳନ

ଭୁବନେଶ୍ୱର, ୧୮।୭ (ଅଭୟ ଦାଶ)

ଅଜନ୍ତା ସୁଜ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ (ଅଜନ୍ତା ସୁଜ୍)ର ବହୁ ପ୍ରତୀକ୍ଷିତ ଗ୍ରାହକ ସମ୍ମିଳନୀ ନିକଟରେ କୋଲକାତା ସମେତ ଅନ୍ୟ ସ୍ଥାନଗୁଡ଼ିକରେ ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ପଶ୍ଚିମବଙ୍ଗ ଏବଂ ଉତ୍ତରପ୍ରଦେଶର ବିଭିନ୍ନ ସ୍ଥାନରେ ଆୟୋଜିତ ଏହି ଗ୍ରାହକ ସମ୍ମିଳନୀ ଉଭୟ କାରବାର ବୃଦ୍ଧି ଓ ବ୍ୟବସାୟ ସମ୍ପ୍ରସାରଣ ସମ୍ପର୍କରେ ଉଦ୍ଦିଷ୍ଟ ଥିଲା। ସେହିଭଳି ୨୦୨୬ ଜାନୁଆରୀରେ କମ୍ପାନୀ ୭୦ତମ ବାର୍ଷିକୀ ଉତ୍ସବ ପାଳନ କରିବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ବ୍ୟବସାୟ ସମ୍ପ୍ରସାରଣ ସାଙ୍ଗକୁ ଇନିସିଆଲ ପବ୍ଲିକ୍ ଅଫରିଂ (ଆଇପିଓ) ଆଣିବା ନେଇ ମଧ୍ୟ ବିଚାରବିମର୍ଶ କରୁଛି। ସେହିପରି କମ୍ପାନୀର କାରବାର ଓ ଚକ୍ରବୃଦ୍ଧି ହାରରେ ବାର୍ଷିକ ୩୫% ଅଭିବୃଦ୍ଧି ହାସଲ ସହ ୨୦୨୮ସୁଦ୍ଧା ଅଜନ୍ତା ବ୍ରାଣ୍ଡ୍ ପ୍ରାୟ ୧୦୦୦ କୋଟିର କାରବାର ଆକଳନ କରିଛି। ଅପରପକ୍ଷରେ କମ୍ପାନୀ ନୂତନ ଉତ୍ପାଦର ଶୁଭାରମ୍ଭ ସହ ବଜାର ପ୍ରବେଶ ପାଇଁ ବିଭିନ୍ନ ଯୋଜନା କରିଛି। ଏପରିକି ପଶ୍ଚିମବଙ୍ଗରେ ହାୱାଇ ଚପଲ ବର୍ଗରେ କମ୍ପାନୀର ବଜାର ଅଂଶ ୪୦% ରହିଛି। ଉକ୍ତ ସମ୍ମିଳନୀରେ ପଶ୍ଚିମବଙ୍ଗ ଏବଂ ଉତ୍ତରପ୍ରଦେଶର ଡିଲରମାନେ ଯୋଗ ଦେଇଥିଲେ।

Ajanta SHOES | Since 1956 www.ajantashoes.com
IMPAKTO www.impakto.in

ଅଜନ୍ତା ସୁଜ୍‌ର ଗ୍ରାହକ ସମ୍ମିଳନୀ

# ଏନଭିସିଏଲର ତ୍ରୈମାସିକ ଫଳାଫଳ

ଭୁବନେଶ୍ୱର, ୧୮।୭

ନୁଭୋକୋ ଭିସ୍ତାସ୍ କର୍ପୋରେଶନ ଲିମିଟେଡ୍ (ଏନ୍‌ଭିସିଏଲ୍) ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମ୍ପାନୀର କାରବାର ଓ ଆଗାମୀ କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତ ଭାବେ ଆଲୋଚନା ସହ ୨୦୨୫ ଜୁନ୍ ୩୦ରେ ଶେଷ ହୋଇଥିବା ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଫଳାଫଳ (ଆର୍ଥିକ ଫଳାଫଳ)କୁ ମଧ୍ୟ ଘୋଷଣା କରାଯାଇଛି। ଏପରିକି ବଦରାଜ ସିମେଣ୍ଟ ଲିମିଟେଡର ସଫଳ ଅଧିଗ୍ରହଣ ପରେ ୨୫ଏମ୍‌ଏମ୍‌ଟିପିଏର ମିଳିତ କ୍ଷମତା ସହ କମ୍ପାନୀ ୨୦୨୬-୨୭ ଆର୍ଥିକ ବର୍ଷର ୩ୟ ତ୍ରୈମାସିକ ସୁଦ୍ଧା ହାରାହାରି ୩୧ ଏମ୍‌ଏମ୍‌ଟିପିଏ ସିମେଣ୍ଟ କ୍ଷମତା ହାସଲ କରିବା ପାଇଁ ପ୍ରସ୍ତୁତ ରହିଛି। କମ୍ପାନୀ ୨୦୨୫-୨୬ ଆର୍ଥିକ ବର୍ଷର ୧ମ ତ୍ରୈମାସିକରେ ୫.୧ ଏମ୍‌ଏମ୍‌ଟିର ମୋଟ ସିମେଣ୍ଟ ବିକ୍ରି ହାସଲ କରିଛି। ଏହି ତ୍ରୈମାସିକରେ ପରିଚାଳନାରୁ ମିଳିଥିବା ମୋଟ ରାଜସ୍ୱ ବାର୍ଷିକ ଆଧାରରେ ୯% ବୃଦ୍ଧି ହୋଇ ୨୮୭୩ କୋଟି ଟଙ୍କା ରହିଛି। ସେହିପରି କମ୍ପାନୀ ଏହି ଅବଧିରେ ୫୩୩ କୋଟି ଟଙ୍କାର ସର୍ବକାଳୀନ ସର୍ବୋଚ୍ଚ ତ୍ରୈମାସିକ ମୋଟ ଏବିଟଡା ହାସଲ କରିଛି। କମ୍ପାନୀ ଏହାର ଡିଲାଭରେଜିଂ ଏଜେଣ୍ଡା ପ୍ରତି ପ୍ରତିବଦ୍ଧ ରହିଛି, ଯାହା ଶୁଦ୍ଧ ଋଣକୁ ବାର୍ଷିକ ଆଧାରରେ ୮୮୪ କୋଟି ଟଙ୍କା ହ୍ରାସ କରି ୩୪୭୪ କୋଟି ଟଙ୍କାରେ ପହଞ୍ଚାଇଛି। ପ୍ରିମିୟମ ପ୍ରଡକ୍ଟଗୁଡିକ କମ୍ପାନୀ ପାଇଁ ଏକ ରଣନୈତିକ ପ୍ରାଥମିକତା ରହିଆସିଛି, ଯାହାର ବ୍ୟବସାୟ ପରିମାଣ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ୪୧%କୁ ବୃଦ୍ଧି ପାଇଛି। କମ୍ପାନୀ ୭୬%ର ଏକ ମଜଭୁତ ବ୍ୟବସାୟ ମିଶ୍ରଣ ହାସଲ କରିଛି, ଯାହା ଗତ ୧୩ଟି ତ୍ରୈମାସିକରେ ସର୍ବାଧିକ। ଏନ୍‌ଭିସିଏଲ୍‌ର ଏମ୍‌ଡି ଜୟାକୁମାର କ୍ରିଷ୍ଣାସ୍ୱାମୀ କହିଛନ୍ତି, ୧ମ ତ୍ରୈମାସିକ ସମୟରେ କମ୍ପାନୀ ଉଲ୍ଲେଖନୀୟ ବିକ୍ରି ଅଭିବୃଦ୍ଧି ପରିଲକ୍ଷିତ କରିଛି। ଏହା ପ୍ରିମିୟମାଇଜେଶନ ଓ ଟ୍ରେଡ୍ ମିକ୍ସ ଉପରେ ଏକ ସ୍ୱଷ୍ଟ ମହତ୍ତ୍ୱ ବଜାୟ ରଖିଛି, ଯାହା ବର୍ଦ୍ଧିତ ଫଳାଫଳରେ ଯୋଗଦାନ ଦେଇଛି ଏବଂ କମ୍ପାନୀ ଇତିହାସରେ ପ୍ରଥମ ସର୍ବୋଚ୍ଚ ତ୍ରୈମାସିକ ମୋଟ ଏବିଟଡାର ନେତୃତ୍ୱ ନେଇଛି। ବଦରାଜ ସିମେଣ୍ଟର ସଫଳ ଅଧିଗ୍ରହଣ ସହ କମ୍ପାନୀ ୨୦୨୬-୨୭ ଆର୍ଥିକ ବର୍ଷର ୩ୟ ତ୍ରୈମାସିକ ସୁଦ୍ଧା କଚ୍ଛ ଓ ସୁରଟରେ ପ୍ଲାଂଟଗୁଡିକୁ କାର୍ଯ୍ୟକ୍ଷମ କରିବା ଏବଂ ଏହା ସଙ୍ଗେ ସଙ୍ଗେ ପଶ୍ଚିମାଞ୍ଚଳରେ ନିଜର ବଜାର ଉପସ୍ଥିତି ବୃଦ୍ଧି କରିବା ପାଇଁ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ରହିଛି।

# ଏନ୍‌ଇଇସିସିରେ ଜେଏସ୍‌ଏଲ୍‌କୁ ୭ ପୁରସ୍କାର




ଜେଏସ୍‌ଏଲ ଯାଜପୁର ୟୁନିଟ୍‌ର କର୍ମଚାରୀମାନେ ପୁରସ୍କାର ଗ୍ରହଣ କରୁଛନ୍ତି।

ଭୁବନେଶ୍ୱର, ୧୮।୭

ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍)କୁ ନିକଟରେ ଆଉ ଏକ ବଡ ସଫଳତା ଓ ସ୍ୱୀକୃତି ମିଳିଛି। ବିଶେଷକରି କମ୍ପାନୀର ଶକ୍ତି ଦକ୍ଷତା, କାର୍ବନ ହ୍ରାସ ଏବଂ ସଷ୍ଟେନେବଲ ପରିଚାଳନା କ୍ଷେତ୍ରରେ ଉତ୍କର୍ଷ ପାଇଁ ଏକା ସଙ୍ଗେ ୭ଟି ପୁରସ୍କାର ହାସଲ କରିଛି। ଉଲ୍ଲେଖଯୋଗ୍ୟ, ନୂଆଦିଲ୍ଲୀର ଇଣ୍ଡିଆ ହାବିଟାଟ୍ ସେଣ୍ଟରଠାରେ କନ୍‌ଫେଡେରେଶନ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି (ସିଆଇଆଇ) ପକ୍ଷରୁ ଆୟୋଜିତ ଜାତୀୟ ଶକ୍ତି ଦକ୍ଷତା ସର୍କଲ ପ୍ରତିଯୋଗିତା ବା ଏନ୍‌ଇଇସିସି-୨୦୨୫ର ୯ମ ସଂସ୍କରଣରେ ଜେଏସ୍‌ଏଲ୍‌କୁ ମୋଟ ୭ଟି ପୁରସ୍କାର ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ସ୍ୱତନ୍ତ୍ର ସମ୍ମାନ ସମାରୋହ ଉତ୍ସବରେ ଜେଏସ୍‌ଏଲ୍‌ର ଯାଜପୁର ୟୁନିଟ୍ (ପ୍ଲାଣ୍ଟ) ୪ଟି ଏବଂ ହିସାର ୟୁନିଟ୍ (ପ୍ଲାଣ୍ଟ) ୩ଟି ପୁରସ୍କାର ହାସଲ କରିଛି। ସେହିଭଳି ଏହି ବାର୍ଷିକ ପ୍ରତିଯୋଗିତାରେ ଶିଳ୍ପ, ବ୍ୟବସାୟ, ପ୍ରଯୁକ୍ତି ବିଦ୍ୟା ସମେତ ୪୦୦ରୁ ଅଧିକ ଅଗ୍ରଣୀ ଅନୁଷ୍ଠାନ ଅଂଶଗ୍ରହଣକରି ଶକ୍ତି ଦକ୍ଷତା, ଅକ୍ଷୟ ଶକ୍ତି ଏବଂ ଜଳବାୟୁ ଲକ୍ଷ୍ୟ ଉପରେ ସଫଳତାର କାହାଣୀ ଉଲ୍ଲେଖ କରିଥିଲେ। ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ଏମ୍‌ଡି ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଜିନ୍ଦଲ ଷ୍ଟେନ୍‌ଲେସ୍‌ରେ ଆମେ ସଷ୍ଟେନେବଲ୍ ବ୍ୟବସାୟ ଅଭ୍ୟାସରେ ନୂତନ ମାନଦଣ୍ଡ ସ୍ଥାପନ କରିବା ଏବଂ ଏକ ସବୁଜ, ଅଧିକ ସ୍ଥାୟୀ ଭବିଷ୍ୟତ ଗଠନେ କରିବାକୁ ଦୃଢ଼ ପ୍ରତିବଦ୍ଧ। ଏହି ସ୍ୱୀକୃତି ପାଇଁ ଆମେ ସିଆଇଆଇକୁ ଧନ୍ୟବାଦ ଜଣାଉଛୁ। ଏହା ଆମକୁ ପ୍ରୋତ୍ସାହିତ କରିବ। ଆମେ ଆମର ନେଟ୍ ଜିରୋ ମାଇଲଖୁଣ୍ଟ ଦିଗରେ ଅଗ୍ରଗତି ଜାରି ରଖିଛୁ ଏବଂ ଦାୟିତ୍ୱବାନ୍ ଭାବେ କାମ କରିଚାଲିଛୁ।

# ଆଦିତ୍ୟ ଭାରତ ବାଲ ବିକାଶ ଯୋଜନାର ଶୁଭାରମ୍ଭ

ଭୁବନେଶ୍ୱର, ୧୮।୭

ଆଭିଭା ଇଣ୍ଡିଆର ନୂଆ ଲାଇଫ୍ ଇନ୍‌ସ୍ୟୁରାନ୍ସ ପ୍ରଡକ୍ଟ 'ଆଭିଭା ଭାରତ ବାଲ୍ ବିକାଶ ଯୋଜନା'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷକରି ଏହା ହେଉଛି ଚିନ୍ତାଶୀଳ ଭାବେ ଡିଜାଇନ କରାଯାଇଥିବା ଏକ ନନ୍-ଲିଙ୍କ୍‌ଡ ନନ୍-ପାର୍ଟିସିପେଟିଂ ଲାଇଫ୍ ଇନ୍‌ସ୍ୟୁରାନ୍ସ ସେଭିଙ୍ଗ୍‌ସ ପ୍ଲାନ୍, ଯାହା ଭାରତର ଗ୍ରାମାଞ୍ଚଳ ଓ ଅର୍ଦ୍ଧସହରାଞ୍ଚଳର ପରିବାରଗୁଡ଼ିକୁ ନିଜ ପିଲାମାନଙ୍କ ପାଇଁ ଏକ ସୁରକ୍ଷିତ ଭବିଷ୍ୟତ ଗଠନ କରିବାରେ ସାହାଯ୍ୟ କରିବା ପାଇଁ ଲକ୍ଷ୍ୟ ରଖିଛି। ମାସିକ ୧୦୦୦ଟଙ୍କାରୁ ଆରମ୍ଭ ହେଉଥିବା ପ୍ରିମିୟମ ସହ ଏହି ପ୍ଲାନ୍ ଲାଇଫ୍ କଭର ସହ ନିଶ୍ଚିତ ମାଚ୍ୟୁରିଟି ଲାଭକୁ ମିଶ୍ରଣ କରିଥାଏ, ଯାହା ପରିବାରଗୁଡ଼ିକୁ ଉଚ୍ଚଶିକ୍ଷା, ଦକ୍ଷତା ବିକାଶ କିମ୍ବା ଏକ କ୍ଷୁଦ୍ର ବ୍ୟବସାୟ ସ୍ଥାପନକରିବା ଭଳି ମାଇଲଷ୍ଟୋନ୍‌ଗୁଡିକ ପାଇଁ ଆତ୍ମବିଶ୍ୱାସର ସହ ଯୋଜନା କରିବା ଲାଗି ସାହାଯ୍ୟ କରିଥାଏ। ଏହି ପ୍ଲାନ୍ ୩ ବର୍ଷର ସର୍ବନିମ୍ନ ପ୍ରବେଶ ବୟସ ପ୍ରଦାନ ଏବଂ ସର୍ବାଧିକ ପ୍ରବେଶ ବୟସ ୫୦ ବର୍ଷ ରହିଛି। ସେହିପରି ପଲିସି ଟର୍ମ ୧୨ରୁ ୩୦ବର୍ଷ ମଧ୍ୟରେ ରହିଥିବାବେଳେ ମାଚ୍ୟୁରିଟି ବୟସ ୮୦ବର୍ଷ ପର୍ଯ୍ୟନ୍ତ ରହିଛି। ଏହାକୁ ଜୀବନର ବିଭିନ୍ନ ପର୍ଯ୍ୟାୟ ଓ ଆର୍ଥିକ ଲକ୍ଷ୍ୟଗୁଡିକ ପାଇଁ ଉପଯୁକ୍ତ କରୁଛି। ମାସିକ, ତ୍ରୈମାସିକ, ଅର୍ଦ୍ଧବାର୍ଷିକ ଓ ବାର୍ଷିକ ଭଳି ଏହାର ଫ୍ଲେକ୍ସିବୁଲ ପ୍ରିମିୟମ ପେମେଣ୍ଟ ଅପ୍‌ସନ ଏହାକୁ ବିଭିନ୍ନ ପ୍ରକାର ପାରିବାରିକ ବଜେଟ ସହ ମେଳ ଖାଇବା ପାଇଁ ସହଜ କରିଥାଏ। ଏ ସମ୍ପର୍କରେ ଆଭିଭା ଇଣ୍ଡିଆର ସିଏମ୍‌ଓ ବିନିଶ କପାଥି କହିଛନ୍ତି, ଆଭିଭା ଭାରତ ବାଲ୍ ବିକାଶ ଯୋଜନାକୁ ମେଟ୍ରୋ ସହର ବାହାରେ ପରିବାରଗୁଡିକର ବାସ୍ତବ ଓ ଦୈନନ୍ଦିନ ଆବଶ୍ୟକତାକୁ ପୂରଣ କରିବା ପାଇଁ ଡିଜାଇନ କରାଯାଇଛି। ଏହା ଜଟିଳ ଆର୍ଥିକ ଉତ୍ପାଦର ଚିନ୍ତା ବିନା ନିଜ ପିଲାମାନଙ୍କ ଭବିଷ୍ୟତକୁ ସୁରକ୍ଷିତ ରଖିବାକୁ ଚାହୁଁଥିବା ଅଭିଭାବକଙ୍କ ପାଇଁ ଏକ ସରଳ, ଲକ୍ଷ୍ୟଭିତ୍ତିକ ଯୋଜନା । ଏହି ପ୍ଲାନ୍ ପଲିସି ଟର୍ମ ଶେଷରେ ଏକ ଗ୍ୟାରେଣ୍ଟେଡ୍ ସମ୍ ଆସ୍ୟୋର୍ଡ ଆକାରରେ ମାଚ୍ୟୁରିଟି ବେନିଫିଟ ପ୍ରଦାନ କରିଥାଏ, ଯାହା ପିଲାଙ୍କ ଭବିଷ୍ୟତ ପାଇଁ ଆର୍ଥିକ ସହଯୋଗ ନିଶ୍ଚିତ କରିଥାଏ। ଏହା ପ୍ରଚଳିତ ଆଇନ ଅନୁଯାୟୀ ଟିକସ ଲାଭ ମଧ୍ୟ ପ୍ରଦାନ କରିଥାଏ, ଯାହା ଏହାକୁ ଉଭୟ ଆର୍ଥିକ ସୁରକ୍ଷା ଓ ଭବିଷ୍ୟତ-କେନ୍ଦ୍ରିତ ସଞ୍ଚୟ ଚାହୁଁଥିବା ପରିବାରଗୁଡିକ ପାଇଁ ଏକ ବ୍ୟବହାରିକ ବିକଳ୍ପରେ ପରିଣତ କରୁଛି।

## ଅପରାଧ

# ସାଙ୍ଗଙ୍କୁ ଇଟାରେ ଛେଚି ବୀଭତ୍ସ ହତ୍ୟା

ଭୁବନେଶ୍ୱର, ୧୮।୭(ସତ୍ୟଜିତ୍ ରାଉତ)

■ ଫେରାର ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସର ତନାଘନା

■ ଚୋରି ଟଙ୍କା ଭାଗବଣ୍ଟାକୁ ନେଇ ଘଟଣା ଘଟିଥିବା ସନ୍ଦେହ

ଭୁବନେଶ୍ୱର ଭରତପୁର ଥାନା ଅନ୍ତର୍ଗତ ସୋମନାଥ ବସ୍ତିରେ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ଭଡାଘରେ ରହୁଥିବା ଜଣେ ଯୁବକଙ୍କୁ ସିମେଣ୍ଟ ଇଟାରେ ଛେଚି ଅତି ବୀଭତ୍ସ ଭାବେ ହତ୍ୟା କରାଯାଇଛି। ମୃତ ଯୁବକ ହେଲେ ଗଞ୍ଜାମ ଜିଲା ବୁଗୁଡା ଅଞ୍ଚଳର କୈଳାସ ନାୟକ (୨୭)। ଗାଁରୁ ଆସିଥିବା ସାଙ୍ଗ ଏହି କାଣ୍ଡ ଘଟାଇଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ଭଡାଘରୁ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଶୁକ୍ରବାର ପୋଲିସ କୈଳାସଙ୍କ ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏଥିସହ କୈଳାସଙ୍କ ମା' ବେବିନା ନାୟକଙ୍କ ଏତଲା ଆଧାରରେ ପୋଲିସ ଏକ ହତ୍ୟା ମାମଲା (ନଂ.୩୯୩/୨୦୨୫) ରୁଜୁ କରି ତଦନ୍ତ କରୁଛି। ଘଟଣାସ୍ଥଳରୁ ରକ୍ତଲଗା ଇଟାକୁ ଜବତ କରାଯାଇଛି। ତେବେ ଭଞ୍ଜନଗର ଅଞ୍ଚଳର ଅଭିଯୁକ୍ତ ସାଙ୍ଗ ନରୋତ୍ତମ ଓରଫ ନରି ଫେରାର ହୋଇଯାଇଥିବାରୁ ତାଙ୍କୁ ଧରିବାକୁ ପୋଲିସ ଟିମ୍ ତନାଘନା ଚଳାଇଛି। ସୂଚନା ଅନୁଯାୟୀ, ମୃତ କୈଳାସ ରଙ୍ଗ ମିସ୍ତ୍ରି ଓ ଡ୍ରାଇଭର କାମ କରନ୍ତି। ୨୫ଦିନ ହେବ ମା'ଙ୍କ ସହ ସେ ଭୁବନେଶ୍ୱର ଆସି ସୋମନାଥ ବସ୍ତିରେ ଭଡା ଘରେ ରହିଥିଲେ। ସାଙ୍ଗ ନରି ମଧ୍ୟ ପ୍ରାୟ ସମୟରେ ଏଠାକୁ ଆସୁଥିଲେ। କିଛିଦିନ ହେଲା ନରି ଆସି କୈଳାସଙ୍କ ପାଖରେ ରହିଥିଲେ। ଗୁରୁବାର କୈଳାସ ଓ ତାଙ୍କ ମା' ବେବିନାଙ୍କ ମଧ୍ୟରେ ଭୀଷଣ ଝଗଡା ହୋଇଥିଲା। ପୁଅଠୁ ନାନା ପ୍ରକାର ଗାଳିଗୁଲଜ ପାଇ ବେବିନା ରାଗରେ ସ୍ଥାନୀୟ ଅଞ୍ଚଳରେ ରହୁଥିବା ଝିଆରୀ ଘରକୁ ଚାଲିଯାଇଥିଲେ। ଶୁକ୍ରବାର ସକାଳେ କୈଳାସଙ୍କ ମୃତଦେହ ଦେଖି ମାଲିକ କଲ୍ କରି ବେବିନାଙ୍କୁ ଜଣାଇଥିଲେ। ବେବିନା ଘଟଣାସ୍ଥଳରେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ। ତେବେ କୈଳାସଙ୍କ ମୁଣ୍ଡ ଓ ମୁହଁକୁ ଇଟାରେ ବାରମ୍ବାର ଶକ୍ତ ଆଘାତ ଦିଆଯାଇଥିବାରୁ ପ୍ରବଳ ରକ୍ତସ୍ରାବ ହୋଇ ଘଟଣାସ୍ଥଳରେ ତାଙ୍କର ପ୍ରାଣବାୟୁ ଉଡିଯାଇଥିବା ଦେଖିବାକୁ ମିଳିଥିଲା। ତେବେ ଘରେ ଥିବା ସାଙ୍ଗ ନରି ବାଇକ ନେଇ ଫେରାର ହୋଇଯାଇଥିବାରୁ ତାଙ୍କ ଉପରେ ସନ୍ଦେହ ହୋଇଥିଲା। ପ୍ରାଥମିକ ତଦନ୍ତରୁ ଜଣାପଡିଛି, ଗୁରୁବାର ରାତିରେ ଦୁଇ ସାଙ୍ଗ ପ୍ରଚୁର ମଦ୍ୟପାନ କରିଥିଲେ। ଏହାପରେ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ବଚସା ଓ ଝଗଡା ହୋଇଥିଲା। ଏହି ସମୟରେ ନରି ଏହି କାଣ୍ଡ ଘଟାଇଥିବା ପୋଲିସ ଜାଣିବାକୁ ପାଇଛି। ତେବେ ଦୁଇ ସାଙ୍ଗଙ୍କ ମଧ୍ୟରେ ପୂର୍ବ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଥାଇପାରେ ବୋଲି ଜୋନ୍ ଏସିପି ତାପସ ପ୍ରଧାନ କହିଛନ୍ତି। ସେପଟେ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରୁ ବିଭିନ୍ନ ନମୁନା ସଂଗ୍ରହ କରି ପରୀକ୍ଷା କରିବାକୁ ଲାବ୍‌କୁ ନେଇଛି। ଏପଟେ ଅଭିଯୁକ୍ତ ନରିଙ୍କୁ ଧରିବାକୁ ବିଭିନ୍ନ ପୋଲିସ ଟିମ୍ ଚଢ଼ାଉ ଜାରି ରଖିଛି। ମୃତ କୈଳାସଙ୍କ ନାଁରେ ଭରତପୁର ସମେତ ବିଭିନ୍ନ ଥାନାରେ ଏକାଧିକ ଚୋରି ମାମଲା ରହିଥିବା ଥାନାଧିକାରୀ ଦୀପକ ଖଣ୍ଡାୟତରାୟ ସୂଚନା ଦେଇଛନ୍ତି। ଏପରିକି ନରି ମଧ୍ୟ କେତେକ ଚୋରି ମାମଲାରେ ସମ୍ପୃକ୍ତ ବୋଲି ସନ୍ଦେହ କରାଯାଉଛି। ତେଣୁ ଚୋରି ଟଙ୍କା ଭଗାବଣ୍ଟାକୁ ନେଇ ବଚସା ପରେ ଏହି କାଣ୍ଡ ଘଟିଥିବା ପୋଲିସ ଆଶଙ୍କା କରୁଛି।

# ଦେଢ଼ଶ୍ୱଶୁରଙ୍କ କୋଦାଳ ଚୋଟରେ ଭାଇବୋହୂ ମୃତ

ରାୟଗଡ଼ା/କଲ୍ୟାଣସିଂହପୁର, ୧୮।୭ (ଆଶିଷ ରଞ୍ଜନ ପଣ୍ଡା/ଦୀପକ କୁମାର ପରିଡ଼ା)

ଥାନାରେ ଅଭିଯୁକ୍ତଙ୍କ ଆତ୍ମସମର୍ପଣ

ଦେଢ଼ଶ୍ୱଶୁରଙ୍କ କୋଦାଳ ଚୋଟରେ ଭାଇବୋହୂଙ୍କ ମୃତ୍ୟୁ ଘଟିଛି। ରାୟଗଡ଼ା ଜିଲା କଲ୍ୟାଣସିଂହପୁର ଥାନା ଅଧୀନ ଧାମୁଣିପଙ୍ଗା ପଞ୍ଚାୟତ ଅନ୍ତର୍ଗତ ଢେପାଗୁଡ଼ା ଗ୍ରାମରେ ପାରିବାରିକ ଜମିଜମା ବିବାଦକୁ ନେଇ ଏହି ହତ୍ୟାକାଣ୍ଡ ଘଟିଛି। ମୃତ ମହିଳା ହେଲେ ଢେପାଗୁଡ଼ା ଗ୍ରାମର ପ୍ରେପାକା ବୋଇମାଝିଙ୍କ ସ୍ତ୍ରୀ ସୁରେନ୍ଦ୍ରୀ ସାରକା (୪୦)। ହତ୍ୟାକାଣ୍ଡ ପରେ ମୁଖ୍ୟ ଅଭିଯୁକ୍ତ ତଥା ପ୍ରେପୋକାଙ୍କ ବଡ଼ ଭାଇ ଲତରା କଲ୍ୟାଣସିଂହପୁର ଥାନାରେ ଆତ୍ମସମର୍ପଣ କରିଛନ୍ତି। ରାୟଗଡ଼ା ଏସ୍‌ଡିପିଓ ଗୌରହରି ସାହୁ, କଲ୍ୟାଣସିଂହପୁର ଥାନା ଆଇଆଇସି ନୀଳକଣ୍ଠ ବେହେରା ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛି। ଆତ୍ମସମର୍ପଣ କରିଥିବା ଲତରାଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଥିବା ଆଇଆଇସି ବେହେରା କହିଛନ୍ତି।

ଘଟଣାରୁ ପ୍ରକାଶ, ବୋଇମାଝି ସବୁଦିନ ଭଳି ଶୁକ୍ରବାର ମଧ୍ୟ ଜମିକୁ ଚାଷ କରିବା ପାଇଁ ଯାଇଥିଲେ। ଏହି ସମୟରେ ସ୍ତ୍ରୀ ସୁରେନ୍ଦ୍ରୀ ଘରେ ରୋଷେଇ କରୁଥିଲେ। ତେବେ ପୂର୍ବ କଳହକୁ ନେଇ ବୋଇମାଝିଙ୍କ ବଡ଼ଭାଇ ଲତରା ଏକ କୋଦାଳରେ ଭାଇବୋହୂ ସୁରେନ୍ଦ୍ରୀଙ୍କୁ ଆକ୍ରମଣକରି ମୁଣ୍ଡରେ ବାରମ୍ବାର ଆଘାତ କରିଥିଲେ। ଖବରପାଇ ବୋଇମାଝି ଘରେ ପହଞ୍ଚି ସ୍ତ୍ରୀ ସୁରେନ୍ଦ୍ରୀଙ୍କୁ ପ୍ରଥମେ କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ପ୍ରାଥମିକ ଚିକିତ୍ସା କରିବା ପରେ ତାଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ରେଫର କରିଥିଲେ। ରାୟଗଡ଼ା ମେଡିକାଲରେ ପହଞ୍ଚିବା ପୂର୍ବରୁ ବାଟରେ ସୁରେନ୍ଦ୍ରୀଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତକରି ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇଥିଲା। ତେବେ ଜମିଜମା ମାମଲାକୁ ନେଇ ତାଙ୍କ ଦ୍ୱିତୀୟ ବଡ଼ଭାଇ ଲତରା ଏହି ହତ୍ୟାକାଣ୍ଡ ଭିଆଇଥିବା ମୃତ ସୁରେନ୍ଦ୍ରୀଙ୍କ ସ୍ୱାମୀ ବୋଇମାଝି କହିଛନ୍ତି। ମୃତ ସୁରେନ୍ଦ୍ରୀ କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଏନ୍‌ଏମ୍ ଭାବେ କାର୍ଯ୍ୟରତ ଥିଲେ।

# ସ୍ୱାମୀଙ୍କୁ ଆଜୀବନ ଜେଲଦଣ୍ଡ

ସ୍ତ୍ରୀଙ୍କୁ ହତ୍ୟା ମାମଲା

କେନ୍ଦୁଝର, ୧୮।୭(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ସେସନ ଜଜ୍‌ଙ୍କ କୋର୍ଟରେ ଶୁକ୍ରବାର ସ୍ତ୍ରୀଙ୍କୁ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ଜି.ସି. ବେହେରା ଅଭିଯୁକ୍ତ ଦୈତାରି ଥାନା ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ତେନ୍ତୁଳିପାଳର ସଦାଶିବ ସାମଲ (୩୪)ଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଓ ଅନାଦାୟେ ଅତିରିକ୍ତ ବର୍ଷେ ସଶ୍ରମ କାରାଦଣ୍ଡ ନିର୍ଦ୍ଦେଶ ଦେଇଛନ୍ତି। ୧୯ ଅକ୍ଟୋବର ୨୦୨୧ରେ ମଧ୍ୟାହ୍ନଭୋଜନକୁ ନେଇ ସଦାଶିବ ଓ ତାଙ୍କ ସ୍ତ୍ରୀ ସନ୍ଧ୍ୟା କିନ୍ନର (୩୦)ଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ସଦାଶିବ ରାଗିଯାଇ ସନ୍ଧ୍ୟାଙ୍କୁ କୋଦାଳରେ ହାଣି ହତ୍ୟା କରିଥିଲେ। ପୋଲିସ ମାମଲା(ନଂ. ୭୪/୨୦୨୧) ରୁଜୁ କରି ୨୦ ଅକ୍ଟୋବର ୨୦୨୧ରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ୮ ଜଣ ସାକ୍ଷୀ ଏବଂ ପୋଲିସ ତଦନ୍ତ ରିପୋର୍ଟ ଆଧାରରେ କୋର୍ଟ ରାୟ ଶୁଣାଇଥିବା ସରକାରୀ ଓକିଲ ପ୍ରଦୀପ ସାହୁ ସୂଚନା ଦେଇଛନ୍ତି।

# ବ୍ରାଉନସୁଗାର ଜବତ, ୩ ଗିରଫ

ବରଗଡ଼, ୧୮।୭(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହରରେ ନିଶା କାରବାର ବଢ଼ି ଚାଲିଛି। ଗତ କିଛିଦିନ ତଳେ ଅବକାରୀ ବିଭାଗ ବରଗଡ ସହରରୁ ପ୍ରାୟ ୧୦ଗ୍ରାମ ବ୍ରାଉନସୁଗାର ଜବତ କରିଥିବାବେଳେ ଶୁକ୍ରବାର ଟାଉନ ଥାନା ପୋଲିସ ସହର ଉପକଣ୍ଠ ଘୁଲିପାଲି ଛକରୁ ୫୦ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏହି ଘଟଣାରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବରଗଡ଼ କଟକିଆପଡାର ଗୋବର୍ଦ୍ଧନ ଓରଫ ଗୋବୁ (୩୫), ମନାବନ୍ଧ ପଡାର ନରସିଂହ ଭୁଏ(୩୨) ଏବଂ ଗୌଡପଡାର ନିଖିଲ ସିନ୍ଧିଆ(୨୨)। ସେମାନଙ୍କ ପାଖରୁ ବ୍ରାଉନ ସୁଗାର ସମେତ ବ୍ୟବହୃତ ସ୍କୁଟି (ନଂ.ଓଡି୧୭ଏଇ ୭୭୪୦), ୨ଟି ମୋବାଇଲ ଏବଂ ନଗଦ ୧୪୦୦ ଟଙ୍କା ଜବତ ହୋଇଛି। ଏନେଇ ବରଗଡ ଟାଉନ ଥାନାରେ ପୋଲିସ ଏକ ମାମଲା (ନଂ.୩୫୬/୨୫) ରୁଜୁ କରି ତଦନ୍ତ କରୁଛି। ସୂଚନା ଅନୁଯାୟୀ,



ଗିରଫ ୩ ଅଭିଯୁକ୍ତ।

ବରଗଡ଼ ସହରକୁ ଅଭିଯୁକ୍ତମାନେ ବ୍ରାଉନ ସୁଗାର ଆଣୁଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଏହି କ୍ରମରେ ପୂର୍ବାହ୍ନ ପ୍ରାୟ ୧୦ଟା ୩୦ରେ ପୋଲିସର ଏକ ଟିମ ଘୁଲିପାଲି ଛକରେ ରହି ସେମାନଙ୍କ ପ୍ରତି ନଜର ରଖିଥିଲା। ଅଭିଯୁକ୍ତମାନେ ଦ୍ରୁତବେଗରେ ଯାଉଥିବାବେଳେ ପୋଲିସ ସେମାନଙ୍କୁ କାବୁ କରିଥିଲା ଏବଂ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଯାଞ୍ଚ କରିଥିଲା। ଯାଞ୍ଚ ସମୟରେ ସେମାନଙ୍କ ପାଖରୁ ଜବତ ବ୍ରାଉନସୁଗାର ମିଳିଥିବା ପୋଲିସ ସୂଚନା ଦେଇଛି।

# ଅପହୃତ ନାବାଳିକା ବିହାରରୁ ଉଦ୍ଧାର: ମହିଳା ଗିରଫ

ପାରାଦୀପ, ୧୮।୭(ଶରତ ରାଉତ)

ପାରାଦୀପ ମେରାଇନ ଥାନା ଅଞ୍ଚଳରୁ ଜୁନ ୬ ତାରିଖରେ ଜଣେ ୬ ବର୍ଷୀୟା ନାବାଳିକାଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଥିଲା। ସମ୍ପୃକ୍ତା ନାବାଳିକାଙ୍କୁ ଶୁକ୍ରବାର ମେରିଟାଇମ ପୋଲିସ ବିହାରରୁ ଉଦ୍ଧାର କରିଛି। ଏଥିସହ ଅପହରଣ କରିବା ଅଭିଯୋଗରେ ସେଠାକାର ଜଣେ ମହିଳାଙ୍କୁ ଗିରଫ କରି ପୋଲିସ ପାରାଦୀପ ଅଭିମୁଖେ ଆସୁଛି। ଶନିବାର ସକାଳେ ସେମାନେ ପାରାଦୀପରେ ପହଞ୍ଚିବେ ବୋଲି ଥାନାଧିକାରିଣୀ ବବିତା ଦେହୁରୀ ସୂଚନା ଦେଇଛନ୍ତି। ଅଭିଯୁକ୍ତ ମହିଳା ଜଣକ ହେଲେ ବିହାରସ୍ଥିତ ମୁଜାଫରନଗର ଅଞ୍ଚଳର ରେଶମା ଦେବୀ। ସେ ଓ ତାଙ୍କ ସ୍ୱାମୀ ପାରାଦୀପରେ ଠିକା ଶ୍ରମିକଭାବେ କାର୍ଯ୍ୟ କରୁଥିବାବେଳେ ସେଠାରେ ଭଡ଼ାରେ ରହୁଛନ୍ତି। ଜୁନ ୬ରେ ରେଶମା ସମ୍ପୃକ୍ତା ନାବାଳିକାଙ୍କୁ ପ୍ରଲୋଭିତ କରି ସାଙ୍ଗରେ ନେଇ ପଳାଇଥିଲେ। ଏନେଇ ନାବାଳିକାଙ୍କ ମା' ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ.୧୪/୨୫) ରୁଜୁ କରି ତଦନ୍ତ ଚଳାଇଥିଲା। ବିଶେଷସୂତ୍ରରୁ ଖବରପାଇ ପୋଲିସ ବିହାର ଯାଇ ନାବାଳିକାଙ୍କୁ ଠାବ କରିଛି।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ, ହତ୍ୟା ଅଭିଯୋଗ

ବିଷମ କଟକ, ୧୮।୭ (ପ୍ରସନ୍ନ କୁମାର ପଣ୍ଡା)

ରାୟଗଡା ଜିଲା ବିଷମକଟକ ଥାନା ଅଧୀନସ୍ଥ ଚାଙ୍ଗରାଗୁଡ଼ା ସଦର ପଞ୍ଚାୟତର ମାଠିଆ ସାହିରେ ଶୁକ୍ରବାର ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତ ମହିଳା ହେଲେ ମକର କାଡ୍ରାକାଙ୍କ ସ୍ତ୍ରୀ ଅନୁ ବ୍ରେକବାଡା। ପାରିବାରିକ କଳହକୁ ନେଇ ଅନୁ ବେକରେ ରଶି ଲଗେଇ ଆତ୍ମହତ୍ୟା କରିଥିବାବେଳେ ସ୍ତ୍ରୀ ଅସୁସ୍ଥ ଥିବା କହି ସ୍ୱାମୀ ମକର ତାଙ୍କୁ ବିଷମ କଟକ ସରକାରୀ ଡ଼ାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ସନ୍ଦେହ ହେବାରୁ ଡାକ୍ତର ବିଷମକଟକ ପୋଲିସକୁ ସୂଚନା ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ସ୍ୱାମୀ ମକରଙ୍କୁ ଥାନାରେ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷେ ଝିଅକୁ ହତ୍ୟା କରାଯାଇଥିବା ମୃତ ମହିଳାଙ୍କ ବାପା ସନ୍ତୋଷ ବ୍ରେକବାଡା ଥାନାରେ ଅଭିଯୋଗ କରିଛନ୍ତି।

ସନ୍ତୋଷଙ୍କ ସୂଚନା ଅନୁଯାୟୀ, ଚନ୍ଦ୍ରପୁର ଥାନା ଅନ୍ତର୍ଗତ କାର୍ଡପାଙ୍ଗା ଗ୍ରାମର ସନ୍ତୋଷଙ୍କ ଝିଅ ଅନୁ ୫ ବର୍ଷ ପୂର୍ବେ ବିଷମକଟକ ଥାନା ଅନ୍ତର୍ଗତ ଚାଙ୍ଗରାଗୁଡ଼ା ଗ୍ରାମର ମକରଙ୍କୁ ବିବାହ କରିଥିଲେ। ବିବାହ ପରଠାରୁ ସ୍ୱାମୀ ମକର ବାରମ୍ବାର ସ୍ତ୍ରୀଙ୍କୁ ନିର୍ଯ୍ୟାତନା ଦେଇ ଆସୁଥିଲେ। ଗୁରୁବାର କୌଣସି କାରଣକୁ ନେଇ ଉଭୟ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ଝଗଡା ହୋଇଥିଲା। ପରେ ଅନୁ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା କୁହାଯାଉଛି। ବିଷମ କଟକ ଏସ୍‌ଡିପିଓଙ୍କ ସହ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ରହସ୍ୟ ଜଣାପଡ଼ିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।

# ଯୁକ୍ତ୨ ଇନ୍‌ଷ୍ଟାଣ୍ଟ ପରୀକ୍ଷାଫଳ ପ୍ରକାଶ

## ଜଗତ୍‌ସିଂହପୁରରେ ସର୍ବାଧିକ ୧୦୦%, ନୂଆପଡ଼ା ସର୍ବନିମ୍ନ ୩୩.୩୩% ପାସ୍

ଭୁବନେଶ୍ୱର,୧୮।୭(ସୁଚିସ୍ମିତା ସାହୁ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ପକ୍ଷରୁ ଚଳିତବର୍ଷର ଯୁକ୍ତ୨ ଇନ୍‌ଷ୍ଟାଣ୍ଟ ପରୀକ୍ଷା ଫଳ ପ୍ରକାଶ ପାଇଛି। ଶୁକ୍ରବାର ଅପରାହ୍ନ ୪ଟା ୩୦ରେ ପରିଷଦ ମୁଖ୍ୟ କାର୍ଯ୍ୟାଳୟଠାରେ ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ କୁମାର ପରିଡ଼ା ଯୁକ୍ତ ୨ ବିଜ୍ଞାନ, ବାଣିଜ୍ୟ, କଳା ଏବଂ ଧନ୍ଦାମୂଳକ ପାଠ୍ୟକ୍ରମର ଫଳ ଘୋଷଣା କରିଛନ୍ତି। ପାସ୍‌ହାର ୯୦.୫୭ ପ୍ରତିଶତ ରହିଛି। ଛାତ୍ରୀଙ୍କ ପାସ୍‌ହାର ୯୨.୯୧ ପ୍ରତିଶତ ଏବଂ ଛାତ୍ରଙ୍କ ପାସ୍‌ହାର ୮୮.୪୩ ପ୍ରତିଶତ ରହିଛି। ଜଗତ୍‌ସିଂହପୁର ଜିଲାରେ ଶହେ ପ୍ରତିଶତ ଛାତ୍ରଛାତ୍ରୀ ପାସ କରିଥିବା ବେଳେ ନୂଆପଡ଼ାରେ ସର୍ବନିମ୍ନ ୩୩.୩୩ ପ୍ରତିଶତ ପାସ୍‌ହାର ରହିଛି।

ବିଜ୍ଞାନରେ ୮୯.୩୬% ଛାତ୍ରଛାତ୍ରୀ ପାସ୍ କରିଥିବା ବେଳେ ସେଥିରୁ ଛାତ୍ରୀଙ୍କ ହାର ୯୦.୮୪% ଏବଂ ଛାତ୍ରଙ୍କ ପାସ୍ ହାର ୮୮.୩୪% ରହିଛି। ବାଣିଜ୍ୟରେ ପାସ୍‌ହାର ୯୩.୧୮% ରହିଥିବା ବେଳେ ଛାତ୍ରୀ ୯୭.୪୫ % ଓ ଛାତ୍ରଙ୍କ ପାସ୍‌ହାର ୯୫% ପ୍ରତିଶତ ରହିଛି। କଳାରେ ୯୦.୫୦% ଛାତ୍ରଛାତ୍ରୀ ପାସ୍ କରିଥିବାବେଳେ ଛାତ୍ରୀ ୯୪.୦୯% ଏବଂ ଛାତ୍ର ୮୬.୨୭% ପାସ୍ କରିଥିବା ଜଣାପଡ଼ିଛି। ସେହିପରି ଧନ୍ଦାମୂଳକରେ ପାସ୍‌ହାର ୯୦.୭୨% ରହିଛି। ଏଥିରୁ ଛାତ୍ରୀଙ୍କ ପାସ୍‌ହାର ୯୦% ରହିଥିବା ବେଳେ ୯୧.୬୭% ଛାତ୍ରଙ୍କ ପାସ୍‌ହାର ରହିଛି।

ଚଳିତବର୍ଷ ମୋଟ ୧୦୦୯ଜଣ ପିଲା ଇନ୍‌ଷ୍ଟାଣ୍ଟ ପରୀକ୍ଷା ଦେବାକୁ ନାମ ପଞ୍ଜୀକରଣ କରିଥିବା ବେଳେ ୧୦୦୮ ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରେ କଳାରେ ସର୍ବାଧିକ ୪୯୫ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୪୪୯ ପାସ୍ କରିଛନ୍ତି। ସେହିପରି ବିଜ୍ଞାନରେ ୩୪୮ ପରୀକ୍ଷା ଦେଇଥିବା ବେଳେ ୩୧୧ ପାସ୍, ବାଣିଜ୍ୟରେ ପରୀକ୍ଷା ଦେଇଥିବା ୧୩୩ଜଣଙ୍କ ମଧ୍ୟରୁ ୧୨୧ ପାସ ଓ ଧନ୍ଦାମୂଳକ ଶିକ୍ଷାରେ ୩୨ ପରୀକ୍ଷା ଦେଇଥିବା ବେଳେ ୨୯ ପାସ୍ କରିଛନ୍ତି।

# ଦାନା ବାନ୍ଧୁଛି ଆଉ ଏକ ଲଘୁଚାପ

ଭୁବନେଶ୍ୱର, ୧୮।୭(ଅନୁରାଧା ମହାରଣା)

ବଙ୍ଗୋପସାଗରରେ ପୁଣି ଏକ ଲଘୁଚାପ ଦାନାବାନ୍ଧୁଛି। ଆସନ୍ତା ୨୨ରୁ ୨୪ ତାରିଖ ମଧ୍ୟରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇ ଲଘୁଚାପ ରୂପ ନେଇପାରେ। ଫଳରେ ରାଜ୍ୟରେ ୨୩ ତାରିଖରୁ ପୁଣି ବର୍ଷା ବଢ଼ିବ। ବର୍ଷାର ପ୍ରଭାବ ପ୍ରାୟ ୨୬ ପର୍ଯ୍ୟନ୍ତ ଜାରି ରହିବ। ୨୪ ଓ ୨୫ ତାରିଖରେ ସବୁଠୁ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନାନୁଯାୟୀ, ଲଘୁଚାପଟି ଉତ୍ତର ବଙ୍ଗୋପସାଗରର ପାର୍ଶ୍ୱବର୍ତ୍ତୀ ବାଂଲାଦେଶ ଓ ପଶ୍ଚିମବଙ୍ଗ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସୃଷ୍ଟି ହେବ। ପରବର୍ତ୍ତୀ ସମୟରେ ଏହା ଅଧିକ ଘନୀଭୂତ ହୋଇ ଅବପାତରେ ପରିଣତ ହୋଇପାରେ। ଲଘୁଚାପଟି ପଶ୍ଚିମ ଉତ୍ତର-ପଶ୍ଚିମ ଦିଗରେ ଗତି କରିବାକୁ ଥିବାରୁ ପ୍ରଥମେ ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷା ହେବ। ପରବର୍ତ୍ତୀ ସମୟରେ ଏହା ଝାଡ଼ଖଣ୍ଡ ଓ ଛତିଶଗଡ଼ ମୁହାଁ ହେବାକୁ ଥିବାରୁ ଏହାର ସମୀନ୍ତବର୍ତ୍ତୀ ଓଡ଼ିଶାର ବିଭିନ୍ନ ଜିଲା ଓ ଆଭ୍ୟନ୍ତରୀଣ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଶନିବାର ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବଲାଙ୍ଗୀର, ସୋନପୁର, ବୌଦ୍ଧ, କଳାହାଣ୍ଡି, କନ୍ଧମାଳ ଆଦି ଜିଲାରେ ବଜ୍ରପାତ ସହ ପ୍ରବଳ ବର୍ଷା ସମ୍ଭାବନା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି।

# ଅଟକିଛି ରାଜ୍ୟ ଷଷ୍ଠ ଅର୍ଥ ଆୟୋଗ ସୁପାରିସ

# ୩୬ ବିଭାଗ ଦେଉନାହାନ୍ତି ପ୍ରସ୍ତାବ

ଭୁବନେଶ୍ୱର,୧୮।୭(ରବିନାରାୟଣ ଜେନା)

ରାଜ୍ୟର ବିକାଶରେ କେନ୍ଦ୍ରୀୟ ସହାୟତାର ବଡ଼ ଭାଗୀଦାରି ରହିଛି। କେନ୍ଦ୍ରୀୟ ଅନୁଦାନ ମିଳୁନି କହି ଅନେକ ସମୟରେ ଶାସକ-ବିରୋଧୀ ମୁହାଁମୁହିଁ ହୋଇଥାନ୍ତି। କେନ୍ଦ୍ରୀୟ ଅନୁଦାନ ଯେତିକି ପରିମାଣର ବଢ଼ିବ ସେହି ଅନୁସାରେ ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶଠାରୁ ଆରମ୍ଭ କରି ସହରାଞ୍ଚଳର ସୌନ୍ଦର୍ଯ୍ୟକରଣ ପର୍ଯ୍ୟନ୍ତ ସବୁ କିଛି ସମ୍ଭବ ହୋଇପାରିବ। ଏଥିରେ ରାଜ୍ୟ ଅର୍ଥ ଆୟୋଗଙ୍କ ସୁପାରିସ ସବୁଠାରୁ ଅଧିକ ଗୁରୁତ୍ୱ ରଖେ। ହେଲେ ଓଡ଼ିଶାରେ ରାଜ୍ୟ ଷଷ୍ଠ ଅର୍ଥ ଆୟୋଗଙ୍କ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ସୁପାରିସ କେନ୍ଦ୍ରକୁ ପଠାଯାଇ ପାରିନାହିଁ। ଆୟୋଗ ଗଠନ ହେବାର ୬ମାସ ବିତିଯାଇଥିଲେ ମଧ୍ୟ ୩୬ଟି ବିଭାଗ ପକ୍ଷରୁ ଯୁକ୍ତିଯୁକ୍ତ ପ୍ରସ୍ତାବ କିମ୍ବା 'ମେମୋରାଣ୍ଡମ୍' ଏପର୍ଯ୍ୟନ୍ତ ମିଳିପାରିନାହିଁ। ଏସଂକ୍ରାନ୍ତରେ ଆୟୋଗଙ୍କ ପକ୍ଷରୁ ମେ' ୧୭ରେ ପ୍ରସ୍ତାବ ଲୋଡ଼ା ଯାଇଥିଲେ ହେଁ ତାହା ମିଳି ନ ଥିଲା। ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତା ଅଭାବରୁ ଏବେ ଏକପ୍ରକାର ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିବା ଆଲୋଚନା ହେଉଛି।

ଏହି ପରିପ୍ରେକ୍ଷୀରେ ରାଜ୍ୟ ଷଷ୍ଠ ଅର୍ଥ ଆୟୋଗଙ୍କ ପକ୍ଷରୁ ସଦସ୍ୟ ସଚିବ ଡ. ସତ୍ୟପ୍ରିୟ ରଥ ୫ଟି ବିଭାଗକୁ ଛାଡ଼ି ଅନ୍ୟ ୩୬ଟି ବିଭାଗର ସଚିବଙ୍କୁ ପତ୍ର ଲେଖି ତୁରନ୍ତ ପ୍ରସ୍ତାବ ପଠାଇବାକୁ ଅନୁରୋଧ କରିଛନ୍ତି। ସଦସ୍ୟ ସଚିବ ଦେଇଥିବା ପତ୍ରରେ ଦର୍ଶାଇଛନ୍ତି, ପଞ୍ଚାୟତିରାଜ ଅନୁଷ୍ଠାନ ଓ ପୌରାଞ୍ଚଳ ଭିତ୍ତିଭୂମି ସୁଦୃଢ଼ କରିବା ଏବଂ କାର୍ଯ୍ୟକାରିତାକୁ ବଢ଼ାଇବା ଦିଗରେ ଯଦି ବିଭାଗର କିଛି ଯୁକ୍ତିଯୁକ୍ତ ପ୍ରସ୍ତାବ ରହିଛି, ତେବେ ସେସବୁ ପ୍ରଦାନ କରିବାକୁ ମେ' ୧୭ରେ ଅବଗତ କରାଯାଇଥିଲା। ଏପରି କି ଜୁନ୍ ୨୦ ସୁଦ୍ଧା ପ୍ରସ୍ତାବ ଦେବାକୁ ଦିନ ଧାର୍ଯ୍ୟ ହୋଇଥିଲା। ହେଲେ ଅଦ୍ୟାବଧି ହସ୍ତତନ୍ତ, ହସ୍ତଶିଳ୍ପ ଓ ବୟନଶିଳ୍ପ, ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ, ଶିଳ୍ପ ଏବଂ ନିର୍ମାଣ ବିଭାଗକୁ ବାଦ୍ ଦେଲେ ଅନ୍ୟ ବିଭାଗ କୌଣସି ପ୍ରସ୍ତାବ ପ୍ରଦାନ କରିନାହାନ୍ତି। ତେଣୁ ଚଳିତମାସ ୨୫ ତାରିଖ ସୁଦ୍ଧା ବିଭାଗୀୟ ମେମୋରାଣ୍ଡମ୍ ପ୍ରଦାନ କରିବାକୁ ସେ ପତ୍ରରେ ଦର୍ଶାଇଥିଲେ।

ରାଜ୍ୟ ଅର୍ଥ ଆୟୋଗଙ୍କ ସୁପାରିସ ଉପରେ ପଞ୍ଚାୟତିରାଜ ଅନୁଷ୍ଠାନ ଓ ପୌରାଞ୍ଚଳରେ କିଭଳି ରାଜସ୍ୱ ବଢ଼ିବ ଏବଂ ତା'ର ଭିତ୍ତିଭୂମି ସୁଦୃଢ଼ ହେବ ତାହା ନିର୍ଭର କରୁଛି। ଏହି କ୍ଷେତ୍ରରେ କେନ୍ଦ୍ରୀୟ ଅନୁଦାନ କିଭଳି ବଢ଼ିପାରିବ ସେଦିଗରେ ଆୟୋଗଙ୍କର ବଡ଼ ଭୂମିକା ରହିଛି, ଫଳରେ ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି, ଜିଲା ପରିଷଦ ଓ ପୌରାଞ୍ଚଳ ଆର୍ଥିକ ସୁଦୃଢ଼ ହେବା ସହିତ ସୁଶାସନ ସମ୍ଭବ ହୋଇପାରିବ। ହେଲେ ବିଭାଗୀୟ ମୁଖ୍ୟମାନେ ଏଥିପ୍ରତି ଟିକେ ହେଲେ କର୍ଣ୍ଣପାତ କରୁ ନ ଥିବା ସଦସ୍ୟ ସଚିବଙ୍କ ପତ୍ରରୁ ଜଣାପଡ଼ୁଛି।

ସୂଚନାଯୋଗ୍ୟ, ସେତେବେଳେ ସାଧାରଣ ନିର୍ବାଚନ ୨୦୨୪କୁ ଦୃଷ୍ଟିରେ ରଖାଯାଇ ୨୦୨୩ ଡିସେମ୍ବର ୩୧ରେ କେନ୍ଦ୍ରୀୟ ଷୋଡ଼ଶ ଅର୍ଥ ଆୟୋଗ ଗଠନ କରାଯାଇଥିଲା। ନୀତି ଆୟୋଗର ପୂର୍ବତନ ଉପାଧ୍ୟକ୍ଷ ଅରବିନ୍ଦ ପାନଗାରିୟା ଷୋଡ଼ଶତମ କେନ୍ଦ୍ରୀୟ ଅର୍ଥ ଆୟୋଗ ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଛନ୍ତି। ଅନୁରୂପ ଭାବେ ଓଡ଼ିଶାରେ ଜାନୁଆରୀରେ ଅବସରପ୍ରାପ୍ତ ପ୍ରଶାସକ ଅରୁଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ରାଜ୍ୟ ଷଷ୍ଠ ଅର୍ଥ ଆୟୋଗ ଗଠନ ହୋଇଛି। ଏହି ଆୟୋଗ ଗଠନ ହେବାର ୬ମାସ ପୂରଣ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କେନ୍ଦ୍ରକୁ ରାଜ୍ୟର ଆବଶ୍ୟକତା ଅର୍ଥ ସମ୍ପର୍କରେ ସୁପାରିସ କରାଯାଇ ପାରିନାହିଁ। ରାଜ୍ୟ ଅର୍ଥ ଆୟୋଗଙ୍କ ସୁପାରିସ ହୋଇପାରିଲେ ରାଜ୍ୟର ସ୍ଥାନୀୟ ସଂସ୍ଥାଗୁଡ଼ିକ ପାଇଁ ଆର୍ଥିକ ସହାୟତାର ଆକଳନ ସହଜ ସାଧ୍ୟ ହୋଇପାରିବ ବୋଲି ଆଶା କରାଯାଉଛି।

# ନାଳରେ ବୁଡ଼ି ମା', ପୁଅ ମୃତ

ଫୁଲବାଣୀ/ଚକାପାଦ,୧୮।୭ (ରାକେଶ କୁମାର ରାଉତ/ପ୍ରକାଶ କିଶୋର ବେହେରା)

କନ୍ଧମାଳ ଜିଲା ଚକାପାଦ ବ୍ଲକ ପସରା ଅଞ୍ଚଳରେ ଗୁରୁବାର ଅପରାହ୍ନରେ ନାଳରେ ବୁଡ଼ିଯାଇ ଜଣେ ମହିଳା ଏବଂ ତାଙ୍କର ଶିଶୁପୁତ୍ରଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ପସରା ପଞ୍ଚାୟତ ପଖାଳଖୋଲ ଗ୍ରାମ ଖଗେନ୍ଦ୍ର କହଁରାଙ୍କ ଭାର୍ଯ୍ୟା (୪୫) ଓ ତାଙ୍କ ପୁଅ ଆରତ (୫)। ପୋଲିସ ଶୁକ୍ରବାର ମୃତଦେହ ଜବତ କରି ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇଛି।

ସୂଚନା ଅନୁଯାୟୀ, କହଁରା ତାଙ୍କ ପୁଅ ସହ ଗୁରୁବାର ଅପରାହ୍ନରେ ପୋଡ଼ ଚରାଇବା ପାଇଁ ପାଖ ଜଙ୍ଗଲକୁ ଯାଇଥିଲେ। ପୋଡ଼ ସବୁ ଘରକୁ ଫେରି ଆସିଥିଲେ ମଧ୍ୟ ମା' ପୁଅ ଫେରି ନ ଥିଲେ। ବହୁ ବିଳମ୍ବ ପର୍ଯ୍ୟନ୍ତ ସେମାନେ ନ ଆସିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ରାତିରେ ଜଙ୍ଗଲ ମଧ୍ୟରେ ଥିବା ଏକ ନାଳରେ ମା' ଓ ଶିଶୁପୁତ୍ର ଭାସୁଥିବା ଦେଖିବାକୁ ମିଳିଥିଲା। ତୁରନ୍ତ ସେମାନଙ୍କୁ ଉଦ୍ଧାର କରି ବ୍ରାହ୍ମଣପାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଉଭୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ଚକାପାଦ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ତେବେ କେଉଁ ପରିସ୍ଥିତିରେ ମା'ପୁଅ ନାଳ ଭିତରକୁ ଖସି ପଡିଥିଲେ, ତାହା ଜଣା ପଡିନାହିଁ। ଘଟଣାର ତଦନ୍ତ ଚାଲିଥିବା ତଦନ୍ତ ଅଧିକାରୀ ଏଏସ୍‌ଆଇ ନାରାୟଣ ପ୍ରଧାନ ସୂଚନା ଦେଇଛନ୍ତି।


GOVERNMENT OF ORISSA — No. O-440

**OFFICE OF THE SUPERINTENDING ENGINEER, RURAL WORKS DIVISION, KARANJIA (MAYURBHANJ)**

Letter No. 3216/WE — E.Mail ID: eerwkaranjia@yahoo.com — Date: 14.07.2025

**"E" Procurement Notice for Construction of Building Works for year 2025-26**

**Bid Identification No. - RWDKNJ-02/2025-26**

1. Name of the Work : Construction of Staff Qtrs. under NHM for the year 2025-26 (Details as per Annexure)
2. Estimated Cost : Rs.57.25 to 73.00 lakhs (Approximately)
3. Class of Contractor : "B" Class (of Odisha P.W.D.)
4. Period of Completion : 09 Calendar Months
5. Tender Paper Cost : Rs.10,000/-

| Procurement officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date and Opening of Tender O/o. S.E.R.W. Division, Karanjia | |
|---|---|---|---|---|---|---|
| | | From | To | | Technial Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Karanjia | (Composit) N.C.B. RWDKNJ-02 | Dt.20.07.25 at 11.00 A.M. | Dt.30.07.25 upto 5.00 P.M. | Dt.29.07.25 upto 1.00 P.M. | Dt.04.08.2025 at 11.00 A.M. | Will be intimated Later |

Further details can be seen from the website **www.tendersodisha.gov.in** .

OIPR-25086/11/0020/2526 — Sd./- Executive Engineer, RW Division-II, Karanjia

**INVITATION FOR BIDS (IFB)**

**Bid Identification No. BDO-AID-01/2025-26**

No.i-220: The Block Development Officer, Banarpal on behalf of Government of Odisha invites offline sealed Tender for the works detaild in the table below.

| Sl. No. | Name of Works | Approx. Value of work (Rs. in lakhs) | Tendered Amount (Excl. GST) | Class of Bidder | Bid Security (Rs.) | Cost of documents (Non-refundable) | Period of Comple-tion | Name of Bidder |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 1 | Construction of Adll.Class Room of Kumanda Jarasingha Nodal High School, Jarasingha GP | 20.27 | 1516785 | 'C' & 'B' | 15200.00 | 6000.00 | 06 Months | Panchayat Samiti Office, Banarpal |
| 2 | Construction of Adll.Class Room of Alekhapatana PUP School, Kumanda GP | 18.33 | 1521240 | 'C' & 'B' | 15200.00 | 6000.00 | 06 Months | -do- |
| 3 | Construction of Adll.Class Room of Amantpur UP School, Santarapur -A GP | 18.33 | 1521204 | 'C' & 'B' | 15200.00 | 6000.00 | 06 Months | -do- |
| 4 | Construction of Adll.Class Room of Jamunda UP School, Badakerjang GP | 18.33 | 1521240 | 'C' & 'B' | 15200.00 | 6000.00 | 06 Months | -do- |
| 5 | Construction of Adll.Class Room of Santarapur Nuasahi Project UP School, Santarapur KHA GP | 18.33 | 1521240 | 'C' & 'B' | 15200.00 | 6000.00 | 06 Months | -do- |
| 6 | Construction of Boundary Wall for Protection of Govt. Land at Kumanda GP | 70.00 | 5854595 | 'B' | 58550.00 | 10000.00 | 06 Months | -do- |

• Date of availability of tender paper through offline mode i.e. for O/o Panchayat Samiti, Banarpal & at district website www.angul.odisha.gov.in and will be accompanied by the paper cost of the Tender paper in shape of Demand Draft in favour of BDO, Banarpal and DTCN with all required documents of bidders as mentioned in Tender Call Notice to be send to the Office of the BDO, Banarpal through Registered Post/ Speed Post from date 16.07.2025 to 28.07.2025 (upto 5 PM). • Date & time of opening of tender bid- Dt.31.07.2025 11.00 AM. • Further details regarding tender papers can be seen from the website www.angul.odisha.gov.in.

OIPR-19039/11/0005/2526 — Sd./- Block Development Officer, Banarpal

See Career Appointment on every Wednesday & Saturday

**OFFICE OF THE NOTIFIED AREA COUNCIL, REMUNA, BALASORE**

e-mail : remuna-nac@gov.in, Tel No. - 06782-291978

Letter No.1105 / Dated - 16.07.2025

**EXPRESSION OF INTEREST(EOI)**

**No.C-684** : The Executive Officer, Remuna NAC, Remuna, (Odisha) on behalf of Remuna NAC Council invites Expression of Interest (EOI) for Street play (Patha Pranta Natak) on different matters and different occasion under the jurisdiction of Remuna NAC" from registered and eligible agency for tendering their bids in sealed cover addressed to the Executive Officer, Remuna NAC, Remuna, Balasore, Odisha 756019.The EOI may be downloaded from the websites www.remunanac.in and can be submitted in sealed envelope containing hard & soft copies by speed post or can be dropped in the specified Drop Box at the Office of the Executive Officer, Remuna NAC.

Name of the work:- Street Play (Patha Pranta Natak) for Public Awareness on different matters and different occasion under the jurisdiction of Remuna NAC.

1. EOI may be downloaded from websites www.remunanac.in from 16.07.2025, 10.00 Hrs to 25.07.2025 up to 15.00 Hrs.
2. Date of submission of sealed envelope containing their bids is up to 25.07.2025 up to 15.00 Hrs.
3. The EOI will be opened on Dt 25.07.2025 at 15.30 Hrs in the Office of the Executive Officer, Remuna NAC in presence of the bidders or their authorized representatives, who wish to attend.
4. The bids received after due date shall not be considered for evaluation.

All other details are available in the mentioned websites.

Sd./- Executive Officer, Remuna NAC

OIPR-13204/11/0018/2526

**SECRETARIAT OF THE ODISHA LEGISLATIVE ASSEMBLY**

**SEALED TENDER CALL NOTICE**

No.4971/L.A., Bhubaneswar, dated the 16th July, 2025

File No. OLA-VT-MV-0004-2025

**No.Y-01** : Sealed Tenders are invited from interested reputed Travel Agencies / Tour Operators having GST registration for providing three (03) Nos. of AC Petrol Swift Dzire/Xcent/Tigor/Zest/Etios/Amaze /Aura model vehicles on hire basis having sitting capacity of five including Driver which shall confirm to the terms & conditions at Annexure- II for official use in Odisha Legislative Assembly on monthly basis.

The vehicle must be in road worthy conditions & shall not be more than three years old from the date of initial registration having valid Registration Certificate, Insurance Certificate, Fitness Certificate, Pollution under Control Certificate, Valid Contract Carriage Permit, Proof of up to date tax payment etc. which are mandatory for plying of the vehicle.

The monthly rate of hiring charges be quoted in the prescribed format at Annexure- III excluding GST & Fuel.

The Travel Agency have to submit the EMD amounting to Rs.10,000/-(Rupees ten thousand) only in shape of Bank Draft only payable in favour of DDO-cum-Section Officer, Odisha Legislative Assembly, Bhubaneswar.

The tender along with necessary documents should reach the undersigned on or before 04.08.2025 by 3.30 P.M. and shall be opened on the same day at 4.30 PM in the office chamber of Joint Secretary (Vehicle Branch), or a Committee Room in the Odisha Legislative Assembly in the presence of the bidders or their authorized representatives.

The Application Form of Tender containing tender call notice for hiring of vehicles, Terms & Conditions for hiring of vehicles etc. will be available in Vehicle Branch, Odisha Legislative Assembly on payment of Rs.1,000/- (Rupees one thousand) only in favour of DDO-cum-Section Officer, Odisha Legislative Assembly, Bhubaneswar in the shape of Demand Draft or can be downloaded from Odisha Legislative Assembly website @ www.odishaassembly.nic.in or from dated. 18.07.2025. In case the Application Form is downloaded from Odisha Legislative Assembly website, the applicant shall furnish a Demand Draft for an amount of Rs 100/- (Rupees one hundred) only in favour of DDO-cum-Section Officer, Odisha Legislative Assembly, Bhubaneswar towards the cost of application along- with the application.

By the order of Secretary, Sd./- (Satis Mesra), Joint Secretary

OIPR-12197/11/0001/2526

ଓଡ଼ିଶା ସରକାର — No.A

ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ

ଆଖୁଆପଦା ଜଳସେଚନ ବିଭାଜନ

ଇମେଲ-akp.irrigationdivision@gmail.com

**'e'- Procurement Notice No.07/2025-26**

1. କାର୍ଯ୍ୟର ନାମ : ମରାମତି କାର୍ଯ୍ୟ
2. ମୋଟ କାର୍ଯ୍ୟ ସଂଖ୍ୟା : ୦୭ ଗୋଟି କାର୍ଯ୍ୟ
3. ଅଟକଳ ମୂଲ୍ୟ : ୯.୫୩ ଲକ୍ଷରୁ ୬୧.୪୨ ଲକ୍ଷ
4. ଇ.ଏମ.ଡି (Bid Security) ଓ ବିଡ୍ ମୂଲ୍ୟର ଦେୟ ପ୍ରଣାଳୀ : The bidder shall transfer the required amount of EMD (Bid Security) and cost of Bid by Online through electronic payment as per Govt. of Odisha WDOM No.17254/WE Dated 05.12.2017 as Mentioned in DTCN.
5. କାର୍ଯ୍ୟ ସମାପ୍ତି ସମୟ : ୬ ମାସ
6. ନିମ୍ନଲିଖିତ ଭାବରେ ଅନ୍ୟାନ୍ୟ ବିବରଣୀ :

I. Procurement Officer : ଅଧୀକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନ, ଆଖୁଆପଦା

II. ଅନ୍‌ଲାଇନ Biddingର ସମୟସୀମା: ତା.୧୯.୦୭.୨୦୨୫ ଦିବା ୧୦ ଘଟିକାରୁ ତା.୦୨.୦୮.୨୦୨୫ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ

III. Technical ଏବଂ Financial bid ଖୋଲାଯିବାର ତାରିଖ ଓ ସମୟ: ଅଧୀକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା.୦୪.୦୮.୨୦୨୫ ଦିବା ୧୧.୩୦

IV. Transparent Lotteryର ତାରିଖ ଓ ସମୟ : ଅଧୀକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା.୧୩.୦୮.୨୦୨୫ ଦିବା ୧୧.୦୦ ଘଟିକା ସମୟରେ ।

ଅନ୍‌ଲାଇନ ତଥ୍ୟ ଏହି ୱେବ୍‌ସାଇଟରେ ପ୍ରଦାନ କରାଯାଇଅଛି www.tendersorissa.gov.in

ସ୍ୱା./- ଅଧୀକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନ, ଆଖୁଆପଦା

OIPR-32548/11/0008/2526

**NOTICE INVITING TENDER**

**OFFICE OF DISTRICT MANAGER**

**ODISHA STATE CIVIL SUPPLIES CORPORATION LTD. (OSCSC) MAYURBHANJ (DISTRICT)**

No.CAD-1158

E-mail: csomayurbhanj@gmail.com, Phone: 06792-252648

**Tender No.2005 Dated-16.07.2025** for selection and appointment of **Level-I Transport Contractor** for transportation of Wheat from Food Storage Depot (FSD) to Rice Receiving Centre (RRC) in **Mayurbhanj district.**

Cost of Tender Document: **Rs.11,800/- Inclusive of GST.**

District Manager, Odisha State Civil Supplies Corporation Ltd., Mayurbhanj invites tenders through online mode only for the works below:-

| | | |
|---|---|---|
| 1 | Name of the Works | Selection and appointment of Level-I Transport Contractor for transportation of Wheat from Food Storage Depot (FSD) to Rice Receiving Centre (RRC) in Mayurbhanj district. |
| 2 | Availability of tender documents | From Date 19.07.2025 Downloadable from website: www.oscsc.in, www.foododisha.in & www.tendersodisha.gov.in. |
| 3 | Last date and time for **online** submission of completed Tender documents with enclosures | Through e-Procurement Portal: www.tendersodisha.gov.in upto 5.30 PM of dt.18.08.2025 |
| 4 | Date, Time and Venue for opening of Technical bid by the Tender Committee | On dt.19.08.2025 at 11.00 A.M., Place-Office Chamber of ADM (Gen), Mayurbhanj, Baripada |
| 5 | Date, Time and Venue of submission of original documents in support of scanned copies uploaded in the portal for verification | On dt.21.08.2025 at 11.00 A.M., Place-Office Chamber of ADM (Gen), Mayurbhanj, Baripada |
| 6 | Name and address of the Officer Inviting Tender | District Manager, OSCSC Ltd., Mayurbhanj |

Tender document and other details can be seen from e-procurement portal www.oscsc.in, www.foododisha.in & www.tendersodisha.gov.in alongwith district website. Amendment/ Corrigendum/Cancellations/ retenders etc. if any shall be published only in above website.

Sd./- District Manager, OSCSC Ltd., Mayurbhanj

OIPR-07046/11/0011/2526

ସମଗ୍ର ଶିକ୍ଷା / समग्र शिक्षा / Samagra Shiksha

**DISTRICT PROJECT OFFICE, SAMAGRA SHIKSHA, PURI**

(ODISHA SCHOOL EDUCATION PROGRAMME AUTHORITY (OSEPA))

(Department of School & Mass Education, Odisha)

E-mail: dpcpurissa.opepa@nic.in, prgpurissa.opepa@nic.in

Letter No. 4199 — Date: 17.07.25

**NOTICE INVITING TENDER**

Sealed tenders are invited from the reputed & credible printers/ firms/agencies for upgradation of IT equipment at CRC point in two bid systems (Technical & Commercial Bid) as detailed below as per specification given in the tender paper.

| Name of the Tender | Bid Processing Fees | Amount of EMD | Last date & time of receipt of Bid | Date & time of Opening of Technical Bid |
|---|---|---|---|---|
| Sine Wave Inverter | 5000/- | 150000/- | | |
| SSD Drive, RAM and provision of External HDDs for Desktop | 5000/- | 40000/- | | |
| Web Camera with Microphone and Speaker for Desktop | 5000/- | 40000/- | | |

The detailed BID document is available in the website i.e. **puri.odisha.gov.in** & **osepa.odisha.gov.in**. Interested and eligible agency/firm may download Bid Document from the above website and apply accordingly. Corrigendum/Addendum, if required, will be uploaded in the above websites. Hence, potential bidders are requested to be in continuous touch with the above websites.

The Tender Inviting Authority (TIA) reserves the right to accept/ reject any, full or part/all BID/cancel the entire selection process at any stage without assigning any reason thereof.

The sealed tender papers will be received at the District Project Office, Samagra Shiksha, Puri on any working day till 05.08.2025 through Speed Post/Registered Post only. The same will be opened on the dated 06.08.2025 at 11 A.M. in District Project Office, Samagra Shiksha, Puri in presence of the bidders/their authorized representatives & office functionaries. The office will not be held responsible for any kind of postal delay.

Sd./- DEO-cum-District Project Coordinator, SS

**OFFICE OF THE MUNICIPAL COUNCIL, CHOUDWAR** — No.C-685

CUTTACK (ODISHA) PIN - 754071

Phone No. - 0671-2394272(O), Fax No. - 0671-2394272

Letter No. : 1146 — Date :16.07.2025

**QUOTATION CALL NOTICE**

Sealed Quotations are invited in prescribed proforma from intending authorized firms/companies/manufacturers/ suppliers/ agencies/ authorized dealers having up-to-date dealership/ GST Regd. Certificate, PAN card etc. for **supply of Double barrel 100 ltr fogging machine to Choudwar Municipality**. The quotationer shall have to quote the price of the item and unit-wise of their respective company. The rate quoted documents should be submitted to the undersigned on or before **25/07/2025 by 1.00 PM** through Regd. Post/ Speed Post or in person and the same will be opened on **25/07/2025** at **01:30 PM** in the presence of quotationer or their authorized representatives. The Quotation paper cost i.e. 2000/- (Rupees Two Thousand) only in shape of Demand Draft in favour of Executive Officer, Choudwar Municipality towards quotation schedule which is non-refundable. Beyond the date, no quotation shall be entertained. The quotation paper along with terms and conditions is available in the website of Choudwar Municipality i.e., www.choudwarmunicipality.in. Postal delay shall not be taken into consideration. The undersigned reserves the right to reject whole or part of the quotation without assigning any reason thereof.

Sd./- Executive Officer, Choudwar Municipality

OIPR-13138/11/0038/2526

GOVERNMENT OF ODISHA — No. B-315

**OFFICE OF THE SUPERINTENDING ENGINEER GANJAM (R&B) DIVISION NO. II, BERHAMPUR**

Phone/Fax: 0680-2233996, e-mail: sernb2.ganjam@gmail.com

**INVITATION FOR BIDS (IFB) [e-Procurement]**

**TENDER CALL NOTICE**

**Bid Identification No. SC (R&B)-GM-II-06/2025-26**

No. — Dated: 15.07.2025

1) The Superintending Engineer, Ganjam [R&B] Division No.II, Berhampur on behalf of Governor of Odisha invites **percentage rate bid** in Double Cover System (Composite) to be received in **ONLINE MODE** only for the work as detailed below:
2) Nature of Work : Building Work
3) No. of Work : 01 No.
4) Tender Cost : Rs.10,000/-
5) Class of Contractor : 'B' Class
6) Availability of bid documents in the website : From 22.07.2025 10.00 A.M. to 02.08.2025 4.00 P.M.
7) Date of opening of Bid : 04.08.2025 at 11.30 A.M.
8) The bidders have to participate in ONLINE bidding only. Further details can be seen from the website **https://tendersorissa.gov.in**.
9) The bidders must submit all the original uploaded documents within 03 days from opening of the tender.

(Sd./- S. Panigrahi), Superintending Engineer, Ganjam (R&B) Division No. II

OIPR-34080/11/0021/2526

**ବିଜ୍ଞାପିତ ଅଞ୍ଚଳ ପରିଷଦ, ପୋଲସରା, ଗଞ୍ଜାମ**

Email ID: nacpolasara72@gmail.com, Ph. No.: ୦୬୮୧୦-୨୯୧୨୩୫

ପତ୍ର ସଂଖ୍ୟା: 1967 — ତାରିଖ: 14.07.25

**ବିଜ୍ଞାପନ**

No. C-679: ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ପୋଲସରା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନସ୍ଥ ୨୧ଗୋଟି ବନ୍ଧ ୨୦୨୫-୨୬ରୁ ୨୦୨୭-୨୮ ଆର୍ଥିକ ବର୍ଷ ପାଇଁ ଲିଜ୍ ଦିଆଯିବ। ତେଣୁ ଇଚ୍ଛୁକ ଥିବା ବ୍ୟକ୍ତିବିଶେଷ ଆସନ୍ତା ତା୧୬।୦୭।୨୦୨୫ରୁ ତା୩୦।୦୭।୨୦୨୫ରିଖ ମଧ୍ୟରେ ଜଉମୁଦ ଟେଣ୍ଡର ସହିତ ପ୍ରଥମ ଅମାନତ ପଇଠ ରସିଦ ସଂଲଗ୍ନ କରି ଟେଣ୍ଡର ବାକ୍ସରେ ତା୩୦।୦୭।୨୦୨୫ରିଖ ଅପରାହ୍ଣ ୦୫.୦୦ ଘଟିକା ମଧ୍ୟରେ ପକାଇବେ। ଉକ୍ତ ଟେଣ୍ଡରଗୁଡ଼ିକ ଯଥା ତା୩୧।୦୭।୨୦୨୫ରିଖ ଦିବା ୧୧.୦୦ ଘଟିକା ସମୟରେ ଟେଣ୍ଡର ପକାଇଥିବା ବ୍ୟକ୍ତି କିମ୍ବା ସେମାନଙ୍କ ମନୋନୀତ ବ୍ୟକ୍ତିଙ୍କ ଉପସ୍ଥିତିରେ ଖୋଲାଯିବ। ଟେଣ୍ଡର କାଗଜ ବିଜ୍ଞାପିତ ଅଞ୍ଚଳ ପରିଷଦ, ପୋଲସରା କାର୍ଯ୍ୟାଳୟରେ ଛୁଟି ଦିନ ବ୍ୟତୀତ ନିର୍ଦ୍ଧାରିତ ମୂଲ୍ୟରେ ଏହି ପ୍ରକାଶନ ଦିନଠାରୁ ତା୩୦।୦୭।୨୦୨୫ରିଖ ଦିବା ଘ୧୨.୦୦ଟିକା ମଧ୍ୟରେ କାର୍ଯ୍ୟାଳୟ ଦିବସ ଏବଂ ସମୟ ସୀମା ମଧ୍ୟରେ ପାଇପାରିବେ। କର୍ତ୍ତୃପକ୍ଷ ସର୍ବୋଚ୍ଚ ଟେଣ୍ଡର ବା ସମସ୍ତ ଟେଣ୍ଡରକୁ ଗ୍ରହଣ କରିବାକୁ ବାଧ ନୁହନ୍ତି। କର୍ତ୍ତୃପକ୍ଷ କାରଣ ନ ଦର୍ଶାଇ ସମସ୍ତ ଟେଣ୍ଡରକୁ ରଦ୍ଦ ବା ନାକଚ କରି ପାରିବେ। ଉକ୍ତ ଟେଣ୍ଡର ସମ୍ବନ୍ଧୀୟ ସମସ୍ତ ବିବରଣୀ ଏବଂ ସର୍ତ୍ତାବଳୀ ଇତ୍ୟାଦି ବିଜ୍ଞାପିତ ଅଞ୍ଚଳ ପରିଷଦ ପୋଲସରା କାର୍ଯ୍ୟାଳୟରେ ପାଇପାରିବେ। ଲିଜ ପାଇବା ବ୍ୟକ୍ତିଙ୍କୁ ୨୦୨୬-୨୭, ୨୦୨୭-୨୮ ବର୍ଷ ନିମନ୍ତେ ନବୀକରଣ ସରକାରଙ୍କ ନିୟମ ପ୍ରକାରେ ୧୦% ବର୍ଦ୍ଧିତ ଦରରେ କରାଯିବ। ଯଦି ଲିଜ୍ ଦର ପ୍ରଦାନରେ ବିଳମ୍ବ ଅଥବା ବିଫଳ ହୁଅନ୍ତି ତାଙ୍କର ନବୀକରଣ କରାଯିବ ନାହିଁ। ସମସ୍ତ ଲିଜ ସମୟ କାଳ ତାରିଖ ୦୧।୦୮।୨୦୨୫ରୁ ୩୦।୦୬।୨୦୨୮ ପର୍ଯ୍ୟନ୍ତ ରହିବ।

ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ପୋଲସରା

OIPR-13214/11/0029/2526

**VEER SURENDRA SAI UNIVERSITY OF TECHNOLOGY**

PO- ENGINEERING COLLEGE BURLA, DIST-SAMBALPUR,ODISHA-768018

www.vssut.ac.in

No.VSSUT/PGS&R/ 968/2025 — Date: 17.07.2025

No.KK-142

**ADMISSION NOTICE**

**M.Tech Programme (Aerospace Engineering)**

The Veer Surendra Sai University of Technology, Burla invites application for admission into the following Full Time Regular M.Tech. Programme in Aerospace Engineering w.e.f. 19.07.2025, offered by Centre for Space Sciences. The last date for applying online is **29.07.2025**. The interested candidates may apply online. Candidates have to pay a non-refundable application fee **of Rs.500/- (Rs.200/- in case of SC/ST candidates) for completing online application form.** The candidates have to send the duly filled in and signed copy of online application along with other relevant documents, such as - mark sheets, certificates etc., as applicable, by **Speed/Regd. Post only** so as to reach the **Dean, PGS&R, VSSUT, Burla, Sambalpur-768018** by **01.08.2025 (Friday), 5.00 PM.**

| Department | Specialization | Eligibility Criteria |
|---|---|---|
| Centre for Space Sciences | Aerospace Engineering | AICTE approved B.Tech., B.E., B.Sc. Engg., AMIE or equivalent in Aerospace / Aeronautical /Civil / Mechanical / Electrical / Electronics / Instrumentation /Chemical Engineering / any Allied discipline of Engineering or Technology. |

The envelope containing the application should be superscribed as "**Application for M.Tech Programme in Aerospace Engineering 2025**". ***Detailed link for online application and information regarding eligibility and selection process of the programme, is available in University website www.vssut.ac.in***, The authority reserves the right to accept/reject any or all the applications or the entire selection process without assigning any reason thereof.

Sd/- REGISTRAR

OIPR-14072/11/0029/2526

**VEER SURENDRA SAI UNIVERSITY OF TECHNOLOGY**

PO- ENGINEERING COLLEGE BURLA, DIST-SAMBALPUR,ODISHA-768018

www.vssut.ac.in

No.VSSUT/PGS&R/ 970/2025 — Date: 17.07.2025

No.KK-141

**ADMISSION N OTICE**

**Executive M.Tech Programme (Industrial Safety)**

The Veer Surendra Sai University of Technology, Burla invites application for admission into the following Full Time Regular Executive M.Tech Programme (Industrial Safety), 2nd shift in self-financing mode w.e.f. 19.07.2025, offered by Chemical and Bio-Sciences. The last date for applying online is 29.07.2025. The interested candidates may apply online. Candidates have to pay a non-refundable application fee of Rs.500/- (Rs.200/- in case of SC/ST candidates) for completing online application form. The candidates have to send the duly filled in and signed copy of online application along with other relevant documents, such as - mark sheets, certificates etc., as applicable, by **Speed/Regd. Post only** so as to reach the **Dean, PGS&R, VSSUT, Burla, Sambalpur-768018** by **01.08.2025 (Friday), 5.00 PM.**

| Department | Specialization | Eligibility Criteria |
|---|---|---|
| Chemical and Bio-Sciences | Industrial Safety (2nd shift in self-financing mode) | AICTE approved B.Tech., B.E., B.Sc. Engg., AMIE or equivalent programmes in Engineering or Technology with minimum of 2 years of experience in industry / teaching at the level of Assistant Engineer/ Lecturer/ Assistant Professor or above. The candidates are required to apply through proper channel or with NOC from the employer. |

The envelope containing the application should be superscribed as "Application for Executive M.Tech Programme in Industrial Safety 2025". Detailed link for online application and information regarding eligibility and selection process of the programme, is available in University website www.vssut.ac.in, The authority reserves the right to accept/reject any or all the applications or the entire selection process without assigning any reason thereof.

Sd/- REGISTRAR

OIPR-14072/11/0027/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କାରଖାନାରୁ ଗ୍ୟାସ୍ ଲିକ୍, ୫ ଆହତ

**ଅନୁଗୋଳ,୧୮।୭(ମାନସ ବିଶ୍ୱାଳ)**

ଅନୁଗୋଳ ସହର ଉପକଣ୍ଠରେ ଅବସ୍ଥିତ ଏକ ଘରୋଇ କମ୍ପାନୀର କାରଖାନାରୁ ଶୁକ୍ରବାର ଗ୍ୟାସ୍ ଲିକ୍ ହେବା ଫଳରେ ୫ ଜଣ ଶ୍ରମିକ ଓ କର୍ମଚାରୀ ଆହତ ହୋଇଛନ୍ତି। ଉକ୍ତ ଘରୋଇ କମ୍ପାନୀର ପ୍ଲେଟ ମିଲ୍‌ରେ ଅପରାହ୍ଣରେ କାର୍ଯ୍ୟ ଜାରି ରହିଥିବା ବେଳେ ହଠାତ ଯାନ୍ତ୍ରିକ ତ୍ରୁଟି ଯୋଗୁ ଏହି ଗ୍ୟାସ୍ ଲିକ୍ ହୋଇଥିଲା। ଘଟଣା ସମ୍ପର୍କରେ ଜଣାପଡ଼ିବା ମାତ୍ରେ ପ୍ଲେଟ ମିଲ୍‌ର କର୍ମଚାରୀ ଓ ଶ୍ରମିକମାନେ ସେଠାରୁ ବାହାରକୁ ପଳାଇଥିବା ବେଳେ ୫ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣ ଅଧିକ ଆହତ ହୋଇଥିବା ବେଳେ ୩ ଜଣ ସାମାନ୍ୟ ଆହତ ହୋଇଛନ୍ତି। ସମସ୍ତଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ଉନ୍ନତ ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।



ବାଣୀ କପୁର

# ବୟକଟ୍ କଲ୍‌ଚର ବନ୍ଦ ହେଉ: ବାଣୀ

**ମୁମ୍ବାଇ**

ସମ୍ପ୍ରତି ବଲିଉଡ୍‌ର ପ୍ରତିଭାଶାଳୀ ଅଭିନେତ୍ରୀମାନଙ୍କ ମଧ୍ୟରୁ ବାଣୀ କପୁର ଅନ୍ୟତମ। ସମ୍ପ୍ରତି ସେ ତାଙ୍କ ଆଗାମୀ ୱେବସିରିଜ୍ 'ମଣ୍ଡାଲା ମର୍ଡର୍ସ'ର ପ୍ରମୋଶନରେ ବ୍ୟସ୍ତ ଅଛନ୍ତି। ଏହି ୱେବସିରିଜ୍ ଆସନ୍ତା ୨୫ ତାରିଖରୁ ଷ୍ଟ୍ରିମିଂ ହେବ। ତେବେ 'ମଣ୍ଡାଲା ମର୍ଡର୍ସ'ର ପ୍ରମୋଶନ ବେଳେ ଶୁକ୍ରବାର ବାଣୀ ତାଙ୍କୁ ନେଇ ବିଗତ ଦିନରେ କରାଯାଇଥିବା ବିଭିନ୍ନ ଟ୍ରୋଲ୍ସ ଏବଂ ବୟକଟ ଟ୍ରେଣ୍ଡକୁ ବିରୋଧ କରିଛନ୍ତି। ସେ କହିଛନ୍ତି, ସମ୍ପ୍ରତି ଭାରତରେ ବୟକଟ ଏବଂ ବ୍ୟାନ୍ ଟ୍ରେଣ୍ଡ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଲୋକମାନେ ସେମାନଙ୍କୁ ପସନ୍ଦ ଆସୁ ନ ଥିବା ଚଳଚ୍ଚିତ୍ର ଏବଂ ତାରକାମାନଙ୍କ ବିରୋଧରେ ସୋସିଆଲ ମିଡିଆରେ ବୟକଟ ଏବଂ ବ୍ୟାନ୍‌ର ଟ୍ରେଣ୍ଡ ଚଳାଉଛନ୍ତି। ଭାରତରେ ଏପରି ସଂସ୍କୃତି ବନ୍ଦ ହେବାର ଆବଶ୍ୟକତା ରହିଛି। ସମ୍ପ୍ରତି ଲୋକମାନେ ପରସ୍ପରକୁ ନେଇ ବହୁତ କଠୋର ହୋଇଯାଉଛନ୍ତି। ଏପରି ମାନସିକତା ବନ୍ଦ ହେବା ଆବଶ୍ୟକ ବୋଲି ସେ କହିଛନ୍ତି। ପ୍ରକାଶ ଯେ, 'ଅବିର ଗୁଲାଲ' ଫିଲ୍ମରେ ବାଣୀ ପାକିସ୍ତାନୀ ଅଭିନେତା ଫୱାଦ୍ ଖାନ୍‌ଙ୍କ ସହ କାର୍ଯ୍ୟ କରିଥିଲେ। ପହଲଗାମ୍ ଆକ୍ରମଣ ପରେ ଭାରତରେ ଏହି ଫିଲ୍ମର ରିଲିଜ୍ ଉପରେ କେନ୍ଦ୍ର ସରକାର କଟକଣା ଲଗାଇଥିଲେ। ତେବେ ପାକିସ୍ତାନୀ ଅଭିନେତାଙ୍କ ସହ କାର୍ଯ୍ୟ କରିଥିବାରୁ ବାଣୀଙ୍କ ଫିଲ୍ମଗୁଡ଼ିକୁ ବୟକଟ୍ କରିବା ପାଇଁ ସୋସିଆଲ ମିଡିଆରେ କିଛି ୟୁଜର୍ସ ଟ୍ରେଣ୍ଡ୍ ଚଳାଇଥିଲେ।

# ହାଇକୋର୍ଟରେ ଶୁଣାଣି ଶେଷ, ରାୟ ସଂରକ୍ଷିତ

## ବିଷ୍ଣୁପଦ ସେଠୀଙ୍କୁ ଆଗୁଆ ଜାମିନ ମାମଲା

**କଟକ,୧୮।୭(କାର୍ତ୍ତିକ ସାହୁ)**

ଆଇଏଏସ୍ ଅଧିକାରୀ ବିଷ୍ଣୁପଦ ସେଠୀଙ୍କ ଆଗୁଆ ଜାମିନ ଆବେଦନ ମାମଲାର ଶୁଣାଣି ହାଇକୋର୍ଟରେ ଶୁକ୍ରବାର ଶେଷ ହୋଇଛି। ଜଷ୍ଟିସ ଭି. ନରସିଂହ ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି କରି ରାୟ ସଂରକ୍ଷିତ ରଖିଛନ୍ତି। ରାୟ ପ୍ରକାଶ ପର୍ଯ୍ୟନ୍ତ ଅନ୍ତରୀଣ ନିର୍ଦ୍ଦେଶ ବଳବତ୍ତର ରହିବ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି। ସୂଚନାନୁସାରେ, ଲାଞ୍ଚ କାରବାରରେ କେନ୍ଦ୍ରୀୟ ଯାଞ୍ଚ ବ୍ୟୁରୋ (ସିବିଆଇ) ବିଷ୍ଣୁପଦଙ୍କ ନାମରେ ମାମଲା ରୁଜୁ କରିଥିଲା। ଏହି ମାମଲା ଖାରଜ କରିବା ସହ ଆଗୁଆ ଜାମିନ ପାଇଁ ସେଠୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜୁଲାଇ ୩ରେ ମାମଲାର ଶୁଣାଣି କରି ହାଇକୋର୍ଟ ସେଠୀଙ୍କୁ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଥିଲେ। ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେଶନ ଲିମିଟେଡ୍ ସମ୍ପର୍କିତ ଏକ ବିଲ୍ ପାସ୍ ପାଇଁ ୧୦ ଲକ୍ଷ ଟଙ୍କା ଲାଞ୍ଚ କାରବାର ଅଭିଯୋଗରେ ସେଠୀଙ୍କ ଘରେ ସିବିଆଇ ଚଢ଼ାଉ କରି ବିଭିନ୍ନ ରେକର୍ଡପତ୍ର ଯାଞ୍ଚ କରିଥିଲା। ତାଙ୍କର ଏବଂ ସ୍ତ୍ରୀଙ୍କ ନାମରେ ଥିବା ଆକାଉଣ୍ଟ ସିବିଆଇ ପକ୍ଷରୁ ଅଚଳ କରି ଦିଆଯାଇଥିଲା। ଏହି ଘଟଣାରେ ବିନା କାରଣରେ ତାଙ୍କୁ ଓ ତାଙ୍କ ପରିବାରକୁ ଟଣାଯାଉଛି ବୋଲି ସେଠୀ ମାମଲାରେ ଦର୍ଶାଇଥିଲେ। ଅଦାଲତରେ ସିବିଆଇ କେସ୍ ଡାଏରୀ ଓ ତଦନ୍ତର ସ୍ଥିତି ଦାଖଲ କରିଥିଲା। ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ଅଦାଲତ ରାୟକୁ ସଂରକ୍ଷିତ ରଖିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଦେବାଶିଷ ପଣ୍ଡା ମାମଲା ପରିଚାଳନା କରୁଛନ୍ତି।


# Classified Everyday

0674-2580101, 9692975378



## REAL ESTATE

## SALE

6.4 Decimal plot for sale, sthitiban and gharabari, Municipal Road facing, wide frontage approx. 50', area approx. 2800sqft., ahead of Dakbunglow and Post Office, with boundary wall, in the middle of locality in Jatni Municipality Township close to Bhubaneswar, NISER and IIT. Contact Owner: 8335080230. No Brokers please. D-1338

ଗୃହୋପଯୋଗୀ **Single** ପ୍ଲଟ୍ ପାଚେରି ସହିତ ହଂସପାଳ ମୁଖ୍ୟ କେନାଲ୍ ପାଖରେ **2100sqft. area** ବିକ୍ରିହେବ। **6370469894.** D-76292

**3BHK ready to move flat for sale at Jayadev Vihar Square, 2/4 BHK flat for sale at Hansapal Square, NH facing. Contact No.- 9437307086, 7008789347.** D-1241

Buy Or Sale Property: 8984071303 - Wanted Yellow Zone Gharabari Land on Outright/Sharing Basis minimum 30' Road around Bhubaneswar for Housing Purpose. D-1345

କଟକ ମହାନଦୀବିହାରରେ **2/3 BHK flat** ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ **3BHK duplex readymade** ଅଛି। **8327785834.** D-76286

ଭୁବନେଶ୍ୱର ହଂସପାଳ ଭିଙ୍ଗାରପୁର ପାଖରେ **1300sqft. 5,80,000/-** ପ୍ଲଟ୍ ବିକ୍ରିହେବ। **9114705579.** D-76288

**4.52 Acres of gharabari land with boundary for sale near Satasankha Puri, Price- 6.15Cr. Only outright basis. 9438400633 (Brokers not allowed).** D-76293

1BHK, 15 lakhs Patia, 1BHK 25 lakhs Khandagiri AIIMS. For sale 9777097322 D- 1319

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:— classifieddharitri@gmail.com



5800sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-1278

**Commercial space 4000sqft. and 2BHK flat for Office or Residence purpose at Ganesh Mandap Chhaka, Jharpada Jailroad, Bhubaneswar. Contact- 9040096747 / 9040096740.** D-75391





Newly open health benefits SPA by expert therapist. Contact- 8280961126. D-76928

All types hair cutting Body Massage by Smart lady one hour 700/-, room Services Available contact- 7788888200 D-76301

Newly open SPA positively health benefits (expert therapist). Contact- 7327030529. D-76929

Positively health benefits SPA expert female therapist homely atmosphere. 9114559860. D-1310


## AFFIDAVIT

By virtue of an affidavit sworn before the Executive Magistrate, Sohela No.02, dated 18.07.25, I Pankajini Dansana, W/o- Ratish Barik, R/o. Village- Bisipali, P.O.- J.Srigida, P.S.- Sohela, Dist.- Bargarh, Odisha declare that I have changed my name from Pankajini Barik to Pankajini Dansana. Henceforth, I shall be known as Pankajini Dansana for all purposes.

Pankajini Dansana

D-1340

By an affidavit Executed before an Executive Magistrate, Rayagada, vide DR No.- 518/2025, dated 13.06.2025, I have changed and corrected my wrong name from G. CHANDAN SABAR, S/o- G.TARAYYA to my actual and right name CHANDAN SABAR, S/o- KARIA SABAR and from today onward I will be known as CHANDAN SABAR, S/o- KARIA SABAR in all official records.

Sd./- CHANDAN SABAR,
S/o KARIA SABAR

D-1339

I, Sri Sadeb Pangi declared that as per affidavit No.- 57, dtd. 1.7.2025 before the Executive Magistrate, Nandapur my sons Old name Buja Pangi has been changed to Reli Pangi. Henceforth, he will be known as Reli Pangi, son of Sadeb Pangi, At- Narigan, P.O.- Chatwa, Dist.- koraput for all purposes. D-1335

By virtue an affidavit before Executive Magistrate, Kantabanji on 18.7.2025, I Ananta Bag, S/o- Jayeswar Bag of Village/P.O.- Sulekela, P.S.- Belpada, Dist.- Bolangir hereby declare that in my Educational documents my name is mentioned as Ananta Bag, S/o- Jayeswar Bag and Date of Birth i.e. 02.04.1999 is true and correct but in my Aadhaar Card my name and my father's name is wrongly entered as Amit Kumar Bagh, S/o- Jesar Bagh whereas Ananta Bag, S/o- Jayeswar Bag and Amit Kumar Bagh, S/o- Jesar Bagh is same and one and I known as per my Educational Certificate. D-1341


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## LEGAL NOTICE

ଅର୍ଡର- ୫, ରୁଲ୍- ୨୦ (୧କ) ମତେ ନୋଟିସ୍
ଭୁବନେଶ୍ୱର ମୁକାମ ଦେୱାନୀ ବିଚାରପତି (ବରିଷ୍ଠ ବିଭାଗ)ଙ୍କ ଅଦାଲତ, ଭୁବନେଶ୍ୱର
ଆ. ଏ ନଂ- ୧/୨୦୨୪
ଆରାଇଜିଙ୍ଗ ଆଉଟ ଅଫ ସି. ଏସ୍. ନଂ- ୧୬୪୯/୨୦୨୪

ଶ୍ରୀ ପ୍ରଭାତ କୁମାର ବରାଳ, ବୟସ ୬୮ ବର୍ଷ, ପିତା- ମୃତ ରଘୁନାଥ ବରାଳ, ପୋଷ୍ଟ/ସାକିନ- ଜହ୍ନିମୁଳ, ଜିଲ୍ଲା- କେନ୍ଦ୍ରାପଡ଼ା, ବର୍ତ୍ତମାନର ଠିକଣା: ସା- ଇନଫୋସିଟ୍ ଗ୍ରୀନ୍ ଆପାର୍ଟମେଣ୍ଟ, ଫ୍ଲାଟ୍ ନଂ.- ଡି/୧୦୩, ପୋଷ୍ଟ- ଶୈଳଶ୍ରୀବିହାର, ଜିଲ୍ଲା- ଖୋର୍ଦ୍ଧା
.....ବାଦୀ

ବନାମ

୧- ପ୍ରମିଳା ବରାଳ, ବୟସ ୮୩ ବର୍ଷ, ସ୍ୱାମୀ- ମୃତ ରଘୁନାଥ ବରାଳ, ସାକିନ/ପୋଷ୍ଟ- ଜହ୍ନିମୁଳ, ଭାୟା- ଚାନ୍ଦୋଳ, ଜିଲ୍ଲା- କେନ୍ଦ୍ରାପଡ଼ା, ୨- ଶ୍ରୀମତୀ ପ୍ରତିଭା ବରାଳ, ବୟସ ୫୯ ବର୍ଷ, ସ୍ୱାମୀ- ମନମୋହନ ମଲ୍ଲ, ସାକିନ- ମାହାରକୁଳ, ପୋଷ୍ଟ- କଣ୍ଟିଆ, ଥାନା/ଜିଲ୍ଲା- କେନ୍ଦ୍ରାପଡ଼ା, ୩- ଶ୍ରୀମତୀ ପ୍ରସନ୍ନା ବରାଳ, ବୟସ ୫୬ ବର୍ଷ, ସ୍ୱାମୀ- ରମାକାନ୍ତ ସାମଲ, ସାକିନ- ସତ୍ୟଭାମାପୁର, ପୋ- ଗୋପୀନାଥପୁର, ଭାୟା- ବୋହୁଗ୍ରାମ, ଜିଲ୍ଲା- କଟକ, ୪- ଶ୍ରୀମତୀ ପ୍ରମୋଦା ନାୟକ, ବୟସ ୫୩ ବର୍ଷ, ସ୍ୱାମୀ- ସୁମୋହନ ନାୟକ, ସାକିନ- ତେଲଦିଆ, ପୋଷ୍ଟ- ଭାଗବତପୁର, ଥାନା/ଜିଲ୍ଲା- କେନ୍ଦ୍ରାପଡ଼ା। ବର୍ତ୍ତମାନର ଠିକଣା: ପ୍ଲଟ ନଂ- ୭୭୯/୭୧୯୮, ଲେନ୍ ନଂ- ୨/୩ର ଶେଷ, ଦୁର୍ଗାମାଧବନଗର, ପୋଷ୍ଟ- ମହାଲକ୍ଷ୍ମୀ ବିହାର, ଭରତପୁର, ଭୁବନେଶ୍ୱର, ୫- ଶ୍ରୀମତୀ ପୁଷ୍ପାଞ୍ଜଳୀ ବରାଳ, ବୟସ ୫୦ ବର୍ଷ, ସ୍ୱାମୀ- ସୁବାସ ଚନ୍ଦ୍ର ନାୟକ, ସାକିନ- ଗହଗା, ପୋଷ୍ଟ- ଗହଗା, ନରସିଂହପୁର, ଭାୟା- ଦାନପୁର, ଥାନା/ଜିଲ୍ଲା- କେନ୍ଦ୍ରାପଡ଼ା, ୬- ଶ୍ରୀମତୀ ପ୍ରତିଜ୍ଞା ବରାଳ, ବୟସ ୪୮ ବର୍ଷ, ପିତା- ମୃତ ରଘୁନାଥ ବରାଳ, ସାକିନ/ପୋଷ୍ଟ- ଜହ୍ନିମୁଳ, ଭାୟା- ଚାନ୍ଦୋଳ, ଜିଲ୍ଲା- କେନ୍ଦ୍ରାପଡ଼ା, ୭- ଶ୍ରୀ ସ୍ୱରାଜ ବରାଳ, ବୟସ ୪୫ ବର୍ଷ, ପିତା- ମୃତ ରଘୁନାଥ ବରାଳ, ଏକମ୍ ହାଉସ, ୮ ମହୁ, କ୍ରିସ୍‌ଲେଣ୍ଟ, ଅକଲାଣ୍ଡ- ୧୦୧୦, ପୋଷ୍ଟ- ବକ୍ସ- ୪୨୪୧, ସର୍ଟଲାଣ୍ଡ ଷ୍ଟ୍ରିଟ, ଅକଲାଣ୍ଡ, ୧୦୪୦ ନିଉଜଲାଣ୍ଡ, ଫାକ୍ସ ନଂ.- +୬୪୯୯୬୭୯୨୦୧, ଡବ୍ଲୁ ଡବ୍ଲୁ ଡବ୍ଲୁ ଏଇକମ ଡଟ୍‌କମ୍, ୮- ସେକ ଅରମାନ, ବୟସ ୩୪ ବର୍ଷ, ପିତା- ସେକ୍ ଇସକ, ପ୍ଲଟ ନଂ- ଏନ୍ ୨/୯୪ ଆଇଆରସି ଭିଲେଜ, ପୋ- ନୟାପଲ୍ଲୀ, ଜିଲ୍ଲା- ଖୋର୍ଦ୍ଧା, ଭୁବନେଶ୍ୱର, ଓଡ଼ିଶା
.....ପ୍ରତିବାଦୀମାନେ

ଏହି କି ତୁମ୍ଭେ ଶ୍ରୀମତୀ ପ୍ରତିଭା ବରାଳ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀ ନଂ- ୨ ଅଟ। ତୁମ୍ଭଙ୍କୁ ତୁମ୍ଭ ଉପରୋକ୍ତ ଠିକଣାରେ ବାରମ୍ବାର ସମନ ଜାରି କରାଗଲେ ମଧ୍ୟ ତୁମ୍ଭେ ଜାଣିଶୁଣି କୋର୍ଟଙ୍କ ଦ୍ୱାରା ପ୍ରେରିତ ସମନକୁ ଗ୍ରହଣ କରୁନାହଁ। ତେଣୁ ତୁମ୍ଭଙ୍କୁ ଏତଦ୍ଦ୍ୱାରା ଜଣାଇ ଦିଆଯାଉଅଛି କି ତା- ୦୨।୦୮।୨୦୨୫ରିଖ ଦିବା ୧୦.୩୦ ମିନିଟ ସମୟରେ ଉପର ବର୍ଣ୍ଣିତ ମୋକଦ୍ଦମାରେ ହାଜର ହୋଇ ତୁମ୍ଭର ପକ୍ଷ ରଖିବ। ନଚେତ୍ ମୋକଦ୍ଦମାଟି ଆଇନ ଅନୁଯାୟୀ ବିଚାର କରାଯିବ।

ତଫସିଲ ସଂପତ୍ତି

ମୌଜା- ଅନ୍ଧାରୁଆ, ଥାନା- ଚନ୍ଦକା, ତହସିଲ- ଭୁବନେଶ୍ୱର, ଜିଲ୍ଲା- ପୁରୀ, ବର୍ତ୍ତମାନର ଖୋର୍ଦ୍ଧା, ହାଲ ଖାତା ନଂ- ୧୯୪୦, ପ୍ଲଟ ନଂ- ୬୭୦୯/୮୩୩୧ ଏକର ୦.୧୫୦ ଡିସିମିଲ। ଏହାର ସାବିକ ଖାତା ନଂ- ୧୫୫, ପ୍ଲଟ ନଂ- ୨୦୯୧ (ଅଂଶ)।

ସ୍ୱାକ୍ଷର- ଦେୱାନୀ ବିଚାରପତି
(ବରିଷ୍ଠ ବିଭାଗ), ଭୁବନେଶ୍ୱର

ଧ-୧୩୩୬

ଅର୍ଡର- ୫, ରୁଲ୍- ୨୦ (୧କ) ମତେ ନୋଟିସ୍
ଭୁବନେଶ୍ୱର ମୁକାମ ଦେୱାନୀ ବିଚାରପତି (ବରିଷ୍ଠ ବିଭାଗ)ଙ୍କ ଅଦାଲତ, ଭୁବନେଶ୍ୱର
ସି. ଏସ୍ ନମ୍ବର- ୧୬୪୯/୨୦୨୪

ଶ୍ରୀ ପ୍ରଭାତ କୁମାର ବରାଳ, ବୟସ ୬୮ ବର୍ଷ, ପିତା- ମୃତ ରଘୁନାଥ ବରାଳ, ପୋଷ୍ଟ/ସାକିନ- ଜହ୍ନିମୁଳ, ଜିଲ୍ଲା- କେନ୍ଦ୍ରାପଡ଼ା, ବର୍ତ୍ତମାନର ଠିକଣା, ସା- ଇନଫୋସିଟ୍ ଗ୍ରୀନ୍ ଆପାର୍ଟମେଣ୍ଟ, ଫ୍ଲାଟ୍ ନଂ.- ଡି/୧୦୩, ପୋଷ୍ଟ- ଶୈଳଶ୍ରୀବିହାର, ଜିଲ୍ଲା- ଖୋର୍ଦ୍ଧା
....ବାଦୀ

ବନାମ

୧- ପ୍ରମିଳା ବରାଳ, ବୟସ ୮୩ ବର୍ଷ, ସ୍ୱାମୀ- ମୃତ ରଘୁନାଥ ବରାଳ, ସାକିନ/ପୋଷ୍ଟ- ଜହ୍ନିମୁଳ, ଭାୟା- ଚାନ୍ଦୋଳ, ଜିଲ୍ଲା- କେନ୍ଦ୍ରାପଡ଼ା, ୨- ଶ୍ରୀମତୀ ପ୍ରତିଭା ବରାଳ, ବୟସ ୫୯ ବର୍ଷ, ସ୍ୱାମୀ- ମନମୋହନ ମଲ୍ଲ, ସାକିନ- ମାହାରକୁଳ, ପୋଷ୍ଟ- କଣ୍ଟିଆ, ଥାନା/ଜିଲ୍ଲା- କେନ୍ଦ୍ରାପଡ଼ା, ୩- ଶ୍ରୀମତୀ ପ୍ରସନ୍ନା ବରାଳ, ବୟସ ୫୬ ବର୍ଷ, ସ୍ୱାମୀ- ରମାକାନ୍ତ ସାମଲ, ସାକିନ- ସତ୍ୟଭାମାପୁର, ପୋ- ଗୋପୀନାଥପୁର, ଭାୟା- ବୋହୁଗ୍ରାମ, ଜିଲ୍ଲା- କଟକ, ୪- ଶ୍ରୀମତୀ ପ୍ରମୋଦା ନାୟକ, ବୟସ ୫୩ ବର୍ଷ, ସ୍ୱାମୀ- ସୁମୋହନ ନାୟକ, ସାକିନ- ତେଲଦିଆ, ପୋଷ୍ଟ- ଭାଗବତପୁର, ଥାନା/ଜିଲ୍ଲା- କେନ୍ଦ୍ରାପଡ଼ା। ବର୍ତ୍ତମାନର ଠିକଣା: ପ୍ଲଟ ନଂ- ୭୭୯/୭୧୯୮ ଲେନ୍ ନଂ- ୨/୩ ର ଶେଷ, ଦୁର୍ଗାମାଧବନଗର, ପୋଷ୍ଟ- ମହାଲକ୍ଷ୍ମୀ ବିହାର, ଭରତପୁର, ଭୁବନେଶ୍ୱର, ୫- ଶ୍ରୀମତୀ ପୁଷ୍ପାଞ୍ଜଳୀ ବରାଳ, ବୟସ ୫୦ ବର୍ଷ, ସ୍ୱାମୀ- ସୁବାସ ଚନ୍ଦ୍ର ନାୟକ, ସାକିନ- ଗହଗା, ପୋଷ୍ଟ- ଗହଗା, ନରସିଂହପୁର, ଭାୟା- ଦାନପୁର, ଥାନା/ଜିଲ୍ଲା- କେନ୍ଦ୍ରାପଡ଼ା, ୬- ଶ୍ରୀମତୀ ପ୍ରତିଜ୍ଞା ବରାଳ, ବୟସ ୪୮ ବର୍ଷ, ପିତା- ମୃତ ରଘୁନାଥ ବରାଳ, ସାକିନ/ପୋଷ୍ଟ- ଜହ୍ନିମୁଳ, ଭାୟା- ଚାନ୍ଦୋଳ, ଜିଲ୍ଲା- କେନ୍ଦ୍ରାପଡ଼ା, ୭- ଶ୍ରୀ ସ୍ୱରାଜ ବରାଳ, ବୟସ ୪୫ ବର୍ଷ, ପିତା- ମୃତ ରଘୁନାଥ ବରାଳ, ଏକମ୍ ହାଉସ, ୮ ମହୁ, କ୍ରିସ୍‌ଲେଣ୍ଟ, ଅକଲାଣ୍ଡ- ୧୦୧୦, ପୋଷ୍ଟ- ବକ୍ସ- ୪୨୪୧, ସର୍ଟଲାଣ୍ଡ ଷ୍ଟ୍ରିଟ, ଅକଲାଣ୍ଡ ୧୦୪୦ ନିଉଜଲାଣ୍ଡ, ଫାକ୍ସ ନଂ- +୬୪୯୯୬୭୯୨୦୧, ଡବ୍ଲୁ ଡବ୍ଲୁ ଡବ୍ଲୁ ଏଇକମ ଡଟ୍‌କମ୍, ୮- ସେକ ଅରମାନ, ବୟସ ୩୪ ବର୍ଷ, ପିତା- ସେକ୍ ଇସକ, ପ୍ଲଟ ନଂ- ଏନ୍ ୨/୯୪, ଆଇଆରସି ଭିଲେଜ, ପୋ- ନୟାପଲ୍ଲୀ, ଜିଲ୍ଲା- ଖୋର୍ଦ୍ଧା, ଭୁବନେଶ୍ୱର, ଓଡ଼ିଶା
....ପ୍ରତିବାଦୀମାନେ

ଏହି କି ତୁମ୍ଭେ ଶ୍ରୀମତୀ ପ୍ରତିଭା ବରାଳ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀ ନଂ- ୨ ଅଟ। ତୁମ୍ଭଙ୍କୁ ତୁମ୍ଭ ଉପରୋକ୍ତ ଠିକଣାରେ ବାରମ୍ବାର ସମନ ଜାରି କରାଗଲେ ମଧ୍ୟ ତୁମ୍ଭେ ଜାଣିଶୁଣି କୋର୍ଟଙ୍କ ଦ୍ୱାରା ପ୍ରେରିତ ସମନକୁ ଗ୍ରହଣ କରୁନାହଁ। ତୁମ୍ଭଙ୍କୁ ଏତଦ୍ଦ୍ୱାରା ଜଣାଇ ଦିଆଯାଉଅଛି କି ତା୦୨।୦୮।୨୦୨୫ରିଖ ଦିବା ୧୦.୩୦ ମିନିଟ ସମୟରେ ଉପର ବର୍ଣ୍ଣିତ ମୋକଦ୍ଦମାରେ ହାଜର ହୋଇ ତୁମ୍ଭର ପକ୍ଷ ରଖିବ। ନଚେତ ମୋକଦ୍ଦମାଟି ଆଇନ ଅନୁଯାୟୀ ବିଚାର କରାଯିବ।

ତଫସିଲ ବୃତ୍ତି

ମୌଜା- ଅନ୍ଧାରୁଆ, ଥାନା- ଚନ୍ଦକା, ତହସିଲ- ଭୁବନେଶ୍ୱର, ଜିଲ୍ଲା- ପୁରୀ, ବର୍ତ୍ତମାନର ଖୋର୍ଦ୍ଧା, ହାଲ୍ ଖାତା ନଂ.- ୧୯୪୦, ପ୍ଲଟ୍ ନଂ.- ୬୭୦୯/୮୩୩୧ ଏକର ୦.୧୫୦ ଡିସିମିଲ। ଏହାର ସାବିକ ଖାତା ନଂ.- ୧୫୫, ପ୍ଲଟ ନଂ- ୨୦୯୧ (ଅଂଶ)।

ସ୍ୱାକ୍ଷର- ଦେୱାନୀ ବିଚାରପତି
(ବରିଷ୍ଠ ବିଭାଗ), ଭୁବନେଶ୍ୱର

ଧ-୧୩୩୬

**न्यायालय अतिरिक्त कलेक्टर एवं विवाह अधिकारी, रायगढ़ (छ.ग.) ईश्तहार**

सर्व साधारण को एतद् द्वारा सूचित किया जाता है कि आवेदक सुभांकर सिन्हा आ. अचिंता सिन्हा, उम्र 27 वर्ष, जाति-कायस्त, निवासी-आजाद चौक, इको बैंक के पास, बेलपहाड़, थाना-बेलपहाड़, तहसील-लखनपुर, जिला-झारसुगुड़ा (ओडिसा) एवं आवेदिका मोसमी मल्लिक आ. समीर मल्लिक, उम्र-27 वर्ष, जाति-कायस्त, निवासी-देवारपारा, खेतपारा, वार्ड नं. 38 रायगढ़, थाना-जूटमिल रायगढ़, तहसील व जिला- रायगढ़ (छ.ग.) के द्वारा इस न्यायालय में विशेष विवाह अधिनियम 1954 की धारा 5 के तहत् आवेदन पत्र प्रस्तुत कर आशयित विवाह की सूचना दी गई। उक्त प्रकरण की सुनवाई दिनांक 04.08.2025 को 03.00 बजे मेरे न्यायालय में होगी। उभयपक्ष के विवाह के संबंध में जिस किसी को आपत्ति / उजर करना हो वे निर्धारित तिथि एवं समयके पूर्व स्वयं अथवा अपने अभिभाषक के माध्यम से उपस्थित होकर प्रस्तुत कर सकते हैं। निर्धारित समयावधि के पश्चात् प्राप्त आपत्ति / उजर पर सुनवाई नहीं की जायेगी। आज दिनांक 30-06-2025 को मेरे हस्ताक्षर एवं न्यायालय की मुद्रा के अधीन जारी किया गया।

**अतिरिक्त कलेक्टर एवं**
**विवाह अधिकारी रायगढ़ (छ.ग.)**

D-1343


Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

ଧରିତ୍ରୀ DHARITRI

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।

Q199723846@ybl | T&C Apply

BHIM UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


# ମନେ ପଡ଼ନ୍ତି

## ଦ୍ୱାବିଂଶତମ ଶ୍ରାଦ୍ଧବାର୍ଷିକୀ



**ଁ ଶୀପ୍ରା ଦାଶ**

ଗ୍ରାମ-ବୀରରାମଚନ୍ଦ୍ରପୁର(୩ୟ ଖଣ୍ଡି), ସାକ୍ଷୀଗୋପାଳ, ଜିଲ୍ଲା-ପୁରୀ


ତିରୋଧାନ: ୨୨.୦୭.୨୦୦୩

ନିନା, ୨୨ବର୍ଷର ଶୂନ୍ୟତା ପ୍ରତି ମୁହୂର୍ତ୍ତରେ ଆମ୍ଭେ ଅନୁଭବ କରୁଅଛୁ। ତୁମର ସ୍ନେହ, ଶ୍ରଦ୍ଧା, ଆଦର୍ଶ ଓ ଭଲପାଇବା ସଦାସର୍ବଦା ଆମ୍ଭର ପାଥେୟ। ତୁମର କର୍ତ୍ତବ୍ୟନିଷ୍ଠା, ସମୟାନୁବର୍ତ୍ତିତା, ସରଳତା ଏବଂ ନିଷ୍ଠାପର ଭାବ ଆମ୍ଭର ଚିରସ୍ମରଣୀୟ ହୋଇ ରହିବ। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା।

-: ଶୋକସନ୍ତପ୍ତ :-
ସ୍ୱାମୀ-ମନୋଜ କୁମାର ଦାଶ ଓ ପରିବାରବର୍ଗ

ଧ-୭୬୨୮୯

## ୧୩ତମ ଶ୍ରାଦ୍ଧବାର୍ଷିକ



**ସ୍ୱର୍ଗତ ଡାକ୍ତର କୈଳାସ ଚନ୍ଦ୍ର ମହାନ୍ତି**

ତିରୋଧାନ: ୧୨।୦୭।୨୦୧୨
(ଶ୍ରାବଣ କୃଷ୍ଣପକ୍ଷ ନବମୀ ତିଥି)

ଗ୍ରାମ-ଜଳପୋକ, ଜିଲ୍ଲା-କେନ୍ଦ୍ରାପଡ଼ା

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

-:ଶୋକସନ୍ତପ୍ତ:-
ପତ୍ନୀ-ଅନସୂୟା ମହାନ୍ତି,
ପୁଅ: ଜନ୍ମେଜୟ ମହାନ୍ତି, ବୋହୂ: କୃଷ୍ଣପ୍ରିୟା ମହାନ୍ତି, ପୁଅ: ମୃତ୍ୟୁଞ୍ଜୟ ମହାନ୍ତି, ମମତାଞ୍ଜଳି ମହାନ୍ତି, ନାତୁଣୀ: ଶାଶ୍ୱତୀ ମହାନ୍ତି ଏବଂ ପରିବାରବର୍ଗ।

ଧ-୧୩୪୭

## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ଁବିକ୍ରମ କେଶରୀ ବରାଳ**

ଆବିର୍ଭାବ: ୧୭।୦୬।୧୯୬୯
ତିରୋଧାନ: ୧୭।୦୭।୨୦୦୮

ଆଜକୁ ଦୀର୍ଘ ୧୭ବର୍ଷ ହେବ ତୁ ସମସ୍ତଙ୍କୁ ଛାଡ଼ି ଚାଲିଯାଇଛୁ। ଆଜି ବି ମୋ ଆଖି ଆଗରେ ତୋ'ର ଶାନ୍ତ, ସରଳ ଚେହେରା ନାଚି ଯାଉଛି। ତୋ'ର ସେହି ଛାତ୍ର ବତ୍ସଳତା, ଆଉ ଶିକ୍ଷା ପ୍ରତି ଥିବା ତୋ'ର ଭଲପାଇବାକୁ କେହି ଭୁଲି ପାରୁନି। ବଞ୍ଚିଥିବା ପର୍ଯ୍ୟନ୍ତ ତୋତେ ମୁଁ ଝୁରୁଥିବି।

ତୋ'ର ଭଉଣୀ: ପିଙ୍କୁଲି

ଧ-୧୩୪୮

# ହଜିଯାଉଥିବା ଚିହ୍ନବର୍ଣ୍ଣ

## ଗଳ୍ପ

**କାଶୀନାଥ ନନ୍ଦୀ**

ମୁଁ ବିଶ୍ୱାସ କରି ପାରୁନଥିଲି, ଆମ ଘର ହେଇଛି ବନ୍ଦିଶାଳା ଓ ବାପା ହେଇଛନ୍ତି ବନ୍ଦୀ। ତାଙ୍କ ହାତ ଗୋଡ଼ ବନ୍ଧାଯାଇଛି। କେବଳ ବଞ୍ଚିବା ପାଇଁ ତାଙ୍କୁ ଭାତ ମୁଠେ ଦିଆଯାଉଛି। ତା'ପରେ ଆଉ କିଛି ନାହିଁ। ତାଙ୍କର ସେଠି ନିଜର ହେଇ କେହି ନାହିଁ।

ମତେ ଦାଦା କହୁଥିଲେ, ମୁଁ ଶୁଣୁଥିଲି। ଟିକିଏ ବି ଭାବିପାରୁ ନ ଥିଲି, ମୋ' ନିଜ ଭାଇ ଏମିତି କରିଥିବେ। ଦାଦା ଶେଷକୁ କହିଲେ, ''ମୋ' କଥା ଯଦି ତୋର ବିଶ୍ୱାସ ହେଉନାହିଁ, ତୁ ନିଜେ ଆ...। ସତ କି ମିଛ, ତୋ ନିଜ ଆଖିରେ ଦେଖ୍।''

ଦାଦା ଫୋନ୍ କାଟିଦେଲେ। ମୁଁ ପ୍ରଥମେ କିଛି ବି ବୁଝିପାରୁ ନ ଥିଲି। ନିର୍ବାକ୍ ହେଇ ବସିଗଲି। ଟିକିଏ ସମୟ ପାଇଁ ମତେ ମୋ' ଜଗତ ତୁଚ୍ଛ ଲାଗିଲା। ମୋ' ପୁଅ ଜନ୍ମ ମତେ ଧିକ୍ ଲାଗିଲା। ତା' କେତେ ସମୟ ପରେ ଯାଇ ଗୋଟେ ବର୍ତ୍ତମାନ, ଯାହାକୁ ମୁଁ କଳ୍ପନାରେ ଦେଖିପାରୁଥିଲି। ପୁଣି କେତେ ଅତୀତ, ଯାହା ମୋ' ମନରେ ଦିଶିବାକୁ ଲାଗିଲା। ବୋଉ କେବେଠୁ ପରଲୋକରେ। ସେ ବହୁ ବର୍ଷ ତଳର କଥା। ଆମେ ସାନ ସାନ ଥିଲୁ। ବାପା ହିଁ ଆମର ସବୁ କଲେ। ଆମ ଡେଣାରେ ପର ଖଞ୍ଜିଲେ। ଅଥଚ ଜୀବନର ଏଇ ଶେଷ ଆଡ଼କୁ ବାପାଙ୍କ ପାଇଁ ନିଜ ଘରକୁ ବନ୍ଦିଘର, ବାପାଙ୍କୁ ନିଜଘରେ ଭାଇ ବନ୍ଦୀ କରିଦେଲେ ! ମତେ ଭାରି କଷ୍ଟ ଲାଗୁଥିଲା। ମନ କହୁଥିଲା, ଭାଇଙ୍କୁ ଯା' ତା' କହିଯିବି। ଭାଇଫାଇ ମାନିବି ନାହିଁ। ତେବେ ମନକୁ ସଂଯମ କଲି, ଯିଏ ପ୍ରତ୍ୟକ୍ଷରେ ଏମିତି କରୁଛି, ତାକୁ ଫୋନ୍‌ରେ କହି ଲାଭ ନାହିଁ। ମତେ ଯିବାକୁ ହେବ। ସାମ୍ନା କରିବାକୁ ହେବ।

ମୁଁ ପହଞ୍ଚିଲି ତ ବନ୍ଦିଶାଳା ଖୋଲିଗଲା। ଦେଖିଲି ବାପା ହାତ ଗୋଡ଼ ବନ୍ଧା ଥାଇ ଗୋଟେ ଚେୟାରରେ ବସିଛନ୍ତି। ଗୋଟେ ଛୋଟ ଝର୍କା ବାଟ ଦେଇ ଆଖି ମେଲିଛନ୍ତି। ତାଙ୍କ ଆଖିରେ ଘର ପଛର ଗଛବୃଛ ଓ ସେଇ ସବୁଜ ସନ୍ଧିରେ ଟିକେ ଆକାଶ। ମତେ ଭାରି କଷ୍ଟ ଲାଗିଲା। ସତ୍ୟ ମୋ' ସାମ୍ନାରେ। ଭାଇ ଆସିଲେ। ଅଳ୍ପ ଟିକିଏ କ'ଣ କହୁଛନ୍ତି, ଦେଖିଲି ଭାଇଙ୍କ ଆଖିରେ ଲୁହ। ମତେ ପରଟେ ଗଲାନାହିଁ ସେଇ ଲୁହ। ସେ ଆଉ କିଛି କହିବାକୁ ଯାଉଥିଲେ, ମୁଁ ପ୍ରତ୍ୟାଖ୍ୟାନ କଲି। କହିଲି, ''ମୁଁ ଅଭିନୟ ଦେଖିବାକୁ ଆସିନାହିଁ, ବାପାଙ୍କୁ ନେଇ ଯିବାକୁ ଆସିଛି।'' ମୁଁ କ୍ରୋଧରେ କି ଦୁଃଖରେ କିଛି ବି ଭାବିପାରୁ ନ ଥିଲି। ଭାଇ ମତେ ସମ୍ଭାଳି ନେଲେ। ସେ ମୋ' ବଡ଼ଭାଇ। ମୋ' ଅନ୍ତସନ୍ତରେ ସେ ପଶିଯାଇ ପାରନ୍ତି ସହଜରେ। ମତେ ସେ ଧରି ପକାଇଲେ। ଭାରି ଆବେଗିକ ହେଇଗଲା ମୁହୂର୍ତ୍ତଟା। ତା'ପରେ ତାଙ୍କ କଥା। ସେ କହୁଥିଲେ, କାନ୍ଦୁଥିଲେ। ମୁଁ ତାଙ୍କୁ କେବଳ ଅନେଇଥିଲି। ବାପା ଆଲ୍‌ଜିମର୍ ରୋଗର ଲାଷ୍ଟ୍ ଷ୍ଟେଜ୍‌ରେ। ଏବେ ତାଙ୍କ ଦୁନିଆ କେବଳ ତାଙ୍କର। ତାଙ୍କ ପାଇଁ ସମ୍ପର୍କ, ପରିଚୟ, ବିଗତ ଦିନର କୋଉ ବି ଘଟଣ ଓ ଅଘଟଣ କିଛି ମାନେ ରଖେନାହିଁ। ମୁଁ ଶୁଣୁଥିଲି, ମତେ ଭାରି କଷ୍ଟ ଲାଗୁଥିଲା। ଯୋଉ ମଣିଷ ଚାଲିଗଲେ ଗର୍ଭିଣୀ ଗାଈ ବାଟ ଛାଡ଼ିଦିଏ, ଏବେ ସେଇ ମଣିଷ ଯେମିତି ଶିଶୁ। ଭାଇ ଠିଆ ହେଇଛନ୍ତି, ମୁଁ ଠିଆ ହେଇଛି, ଆମେ କଥା ହେଉଛୁ ଓ କାନ୍ଦୁଛୁ, ବାପାଙ୍କର କୌଣସି ପ୍ରତିକ୍ରିୟା ନାହିଁ। ସେ ସେଇମିତି ବସିଛନ୍ତି। ଗଛ ସନ୍ଧିଦେଇ ସେଇ ଯୋଉ ଟିକେ ଆକାଶ ଦିଶୁଛି ସେଇ ଆଡ଼କୁ ଅନେଇ କ'ଣ କ'ଣ କହୁଛନ୍ତି। ଆମେ ଦୁଇ ଭାଇ ଯେମିତି ତାଙ୍କର କେହି ନୁହଁ। ସେ କେବଳ ଏକା। ତାଙ୍କ ଦୃଷ୍ଟିରେ ଯେଉଁ ଗଛବୃଛ ଓ ଆକାଶ, ସେସବୁ ତାଙ୍କର।

''ତୁ ବାପାଙ୍କ ପାଖରେ ଥା', ମୁଁ ଆସୁଛି।'' ଭାଇ କହିଲେ ଓ ମୋ'ଠାରୁ ଅନ୍ତର ହେଇଗଲେ। ମତେ ଲାଗିଲା ଭାଇ ଚାହାନ୍ତି ମୁଁ ବାପାଙ୍କ ସହ ଅନ୍ତରଙ୍ଗ ହୁଏ। ମୁଁ ବି ଚେଷ୍ଟା କଲି। କଥା ହେଲି। ପ୍ରଶ୍ନ କଲି। ସେ ସବୁ ଭୁଲି ଯାଇଥିଲେ। ମତେ, ଆମ ଘରକୁ ଓ ଆମ ଜଗତକୁ। ମୁଁ କ'ଣ କରିବି, କି ବୁଦ୍ଧି ଧରିବି ଭାବି ପାରୁ ନ ଥିଲି। ଦାଦା ଯେଉଁଭାବେ କହୁଥିଲେ ସେମିତି କରିନାହାନ୍ତି ଭାଇ। ମୁଁ କେତେ କ'ଣ ଭାବି ଆସିଥିଲି। ଏଠି ପହଞ୍ଚିଲା ପରେ ମୁଁ ଯେମିତି ଜିରୋ ହେଇଯାଇଛି।

ମୁଁ ସେମିତି ଠିଆ ହେଇଛି, ବାପା ସେମିତି ବସିଛନ୍ତି, ଅନେକ ସମୟ କଟିଗଲା। ଅନେକବେଳ ପରେ ବାପା କହିଲେ, ''ଏ ପିଲା, ମୁଁ ଆମ ଘରକୁ ଯିବି, ମତେ ନେଇଯିବୁ?'' ମୁଁ ବାପାଙ୍କୁ ଦେଖୁଥିଲି। ତାଙ୍କ କଣ୍ଠରେ ଅନୁନୟ ନିବେଦନ। ମୁଁ କହି ପାରୁ ନ ଥିଲି, ''ବାପା, ଏଇଟା ତ ଆମ ଘର। ଇଏ ସେଇ ଘର, ଯେଉଁ ଘରକୁ ତମେ ହିଁ କରିଛ।'' କେବଳ ଏତିକି କହିଲି, ବାପା, 'ଏଇଟା ପରା ଆମ ଘର।'

ସେ ମୋ' କଥା ଶୁଣିଲେ। କିଛି କହିଲେ ନାହିଁ। ତାଙ୍କର ବିନୀତ ପ୍ରାର୍ଥନା କ୍ଷଣକରେ କୁଆଡ଼େ ଉଭେଇଗଲା। ମତେ ଭାରି ଦୁଃଖ ଲାଗୁଥିଲା। ମୋ' ଭିତରଟା ଲୁହ ଲୁହ ହେଇଯାଉଥିଲା।

ମୁଁ ସେଇ ମର୍ମ ବେଦନାରେ ଅଛି, ମୋ' ମନକୁ ଆସିଲା ଆମ ଗାଁ। ବାପା ଆମ ଗାଁଘର କଥା କହୁ ନାହାନ୍ତି ତ? ଠିକ୍ ଏଇଠି ମୋ' ମନକୁ ଆସିଲା, ବାପାଙ୍କୁ ଆମ ଗାଁକୁ ନେଇଯିବି। ମୁଁ ଜାଣେ ଗାଁରେ ଆମର ନିଜର ହେଇ ମାଟିମୁଠେ ବି ନାହିଁ। ତଥାପି ମୁଁ ଗାଁକୁ ଯିବି। ବାପାଙ୍କ ମନରେ ସେଇ ଦିନ ଓ ସେଇ ଗାଁ ଅଛି। ସେ ସେଠୁ କ'ଣ ପାଇବେ ମୁଁ ଜାଣେନାହିଁ। ମୁଁ ମନରେ ଦୃଢ଼ ହେଇଗଲି, ମୁଁ ବାପାଙ୍କୁ ନେଇ ଗାଁକୁ ଯିବି।

x x x x

ଏବେ ରାତି। ଅନ୍ଧାର ବ୍ୟାପିଛି ଭିତରେ ଓ ବାହାରେ। ଆମେ ସୂର୍ଯ୍ୟ ମଉସାଙ୍କ ଘରର ଉପର ମହଲାରେ। ଗୋଟେ କୋଠରିରେ ମୁଁ ଓ ବାପା। ଆମ ଜାଗା ଉପରେ ମଉସାଙ୍କ ଘର। କହିଲେ, ଆମ ଘର ଉପରେ ଏଇ ଘର (!)। ବାପା ବୋଧହୁଏ ଶୋଇ ପଡ଼ିଲେଣି। ମୁଁ ଶୋଇ ପାରୁ ନ ଥିଲି। ମନକୁ ଅତୀତ ଆସୁଥିଲା। ମନରେ ଆମ ମାଟିଘର। ଆମ ପିଲାଦିନ। କେତେ ମଧୁର ସତେ ଆମ ପିଲାଦିନ! କିଛି ନ ଥିବ, ଅଥଚ କେତେ ପରିପୂର୍ଣ୍ଣ ଲାଗୁଥିବ ଘର। କେବଳ ଏଇଥିପାଇଁ ଯେ ବୋଉ ଥାଏ ଆମ ସହ। ଏମିତି ଭାବନାରେ ମୁଁ ନଇଁପଡୁଛି, ଦେଖିଲି ବାପା ଉଠିଲେ। ଖଟରୁ ଓହ୍ଲେଇଲେ। ଝର୍କା ପାଖରେ ଯାଇ ଠିଆ ହେଲେ। ମୋ' ଭାବନା ଭାଙ୍ଗିଗଲା। ମୋ' ଆଖି ବାପାଙ୍କ ଉପରେ ସ୍ଥିର ହେଇଗଲା। ବାପା ସେଇ ଅନନ୍ତ ଆକାଶକୁ ଚାହିଁଥିଲେ। ଅନେକ ସମୟ ଏମିତି। ସେ ସ୍ଥିର, ଯେମିତି ପଥର। ମୁଁ ଚୁପ୍‌ଚାପ୍ ଥିଲି। ଦେଖୁଥିଲି। ଅନେକ ସମୟ ପରେ ସେ କଥାବାର୍ତ୍ତା ଆରମ୍ଭ କଲେ। ବାହାରେ ତାଙ୍କୁ ଛୁଇଁକି ଯେମିତି ବୋଉ ଅଛି। ବୋଉ କ'ଣ ସବୁ କହୁଛି, ବାପା ଉତ୍ତର ଦେଉଛନ୍ତି। ପୁଣି ଅଛି ଅଛି, ବାପା ଆଉ କାହା ସହ କଥା ହେଲେ। ମତେ ଲାଗିଲା, ସେ ମୋ' ଜେଜେମା'। ଏମିତି ଚାଲିଛି, ବାପା ଥିଲେ ଥିଲେ ସେଇ ଝର୍କାକୁ ବାଟ ଭାବେ ନେଇ ସେମାନଙ୍କ ଭିତରକୁ ପଶିଯିବାକୁ ଚେଷ୍ଟା କଲେ। ପ୍ରଥମ ଚେଷ୍ଟା ଆସ୍ତେ ଆସ୍ତେ। ତା'ପରେ ତାଙ୍କ ପାରୁପର୍ଯ୍ୟନ୍ତ। ସେ କିନ୍ତୁ ତାଙ୍କର ସବୁ ବଳ ଲଗେଇ ଦେଇଥିଲେ। ହାରୁଥିଲେ। ଯାହା ସମ୍ଭବ ନୁହଁ, ହେଉ ନ ଥିଲା।

ମୁଁ ଉଠି ଠିଆହେଲି। ଖଟରୁ ଓହ୍ଲେଇ ପଡ଼ି ବାପାଙ୍କୁ କୁଣ୍ଢେଇ ଧରିଲି। ବାପା ସେଇ ଝର୍କା ଆଡ଼କୁ ଟାଣି ହେଉଥିଲେ। କହୁଥିଲେ, ''ହେଇ ସେଇଠି ଆଲୁଅ। ସେଇଠି ସମସ୍ତେ ମତେ ଅନେଇଛନ୍ତି। ମୁଁ ସେଇଠିକି ଯିବି।''

କିଛି ସମୟ ମୋ' ସହ ଯୁଦ୍ଧ ପରେ ସେ ହାରିଗଲେ। ଭାରି ଶିଥିଳ ହେଇଗଲେ। ତାଙ୍କ ଦେହ ଯେମିତି ମେଞ୍ଚାଏ କାଦୁଅରେ ପରିଣତ ହେଇଗଲା। ମୁଁ ତାଙ୍କୁ ବିଛଣାରେ ଶୁଆଇଦେଲି। ସେ ଶୋଇଲେ। ମୁଁ ଏଥର ସେଇ ଝର୍କା ପାଖକୁ ଗଲି। ନିକଟରୁ ଦୂରକୁ ଆଖି ନେଲି। ମୋ' ଆଖିରେ ସମାନ ପୃଥିବୀ। ସମାନ ଆକାଶ। ନିକଟ ଓ ଦୂର ସବୁଠି ସମାନ। ସବୁଠି ଅନ୍ଧାର। ସେଇ ଅନ୍ଧାରର କୋଉ ଏକ ନିଭୃତରୁ ପେଚାଟେ ରାବିଉଠିଲା। ମୋ' ପାଇଁ ଏଇ ପେଚାରାବ ତଥାକଥିତ ଅଶୁଭ କି ଶୁଭର କୌଣସି ମାନେ ନ ଥାଏ। ତେବେ ସେଇ ମୁହୂର୍ତ୍ତ ମତେ ଭଲ ଲାଗିଲା ନାହିଁ। ମୁଁ ବାପାଙ୍କ ପାଖକୁ ଲେଉଟି ଆସିଲି।


''ବାବୁରେ ବୋଉକୁ ଦେଖିଲୁ... ?'' ବାପା ଭାରି ଆହତ ସ୍ୱରରେ କହିଲେ। ଏତିକି ମାତ୍ର କଥା ବାପାଙ୍କର। ମୋ' ଭିତରେ ଆଶାର ଆଲୋକ। ମୁଁ କିଛି କହିପାରୁ ନ ଥିଲି। ମୁଁ ଓ ମୋ' ଆଖି ସହିପାରିଲା ନାହିଁ ଏଇ ମୁହୂର୍ତ୍ତକୁ। ମୋ' ଲୁହରେ ମୁଁ କି ବହି ଯାଉଥିଲି ଏକାଧାରରେ। ବାହାରେ ଭୂମି ଓ ଆକାଶ। ସବୁଠି ନିରବତା ଲାଗିଥିଲା। ଅନ୍ଧାର ବ୍ୟାପୀ ରହିଥିଲା।

ମୋ: ୯୮୬୧୬୫୫୩୫୭



## ପୁସ୍ତକ ପରିଚୟ

### ପ୍ରୀତି ଚନ୍ଦନ



**କବି:** ଅଜିତ୍ ଦାଶ ମହାପାତ୍ର
**ପ୍ରକାଶିକା:** ସୁଶ୍ରୀ ଦାଶ ମହାପାତ୍ର, ଆଇ.ଆର୍.ସି. ଭିଲେଜ, ଭୁବନେଶ୍ୱର
**ଦ୍ୱିତୀୟ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୨୦୦/-

୫୪ଟି ଛନ୍ଦପ୍ରଧାନ କବିତା, ଯାହାକୁ କବି ତେଇଶ ବର୍ଷ ବୟସରେ ଲେଖିଥିଲେ ବୋଲି କହନ୍ତି, ତା'ର ପ୍ରଥମ ସଂସ୍କରଣ ପ୍ରକାଶ ପାଇଥିଲା ୧୯୯୨ରେ ଓ ୨୦୨୪ରେ ପ୍ରକାଶ ପାଇଛି ତା'ର ଦ୍ୱିତୀୟ ସଂସ୍କରଣ, ୩୨ ବର୍ଷ ପରେ। କବିତାଗୁଡ଼ିକୁ ଲେଖିଲାବେଳେ କବି ଯେ ପ୍ରଥମ ପ୍ରେମ ପରି ନିଜର ନିଃସର୍ତ୍ତ ହୃଦୟ ଢାଳିଦେଇଛନ୍ତି, ଏହା ଗ୍ରନ୍ଥାରମ୍ଭରେ ସେ ଲେଖିଥିବା ଗଦ୍ୟଲେଖରୁ ସ୍ପଷ୍ଟ ହୁଏ। ବହିର ପ୍ରତ୍ୟେକଟି କବିତା ଛନ୍ଦୋବଦ୍ଧ ଓ ପଢ଼ିବାମାତ୍ରେ ପାଠକଙ୍କୁ ନିଜନିଜର ପ୍ରେମାନୁଭୂତି ପାଖକୁ ଫେରାଇ ନେବାର ଶକ୍ତି ରଖନ୍ତି। କେତୋଟି ଦୃଷ୍ଟାନ୍ତ ନେବା- ୧. ''ଘନ ଅନ୍ଧାର ରଜନୀ/ ପାଶେ ନାହିଁ ମୋର ସଜନୀ/ ଯାଇଛି ଦୂରେ/ ଆଖିର ନୀରେ/ ବିରହ-ଦଗ୍ଧ ତରୁଣ ପ୍ରାଣ ପ୍ଲାବିତ ହୁଅଇ କ୍ଷଣକୁ କ୍ଷଣ/ ଯମୁନା ବହୁଛି ଉଜାଣି।'' (ପୃ:୦୧), ୨. ''ଉଇଁ ତ ନ ଥିଲା ସୂରୁଯ/ ତରୁଣ ଦେଖିଲା ତରୁଣୀବାଳାର ମୁକୁଳା ପଡ଼ିଛି ଉରଜ/ ପରାଣେ ଜାଗିଲା ଆଶା/ ଲିହିବ ପୀରତି ଭାଷା।'' (ପୃ:୨୪), ୩. ''ମାନୁଛି ମାନୁଛି ସଜନୀ ସାଥିରେ/ ପୁହାଇଥିଲି ମୁଁ ନିଶି/ ତନୁର ଅଗ୍ନି ଜଳି ଉଠିଥିଲା/ ଘନ ଅନ୍ଧାର ନାଶି/ କିବା ପାପ କଲି ମୁହିଁ?/ ଆଦାମ୍ ସାଥିରେ ଇଭ୍‌ର ଜନ୍ମ/ କୁହ ତେବେ କାହିଁପାଇଁ।'' (ପୃ:୩୪)। ଆରମ୍ଭରୁ ଶେଷଯାଏ ଅଜିତ୍‌ଙ୍କ ପ୍ରେମଭାବନାରେ ଉଁସେଇ ହେଇ ରହିଚି ଶରୀର-ପ୍ରେମର ଉତ୍ତାପ। କିନ୍ତୁ ପ୍ରକୃଷ୍ଟ ଶବ୍ଦ ଚୟନରେ ସେ ସମ୍ଭାବ୍ୟ ଅଶ୍ଳୀଳତାକୁ ସ୍ୱଚ୍ଛନ୍ଦରେ ଅତିକ୍ରମ କରିଛନ୍ତି। କବିତାଗୁଡ଼ିକ ଲେଖିଲାବେଳେ, ଲାଗେ, ସେ ଥରେ ଗଡ଼ନାୟକଙ୍କ ଦୁଆତରେ ତ ଥରେ ମାନସିଂହଙ୍କ ଦୁଆତରେ ଅକୁଣ୍ଠ ଭାବେ ନିଜର କଲମ ବୁଡ଼ାଇଛନ୍ତି। ସକଳ ଯତ୍ନ ସତ୍ତ୍ୱେ ବନାନ ତ୍ରୁଟିରୁ ବହିଟିକୁ ପୂରାପୂରି ମୁକ୍ତ କରାଯାଇପାରି ନାହିଁ। ଯଥା: 'ସୂରୁଜ' (ପୃ:୨୪) ଓ 'ଜୀଇଁବି' (ପୃ:୪୯)। ଠିକ୍ ବନାନ 'ସୂରୁଯ' ଓ 'ଜିଇବି'। ପ୍ରତ୍ୟେକ କବିତା ଖ୍ୟାତନାମା ଚିତ୍ରଶିଳ୍ପୀ ବଳଦେବ ମହାରଥାଙ୍କ ହସ୍ତଲିପି ଓ ଚିତ୍ରାଙ୍କନରେ ମହିମାନ୍ୱିତ।

### ଅମୃତପୁରୁଷ ଶ୍ରୀଜଗନ୍ନାଥ



**ସଂକଳନ ଓ ସଂପାଦନା:** ପୀତବାସ ରାଉତରାୟ
**ପ୍ରକାଶକ:** ମହାବୀର ପ୍ରକାଶନ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୪୦୦/-

୫୪୪ ପୃଷ୍ଠାର ଦୀର୍ଘ କଳେବର ସଂପନ୍ନ ହୋଇ ପ୍ରକାଶ ପାଇଛି 'ଅମୃତପୁରୁଷ ଶ୍ରୀଜଗନ୍ନାଥ'। ଏଥିରେ ରହିଛି ଶ୍ରୀଜଗନ୍ନାଥକୈନ୍ଦ୍ରିକ ଅନେକ ପ୍ରସଙ୍ଗ। ଯଥା: ପ୍ରଚ୍ଛଦ ପ୍ରସଙ୍ଗ, ସ୍ମୃତି ନିବେଦନ, ଜଗନ୍ନାଥ ନମନ, ପଦ୍ମଶ୍ରୀ ସାକ୍ଷାତ୍‌କାର ସମ୍ଭାଷଣ, ଅପ୍ରକାଶିତ ରଚନା ପ୍ରକାଶନ, ଜନ୍ମଶତବାର୍ଷିକୀ ପ୍ରଣାମ, ବୟୋଜ୍ୟେଷ୍ଠ ଲେଖକଙ୍କ ବାଲ୍ୟସ୍ମୃତି, ପ୍ରବନ୍ଧେ ପୁରୁଷୋତ୍ତମ, ପୁରସ୍କୃତ ପ୍ରତିଭାଙ୍କ ବୟାନ, ସଂପାଦକଙ୍କ କଥନ, ଗଳ୍ପ, ଜନ୍ମସହସ୍ରାବ୍ଦୀ ସନ୍ଥଙ୍କ ସ୍ମୃତିଚାରଣ, ଚିନ୍ତା ଓ ଚେତନ, ପ୍ରସିଦ୍ଧ ମଠ କଥା, ଦୁର୍ଲଭ ବଉଳଗଛ ପ୍ରସଙ୍ଗ, ଶ୍ରୀଜଗନ୍ନାଥ ପ୍ରେରଣା ପ୍ରସୂତ ପୁସ୍ତକ ପ୍ରକାଶନ, ଶ୍ରୀମନ୍ଦିର ପ୍ରଶାସକଙ୍କ ସ୍ମୃତିଚାରଣ, ସ୍ମରଣୀୟ ଅନୁଭୂତିଗୁଚ୍ଛ, ଚିତ୍ରଶିଳ୍ପୀଙ୍କ ଅଂକନ, କବିତା ବିତାନ, ଅନ୍ତରଂଗ ବୟାନ, ବାଇଶି ପାହାଚର ବାଇଶିଟି ସ୍ପନ୍ଦନ, ସେବା ଓ ସେବକଙ୍କ ଅନୁଭୂତି, ଉପସ୍ଥାପକଙ୍କ କଲମରୁ ଇତ୍ୟାଦି ଇତ୍ୟାଦି। ବିଶିଷ୍ଟ ଲେଖକମାନଙ୍କ ମଧ୍ୟରେ ଅଛନ୍ତି କୃଷ୍ଣକେଶବ ଷଡ଼ଙ୍ଗୀ, ପଦ୍ମଶ୍ରୀ ଅଶୋକ କୁମାର ମହାପାତ୍ର, ନୃତ୍ୟଗୁରୁ ଦୁର୍ଗା ରଣବୀର, ରଜତ କୁମାର କର, ବୈଷ୍ଣବ ଚରଣ ସାମଲ, ଅପର୍ଣ୍ଣା ମହାନ୍ତି, ସୁଭାଷ ଶତପଥୀ, ମନୋଜ କୁମାର ମହାପାତ୍ର, ଜୟାଶୀଷ ରାୟ, ବନଜଦେବୀ, ଦେବବ୍ରତ ମଦନରାୟ, ବସନ୍ତ କୁମାର ପଣ୍ଡା, ଭାସ୍କର ମିଶ୍ର, ସୁଲୋଚନା ଦାସ, ବୈଷ୍ଣବ ଚରଣ ମହାନ୍ତି, ଅମରେଶ ପଟ୍ଟନାୟକ, ବିଜୟାନନ୍ଦ ସିଂହ ଓ ସିଦ୍ଧେଶ୍ୱର ମହାପାତ୍ର ପ୍ରମୁଖ। ପ୍ରଚ୍ଛଦ ଆଙ୍କିଛନ୍ତି ବଳଦେବ ମହାରଥା। ସ୍ୱଳ୍ପ ଆନୁଷ୍ଠାନିକ ଶିକ୍ଷା ସତ୍ତ୍ୱେ ବିଦ୍ୟୁତ୍‌ପ୍ରଭା ଆଜୀବନ ସୃଜନକର୍ମ ପ୍ରତି ଥିଲେ ସମର୍ପିତା। ତାଙ୍କ ଜନ୍ମଶତବାର୍ଷିକୀ ଅବକାଶରେ ଅସିତ୍ ମହାନ୍ତି ଲେଖିଥିବା ଆଲେଖ୍ୟଟି ତଥ୍ୟପୂର୍ଣ୍ଣ।

## କାଳକାଳକୁ

''ମାନବୀୟ ପ୍ରଜ୍ଞାରେ ପ୍ରାୟତଃ ଦୁଇଟି କଥା କୁହାଯାଇଥାଏ- ଗୋଟିଏ 'ଅପେକ୍ଷା କର' ଓ ଅନ୍ୟଟି 'ଆଶା ରଖ'।''
- ଆଲେକ୍‌ଜାଣ୍ଡାର୍ ଡୁମାସ୍



ଆଲେକ୍‌ଜାଣ୍ଡାର୍ ଡୁମାସ୍‌ଙ୍କ ଜନ୍ମ ୨୪ ଜୁଲାଇ ୧୮୦୨ରେ ଓ ପରଲୋକ ୫ ଡିସେମ୍ବର ୧୮୭୦ରେ, ଫ୍ରାନ୍ସରେ। ଏହି ଫରାସୀ ଔପନ୍ୟାସିକ ଓ ନାଟ୍ୟକାର ରୋମାଞ୍ଚ ଓ ଅଭିଯାନଧର୍ମୀ ରଚନା ସାଙ୍ଗକୁ ଐତିହାସିକ ଉପନ୍ୟାସ ଓ ନାଟକ ଲେଖା ପାଇଁ ପ୍ରସିଦ୍ଧ। ତାଙ୍କର ବହୁଚର୍ଚ୍ଚିତ ଉପନ୍ୟାସ ମଧ୍ୟରେ ରହିଛି 'ଦ ଥ୍ରି ମସ୍କେଟିୟର୍ସ' (୧୮୪୪) ଓ 'ଦ କାଉଣ୍ଟ୍ ଅଫ୍ ମୋଣ୍ଟେ' (୧୮୪୬)। ୧୮୩୦ ଫରାସୀ ଆନ୍ଦୋଳନରେ ସେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ, ଯେଉଁ ଆନ୍ଦୋଳନ ଦଶମ ଚାର୍ଲସ୍‌ଙ୍କୁ ଗାଦିଚ୍ୟୁତ କରିଥିଲା। ଡୁମାସ୍ କହନ୍ତି: ''ଜୀବନ ଏକ ଝଡ଼'' ଓ କହନ୍ତି: ''ଜିଇବା ତୁଚ୍ଛ, ଯଦି ମୃତ୍ୟୁ ନାହିଁ।''

## କବିତା

### ମୁଁ ଯେବେ ତୁମ ପାଇଁ ଚିଠି ଲେଖିଲି

**ଚିନ୍ମୟୀ ପଣ୍ଡା**

ମୁଁ ଯେବେ ତୁମ ପାଇଁ ଚିଠି ଲେଖିଲି।

ଅକ୍ଷର ସବୁ ଫୁଲ ହୋଇ ଫୁଟିଲେ,
ଭାଷା ମୋର ଲାଜେଇଗଲା,
ତୁମ ସ୍ମୃତିର ଚନ୍ଦନ ଦେହେ
ବୋଳି ହୋଇଗଲା,
କୋଇଲି ଗାଇଲେ, ସବୁ ଏକ ସଙ୍ଗେ
ମୁଁ ଯେବେ ତୁମ ପାଇଁ ଚିଠି ଲେଖିଲି।

ମୁଁ ଯେବେ ତୁମ ପାଇଁ ଚିଠି ଲେଖିଲି।

ମୋ ଆକାଶେ ଜହ୍ନ ଚିତ୍ର ଆଙ୍କୁଥିଲା,
ମୋ ଦୁଆର ଭିଜୁଥିଲା ସ୍ୱପ୍ନରେ,
ବସନ୍ତ ଖେଳୁଥିଲା ମୋ ମୁକୁଳା କେଶରେ,
ମୁଁ ଭାସୁଥିଲି ସ୍ୱପ୍ନରେ।

ମୁଁ ଯେବେ ତୁମ ପାଇଁ ଚିଠି ଲେଖିଲି।

ହଜାରେ ବୀଣା ବାଜିଉଠିଲେ
ମୋ ଅଗଣାରେ ବର୍ଷାର ପହିଲି ପୁଲକ
ଭିଜା ମାଟି ମହକିଗଲା,
ମୋ ଅଙ୍ଗୁଳି ଛୁଆଁରେ କଲମ ହସୁଥିଲା।

ମୁଁ ଯେବେ ତୁମ ପାଇଁ ଚିଠି ଲେଖିଲି।

ତାରା ସବୁ ଫୁସ୍‌ଫୁସ୍ କଥା ହେଲେ,
କଢ଼ ସବୁ ଫୁଲ ହୋଇ ଫୁଟୁଥିଲେ,
ଗଛ ଆସ୍ତେ ଆସ୍ତେ ଦୋହଲୁଥିଲେ।
ଗୋଲାପ ମୋ ଗାଲରେ
ରଙ୍ଗ ବୋଳୁଥିଲା।

ମୁଁ ଯେବେ ତୁମ ପାଇଁ ଚିଠି ଲେଖିଲି।

ଶବ୍ଦ ସବୁ ମୋ ପ୍ରେମରେ ପଡ଼ିଗଲେ।
କାଗଜ ଆହା! ଲାଜରେ ବଡୁରିଗଲା,
ହାତ ମୋର ନୂଆ ହଳଦୀ ଭଳି ବାସିଲା।
ଚିଠି ମୋର ଗୀତ ହୋଇ, ଗୁଡ଼ି ହୋଇ
ଉଡ଼ି ଉଡ଼ି ଗଲା।

ମୁଁ ଯେବେ ତୁମ ପାଇଁ ଚିଠି ଲେଖିଲି।

ମୋ: ୯୮୬୧୧୯୧୯୬୯

### ସ୍ୱପ୍ନରେ ସୁନାଗୋରୀ

**ନରେଶ୍ ଚନ୍ଦ୍ର ମଣ୍ଡଳ**

ସେଦିନ ମୁଁ ଏକ
ଭୟାନକ ସ୍ୱପ୍ନ ଦେଖିଲି
ଶତ ପ୍ରହେଳିକା ଭଳି
ଉବୁଟୁବୁ ହେଉଥିଲା
ଆଖି ଆଗରେ।

ସ୍ୱପ୍ନର ନାୟିକାଟିଏ
ଅଚାନକ ପାଲଟିଯାଉଥିଲା
ଗୋଟାଏ ସୁନାଗୋରୀ
ଦିଶୁଥିଲା
ଅପରାହ୍ନର ସୁନେଲି ଖରା ଭଳି
ଭିଡ଼ି ଧରିଲି ଛାତିରେ
ବଡ଼ ଅସ୍ପଷ୍ଟ ସେ
ବଡ଼ ଆନମନା ସେ।

ସେ ମୁହୂର୍ତ୍ତଟି ଶୁଭ ଥିଲା କି
ଅଶୁଭ ଥିଲା ମୁଁ ଜାଣେନି
କିନ୍ତୁ ଏତିକି ଜାଣେ
ଗୋଟାଏ ମଧୁର ବିଭୋର
ଛଳଛଳ ସୌଭାଗ୍ୟର ବାସ୍ନା
ଛୁଇଁଯାଉଥିଲା ମୋ' ଦେହକୁ।

ମୋ' ଆଖିରେ ବିସ୍ମୟ ନ ଥିଲା କି
ଆନନ୍ଦର ପୁଲକ ନ ଥିଲା
ଥିଲା କେବଳ ପ୍ରୀତିର ପରିଭାଷା
ଚିକ୍‌ଚିକ୍ ଦିଶୁଥିଲା ସେ
ସ୍ୱର୍ଣ୍ଣଚମ୍ପା: ସୁନାଗୋରୀ
ତାକୁ ମୁଁ ଏଯାଏଁ ବି
ସାଇତି ରଖିଛି କଳ୍ପନାରେ
ଏକ ବିହ୍ୱଳ ବାସ୍ନା ଭଳି।

- ପ୍ରାଚୀ ନଗର, ଭଦ୍ରକ
ମୋ: ୯୪୩୮୩୨୧୪୫୪

**ଗୀତି-କବିତା**

### ତୁମେ ଅଗ୍ନିଶିଖା

**ହଂସନାଥ ମୁଦୁଲି**

ତୁମେ ଅଗ୍ନିଶିଖା
କାଗଜ ଖଣ୍ଡ ମୁଁ
ମିଶିବା ସମ୍ଭବ ନୁହେଁ
ତୁମ ପାଶେ ଗଲେ ଜଳିଯିବି ମୁହିଁ
ଅଲଗା ରହିବା ଦୁହେଁ।

ଦେଖା ହେଉଥିବା
କଥା ହେଉଥିବା
ପାଖକୁ ଆସିବା ନାହିଁ
ପାଖକୁ ଆସିଲେ
ସବୁ ଯିବ ସରି
ଶେଷ ହୋଇଯିବି ମୁହିଁ
ଦୂର ପରବତ
ପରି ତ ସୁନ୍ଦର
ଆମେ ଥିବା ଶେଷଯାଏ
ମିଶିବା ସମ୍ଭବ ନୁହେଁ।

ଦୀପାଳି ଶିଖାକୁ
ଦେଖିଲେ ପତଙ୍ଗ
ପାଖକୁ ଯେମିତି ଆସେ
ସେ ଶିଖା ଜାଳରେ
ପଡ଼ିଯାଇ ଜଳି
ଜୀବନ ହାରଇ ଶେଷେ
ସେମିତି ଭୋଗିବା
ଆଗରୁ ଆମେ ତ
ଭାବିନେବା ଥରୁଟିଏ
ମିଶିବା ସମ୍ଭବ ନୁହେଁ।

ଖଣ୍ଡଗିରି (ଡୁମୁଡୁମା-କ),
ଭୁବନେଶ୍ୱର
ମୋ: ୯୭୭୭୯୬୮୭୧୯

## ପଣସଗଛ କଥା

**ଲଘୁଗଳ୍ପ**

**ସୁନନ୍ଦା ମହାନ୍ତି**

ଚର୍ଣ୍ଣଟା ଅମୁନି ଜମା। ଗଛଟା ହଣା ନହେଲେ ହେବନି। ପତ୍ର ପଡ଼ି ଅଳିଆ ହେଲେ ଓଳେଇବାକୁ କେହି ନାହିଁ। କାମବାଲୀ କେହି ରାଜି ନୁହଁ ଗଛ ତଳ ସଫା କରିବାକୁ। ମାଲିକାଣୀ ବୋଲାଉଥିବା ସୁମି ରୋଗଣା ସତ, ହେଲେ ଏଇ ଗଛଟା ଯେମିତି ତାଙ୍କ ଗୀତା ଓ ଭାଗବତ। ସକାଳୁ ଉଠି ନିତ୍ୟକର୍ମ ସାରି ଆଗ ଘରଦ୍ୱାର ଓଳେଇ ଗଙ୍ଗାପାଣି ଛାଟି ଘରର ବାସ୍ତୁଦୋଷ ହେଉ ଅବା ଯେକୌଣସି ନକାରାତ୍ମକ ଶକ୍ତିକୁ ବିତାଡ଼ିତ କରିବାର ଏକମାତ୍ର ଜଳର ଉତ୍ସ ଏହି ଗଙ୍ଗାପାଣିରୁ ମୁନ୍ଦେ ଛାଟିଦିଅନ୍ତି ପଣସଗଛ ଉପରକୁ। ଯାହା କରୁଛୁ କରେ, ହଳଦୀବସନ୍ତ, ଭଦଭଦଳିଆ, ଘରଚଟିଆ, କଜଳପାତି, ବଣି ଆଦି ଚଢ଼େଇଙ୍କୁ ନିଜ ଫଳ ପରି କୋଳେଇ ରଖ ପଛେ କିନ୍ତୁ ପେଚା ବସା ନ କରୁ। ଭୟ ହେଉଛି ରାତିରେ ତା' ବୋବାଳି ଶୁଣିଲେ। ଦାନ୍ତ ଦେଖାଇ ଫୁଲ ହସୁଥାଏ ଓ କହୁଥାଏ ଗଛଟା ଯେମିତି ସବୁ ଶୁଣୁଛି ତୁମ କଥା। ସୁମି କହନ୍ତି କାମ ସରିଗଲେ ତୁ ଘରକୁ ଯିବୁ। ପିଲା ଦୁହେଁ ବାହାରେ। ତୋ ବାବୁ ତ ତାଙ୍କ ଲେଖାପଢ଼ାରେ, ଆଉ ମୋର ସାଙ୍ଗ କିଏ! ଏଇ ପଣସଗଛ ହିଁ ମୋର ସାଙ୍ଗ। ମଣିଷକୁ ଆଜିକାଲି ମନର କଥା କହିବା ବିପଦ, ହେଲେ ଗଛକୁ କହିଲେ ମନଦେଇ ଶୁଣେ, ବୁଝେ ଓ କୋଳରେ ଚଢ଼େଇ ବସେଇ, ପଣସ ଫଳେଇ ଖୁସି ବାଣ୍ଟେ।

ତମର ଯୋଉ କଥା ନା ମାଆ, କହି ଫୁଲ ଚାଲିଯାଏ ସିନା କହୁଥାଏ ପେଚା ପରା ଲକ୍ଷ୍ମୀଙ୍କ ବାହନ, କରୁ ବସା। ଧନଧାନ୍ୟରେ ଘର ପୂରିଉଠିବ ମାଆ, ଦେଖିବନି। ହଉ ତେବେ କରୁ ପେଚା ପକ୍ଷୀ ବି ବସା ଆଉ ତୋ' ତୁଣ୍ଡ ସୁତୁଣ୍ଡ ହେଉ ଫୁଲ।

ଗଛ ହଣାହେବା ନିଶା କାହିଁ ଲାଗିଛି ତୁମର ମୁଁ ବୁଝିପାରୁନି ତ! ଏମିତି କହି ପ୍ରତିବାଦ କଲାବେଳେ ସୁମିଙ୍କୁ ବୁଝାନ୍ତି ପରେଶ, ଗଛଟା ତଳୁ ଉଇ ଖାଇଗଲାଣି, କେତେବେଳେ ପଡ଼ିବ ଘର ଉପରେ। ପୁଣି ତଳକୁ ଯାଇ କେହି ପତ୍ର ଓଳେଇବାକୁ ପ୍ରସ୍ତୁତ ନୁହନ୍ତି ଓ ପତ୍ରତଳୁ ନାଗ ସାପ ବାହାରିବା ମୋଟେ ଶୁଭ ସଂକେତ ନୁହଁ। ଆଉ କିଛି କହି ନ ଥିଲେ ସୁମି। ସେଦିନ କିନ୍ତୁ ସକାଳୁ ସକାଳୁ ତଳକୁ ଯାଇ ପଣସଗଛ ମୂଳରୁ ପତ୍ର କାଢ଼ି ପରିଷ୍କାର କରୁଥିଲେ ସୁମି। ପରେଶ କହିଲେ ଗଛ ତ ହଣା ହେବ ଆଉ ତା' ମୂଳ ପରିଷ୍କାର କରିବା କ'ଣ ଦରକାର? ଲୁହ ସରସର ଆଖି, କୋହଭରା ହୃଦୟରେ ସୁମି କହିଲେ ଆଉ କୁହନି। ଏଇ ଦେଖ ଗଛ ରାତିସାରା କାନ୍ଦୁଛି। ପରେଶ ଦେଖିଲେ ସତକୁ ସତ ଗଛରୁ ପାଣି ନିଗୁଡୁଛି। ଫୁଲ କହୁଥିଲା ମାଆ ଗଛ କାନ୍ଦୁନି ଯେ ବରଂ କହୁଛି ଗଛ ବିହୁନେ ଜଳ, ଜଙ୍ଗଲ, ମାଟି, ପବନ ନାଶ। ତୁ ଏତେକଥା କେମିତି ଜାଣିଲୁ ଫୁଲ? ଫୁଲ କହୁଥିଲା ସ୍କୁଲରେ କାଲି ବିଶ୍ୱ ଜଳଦିବସ ଉପଲକ୍ଷେ ଗଛଲଗା ଅଭିଯାନ ଚାଲିଥିଲା ତ ମୋ' ପୁଅଠୁ ଶୁଣିଥିଲି ଗଛ ଆମ ଜୀବନ। ଦିଏ ଜଳ ମାଟି ପବନ। ପରେଶ ବୁଲିପଡ଼ି କହୁଥିଲେ ଯାଉଛି ତେବେ ସେ ଗଛ କଟାଳିମାନଙ୍କୁ ମନାକରିଦେଇ ଆସେ। ଫୁଲ ତାଳି ମାରୁଥିଲା ତ ସୁମି ଗଙ୍ଗାଜଳ ପକେଇ ଗଛର ରିଷ୍ଟ କାଟୁଥିଲେ। ଫୁଲ ପୁଣି କହୁଥିଲା ଦେଖିଲ ତ ମାଆ, ଶିବ ଶିବ ମହାଦେବ ସର୍ପ ରୂପେ ବାବୁଙ୍କ ମନ ବଦଳେଇ ଦେଲେ।

ମୋ: ୯୦୪୦୯୭୭୩୨୭



ଧରିତ୍ରୀ DHARITRI
ଧରିତ୍ରୀ 51 Years
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଜୁଲାଇ ୧୯/୨୦୨୫ Bhubaneswar, Saturday, July 19/ 2025

# ନବରଙ୍ଗପୁର, ଭୁବନେଶ୍ୱର ବିଜୟୀ

ବ୍ରହ୍ମପୁର,୧୮।୭(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ମହାତ୍ମା ଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ବ୍ରହ୍ମପୁର ଜୋନ୍ ଆନ୍ତଃଜିଲା ସାହାଣୀ କପ୍ ପୁରୁଷବର୍ଗ ଫୁଟବଲ୍ ପ୍ରତିଯୋଗିତାରେ ଶୁକ୍ରବାର ୨ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ନବରଙ୍ଗପୁର ଓ ଭୁବନେଶ୍ୱର ଦଳ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ ଗଜପତି ଓ ନବରଙ୍ଗପୁର ମଧ୍ୟରେ ହୋଇଥିଲା। ଗଜପତି କୌଣସି ଗୋଲ ଦେଇପାରି ନ ଥିବା ବେଳେ ନବରଙ୍ଗପୁର ୭ ଗୋଲ ଦେଇ ବିଜୟୀ ହୋଇଛି। ବିଜୟୀ ଦଳ ପକ୍ଷରୁ ଜଗବନ୍ଧୁ ସାନ୍ତା ୨ଟି ଏବଂ ମୋହନ ଗୁଣ୍ଡ, ସ୍ୱରାଜ ସୁନା, ଶମ୍ଭୁନାଥ ମାଝି, ମିଥୁନ ସାନ୍ତା ଓ ଚମ୍ପୁ ପୂଜାରୀ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଜଗନ୍ନାଥ ମାଝୀ, ଶିବପ୍ରସାଦ ସାମନ୍ତରାୟ, ସୁନୀଲ ବେହେରା, ଶିବ ଦେହୁରୀ ପ୍ରମୁଖ ମ୍ୟାଚ ରେଫରି ଭାବେ ଯୋଗଦେଇଥିଲେ। ଦ୍ୱିତୀୟ ମ୍ୟାଚରେ ଭୁବନେଶ୍ୱରକୁ ଭେଟିଥିଲା ଗଞ୍ଜାମ । ଗଞ୍ଜାମ କୌଣସି ଗୋଲ କରିପାରି ନ ଥିବା ବେଳେ ଭୁବନେଶ୍ୱର ଗୋଟିଏ ଗୋଲ ଦେଇ ବିଜୟୀ ହୋଇଛି। ଭୁବନେଶ୍ୱର ପକ୍ଷରୁ ଅଶିମ ଡୁଙ୍ଗଡୁଙ୍ଗ ୮୫ତମ ମିନିଟରେ ଗୋଟିଏ ଗୋଲ ଦେଇଥିଲେ। ବଳରାମ ସେ, ସୁଜିତ ରାଜହଂସ, ଲକ୍ଷ୍ମଣ ସେଠ, ନିତ୍ୟାନନ୍ଦ ମେହେର ପ୍ରମୁଖ ଦ୍ୱିତୀୟ ମ୍ୟାଚରେ ରେଫରି ଥିଲେ। ଉଭୟ ମ୍ୟାଚର କମିଶନର ଭାବେ ସୁଜିତ କୁମାର ପାତ୍ର ଉପସ୍ଥିତ ଥିଲେ। ଗଞ୍ଜାମ ଜିଲା କ୍ରୀଡ଼ା ସଂଘ ସଦସ୍ୟ ଓ ପୂର୍ବତନ ଫୁଟବଲ ଖେଳାଳି ଏସ.ସି. ପ୍ରଧାନ, ବରିଷ୍ଠ ଖେଳାଳି ଏଲ. କେ. ରାଓ, ଡି. ଆପ୍ପା ରାଓ, ବିଜୟ କୁମାର ପଟ୍ଟନାୟକ, କେଦାରନାଥ ଚୌଧୁରୀ, ତାରିଣୀ ସାମନ୍ତରାୟ, ଦୁର୍ଗା ପଟ୍ଟନାୟକ, ଡି.ଡି. ଗନ୍ତାୟତ, ଜି. ଏମ. ବାବୁ, ରାଜ ନାରାୟଣ ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ ବୋଲି ଗଞ୍ଜାମ ଜିଲା କ୍ରୀଡ଼ା ସଂଘ ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓଙ୍କଠାରୁ ପ୍ରକାଶ।


ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ମ୍ୟାଚ।

**ଆନ୍ତଃଜିଲା ସାହାଣୀ କପ୍**

### ଅନ୍ୟ ଜୋନ୍ ମ୍ୟାଚ ଫଳାଫଳ

**ବୌଦ୍ଧ**
ବଲାଙ୍ଗୀର-୪, ବୌଦ୍ଧ-୦
ସମ୍ବଲପୁର-୯, ନୂଆପଡ଼ା-୦

**କେନ୍ଦ୍ରାପଡ଼ା**
ଭଦ୍ରକ-୨, ଜଗତ୍‌ସିଂହପୁର-୦
ଝାରସୁଗୁଡ଼ା-୬, କେନ୍ଦ୍ରାପଡ଼ା-୧

**କେନ୍ଦୁଝର**
କେନ୍ଦୁଝର-୨, ଯାଜପୁର-୨
ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ-୪, ଅନୁଗୋଳ-୩

# ଇଣ୍ଟର କାଶୀ ଆଇ-ଲିଗ୍ ଚାମ୍ପିୟନ

## ଏଆଇଏଫ୍‌ଏଫ୍ ଅପିଲ କମିଟି ନିଷ୍ପତ୍ତିକୁ କାସ୍‌ର ପ୍ରତ୍ୟାଖ୍ୟାନ

ନୂଆଦିଲ୍ଲୀ,୧୮।୭(ପି.ଟି.)

ଇଣ୍ଟର କାଶୀକୁ ଆଇ-ଲିଗ୍ ୨୦୨୪-୨୫ ସିଜନ ଲାଗି ଚାମ୍ପିୟନ ଘୋଷଣା କରାଯାଇଛି। ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ଅପିଲ କମିଟି ପକ୍ଷରୁ ଗୋଆର ଚର୍ଚ୍ଚିଲ ବ୍ରଦର୍ସକୁ ଟାଇଟଲ ଦେବା ଲାଗି ନିଆଯାଇଥିବା ନିଷ୍ପତ୍ତିକୁ ସୁଇଜରଲାଣ୍ଡର କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର ସ୍ପୋର୍ଟ (କାସ) ପ୍ରତ୍ୟାଖ୍ୟାନ କରିବା ପରେ ଏହି ଘୋଷଣା କରାଯାଇଛି।

ମ୍ୟାଚ୍‌ରେ ଅଯୋଗ୍ୟ ଖେଳାଳିଙ୍କୁ ଖେଳାଇଥିବା ଘଟଣାରେ ଇଣ୍ଟର କାଶୀ ବିପକ୍ଷରେ ଅପିଲ କମିଟି ରାୟ ଶୁଣାଇବା ପରେ ଏଆଇଏଫ୍‌ଏଫ୍ ପକ୍ଷରୁ ଚର୍ଚ୍ଚିଲ ବ୍ରଦର୍ସକୁ ଆଇ-ଲିଗ୍ ଚାମ୍ପିୟନ କରାଯାଇଥିଲା। ପଏଣ୍ଟ କାଟ୍ କରାଯିବାରୁ ବାରାଣସୀର ଏହି କ୍ଲବ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଥିଲା। କିନ୍ତୁ ଇଣ୍ଟର କାଶୀ ପକ୍ଷରୁ ଅପିଲ କରାଯିବା ପରେ ଏଆଇଏଫ୍‌ଏଫ୍‌କୁ ତା'ର ନିଷ୍ପତ୍ତି ବଦଳାଇବାକୁ କାସ୍ ନିର୍ଦ୍ଦେଶ ଦେଇଛି। "ଆଇ-ଲିଗ୍ ୨୦୨୪-୨୫ ସିଜନ ଲାଗି ଏଆଇଏଫ୍‌ଏଫ୍ ଇଣ୍ଟର କାଶୀକୁ ବିଜେତା ଘୋଷଣା କରିବା ଉଚିତ। ଏଆଇଏଫ୍‌ଏଫ୍‌ର ଅପିଲ କମିଟି ଗତ ମେ' ୩୧ରେ ନେଇଥିବା ନିଷ୍ପତ୍ତି ବିରୋଧରେ ଜୁନ ୪ ତାରିଖରେ ଇଣ୍ଟର କାଶୀ ଅପିଲ କରିଥିଲା" ବୋଲି କାସ୍ ପକ୍ଷରୁ ଏହାର ନିର୍ଦ୍ଦେଶରେ କୁହାଯାଇଛି। ଏହାର ଅର୍ଥ ଏଆଇଏଫ୍‌ଏଫ୍‌ର ଅପିଲ କମିଟିର ନିଷ୍ପତ୍ତି ବିରୋଧରେ ଇଣ୍ଟର କାଶୀ ଦ୍ୱିତୀୟ ଥର ଅପିଲ ଜିତିଛି। ଫଳରେ ଇଣ୍ଟର କାଶୀ ଏହାର ଦ୍ୱିତୀୟ ସିଜନରେ ଦେଶର ଦ୍ୱିତୀୟ ଟିୟର କ୍ଲବ ପ୍ରତିଯୋଗିତା ଆଇ-ଲିଗ୍ ଟ୍ରଫି ହାସଲ କରିଛି। ୨୦୨୩-୨୪ ସିଜନରେ ଏହି କ୍ଲବ ତା'ର ପଦାର୍ପଣରେ ଚତୁର୍ଥ ସ୍ଥାନରେ ରହିଥିଲା। ନିୟମ ଅନୁଯାୟୀ, ଇଣ୍ଟର କାଶୀ ଆଗାମୀ ୨୦୨୫-୨୬ ସିଜନରେ ଟପ୍-ଟିୟର ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)କୁ ପଦୋନ୍ନତି କରିବ। ମାତ୍ର ଏଆଇଏଫ୍‌ଏଫ୍ ଓ ଫୁଟ୍‌ବଲ ସ୍ପୋର୍ଟ୍ସ ଡେଭଲପମେଣ୍ଟ ଲିମିଟେଡ୍ (ଏଫ୍‌ଏସ୍‌ଡିଏଲ୍) ମଧ୍ୟରେ ମାଷ୍ଟର ରାଇଟ୍ସ ଏଗ୍ରିମେଣ୍ଟର ରିନ୍ୟୁଆଲକୁ ନେଇ ଲାଗି ରହିଥିବା ବିବାଦ କାରଣରୁ ଆଇଏସ୍‌ଏଲ୍‌କୁ ସ୍ଥଗିତ ରଖାଯାଇଛି। ୨୦୨୨-୨୩ ଓ ୨୦୨୩-୨୪ ସିଜନର ଆଇ-ଲିଗ୍ ଚାମ୍ପିୟନ ଯଥାକ୍ରମେ ପଞ୍ଜାବ ଏଫ୍‌ସି ଓ ମହମ୍ମଡାନ ସ୍ପୋର୍ଟିଂ ଆଇଏସ୍‌ଏଲ୍‌କୁ ଉନ୍ନୀତ ହୋଇଥିଲେ। କାସ୍ ଏହାର ରାୟରେ ଏଆଇଏଫ୍‌ଏଫ୍‌କୁ ଆଇ-ଲିଗ୍ ୨୦୨୪-୨୫ ସିଜନର ପଏଣ୍ଟ ଟେବୁଲରେ ଶୀର୍ଷରେ ଇଣ୍ଟର କାଶୀକୁ ଦର୍ଶାଇବାକୁ କୁହାଯାଇଛି। ଫଳରେ ଇଣ୍ଟର କାଶୀ ୪୨ ପଏଣ୍ଟ ସହ ଶୀର୍ଷରେ ଓ ଚର୍ଚ୍ଚିଲ ବ୍ରଦର୍ସ ୪୦ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିବ। ଏଥିସହିତ ଏଆଇଏଫ୍‌ଏଫ୍‌କୁ ଆର୍ବିଟ୍ରେଶନ ଲାଗି ଖର୍ଚ୍ଚ ହୋଇଥିବା ଅର୍ଥରାଶିର ୫୫ ପ୍ରତିଶତ ଇଣ୍ଟର କାଶୀକୁ ଦେବାକୁ କୁହାଯାଇଛି, ଯାହାକି ୩ ହଜାର ସ୍ୱିସ୍ ଫ୍ରାଙ୍କ (ଭାରତୀୟ ମୁଦ୍ରାରେ ୩,୨୨,୨୭୫ ଟଙ୍କା)। ଏହି ମାମଲାର ଅନ୍ୟ ପକ୍ଷ ଚର୍ଚ୍ଚିଲ, ନାମଧାରୀ ଏଫ୍‌ସି ଓ ରିଅଲ କଶ୍ମୀରକୁ ୧୫ ପ୍ରତିଶତ ବା ୧୦୦୦ ସ୍ୱିସ୍ ଫ୍ରାଙ୍କ ଲେଖାଏ ମିଳିବ।

# ଏରିଗେସି ସେମିରେ, ପ୍ରଜ୍ଞାନନ୍ଦ ବାଦ୍ ପଡ଼ିଲେ

ଲାସ୍ ଭେଗାସ, ୧୮।୭ (ପି.ଟି.)

ଉଜ୍‌ବେକିସ୍ତାନର ନୋଦିରବେକ୍ ଅବ୍‌ଦଶାଟ୍ରୋଭଙ୍କୁ ପରାସ୍ତ କରି ଭାରତୀୟ ଗ୍ରାଣ୍ଡମାଷ୍ଟର ଅର୍ଜୁନ ଏରିଗେସି ଏଠାରେ ଚାଲିଥିବା ୭୫୦,୦୦୦ ଆମେରିକୀୟ ଡଲାର ପୁରସ୍କାର ବିଶିଷ୍ଟ ଫ୍ରିଷ୍ଟାଇଲ ଗ୍ରାଣ୍ଡସ୍ଲାମ ଟୁର୍‌ର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ଆର. ପ୍ରଜ୍ଞାନନ୍ଦ ଯୁକ୍ତରାଷ୍ଟ୍ର ଆମେରିକାର ଫାବିଆନୋ କାରୁଆନାଙ୍କଠାରୁ ପରାଜିତ ହୋଇ ଟାଇଟଲ ଦୌଡ଼ରୁ ବାଦ୍ ପଡ଼ିଛନ୍ତି। ଅର୍ଜୁନ ୧.୫-୦.୫ରେ ଅବ୍‌ଦୁସାତୋରୋଭଙ୍କୁ ହରାଇ ଦେଇଥିବା ବେଳେ ପ୍ରଜ୍ଞାନନ୍ଦ ଏକ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ୩-୪ରେ କାରୁଆନାଙ୍କଠାରୁ ହାରିଯାଇଛନ୍ତି। କ୍ୱାର୍ଟରଫାଇନାଲ ପର୍ଯ୍ୟାୟରେ ବିଜୟ ଲାଭ କରିଥିବା ଆମେରିକାର ଦୁଇ ଖେଳାଳି ହେଲେ ଲେଭନ ଆରୋନିଆନ ଓ ହାନ୍ସ ମୋକ୍ ନିମାନ। ଉଭୟେ ଯଥାକ୍ରମେ ଆମେରିକାର ହିକାରୁ ନାକାମୁରା (୨.୫-୧.୫) ଓ ଉଜ୍‌ବେକିସ୍ତାନର ଜାଭୋଖିର ସିନ୍ଦା (୪-୨)ଙ୍କୁ ପରାସ୍ତ କରିଛନ୍ତି। ସେମିଫାଇନାଲରେ ଅର୍ଜୁନ ଆରୋନିଆନଙ୍କ ସହିତ ମୁକାବିଲା କରିବାକୁ ଥିବା ବେଳେ ନିମାନ୍ ସିନ୍ଦାରୋଭଙ୍କୁ ଭେଟିବେ।

# 'ମାସିକ ୩୦୦୦ ଆଥ୍‌ଲେଟଙ୍କୁ ୫୦ ହଜାର ଟଙ୍କା ଯୋଗାଉଛନ୍ତି ସରକାର'

ନୂଆଦିଲ୍ଲୀ,୧୮।୭(ପି.ଟି.)

ଭାରତ ସରକାର ୨୦୩୬ ଅଲିମ୍ପିକ୍ସ ଲାଗି ପ୍ରସ୍ତୁତ ହେବା ପାଇଁ ମାସିକ ୩୦୦୦ ଆଥଲେଟ୍‌ଙ୍କୁ ୫୦ ହଜାର ଟଙ୍କାର ସହାୟତା ଯୋଗାଇ ଦେଉଛନ୍ତି ଏବଂ ଏଥିଲାଗି ସୁବ୍ୟବସ୍ଥିତ ଯୋଜନା ପ୍ରସ୍ତୁତ କରୁଛନ୍ତି। ୨୧ତମ ବିଶ୍ୱ ପୋଲିସ ଓ ଫାୟାର ଗେମ୍ସରେ ଭାଗ ନେଇଥିବା ଭାରତୀୟ ଦଳର ସମ୍ବର୍ଦ୍ଧନା ଉତ୍ସବରେ ଯୋଗଦେଇ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଶୁକ୍ରବାର ଏହା କହିଛନ୍ତି।

ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଗତ ୧୦ ବର୍ଷରେ କ୍ରୀଡ଼ାକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। କ୍ରୀଡ଼ା ଲାଗି ବଜେଟରେ ୫ ଗୁଣା ବୃଦ୍ଧି କରାଯାଇଛି। ସରକାର ୨୦୩୬ ଅଲିମ୍ପିକ୍ସ ଲାଗି ପ୍ରସ୍ତୁତ ହେବା ପାଇଁ ପ୍ରାୟ ୩୦୦୦ ଆଥ୍‌ଲେଟ୍ସଙ୍କୁ ମାସିକ ୫୦ ହଜାର ଲେଖାଏ ଟଙ୍କାର ସହାୟତା ଦେଉଛନ୍ତି। ସରକାର ଏଥିଲାଗି ଏକ ସୁବ୍ୟବସ୍ଥିତ ଯୋଜନା ପ୍ରସ୍ତୁତ କରୁଛନ୍ତି। ବିଜୟ ଓ ପରାଜୟ ଜୀବନର ଅନନ୍ତ ଚକ୍ରର ଅଂଶ। ଲକ୍ଷ୍ୟ ଧାର୍ଯ୍ୟ କରିବା ଏବଂ ବିଜୟ ଲାଗି ପ୍ରସ୍ତୁତି କରିବା ପ୍ରତ୍ୟେକଙ୍କ ପ୍ରକୃତି ହେବା ଉଚିତ ଓ ଜିତିବାକୁ ଏକ ଅଭ୍ୟାସ କରିବା ଦରକାର। ଯେଉଁମାନେ ଜିତିବାର ଅଭ୍ୟାସ କରନ୍ତି, ସେମାନେ ସର୍ବଦା ଅସାଧାରଣ ପ୍ରଦର୍ଶନ କରନ୍ତି। ମୋଦି ସରକାର କ୍ରୀଡ଼ାକୁ ପ୍ରତ୍ୟେକ ଗାଁରେ ପହଞ୍ଚାଇବାକୁ ବ୍ୟବସ୍ଥା କରୁଛନ୍ତି। ପ୍ରତ୍ୟେକ କ୍ରୀଡ଼ାରେ ବିଭିନ୍ନ ବୟସ ବର୍ଗର ଛୁଆଙ୍କୁ ଉପଯୁକ୍ତ ଟ୍ରେନିଂ ଦିଆଯାଉଛି ବୋଲି ଶାହା କହିଛନ୍ତି। ଏତଦ୍‌ବ୍ୟତୀତ ସେ ପୋଲିସ କର୍ମୀଙ୍କ ସମ୍ପର୍କରେ ପ୍ରକାଶ କରିଛନ୍ତି, ପ୍ରତ୍ୟେକ ପୋଲିସ ଅଧିକାରୀଙ୍କ ଦିନ ପରେଡ ସହ ଆରମ୍ଭ ଓ ସନ୍ଧ୍ୟାରେ ଖେଳ ସହ ଶେଷ ହେବା ଉଚିତ।

DSPL-179



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

## ଖରିଫ ଧାନ କ୍ରୟ ପାଇଁ ଚାଷୀ ପଞ୍ଜିକରଣ

ଧାନ ସଂଗ୍ରହ ବର୍ଷ ୨୦୨୫-୨୦୨୬

ଆମ ରାଜ୍ୟରେ ଖରିଫ ଧାନ ସଂଗ୍ରହ ତା. ୦୧-୧୧-୨୦୨୫ ରିଖ ରୁ ତା. ୩୧-୦୩-୨୦୨୬ ରିଖ ମଧ୍ୟରେ ପରିଚାଳିତ ହେବ। ଏହି ଅବଧି ମଧ୍ୟରେ ପ୍ରତ୍ୟେକ ଜିଲ୍ଲାରେ ଫସଲ ଅମଳର ସମୟକୁ ଦୃଷ୍ଟିରେ ରଖି ଖରିଫ ଧାନ କ୍ରୟ କାର୍ଯ୍ୟ ସମ୍ପାଦନ କରାଯିବ। ଏଥିପାଇଁ ଚାଷୀମାନେ ସେମାନଙ୍କର ନିକଟସ୍ଥ ଅନୁମୋଦିତ ପ୍ରାଥମିକ କୃଷି ସମବାୟ ସମିତି (PACS/ LAMPCS), ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କିମ୍ବା ପାଣି ପଞ୍ଚାୟତରେ ଆଗୁଆ ପଞ୍ଜିକରଣ କରିବା ଆବଶ୍ୟକ।



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

### ପଞ୍ଜିକରଣ ପ୍ରକ୍ରିୟା

ଚାଷୀ ପଞ୍ଜିକରଣ ତା. ୧୯-୦୭-୨୦୨୫ ରିଖ ରୁ ଆରମ୍ଭ ହେଉଛି। ଖରିଫ ଧାନ ଚାଷ କରିଥିବା ଚାଷୀମାନେ ଏହି କାର୍ଯ୍ୟକ୍ରମରେ ଭାଗ ନେଇପାରିବେ। ସମସ୍ତ ଆଗ୍ରହୀ ଚାଷୀ ନିକଟସ୍ଥ ସମିତିରୁ ଗୋଟିଏ ନୂତନ ପଞ୍ଜିକରଣ ଫର୍ମ ସଂଗ୍ରହ କରି ତା. ୧୯-୦୭-୨୦୨୫ ରିଖ ରୁ ତା. ୨୦-୦୮-୨୦୨୫ ରିଖ ମଧ୍ୟରେ ସମିତି କାର୍ଯ୍ୟାଳୟରେ ଆବେଦନ କରିବେ। ଏହା ବିଭାଗର ୱେବସାଇଟ **www.foododisha.in** ରେ ମଧ୍ୟ ଉପଲବ୍ଧ। ନୂଆ ଫର୍ମରେ ସମସ୍ତ ବ୍ୟକ୍ତିଗତ ତଥ୍ୟ ସହ ଧାନ ଚାଷ ହୋଇଥିବା ଜମିର ବିଶଦ ବିବରଣୀ ଦେବାକୁ ହେବ।

### ଆବଶ୍ୟକୀୟ କାଗଜପତ୍ର

ପଞ୍ଜିକରଣ ପାଇଁ ଇଚ୍ଛୁକ ଚାଷୀମାନେ ସେମାନଙ୍କ ପଞ୍ଜିକରଣ ଫର୍ମ ସହିତ ନିମ୍ନଲିଖିତ କାଗଜପତ୍ର / ତଥ୍ୟର ନକଲ ଦାଖଲ କରିବା ଆବଶ୍ୟକ।

୧. ଆଧାର କାର୍ଡ଼
୨. ମୋବାଇଲ ନମ୍ବର
୩. ଅଧିକାର ଅଭିଲେଖ/ ଖତିୟାନ/ ସ୍ୱତ୍ୱଲିପି (ଆର.ଓ.ଆର)
୪. ଜମି ମାଲିକଙ୍କ ସହମତି ପତ୍ର (ଭାଗଚାଷୀଙ୍କ ପାଇଁ)
୫. ରେକର୍ଡ଼ଧାରୀଙ୍କ ଠାରୁ ସହମତି ପତ୍ର (ନିଜ ବ୍ୟତୀତ)

### ଚାଷୀ ପଞ୍ଜିକରଣ ସମୟରେ ଆଧାର ଭିତ୍ତିକ E-KYC ଜରୁରୀ ଅଟେ

### ପଞ୍ଜିକରଣ ଅବଧି

- ପଞ୍ଜିକରଣ ଫର୍ମ ପୂରଣ କରି ଚାଷୀମାନେ ସମିତି କାର୍ଯ୍ୟାଳୟରେ ତା. ୧୯-୦୭-୨୦୨୫ ରିଖ ରୁ ଦାଖଲ କରିବେ।
- ନିର୍ଦ୍ଧାରିତ ସମୟର ଯଥେଷ୍ଟ ପୂର୍ବରୁ ଚାଷୀମାନେ ସମିତିରେ ପୂରଣ କରାଯାଇଥିବା ଫର୍ମ ଦାଖଲ କରିବାକୁ ଅନୁରୋଧ।
- ଖରିଫ ଧାନ ସଂଗ୍ରହ ସଂକ୍ରାନ୍ତରେ କେଉଁ ମାସ ଓ ପକ୍ଷରେ ଧାନ ବିକ୍ରୟ କରିବେ, ତାହା ପଞ୍ଜିକରଣ ଫର୍ମରେ ଉଲ୍ଲେଖ କରିବେ।
- ଏହିଉଦ୍ଦେଶ୍ୟରେ ଚାଷୀମାନେ ବିଗତ ବର୍ଷ ଯେଉଁ ସମିତିରେ ପଞ୍ଜିକୃତ ହୋଇଥିଲେ, ସେହିଠାରେ ସମ୍ପର୍କ କରିବା ଆବଶ୍ୟକ।
- ଚାଷୀମାନେ ଶେଷ ତାରିଖକୁ ଅପେକ୍ଷା ନକରି ଶୀଘ୍ର ପଞ୍ଜିକରଣ ପାଇଁ ସମିତିରେ ଅନୁମୋଦିତ ଫର୍ମରେ ଦରଖାସ୍ତ ଦାଖଲ କରିବାକୁ ଅନୁରୋଧ।

### ଭାଗ ଚାଷୀ

ଭାଗ ଚାଷୀମାନେ ପଞ୍ଜିକରଣ ପ୍ରକ୍ରିୟାରେ ଆବଶ୍ୟକ କାଗଜପତ୍ର ଦାଖଲ କରି ଅଂଶଗ୍ରହଣ କରିପାରିବେ।

### କ୍ଷୁଦ୍ର ଓ ନାମମାତ୍ର ଚାଷୀ

ଅଧିକରୁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନେ ଧାନ ସଂଗ୍ରହ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ ହେବା ସରକାରଙ୍କର ଏକାନ୍ତ ଲକ୍ଷ୍ୟ।

### ସମିତିର ଦାୟିତ୍ୱ

- ଧାନ ବିକ୍ରୟ ପାଇଁ ଇଚ୍ଛୁକ ଥିବା ସମସ୍ତ ଚାଷୀମାନଙ୍କୁ ନୂତନ ପଞ୍ଜିକରଣ ଫର୍ମ ପ୍ରଦାନ କରିବେ।
- ସମିତି କର୍ମକର୍ତ୍ତା ପଞ୍ଜିକରଣ ଫର୍ମରେ ଥିବା ତଥ୍ୟକୁ ତା. ୧୯-୦୭-୨୦୨୫ ରିଖ ରୁ ତା. ୨୫-୦୮-୨୦୨୫ ରିଖ ମଧ୍ୟରେ ତାଙ୍କର LOGIN ରେ ଡିଜିଟାଇଜ କରିବେ।
- ଧାନ ବିକ୍ରୟ ଉଦ୍ଦେଶ୍ୟରେ ଚାଷ ଅନୁପଯୋଗୀ ଜମି ବା ଅଣ-ଧାନ ଚାଷ ହୋଇଥିବା ଜମିକୁ ପଞ୍ଜିକୃତ କରିବେ ନାହିଁ।
- ଅଣ-ଚାଷୀ ଓ ଭୁଲ୍ ତଥ୍ୟ ପ୍ରଦାନ କରିଥିବା ଚାଷୀଙ୍କୁ ପଞ୍ଜିକୃତ କରିବେ ନାହିଁ।
- ଯଥାଶୀଘ୍ର ତ୍ରୁଟିଶୂନ୍ୟ ଚାଷୀ ତାଲିକା ପ୍ରସ୍ତୁତ ହେବା ଆବଶ୍ୟକ। ଏହା ବିଳମ୍ବିତ ହେଲେ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ବିଳମ୍ବିତ ହେବ।

### ହେଲ୍ପ ଡେସ୍କ

ସମିତି କର୍ମକର୍ତ୍ତାମାନେ ଫର୍ମ ପୂରଣ ପାଇଁ ଚାଷୀମାନଙ୍କୁ ଆବଶ୍ୟକୀୟ ସହାୟତା ଯୋଗାଇଦେବେ। ଏଥିନିମନ୍ତେ ଏକ ଉତ୍ସର୍ଗୀକୃତ ହେଲ୍ପ ଡେସ୍କ ସମିତି ସ୍ତରରେ କାର୍ଯ୍ୟ କରିବ।

### ହେଲ୍ପ ଲାଇନ

ଯଦି କୌଣସି ଅଭିଯୋଗ ଥାଏ ତେବେ ଦେୟମୁକ୍ତ ନମ୍ବର ୧୯୬୭ରେ ସରକାରୀ କାର୍ଯ୍ୟ ସମୟ ମଧ୍ୟରେ ଯୋଗାଯୋଗ କରିବାକୁ ଅନୁରୋଧ।

OIPR-07002/13/0041/2526

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର | ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଓଡ଼ିଶା ସରକାର | ସମବାୟ ବିଭାଗ, ଓଡ଼ିଶା ସରକାର

FoodOdisha @Food_Odisha www.foododisha.in

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ